# ଧରିତ୍ରୀ
DHARITRI

ଭୁବନେଶ୍ୱର, ମଙ୍ଗଳବାର, ମେ ୧୮/୨୦୨୧ (୧୨ ପୃଷ୍ଠା) | Bhubaneswar, Tuesday, May 18/2021 | ★★★★★★

୪୭ଶ ଭାଗ ୧୭୨ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-




**ଶିବସୁନ୍ଦର ବ୍ୟାଟିଂ କୋଚ୍**

ଓଡ଼ିଶାର ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ କ୍ରିକେଟର ଶିବସୁନ୍ଦର ଦାସ ଭାରତୀୟ ମହିଳା କ୍ରିକେଟ ଦଳର ବ୍ୟାଟିଂ କୋଚ୍ ନିଯୁକ୍ତ ହୋଇଛନ୍ତି।

୧୨

୧୦

**ସହାୟତା ଦେଲେ ବିକ୍ରମ ଚିୟାନ୍**

କୋଭିଡ୍ ମୁକାବିଲା ପାଇଁ ତାମିଲଷ୍ଟାର ବିକ୍ରମ ଚିୟାନ୍ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ୩୦ ଲକ୍ଷ ଟଙ୍କା ସହାୟତା ପ୍ରଦାନ କରିଛନ୍ତି।



## ଆନ୍ଦ୍ରେୟା ମେଜା ବ୍ରହ୍ମାଣ୍ଡ ସୁନ୍ଦରୀ

### ତୃତୀୟ ରନର୍ସ ଅପ୍ ଭାରତର ଆଡ୍‌ଲାଇନ୍ କାଷ୍ଟେଲିନୋ



ଆନ୍ଦ୍ରେୟା ମେଜା

ଫ୍ଲୋରିଡା, ୧୭।୫

ମେକ୍ସିକୋର ଆନ୍ଦ୍ରେୟା ମେଜା ୨୦୨୦ ପାଇଁ ମିସ୍ ୟୁନିଭର୍ସ ବା ବ୍ରହ୍ମାଣ୍ଡ ସୁନ୍ଦରୀ ମୁକୁଟ ପିନ୍ଧିଛନ୍ତି। ସୋମବାର ଆମେରିକାର ଫ୍ଲୋରିଡାରେ ଅନୁଷ୍ଠିତ ୬୯ତମ ମିସ୍ ୟୁନିଭର୍ସ ପ୍ରତିଯୋଗିତାରେ ଭାରତର ଆଡ୍‌ଲାଇନ୍ କାଷ୍ଟେଲିନୋ ତୃତୀୟ ରନର୍ସ ଅପ୍ ହୋଇଛନ୍ତି। ୨୨ ବର୍ଷୀୟା କାଷ୍ଟେଲିନୋ ୨୦୨୦ରେ ମିସ୍ ଡିଭା ଟାଇଟଲ ବିଜୟିନୀ ହୋଇଥିଲେ। ବ୍ରହ୍ମାଣ୍ଡ ସୁନ୍ଦରୀ ୨୬ ବର୍ଷୀୟା ଆନ୍ଦ୍ରେୟା ମେଜାଙ୍କୁ ପୂର୍ବତନ ମିସ୍ ୟୁନିଭର୍ସ ଦକ୍ଷିଣ ଆଫ୍ରିକାର ଜୋଜିବିନି ତୁନ୍‌ଜି ମୁକୁଟ ପିନ୍ଧାଇଥିଲେ। ପ୍ରତିଯୋଗିତାର ଶେଷ ରାଉଣ୍ଡରେ ମେଜାଙ୍କୁ ପ୍ରଶ୍ନ କରାଯାଇଥିଲା ନିଜ ଦେଶର ନେତୃତ୍ୱ ନେଇଥିଲେ କୋଭିଡ୍ ନିୟନ୍ତ୍ରଣ ନିମନ୍ତେ ସେ କ’ଣ କରିଥାନ୍ତେ। କରୋନା ରୋକିବାକୁ ସବୁ ମୂଲ୍ୟରେ ସେ ଆରମ୍ଭରୁ ଦେଶରେ ଲକ୍‌ଡାଉନ ଜାରି କରି ଲୋକଙ୍କ ଜୀବନ ରକ୍ଷାକୁ ପ୍ରାଥମିକତା ଦେଇଥାନ୍ତେ ବୋଲି କହିଥିଲେ। ପ୍ରତିଦ୍ୱନ୍ଦ୍ୱିତାରେ ବ୍ରାଜିଲର ଜୁଲିଆ ଗାମା ପ୍ରଥମ ରନର୍ସ ଅପ୍, ପେରୁର ଜାନିକ୍ ମାକେଟା ଦ୍ୱିତୀୟ ଏବଂ ଭାରତର ଆଡଲାଇନ କାଷ୍ଟେଲିନୋଙ୍କୁ ତୃତୀୟ ରନର୍ସ ଅପ୍ ଘୋଷଣା କରାଯାଇଥିଲା। କୋଭିଡ୍ ଯୋଗୁ ବର୍ଷେ ବିଳମ୍ବରେ ମିସ୍ ୟୁନିଭର୍ସ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ସପ୍ତାହେର ☞ପୃଷ୍ଠା–୪

# ୨୪ରୁ ଗାଁରେ ସର୍ଭେ

## ସରପଞ୍ଚଙ୍କୁ ପୁଣି ଜିଲାପାଳ କ୍ଷମତା

ଭୁବନେଶ୍ୱର, ୧୭।୫(ବ୍ୟୁରୋ)

**ଗ୍ରାମାଞ୍ଚଳ ସଂକ୍ରମଣ ଚିନ୍ତା**

- ସାମିଲ ହେବେ ଏଏନ୍‌ଏମ୍, ଆଶାକର୍ମୀ
- ମାସ୍କ କିଣିବାକୁ ବିଧାୟକଙ୍କୁ ୫୦ ଲକ୍ଷ ଖର୍ଚ୍ଚ କ୍ଷମତା
- ଗୃହ ସଙ୍ଗରୋଧ ତଦାରଖ କରୁଥିବା ଆଶାକର୍ମୀଙ୍କୁ ୧୦ ହଜାର ଟଙ୍କା ଦିଆଯିବ
- ଲକ୍‌ଡାଉନ ସମାଧାନ ନୁହେଁ: ମୁଖ୍ୟମନ୍ତ୍ରୀ

ରାଜ୍ୟରେ କୋଭିଡ୍–୧୯ ମହାମାରୀ ସଂକ୍ରମଣ କେବଳ ସହର ନୁହେଁ ଗ୍ରାମାଞ୍ଚଳକୁ ମଧ୍ୟ ବ୍ୟାପିବାରେ ଲାଗିଛି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ମେ ୨୪ରୁ ଆସନ୍ତା ୩ ମାସ ଯାଏ କରୋନା ଲକ୍ଷଣ ଓ ଜଟିଳ ରୋଗର ସର୍ଭେ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏଥିରେ ଏଏନ୍‌ଏମ୍ ଓ ଆଶାକର୍ମୀଙ୍କୁ ନିୟୋଜିତ କରାଯିବ। ସେମାନେ ଘର ଘର ବୁଲି ସର୍ଭେ କରିବେ। ଏଥିପାଇଁ ସେମାନଙ୍କୁ ୩ ମାସ ପାଇଁ ମାସିକ ୧ ହଜାର ଟଙ୍କା ଲେଖାଏ ପ୍ରୋତ୍ସାହନ ରାଶି ଯୋଗାଇ ଦିଆଯିବ। ସୋମବାର ଭର୍ଚୁଆଲରେ ଅନୁଷ୍ଠିତ ସର୍ବଦଳୀୟ ବୈଠକରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ଘୋଷଣା କରିଛନ୍ତି।

ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଭର୍ଚୁଆଲ ବୈଠକରେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, କୋଭିଡ୍ ନିୟନ୍ତ୍ରଣ କାର୍ଯ୍ୟକ୍ରମରେ ପ୍ରତ୍ୟେକ ଗାଁରେ ଥିବା ଗାଁ କଲ୍ୟାଣ ସମିତିକୁ ସାମିଲ କରାଯିବ। ସେମାନଙ୍କୁ ଏଥିପାଇଁ ୧୦ ହଜାର ଟଙ୍କା ସହାୟତା ଦିଆଯିବ। ସେହିପରି ଗୃହ ସଙ୍ଗରୋଧ ତଦାରଖ ଦାୟିତ୍ୱରେ ଥିବା ଆଶାକର୍ମୀମାନଙ୍କୁ ମଧ୍ୟ ସାଇକେଲ, ଚପଲ, ଛତା, ଟର୍ଚ୍ଚ ଓ କପ୍‌ବୋର୍ଡ ଆଦି ପାଇଁ ଏକକାଳୀନ ୧୦ ହଜାର ଟଙ୍କା ସହାୟତା ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି, ଗାଁରେ ପରିସ୍ଥିତିକୁ ଦେଖି ସରପଞ୍ଚମାନେ ଲକ୍‌ଡାଉନ ଓ ଅସ୍ଥାୟୀ ମେଡିକାଲ ସେଣ୍ଟର (ଟିଏମ୍‌ସି) ଖୋଲିବା ସମ୍ପର୍କରେ ☞ପୃଷ୍ଠା–୪



ଭର୍ଚୁଆଲରେ ଅନୁଷ୍ଠିତ ସର୍ବଦଳୀୟ ବୈଠକରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ଅନ୍ୟମାନେ।

## ବିଧବା, ମା’ବାପା ଛେଉଣ୍ଡଙ୍କୁ ଭତ୍ତା

### କରୋନା ଅସହାୟଙ୍କୁ ମୁଖ୍ୟମନ୍ତ୍ରୀଙ୍କ ସହାୟତା

ଭୁବନେଶ୍ୱର, ୧୭।୫(ବ୍ୟୁରୋ)

କୋଭିଡ୍ ଯୋଗୁ ଅନେକ ପରିବାରର ଆତ୍ମୀୟସ୍ୱଜନଙ୍କ ଅକାଳରେ ବିୟୋଗ ଘଟିଥିବାରୁ ମୁଖ୍ୟମନ୍ତ୍ରୀ ସୋମବାର ସର୍ବଦଳୀୟ ବୈଠକରେ ଗଭୀର ଶୋକ ପ୍ରକାଶ କରିବା ସହ ସରକାର ସେମାନଙ୍କ ସହିତ ରହିଛନ୍ତି ବୋଲି ସାହସ ଦେଇଛନ୍ତି। କୋଭିଡ୍‌ରେ ମୃତକଙ୍କ ପରିବାରର ବିଧବା ଓ ମା’ବାପାଙ୍କୁ ହରାଇଥିବା ପିଲାଙ୍କୁ ମଧୁବାବୁ ପେନ୍‌ସନ୍ ଯୋଜନାରେ ଭତ୍ତା ଦିଆଯିବ। ଏଥିସହିତ ସେହି ପିଲାମାନଙ୍କୁ ମାଗଣାରେ ଶିକ୍ଷା ଯୋଗାଇ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି।

## ବଜାରକୁ ଆସିଲା ୨-ଡିଜି ଔଷଧ



**ନୂଆଦିଲ୍ଲୀ, ୧୭।୫(ପି.ଟି.):** ଡିଆର୍‌ଡିଓ ପ୍ରସ୍ତୁତ କୋଭିଡ୍ ଔଷଧ ୨-ଡିଜିର ପ୍ରଥମ ବ୍ୟାଚ୍ ସୋମବାର ବଜାର ପ୍ରବେଶ କରିଛି। ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଏହାକୁ ଲଞ୍ଚ୍ କରିବା ସହ କୋଭିଡ୍-୧୯ ଚିକିତ୍ସାରେ ଆଶାର ନୂଆ କିରଣ ଆଣିବ ବୋଲି କହିଛନ୍ତି। ଏହି କାର୍ଯ୍ୟକ୍ରମରେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଡ. ହର୍ଷ ବର୍ଦ୍ଧନ ଉପସ୍ଥିତ ଥିଲେ। ୨-ଡିଓକ୍ସି-ଡି ଗ୍ଲୁକୋଜ୍ (୨-ଡିଜି)କୁ ଭାରତର ଔଷଧ ମହାନିୟନ୍ତ୍ରକ (ଡିସିଜିଆଇ) ଜରୁରୀ ବ୍ୟବହାର ପାଇଁ ଅନୁମତି ଦେଇଥିଲା। ମହାମାରୀ ମୁକାବିଲାରେ ସଶସ୍ତ୍ର ବାହିନୀର ଉଦ୍ୟମ ସମ୍ପର୍କରେ ରାଜନାଥ କହିଥିଲେ। ଡ. ରେଡ୍ଡୀସ୍ ଲାବରେଟୋରି ସହ ମିଶି ଡିଆର୍‌ଡିଓ ପ୍ରସ୍ତୁତ ☞ପୃଷ୍ଠା–୪

## ଆମ୍ବୁଲାନ୍ସ ଭଡ଼ା ନିର୍ଦ୍ଧାରିତ

### ରୋଗୀଙ୍କୁ ଆଶ୍ୱସ୍ତି ଦେଲେ ସରକାର

ଭୁବନେଶ୍ୱର, ୧୭।୫(ବ୍ୟୁରୋ)

- ଉଭୟ ସରକାରୀ ଓ ଘରୋଇ ଆମ୍ବୁଲାନ୍ସ ପାଇଁ ଲାଗୁ
- ନ ମାନିଲେ ହେବ କାର୍ଯ୍ୟାନୁଷ୍ଠାନ




କୋଭିଡ୍–୧୯ ସଂକ୍ରମଣ ଲୋକମାନଙ୍କୁ ସ୍ୱାସ୍ଥ୍ୟ ଓ ଆର୍ଥିକ ସ୍ତରରେ ଦୁର୍ବଳ କରିଦେଇଛି। ଏପରି ସ୍ଥଳେ ଆମ୍ବୁଲାନ୍ସଗୁଡ଼ିକ ଲୋକଙ୍କଠାରୁ ମନଇଚ୍ଛା ଭଡ଼ା ନେଉଥିବା ଅଭିଯୋଗ ହେଉଛି। ଏହାଦ୍ୱାରା ରୋଗୀମାନେ ଶୋଷଣର ଶିକାର ହେଉଛନ୍ତି। ଏଭଳି ଘଟଣା ବାରମ୍ବାର ନଜରକୁ ଆସିବା ଫଳରେ ରାଜ୍ୟ ସରକାର ଆମ୍ବୁଲାନ୍ସ ପାଇଁ ଭଡ଼ା ଧାର୍ଯ୍ୟ କରିଛନ୍ତି। ଉଭୟ ଘରୋଇ ହସ୍ପିଟାଲ ଓ ଘରୋଇ ଆମ୍ବୁଲାନ୍ସଗୁଡ଼ିକ ପାଇଁ ଭଡ଼ା ନିର୍ଦ୍ଧାରଣ କରାଯାଇଛି। ଏ ନେଇ ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ସୋମବାର ବିଜ୍ଞପ୍ତି ପ୍ରକାଶ କରାଯାଇଛି। ପ୍ରଥମ ୧୦ କି.ମି. ଏବଂ ପରବର୍ତ୍ତୀ କି.ମି. ପିଛା ଅତିରିକ୍ତ ଦେୟ ସ୍ଥିର କରାଯାଇଛି।

ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ୮ ଲକ୍ଷ ଟଙ୍କା ଭିତରେ ଥିବା ମାରୁତି ଓମ୍‌ନି/ଟାଟା ମ୍ୟାଜିକ ଭଳି ଛୋଟ ରୋଗୀ ପରିବହନକାରୀ ଆମ୍ବୁଲାନ୍ସ (ପିଟିଏ)ପାଇଁ ୧୦ କିମି ମଧ୍ୟରେ ଭଡ଼ା ବାବଦକୁ ୭୫୦ ଟଙ୍କା ଏବଂ ସାଧାରଣ ଲାଇଫ୍ ସପୋର୍ଟ (ବିଏଲ୍‌ଏସ୍)ଥିବା ଛୋଟ ଆମ୍ବୁଲାନ୍ସ ୧୦ କିମିକୁ ୧୦୦୦ ଟଙ୍କା ☞ପୃଷ୍ଠା–୪

## ଭିଡିଓ କ୍ଲାସ୍ କରିବେ ଯୁକ୍ତ୨ ପ୍ରଥମବର୍ଷ ଛାତ୍ରୀଛାତ୍ର

ଭୁବନେଶ୍ୱର, ୧୭।୫(ବ୍ୟୁରୋ)

ଗତବର୍ଷ ପରି ଏବର୍ଷ ମଧ୍ୟ କରୋନା ପାଇଁ ଯୁକ୍ତ୨ ପ୍ରଥମ ବର୍ଷ ଛାତ୍ରୀଛାତ୍ର ଭିଡିଓ କ୍ଲାସ୍ କରିବେ। ଏ ନେଇ ସୋମବାର ଓଡ଼ିଶା ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ (ଡିଏଚ୍‌ଏସ୍‌ଇ)ର ଅତିରିକ୍ତ ନିର୍ଦ୍ଦେଶକ ବିଜୟା କୁମାରୀ ପାତ୍ର ସମସ୍ତ ଉଚ୍ଚମାଧ୍ୟମିକ ସ୍କୁଲ ଅଧ୍ୟକ୍ଷଙ୍କୁ ଚିଠି ଲେଖିଛନ୍ତି। ଏଥିସହ ସବୁ ଆଗ୍ରହୀ ଓ ଅନୁଭବୀ ଶିକ୍ଷକଙ୍କ ତାଲିକା ମାଗିଛି ଡିଏଚ୍‌ଏସ୍‌ଇ। ଆସନ୍ତା ୨୧ ତାରିଖ ସୁଦ୍ଧା ଏହି ତାଲିକା ପ୍ରଦାନ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। କରୋନା ଯୋଗୁ ଶିକ୍ଷାନୁଷ୍ଠାନ ଖୋଲିବା ନେଇ ଅନିଶ୍ଚିତତା ଲାଗି ଥିବାବେଳେ ଛାତ୍ରୀଛାତ୍ରଙ୍କ ପାଠପଢ଼ା ବାଧାପ୍ରାପ୍ତ ହେଉଛି। ତେଣୁ ଅନ୍‌ଲାଇନ୍‌ରେ କିପରି ଛାତ୍ରୀଛାତ୍ର ପାଠ ପଢ଼ିପାରିବେ ସେଥିପାଇଁ ବିଭାଗ ପକ୍ଷରୁ ଏପରି ପଦକ୍ଷେପ ନିଆଯାଇଛି। ଗତବର୍ଷ ମଧ୍ୟ ଏଭଳି ପଦକ୍ଷେପ ନିଆଯାଇଥିଲା। ଶିକ୍ଷକଙ୍କ ଦ୍ୱାରା ସବୁ ☞ପୃଷ୍ଠା–୪

## ପଶ୍ଚିମବଙ୍ଗରେ ସିବିଆଇ ଖେଳ

### ଗିରଫ ପରେ ୨ ମନ୍ତ୍ରୀଙ୍କ ସମେତ ୪ ନେତାଙ୍କୁ ଜାମିନ

କୋଲକାତା, ୧୭।୫

**ନାରଦ ଷ୍ଟିଙ୍ଗ୍ ଅପରେଶନ ମାମଲା**

- ସିବିଆଇ ଅଫିସରେ ମମତାଙ୍କ ଧାରଣା
- ଟିଏମ୍‌ସି କର୍ମୀଙ୍କ ବିକ୍ଷୋଭ ପ୍ରଦର୍ଶନ
- ଭାଜପା ନେତା କେବେ?

ପଶ୍ଚିମବଙ୍ଗକୁ ପୁଣି ଥରେ ଫେରିଛି ନାରଦ ଷ୍ଟିଙ୍ଗ୍ଅପରେଶନ ମାମଲା। ଉକ୍ତ ମାମଲାର ତଦନ୍ତ କରୁଥିବା ସିବିଆଇ ସୋମବାର ପଶ୍ଚିମବଙ୍ଗର ଦୁଇଜଣ ମନ୍ତ୍ରୀ ଫିର୍‌ହାଦ ହକିମ, ସୁବ୍ରତ ମୁଖାର୍ଜୀ, ଟିଏମ୍‌ସି ବିଧାୟକ ମଦନ ମିତ୍ର ଏବଂ ପୂର୍ବତନ ଟିଏମ୍‌ସି ନେତା ତଥା କୋଲକାତାର ପୂର୍ବତନ ମେୟର ଶୋଭନ ଚାଟାର୍ଜୀଙ୍କୁ ଗିରଫ କରିବା ପରେ କୋଲକାତାରେ ହାଇଡ୍ରାମା ଦେଖିବାକୁ ମିଳିଥିଲା। ୨ ମନ୍ତ୍ରୀଙ୍କ ଗିରଫଦାରିକୁ ନେଇ କ୍ଷୁବ୍ଧ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ସିବିଆଇର କୋଲକାତା ଅଫିସ୍‌ରେ ପହଞ୍ଚି ଦୀର୍ଘ ୬ ଘଣ୍ଟା ଧାରଣାରେ ବସିଥିଲେ। ଉପଯୁକ୍ତ ପ୍ରକ୍ରିୟା ବିନା ସିବିଆଇ ଗିରଫ କରିଥିବାରୁ ମମତା ଏହାର ପ୍ରତିବାଦ କରିବା ସହ ମୋତେ ମଧ୍ୟ ଗିରଫ କର ବୋଲି ଆହ୍ୱାନ ଦେଇଥିଲେ। ସିବିଆଇ ବିଲ୍ଡିଂ ବାହାରେ ହଜାର ହଜାର ତୃଣମୂଳ କଂଗ୍ରେସ କର୍ମୀ ବିକ୍ଷୋଭ ପ୍ରଦର୍ଶନ କରିବା ସହ ବ୍ୟାରିକେଡ୍ ଭାଙ୍ଗିବାକୁ ଉଦ୍ୟମ କରିଥିଲେ। ସେମାନଙ୍କୁ ତଡ଼ିବାକୁ ଉଦ୍ୟମ କରୁଥିବା ଅର୍ଦ୍ଧସାମରିକ ଯବାନମାନଙ୍କ ଉପରକୁ ଉତ୍ତ୍ୟକ୍ତ କର୍ମୀମାନେ ଢେଲାମାଡ଼ କରିଥିଲେ। ଗିରଫକୁ ନେଇ ହାଇଡ୍ରାମା ପରେ ସମସ୍ତ ୪ ଜଣଙ୍କୁ କୋଲକାତାର ସ୍ୱତନ୍ତ୍ର ସିବିଆଇ କୋର୍ଟ ଜାମିନ ମଞ୍ଜୁର କରିଛନ୍ତି। ଅପରପକ୍ଷରେ ନାରଦ ଷ୍ଟିଙ୍ଗ ଅପରେଶନ ମାମଲା ବେଳେ ମୁକୁଲ ରାୟ ଏବଂ ଶୁଭେନ୍ଦୁ ଅଧିକାରୀ ତୃଣମୂଳ କଂଗ୍ରେସରେ ଥିଲେ ଓ ଲାଞ୍ଚ ନେଇ ଧରାପଡ଼ିଥିଲେ। ଏବେ ଭାଜପାରେ ଥିବା ଏହି ଦୁଇ ନେତାଙ୍କ ବିରୋଧରେ ସିବିଆଇ କାର୍ଯ୍ୟାନୁଷ୍ଠାନ କେବେ ହେବ ବୋଲି ସାଧାରଣରେ ଆଲୋଚନା ହେଉଛି। ☞ପୃଷ୍ଠା–୪

**ଜାମିନକୁ ହାଇକୋର୍ଟଙ୍କ ସ୍ଥଗିତାଦେଶ**

ସ୍ୱତନ୍ତ୍ର ସିବିଆଇ କୋର୍ଟ ପଶ୍ଚିମବଙ୍ଗ ମନ୍ତ୍ରୀ ଫିର୍‌ହାଦ ହକିମ, ସୁବ୍ରତ ମୁଖାର୍ଜୀ, ଟିଏମ୍‌ସି ବିଧାୟକ ମଦନ ମିତ୍ର ଓ ପୂର୍ବତନ ମନ୍ତ୍ରୀ ଶୋଭନ ଚାଟାର୍ଜୀଙ୍କୁ ଜାମିନ ପ୍ରଦାନ କରିବାର କିଛି ସମୟ ପରେ କୋଲକାତା ହାଇକୋର୍ଟ ଏହା ଉପରେ ସ୍ଥଗିତାଦେଶ ଲଗାଇଛନ୍ତି। ଏଥିପାଇଁ ସୋମବାର ବିଳମ୍ବିତ ରାତିରେ ହାଇକୋର୍ଟରେ ସ୍ୱତନ୍ତ୍ର ଭାବେ ଶୁଣାଣି ହୋଇଥିଲା। ମାମଲାର ବିଚାର ପଶ୍ଚିମବଙ୍ଗରୁ ଅନ୍ୟତ୍ର ସ୍ଥାନାନ୍ତର କରିବା ପାଇଁ ସିବିଆଇ ଦାଖଲ କରିଥିବା ପିଟିଶନ ଉପରେ ଶୁଣାଣି କରି କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ରାଜେଶ ବିନ୍ଦଲ ଏବଂ ଜଷ୍ଟିସ ଅରିଜିତ୍ ବାନାର୍ଜୀଙ୍କ ଖଣ୍ଡପୀଠ ଉପରୋକ୍ତ ରାୟ ପ୍ରଦାନ କରିଛନ୍ତି।

**ସିଆର୍‌ପିଏଫ୍ କ୍ୟାମ୍ପ୍‌କୁ ବିରୋଧ କରି ଯବାନ-ଗ୍ରାମବାସୀ ମୁହାଁମୁହିଁ**

## ସୁରକ୍ଷାକର୍ମୀଙ୍କ ଗୁଳିରେ ୩ ଗ୍ରାମବାସୀ ମୃତ

**ମାଲକାନଗିରି, ୧୭।୫(ଡି.ଏନ୍.ଏ.):** ମାଲକାନଗିରି ଜିଲା ଛତିଶଗଡ଼ ସୀମାନ୍ତ ବିଜାପୁର ଜିଲାରେ ସୋମବାର ସିଆର୍‌ପିଏଫ୍ ଯବାନ ଓ ଗ୍ରାମବାସୀ ମୁହାଁମୁହିଁ ହୋଇଛନ୍ତି। ପରିସ୍ଥିତି ଅଣାୟତ୍ତ ହେବାରୁ ସୁରକ୍ଷା କର୍ମୀ ଗ୍ରାମବାସୀଙ୍କ ଉପରକୁ ଗୁଳି ଚଳାଇଛନ୍ତି। ଏଥିରେ ୩ଜଣ ଗ୍ରାମବାସୀଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ପରିଚୟ ଜଣାପଡ଼ିନାହିଁ। ଘଟଣା ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ଲାଗିରହିଛି। ସେମାନଙ୍କ ସମ୍ପର୍କରେ ମଧ୍ୟ ପ୍ରଶାସନ ପକ୍ଷରୁ କିଛି କୁହାଯାଇନାହିଁ। ଖବରରୁ ଜଣାପଡ଼ିଛି ଛତିଶଗଡ଼ର ବିଜାପୁର ଜିଲାର ସିଲ୍‌ଗର ଗ୍ରାମରେ ଏକ ନୂତନ ସିଆର୍‌ପିଏଫ୍ କ୍ୟାମ୍ପ୍ ସ୍ଥାପନ ହୋଇଥିଲା। ☞ପୃଷ୍ଠା–୪

**ଆଜିର ସମ୍ପାଦକୀୟ**

ନିଜ ବସ୍ତ୍ର ପରକୁ ଦେଇ

## କରୋନା ପରୀକ୍ଷାକୁ ଡଙ୍ଗରିଆଙ୍କ ନା



କଲ୍ୟାଣସିଂହପୁର ବିଡିଓ ଗ୍ରାମବାସୀଙ୍କ ସହ ଆଲୋଚନା କରୁଛନ୍ତି।

- ୩ ଜଣଙ୍କ ସ୍ୱାବ୍ ନେଇ ଫେରିଲା ସ୍ୱାସ୍ଥ୍ୟ ଟିମ୍
- କିଡ୍‌ନୀ, ଆଖି ବାହାର କରିନେବାର ଭୟ

ରାୟଗଡ଼ା ଅଫିସ, ୧୭।୫

ରାୟଗଡ଼ା ଜିଲା ନିୟମଗିରି ପାଦଦେଶରେ ବସବାସ କରୁଥିବା ୧୭ ଡଙ୍ଗରିଆ ଆଦିବାସୀ କରୋନା ସଂକ୍ରମିତ ଚିହ୍ନଟ ହେବାପରେ ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଚିହ୍ନଟଙ୍କ ମଧ୍ୟରେ ଜିଲାର କଲ୍ୟାଣସିଂହପୁର ବ୍ଲକ୍ ଅଞ୍ଚଳରୁ ସର୍ବାଧିକ ୧୫ ରହିଛନ୍ତି। ତେଣୁ ସଂକ୍ରମଣକୁ ରୋକିବା ନିମନ୍ତେ ସୋମବାର କଲ୍ୟାଣସିଂହପୁର ବିଡିଓ କାଳୁଚରଣ ନାୟକ ଏବଂ ସ୍ୱାସ୍ଥ୍ୟ ବିଭାଗର ଏକ ଟିମ୍ ସ୍ୱାବ୍ ପରୀକ୍ଷା ପାଇଁ ସମ୍ପୃକ୍ତ ଅଞ୍ଚଳରେ ପହଞ୍ଚିଥିଲେ। ହେଲେ ନିୟମଗିରି ରାଜାଙ୍କୁ ପୂଜା କରୁଛୁ, ଆମର କିଛି ଅସୁବିଧା ହେବନାହିଁ ବୋଲି ଡଙ୍ଗରିଆମାନେ କହି କରୋନା ପରୀକ୍ଷାକୁ ବିରୋଧ କରିଥିଲେ। ଏଥିସହିତ ପାର୍ସାଲିରେ ହୋଇଥିବା ମିନି କଣ୍ଟେନ୍‌ମେଣ୍ଟ ଜୋନ୍‌କୁ ଭାଙ୍ଗି ଦେଇଥିଲେ।

ସୂଚନା ଅନୁଯାୟୀ, ବିଡିଓ, ପାର୍ସାଲିସ୍ଥିତ ଡଙ୍ଗରିଆ କନ୍ଧ ଉନ୍ନୟନ ସଂସ୍ଥା (ଡିକେଡିଏ) ର ସ୍ପେଶାଲ ଅଫିସର ମଦନ ମୋହନ ଦଳବେହେରା, ଆଶା, ଅଙ୍ଗନୱାଡି କର୍ମୀ ଓ ଫାର୍ମାସିଷ୍ଟ ପାର୍ସାଲି ଗ୍ରାମକୁ ଯାଇ ଡଙ୍ଗରିଆମାନଙ୍କୁ କରୋନାର ଭୟାବହତା ବିଷୟରେ ବୁଝାଇଥିଲେ। ସେମାନଙ୍କୁ କରୋନା ପରୀକ୍ଷା କରାଇବା ନିମନ୍ତେ ଉତ୍ସାହିତ କରି ସ୍ୱାବ୍ ସଂଗ୍ରହ କରିବାକୁ ଡାକିଥିଲେ। ☞ପୃଷ୍ଠା–୪



**ପଶ୍ଚିମବଙ୍ଗରେ ହେବ ବିଧାନ ପରିଷଦ**

ପଶ୍ଚିମବଙ୍ଗରେ ବିଧାନ ପରିଷଦ ଗଠନ ପାଇଁ ନିଷ୍ପତ୍ତି ହୋଇଛି। ସୋମବାର ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ୍ ଏହି ପ୍ରସ୍ତାବକୁ ମଞ୍ଜୁରୀ ଦେଇଛି। ଏବେ ରାଜ୍ୟପାଳଙ୍କ ଅନୁମୋଦନ ପାଇଁ ଏହି ପ୍ରସ୍ତାବ ପଠାଯିବ। ୧୯୫୨ରେ ପଶ୍ଚିମବଙ୍ଗରେ ବିଧାନ ପରିଷଦ ଗଠନ ହୋଇଥିଲେ ହେଁ ୧୯୬୯ରେ ଏହାକୁ ଉଠାଇ ଦିଆଯାଇଥିଲା। ଆନ୍ଧ୍ରପ୍ରଦେଶ, କର୍ନାଟକ, ମହାରାଷ୍ଟ୍ର, ବିହାର, ଉତ୍ତରପ୍ରଦେଶ ଏବଂ ତେଲଙ୍ଗାନାରେ ବିଧାନ ପରିଷଦ ରହିଛି।

## ସଂକ୍ଷେପରେ

### ଆସନ୍ତା ସପ୍ତାହରୁ ଆଞ୍ଚଳିକ ଭାଷାରେ କୋୱିନ୍ ପୋର୍ଟାଲ

**ନୂଆଦିଲ୍ଲୀ, ୧୭।୫(ପି.ଟି.):** ଆଗାମୀ ସପ୍ତାହରେ କୋୱିନ ପୋର୍ଟାଲ ହିନ୍ଦୀ ଏବଂ ୧୪ ଆଞ୍ଚଳିକ ଭାଷାରେ ଉପଲବ୍ଧ ହେବ। ଫଳରେ କୋଭିଡ୍ ଟିକା ନେବା ପାଇଁ ନାମ ପଞ୍ଜୀକରଣ ଓ ସ୍ଲଟ ବୁକିଂ ସହଜ ହୋଇପାରିବ। ଏହାବ୍ୟତୀତ କୋଭିଡ୍-୧୯ର ବିଭିନ୍ନ ଭାରିଆଣ୍ଟ ଚିହ୍ନଟ ଲାଗି ଆଇଏନ୍ଏସ୍ଏସିଓଜି ନେଟ୍ୱର୍କରେ ଆଉ ୧୭ଟି ଲାବରେଟୋରିକୁ ସାମିଲ କରିବା ଲାଗି ନିଷ୍ପତ୍ତି ନିଆଯାଇଥିବା ସୋମବାର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ କହିଛି। ସ୍ୱାସ୍ଥ୍ୟମନ୍ତ୍ରୀ ଡ. ହର୍ଷ ବର୍ଦ୍ଧନଙ୍କ ଅଧକ୍ଷତାରେ କୋଭିଡ୍-୧୯ର ଉଚ୍ଚସ୍ତରୀୟ ମନ୍ତ୍ରୀଗୋଷ୍ଠୀ ବୈଠକ ବସି ଉପରୋକ୍ତ ନିଷ୍ପତ୍ତି ନିଆଯାଇଛି। ଏବେ ଆଇଏନ୍ଏସ୍ଏସିଓଜି ନେଟ୍ୱର୍କ ଅଧୀନରେ ୧୦ଟି ଲାବରେଟୋରିରେ ନମୁନାର ଭାରିଆଣ୍ଟ ପରୀକ୍ଷା କରାଯାଉଛି। ୨୬ ଦିନ ପରେ ଭାରତରେ କରୋନା ଦୈନିକ ସଂକ୍ରମଣ ୩ ଲକ୍ଷ ତଳକୁ ଖସିଥିବା ଏହି ଅବସରରେ ସ୍ୱାସ୍ଥ୍ୟମନ୍ତ୍ରୀ କହିଥିଲେ। ସେହିପରି ଆକ୍ଟିଭ୍ ମାମଲା ଗତ ୨୪ ଘଣ୍ଟା ମଧ୍ୟରେ ୧,୦୧,୪୬୧ ହ୍ରାସ ପାଇଛି। ୨-ଡିଜି କୋଭିଡ୍ ଔଷଧ ପାଇଁ ସେ ପ୍ରତିରକ୍ଷା ବୈଜ୍ଞାନିକମାନଙ୍କ ଉଦ୍ୟମକୁ ପ୍ରଶଂସା କରିଥିଲେ।

### ସେଣ୍ଟ୍ରାଲ ଭିଷ୍ଟା ବନ୍ଦ ପାଇଁ ପିଆଇଏଲ୍: ରାୟ ସଂରକ୍ଷିତ

**ନୂଆଦିଲ୍ଲୀ, ୧୭।୫:** ସେଣ୍ଟ୍ରାଲ ଭିଷ୍ଟା ପ୍ରକଳ୍ପ କାର୍ଯ୍ୟ ବନ୍ଦ ରଖିବାକୁ ହାଇକୋର୍ଟରେ ଦାଏର ଜନସ୍ୱାର୍ଥ ମାମଲା (ପିଆଇଏଲ୍)ର ରାୟକୁ ଦିଲ୍ଲୀ ହାଇକୋର୍ଟ ସୋମବାର ସଂରକ୍ଷିତ ରଖିଛନ୍ତି। ଆବେଦନକାରୀଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ସିଦ୍ଧାର୍ଥ ଲୁଥ୍ରା କହିଥିଲେ, ପ୍ରକଳ୍ପ ନିର୍ମାଣରେ ନିୟୋଜିତ ଶ୍ରମିକମାନଙ୍କ ସୁରକ୍ଷା ପାଇଁ କାର୍ଯ୍ୟ ବନ୍ଦ ରଖାଯାଉ। କାରଣ ବହୁସଂଖ୍ୟାରେ ଶ୍ରମିକ ଯେଭଳି ଭାବେ ଗୋଟିଏ ସ୍ଥାନରେ ରହୁଛନ୍ତି ସଂକ୍ରମଣ ବ୍ୟାପିବା ସମ୍ଭାବନା ରହିଛି। ଦିଲ୍ଲୀରେ କରୋନା ପାଇଁ କର୍ଫ୍ୟୁ ଲାଗୁ ହୋଇଥିବାବେଳେ ନିର୍ମାଣ କ'ଣ ଅତ୍ୟାବଶ୍ୟକ ସେବା କି ବୋଲି ସେ ପ୍ରଶ୍ନ କରିଥିଲେ। ଅନ୍ୟପକ୍ଷରେ କାମ ବନ୍ଦ କରିବା ଲାଗି ଆବେଦନ ଏକ ମୋହରା ବୋଲି କେନ୍ଦ୍ର ସରକାରଙ୍କ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ସଲିସିଟର ଜେନେରାଲ ତୁଷାର ମେହେଟ୍ଟା କହିଥିଲେ। ୩ ଘଣ୍ଟାର ଶୁଣାଣି ପରେ ମୁଖ୍ୟ ବିଚାରପତି ଡି.ଏନ. ପଟେଲ ଓ ଜ୍ୟୋତି ସିଂଙ୍କ ଖଣ୍ଡପୀଠ ରାୟକୁ ସଂରକ୍ଷିତ ରଖିଛନ୍ତି।

### ଆନ୍ଧ୍ରରେ ବଢ଼ିଲା କର୍ଫ୍ୟୁ କଟକଣା

ହାଇଦ୍ରାବାଦ, ୧୭।୫: ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ୱାଇ. ଏସ୍. ଜଗନ ମୋହନ ରେଡ୍ଡୀ ସୋମବାର ରାଜ୍ୟରେ କର୍ଫ୍ୟୁ କଟକଣାକୁ ମେ ୩୧ ପର୍ଯ୍ୟନ୍ତ ବଢ଼ାଇଛନ୍ତି। ଏକ ବୈଠକରେ ରାଜ୍ୟରେ କରୋନା ସ୍ଥିତି ସମୀକ୍ଷା କରିବା ପରେ ଏହି ନିଷ୍ପତ୍ତି ନିଆଯାଇଥିବା ସେ କହିଛନ୍ତି। ଗ୍ରାମାଞ୍ଚଳରେ କିପରି ମହାମାରୀ ନ ବ୍ୟାପେ ସେ ନେଇ ପଦକ୍ଷେପ ନେବାକୁ ସେ ସମସ୍ତ ପ୍ରଶାସନିକ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ବ୍ଲାକ୍ ଫଙ୍ଗସ୍ ରୋଗୀଙ୍କୁ ଶୀଘ୍ର ଚିହ୍ନଟ ସହ ସେମାନଙ୍କୁ ଚିକିତ୍ସା ଯୋଗାଇବା ପାଇଁ ଆକ୍ରାନ୍ତଙ୍କୁ ଆରୋଗ୍ୟଶ୍ରୀ ଯୋଜନା ଅନ୍ତର୍ଭୁକ୍ତ କରାଇବାକୁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ରହିଛି।

# ପ୍ରଳୟ ରଚିଲା ତଉକ୍ତାଏ



ମହାରାଷ୍ଟ୍ରର କଙ୍କଣରେ କାର ଉପରେ ଗଛ ଭାଙ୍ଗିପଡ଼ିଛି।


ମୁମ୍ବାଇର ଗେଟ୍ ୱେ ଅଫ୍ ଇଣ୍ଡିଆ ନିକଟରେ ଝଡ଼ର ଭୟଙ୍କର ରୂପ।

**ନୂଆଦିଲ୍ଲୀ, ୧୭।୫(ପି.ଟି.)**

## ▶ ମହାରାଷ୍ଟ୍ର, ଗୁଜରାଟରେ ବ୍ୟାପକ କ୍ଷତି
## ▶ ଷ୍ଟାଣ୍ଡବାଏରେ ସେନାର ୧୮୦ ଟିମ୍

ସାମୁଦ୍ରିକ ଝଡ଼ ତଉକ୍ତାଏ ସୋମବାର ରାତିରେ ଗୁଜରାଟର ସୌରାଷ୍ଟ୍ର ଉପକୂଳ ଡିଉଠାରେ ସ୍ଥଳଭାଗ ଛୁଇଁଛି। ଏହା ଭୟଙ୍କର ରୂପ ଧାରଣ କରିବା ସହ ବ୍ୟାପକ କ୍ଷୟକ୍ଷତି କରିଛି। ପବନର ବେଗ ୧୮୫ କିଲୋମିଟର ରହିଥିବାବେଳେ ପ୍ରବଳ ବର୍ଷା ଲାଗିରହିଛି। ବାତ୍ୟାରେ ବହୁ ଘର ଭାଙ୍ଗିବା ସହ ଗଛ ଓ ବିଦ୍ୟୁତ ଖୁଣ୍ଟ ଉପୁଡ଼ି ଯାଇଛି। ଫଳରେ ବିଦ୍ୟୁତ ସରବରାହ ବ୍ୟାହତ ହୋଇ ଅନେକ ଅଞ୍ଚଳ ଅନ୍ଧାରରେ ରହିଛି। ଏହା ପୂର୍ବରୁ ମହାରାଷ୍ଟ୍ରରେ ମଧ୍ୟ ବାତ୍ୟା ତଉକ୍ତାଏ ତାଣ୍ଡବ ସୃଷ୍ଟି କରିଥିଲା। ସେଠାରେ ପବନର ବେଗ ଘଣ୍ଟାପ୍ରତି ୧୧୪ କିଲୋମିଟର ଥିଲା। ଉକ୍ତ ରାଜ୍ୟରେ ବ୍ୟାପକ କ୍ଷତି ଘଟିବା ସହ କୋଙ୍କଣ ଅଞ୍ଚଳର ଭିନ୍ନ ଭିନ୍ନ ସ୍ଥାନରେ ୬ ଜଣଙ୍କ ମୃତ୍ୟୁ ହୋଇଛି ଓ ୯ ଜଣ ଆହତ ହୋଇଛନ୍ତି। ଦୁଇଟି ବୋଟ୍ ଭାସିଯିବାରୁ ୩ ଜଣ ନାବିକ ନିଖୋଜ ହୋଇଯାଇଛନ୍ତି। ଗୁଜରାଟ ଉପକୂଳ ଅଞ୍ଚଳରୁ ୨ ଲକ୍ଷରୁ ଊର୍ଦ୍ଧ୍ୱ ଲୋକଙ୍କୁ ନିରାପଦ ସ୍ଥାନକୁ ସ୍ଥାନାନ୍ତର କରାଯାଇଥିଲା। ରିଲିଫ୍ ଓ ଉଦ୍ଧାର କାର୍ଯ୍ୟ ଲାଗି ସୈନ୍ୟବାହିନୀ ପକ୍ଷରୁ ୧୮୦ଟି ଟିମ୍ ଏବଂ ୯ ଇଞ୍ଜିନିୟର ଟାସ୍କଫୋର୍ସ (ଇଟିଏଫ୍)କୁ ଷ୍ଟାଣ୍ଡବାଏ ରଖାଯାଇଛି। ସେକ୍ଟର କମାଣ୍ଡର ଏବଂ ଡିଭିଜନାଲ ହେଡ୍‌କ୍ୱାର୍ଟର ଜିଲାପାଳ ଓ ରାଜସ୍ୱ କମିଶନରଙ୍କ ସହ ନିୟମିତ ସମ୍ପର୍କରେ ରହିଛନ୍ତି। ଅଧିକ ପ୍ରଭାବିତ ହେବାକୁ ଥିବା ଜିଲାଗୁଡ଼ିକୁ ତୁରନ୍ତ ସୈନ୍ୟ ପ୍ରେରଣ କରାଯାଇଛି। ବାତ୍ୟା ଦାଉରୁ ଲୋକଙ୍କ ଜୀବନ ବଞ୍ଚାଇବା, ଅକ୍ସିଜେନ ଯୋଗାଣ ପାଇଁ ତୁରନ୍ତ ରାସ୍ତାଗୁଡ଼ିକୁ ଅବରୋଧମୁକ୍ତ କରିବା ଏବଂ କୋଭିଡ୍ ହସ୍ପିଟାଲଗୁଡ଼ିକରେ ବଳକା ଅକ୍ସିଜେନ୍ ଗଚ୍ଛିତ ରଖିବା ଉପରେ ଗୁରୁତ୍ୱ ଦିଆଯାଉଛି।

ତଉକତାଏ ପ୍ରଭାବରେ ମହାରାଷ୍ଟ୍ର, ଗୋଆ, କେରଳରେ ପ୍ରବଳ ବର୍ଷା ପବନ ଜାରି ରହିଥିବାବେଳେ ଡିଉ ନିକଟରେ ରାତି ୯ଟା ୩୦ ମିନିଟ ସମୟରେ ଲ୍ୟାଣ୍ଡଫଲ୍ କରିଥିଲା। ସ୍ଥଳଭାଗ ଛୁଇଁବା ପରେ ଦୁଇଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ଏହା ଧ୍ୱଂସର ତାଣ୍ଡବ ରଚିଥିଲା। ସର୍ବାଧିକ କ୍ଷତିଗ୍ରସ୍ତ ଅଞ୍ଚଳରେ ସେନା ଓ ଏନ୍‌ଡିଆର୍‌ଏଫ୍ ପକ୍ଷରୁ ପ୍ରଶାସନ ସହ ସମନ୍ୱୟ ରକ୍ଷା କରି ରିଲିଫ ଓ ଉଦ୍ଧାର କାର୍ଯ୍ୟ କରାଯାଉଛି। ଜାତୀୟ ବିପର୍ଯ୍ୟୟ ପ୍ରଶମନ ବାହିନୀ (ଏନ୍‌ଡିଆର୍‌ଏଫ୍), ନୌସେନା, ତଟସୁରକ୍ଷା ବାହିନୀ ଓ ଅନ୍ୟ ସଂସ୍ଥାଗୁଡ଼ିକ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ହୋଇଛନ୍ତି।

### ସମୁଦ୍ରରେ ଫସିଛନ୍ତି ୪୧୦ ଜଣ

**ମୁମ୍ବାଇ, ୧୭।୫(ଆଇଏଏନ୍ଏସ୍)**

**ଉଦ୍ଧାର ଲାଗି ନୌସେନା ନିୟୋଜିତ**

ସାମୁଦ୍ରିକ ଝଡ଼ ତଉକତାଏ ରବିବାର ମଧ୍ୟରାତ୍ରରୁ ମୁମ୍ବାଇ ଉପକୂଳରେ ତାଣ୍ଡବ ରଚିଥିବାବେଳେ ଦୁଇଟି ବଡ଼ ବୋଟ୍‌ରେ ଅନ୍ୟୁନ ୪୧୦ ଜଣ ସମୁଦ୍ର ମଧ୍ୟରେ ଫସିରହିଛନ୍ତି। ସେମାନଙ୍କୁ ଉଦ୍ଧାର କରିବା ଲାଗି ନୌସେନା ପକ୍ଷରୁ ୩ଟି ଜାହାଜକୁ ମୁତୟନ କରାଯାଇଛି। ମୁମ୍ବାଇଠାରୁ ୧୭୫ କିଲୋମିଟର ଦୂର ବମ୍ବେ ହାଇରେ ଥିବା ଓଏନ୍‌ଜିସିର ହୀରା ଅଏଲ୍‌ଫିଲ୍ଡ ନିକଟରେ ଗୋଟିଏ ବୋଟ୍‌ରେ ୨୭୩ ଜଣ ଅଟକି ରହିଛନ୍ତି। ସହାୟତା ପାଇଁ ସେମାନେ ବାର୍ତ୍ତା ପଠାଇବା ପରେ ନୌସେନା ପକ୍ଷରୁ ଆଇଏନ୍ଏସ୍ କୋଚି ଏବଂ ଆଇଏନ୍ଏସ୍ ତଲୱାରକୁ ପଠାଯାଇଛି। ସେହିପରି ୧୩୭ ଜଣଙ୍କୁ ନେଇ ଅନ୍ୟ ଏକ ବୋଟ୍ ଜିଏଲ୍ କନ୍‌ଷ୍ଟ୍ରକ୍ଟର ମୁମ୍ବାଇଠାରୁ ୧୫ କିମି ଦୂର ଆରବ ସାଗରରେ ଅଟକି ରହିଛି। ସେମାନଙ୍କୁ ଉଦ୍ଧାର କରିବା ଲାଗି ଆଇଏନ୍ଏସ୍ କୋଲକାତାକୁ ପଠାଯାଇଛି।

### ନିଆଁରେ ନଷ୍ଟ ହେଲା ୨୫ ଲକ୍ଷର ଟିକା

**ଇନ୍ଦୋର, ୧୭।୫**

ଦେଶରେ କରୋନା ଟିକା ଅଭାବ ଦେଖାଦେଇଥିବାବେଳେ ମଧ୍ୟପ୍ରଦେଶର ଇନ୍ଦୋରର ଏକ ଭାକ୍ସିନ ଷ୍ଟୋରରେ ନିଆଁ ଲାଗି ପ୍ରାୟ ୨୫ ଲକ୍ଷ ଟଙ୍କାର ଭାକ୍ସିନ ନଷ୍ଟ ହୋଇଯାଇଛି। ଇନ୍ଦୋରର ଭାରତ ସେରମସ୍ ଆଣ୍ଡ ଭାକ୍ସିନ ଲିମିଟେଡ ଷ୍ଟୋର୍‌ରେ ଅଗ୍ନିକାଣ୍ଡ ଘଟିଥିବା ଜଣାପଡ଼ିଛି। ନିଆଁ ଲାଗିବା ପଛର କାରଣ ଜଣାପଡ଼ିନାହିଁ। ଅଗ୍ନିଶମ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ନିଆଁ ଲିଭାଇଥିଲେ। ଉକ୍ତ ଗୋଦାମରେ ଭାକ୍ସିନ ସହ ବ୍ଲାକ ଫଙ୍ଗସ୍ ଚିକିତ୍ସା ପାଇଁ ରଖାଯାଇଥିବା ଇଞ୍ଜେକଶନ ମଧ୍ୟ ନଷ୍ଟ ହୋଇଯାଇଛି।

### ବିଧାୟକଙ୍କ ବଙ୍ଗଳାରେ ମହିଳାଙ୍କ ଆତ୍ମହତ୍ୟା

**ଭୋପାଳ, ୧୭।୫**

କଂଗ୍ରେସ ବିଧାୟକ ତଥା ମଧ୍ୟପ୍ରଦେଶର ପୂର୍ବତନ ମନ୍ତ୍ରୀ ଉମଙ୍ଗ ସିଂଘାରଙ୍କ ଭୋପାଳସ୍ଥିତ ବଙ୍ଗଳାରେ ରବିବାର ଜଣେ ୩୮ ବର୍ଷୀୟା ମହିଳା ଆତ୍ମହତ୍ୟା କରିଛନ୍ତି। ତାଙ୍କ ନିକଟରୁ ଏକ ସୁଇସାଇଡ୍ ନୋଟ ଜବତ କରାଯାଇଥିବା ପୋଲିସ କହିଛି। ସେଥିରେ ସିଂଘାରଙ୍କ ନାଁ ଲେଖାଥିବା ଏବଂ ବିଧାୟକଙ୍କ ଜୀବନରେ ସ୍ଥାନ ନ ମିଳିବାରୁ ସେ ଆତ୍ମହତ୍ୟା କରିଥିବା ସୁଇସାଇଡ୍ ନୋଟରେ ଲେଖାଥିବା ଜଣାପଡ଼ିଛି। ଗନ୍ଧୱାନି ଆସନରୁ ବିଧାୟକ ଥିବା ସିଂଘାର କହିଛନ୍ତି ଯେ, ମହିଳା ଜଣକ ତାଙ୍କର ଜଣେ ଭଲ ବାନ୍ଧବୀ ଥିଲେ। ମହିଳା ଜଣକ ମାନସିକ ରୋଗରେ ପୀଡ଼ିତ ହୋଇ ଚିକିତ୍ସିତ ହେଉଥିବା ନେଇ ସିଂଘାର ଅବଗତ ନ ଥିଲେ। ମହିଳାଙ୍କ ଘର ଅମ୍ବାଲାରେ ହୋଇଥିବାବେଳେ ସେ ବିଧାୟକଙ୍କ ଘରକୁ ବାରମ୍ବାର ଆସୁଥିଲେ ଏବଂ ସେଠାରେ ସେ ପ୍ରାୟ ମାସେ ଧରି ରହିଥିଲେ ବୋଲି ପୋଲିସ କହିଛି।

# ଦିନକରେ ୫୦ ଡାକ୍ତର ମୃତ

**କରୋନାରେ ଆଖିବୁଜିଲେଣି ୧୦୦୦ ଡାକ୍ତର**

**ନୂଆଦିଲ୍ଲୀ, ୧୭।୫**

କରୋନା ମହାମାରୀ ଦ୍ୱିତୀୟ ଲହରରେ ଦେଶର ୨୪୪ ଯୁବ ଡାକ୍ତର ପ୍ରାଣ ହରାଇଲେଣି। ଗତବର୍ଷ ପ୍ରଥମ ଲହରରେ ୭୩୬ ଡାକ୍ତରଙ୍କ ଜୀବନ ଯାଇଥିଲା। ଅର୍ଥାତ୍ ଗତବର୍ଷଠାରୁ ଇତିମଧ୍ୟରେ ଦେଶରେ ପାଖାପାଖି ୧୦୦୦ ଡାକ୍ତର କରୋନାରେ ଆଖି ବୁଜିଲେଣି। ରବିବାର ଗୋଟିଏ ଦିନରେ ୫୦ ଜଣ ଡାକ୍ତରଙ୍କ ଜୀବନ ଯାଇଥିବା ଭାରତୀୟ ମେଡିକାଲ ଆସୋସିଏଶନ (ଆଇଏମ୍ଏ) କହିଛି। ଚଳିତ ବର୍ଷ ବିହାରରେ ସର୍ବାଧିକ ୬୯ ଡାକ୍ତରଙ୍କ ମୃତ୍ୟୁ ହୋଇଥିବାବେଳେ ଉତ୍ତରପ୍ରଦେଶରେ ୩୪ ଓ ଦିଲ୍ଲୀରେ ୨୭ ଡାକ୍ତରଙ୍କର କରୋନାରେ ଜୀବନ ଯାଇଛି। ଟିକାକରଣ ଆରମ୍ଭ ହେବା ୫ ମାସ ହେଲାଣି, ମାତ୍ର ୬୬ ପ୍ରତିଶତ ସ୍ୱାସ୍ଥ୍ୟ କର୍ମଚାରୀ ସମ୍ପୂର୍ଣ୍ଣ ଟିକା ନେଇଛନ୍ତି। ଅନେକ ଡାକ୍ତର ଏପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ଟିକା ନେଇନାହାନ୍ତି। ସେମାନଙ୍କୁ ଟିକା ନେବା ପାଇଁ ପ୍ରୋତ୍ସାହିତ କରାଯାଉଥିବା ଆଇଏମ୍ଏ କହିଛି।

## ୩ ଲକ୍ଷ ତଳେ ସଂକ୍ରମଣ, ୪,୧୦୬ ମୃତ

**ନୂଆଦିଲ୍ଲୀ, ୧୭।୫**

ଭାରତରେ ଦୈନିକ ସଂକ୍ରମଣରେ ସାମାନ୍ୟ ହ୍ରାସ ପାଇଥିଲେ ହେଁ ମୃତ୍ୟୁସଂଖ୍ୟା ପୁଣି ୪ ହଜାର ଟପିଛି। ଗତ ୨୪ ଘଣ୍ଟାରେ ୨,୮୧,୩୮୬ ଜଣ ନୂଆ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସେହିପରି ଦିନକରେ ୪,୧୦୬ ଜଣଙ୍କ ମୃତ୍ୟୁ ଘଟିଛି। ଦେଶରେ ମୋଟ କୋଭିଡ୍ ମାମଲା ୨,୪୯,୬୫,୪୬୩ରେ ପହଞ୍ଚିଥିବାବେଳେ ମୃତକଙ୍କ ସଂଖ୍ୟା ୨,୭୪,୩୯୦କୁ ବୃଦ୍ଧି ପାଇଛି। ସେହିପରି ଗତ ୨୪ ଘଣ୍ଟାରେ ୩,୭୮,୭୪୧ ଜଣ କରୋନାରୁ ଆରୋଗ୍ୟ ଲାଭ କରିଛନ୍ତି।

ମହାରାଷ୍ଟ୍ରରେ ସର୍ବାଧିକ ୩୪,୩୮୯ ଜଣ ପଜିଟିଭ୍ ଚିହ୍ନଟ ହୋଇଥିବାବେଳେ ଏହା ତଳକୁ ତାମିଲନାଡୁରେ ୩୩,୧୮୧, କର୍ନାଟକରେ ୩୧,୫୩୧, କେରଳରେ ୨୯,୭୦୪ ଏବଂ ଆନ୍ଧ୍ରପ୍ରଦେଶରେ ୨୪,୧୭୧ ଜଣ ଆକ୍ରାନ୍ତ ହୋଇଛନ୍ତି। ମୃତ୍ୟୁ ସଂଖ୍ୟାରେ ମଧ୍ୟ ମହାରାଷ୍ଟ୍ର ଆଗରେ ରହିଛି। ଏହି ରାଜ୍ୟରେ ଦିନକରେ ୯୭୪ ସଂକ୍ରମିତଙ୍କ ମୃତ୍ୟୁ ଘଟିଥିବାବେଳେ କର୍ନାଟକରେ ୪୦୩ ଜଣଙ୍କ ଜୀବନ ଯାଇଛି। ଏପ୍ରିଲ ୫ ପରଠାରୁ ଦିଲ୍ଲୀରେ ପ୍ରଥମ କରି ଦୈନିକ ସଂକ୍ରମଣ ୫ ହଜାର ତଳେ ରହିଛି।


ଶ୍ରୀନଗରରେ ଜଣେ ସମ୍ପର୍କୀୟଙ୍କ ମୃତ୍ୟୁରେ କ୍ରନ୍ଦନରତ ପରିବାର ସଦସ୍ୟ।

## ଆଇଟି ନିୟମ ଉଲ୍ଲଂଘନ କରୁଛି ହ୍ୱାଟ୍‌ସଆପ୍

**ନୂଆଦିଲ୍ଲୀ, ୧୭।୫**

**ହାଇକୋର୍ଟଙ୍କୁ କହିଲା କେନ୍ଦ୍ର**




ସୋସିଆଲ ମେସେଜିଂ ଆପ୍ଲିକେଶନ ହ୍ୱାଟ୍‌ସଆପ୍‌ର ନୂଆ ପଲିସି ଭାରତର ସୂଚନା ପ୍ରଯୁକ୍ତି (ଆଇଟି) ଆଇନକୁ ଉଲ୍ଲଂଘନ କରୁଛି ବୋଲି ଦିଲ୍ଲୀ ହାଇକୋର୍ଟରେ କେନ୍ଦ୍ର ସରକାରଙ୍କ ପକ୍ଷରୁ କୁହାଯାଇଛି। ଏହି ଆପ୍‌ର ନୂଆ ପ୍ରାଇଭେସି ପଲିସି ବିରୋଧରେ ଦାଖଲ ହୋଇଥିବା ବିଭିନ୍ନ ପିଟିଶନର ଶୁଣାଣି ସମୟରେ କେନ୍ଦ୍ର ଏହା କହିଛି। ହାଇକୋର୍ଟର ମୁଖ୍ୟ ବିଚାରପତି ଡି.ଏନ୍. ପଟେଲ ଏବଂ ଜଷ୍ଟିସ୍ ଜ୍ୟୋତି ସିଂଙ୍କୁ ନେଇ ଗଠିତ ଏକ ଖଣ୍ଡପୀଠ ମାମଲାର ଶୁଣାଣି କରିଥିଲେ। କୋର୍ଟରେ ହ୍ୱାଟ୍‌ସଆପ ପକ୍ଷରୁ କୁହାଯାଇଥିଲା ଯେ, ମେ ୧୫ରୁ ଏହାର ନୂଆ ପ୍ରାଇଭେସି ପଲିସି ଲାଗୁ କରାଯାଇଛି। କିନ୍ତୁ ଏହି ନୀତିକୁ ଅସ୍ୱୀକାର କରିଥିବା ବ୍ୟବହାରକାରୀଙ୍କ ଆକାଉଣ୍ଟକୁ ଡିଲିଟ୍ କରାଯାଇନାହିଁ। ଏହି ପଲିସିକୁ ସ୍ୱୀକାର କରିବାକୁ ନିଜ ଗ୍ରାହକଙ୍କୁ ପ୍ରୋତ୍ସାହିତ କରାଯିବ। କିନ୍ତୁ ଯେଉଁମାନେ ଏହି ପ୍ରାଇଭେସି ନୀତିକୁ ଗ୍ରହଣ କରିନାହାନ୍ତି ସେମାନଙ୍କ ଆକାଉଣ୍ଟ ହଟାଇବା ପାଇଁ କୌଣସି ନିର୍ଦ୍ଦିଷ୍ଟ ସମୟସୀମା ଧାର୍ଯ୍ୟ କରାଯାଇନାହିଁ ବୋଲି ହ୍ୱାଟ୍‌ସ୍ ଆପ୍ କହିଛି। ହ୍ୱାଟ୍‌ସଆପ୍ ନୂଆ ନୀତି ଆଣି ଉପଭୋକ୍ତାଙ୍କ ଗୋପନୀୟତା ଅଧିକାର ଉଲ୍ଲଂଘନ କରୁଥିବା ନେଇ ଦିଲ୍ଲୀ ହାଇକୋର୍ଟରେ ପିଟିଶନ ଦାଖଲ କରାଯାଇଥିଲା। ଦିଲ୍ଲୀ ହାଇକୋର୍ଟ କେନ୍ଦ୍ର ସରକାର, ହ୍ୱାଟ୍‌ସଆପ୍ ଏବଂ ଏହାର ମୂଳ କମ୍ପାନୀ ଫେସ୍‌ବୁକ୍‌ଠାରୁ ଏ ନେଇ ଜବାବ ମାଗିଥିଲେ। ମାମଲାର ପରବର୍ତ୍ତୀ ଶୁଣାଣି ଜୁନ୍ ୩ରେ ହେବ। ହ୍ୱାଟ୍‌ସଆପ୍ ବ୍ୟବହାରକାରୀଙ୍କ ତଥ୍ୟ ଏହାର ମୂଳ କମ୍ପାନୀ ଫେସ୍‌ବୁକ୍ ସହ ଶେୟାର ହେବା ସହ ତାହାକୁ ବ୍ୟବହାର କରିପାରିବ ବୋଲି ନୂଆ ପଲିସିରେ ରହିଛି। ଯଦି ଉପଭୋକ୍ତା ଏହି ନୀତିରେ ରାଜି ନ ହୁଅନ୍ତି ତେବେ ସେମାନେ ତାଙ୍କ ଆକାଉଣ୍ଟକୁ ବ୍ୟବହାର କରିପାରିବେନି। ତେବେ କମ୍ପାନୀ ପରେ ଏହି ନୀତିକୁ ପ୍ରତ୍ୟାହାର କରିନେଇଥିଲା। ୟୁରୋପୀୟ ଦେଶର ହ୍ୱାଟ୍‌ସଆପ୍ ବ୍ୟବହାରକାରୀଙ୍କ ପାଇଁ ଏହି ପଲିସି ବାଧ୍ୟତାମୂଳକ ନ ଥିବାବେଳେ ଭାରତୀୟ ଗ୍ରାହକଙ୍କ ନିମନ୍ତେ ଅଣାଯିବା ଚିନ୍ତାର ବିଷୟ ବୋଲି କେନ୍ଦ୍ର କହିଛି।

## ଦିଲ୍ଲୀରୁ ଜୈଶ ଆତଙ୍କବାଦୀ ଗିରଫ

**ନୂଆଦିଲ୍ଲୀ, ୧୭।୫**

**ଯତି ନରସିଂହାନନ୍ଦଙ୍କୁ ହତ୍ୟା ଯୋଜନା ପଣ୍ଡ**

ଦିଲ୍ଲୀରୁ ପାକିସ୍ତାନୀ ଆତଙ୍କବାଦୀ ସଂଗଠନ ଜୈଶ୍-ଇ-ମହମ୍ମଦ (ଜେଇଏମ୍)ର ସଦସ୍ୟ ଜନ୍ ମହମ୍ମଦ ଦର୍‌ଙ୍କୁ ପୋଲିସ ଗିରଫ କରିଛି। ତାଙ୍କ ଘର ଜମ୍ମୁ-କଶ୍ମୀରର ପୁଲ୍‌ୱାମାରେ। ସେ ଦଶନା ଦେବୀ ମନ୍ଦିର ପୂଜକ ସ୍ୱାମୀ ଯତି ନରସିଂହାନନ୍ଦ ସରସ୍ୱତୀଙ୍କୁ ହତ୍ୟା କରିବା ଯୋଜନାରେ ଥିଲେ। ରବିବାର ପହରଗଞ୍ଜସ୍ଥିତ ଏକ ହୋଟେଲରୁ ଦର୍‌ଙ୍କୁ ଗିରଫ କରାଯାଇଛି। ତାଙ୍କ ପ୍ରକୋଷ୍ଠରୁ ଗୈରିକ ବସ୍ତ୍ର, ଧଳା ପାଇଜାମା, ହାତରେ ବନ୍ଧାଯାଉଥିବା ଫିତା, ମୋତି ହାର, ଚନ୍ଦନକାଠ ପେଷ୍ଟ, କଙ୍କୁମ ବାକ୍ସ ମିଳିଛି। ଏହା ବ୍ୟତୀତ ପଏଣ୍ଟ ଥ୍ରି ଜିରୋ ପିସ୍ତଲ, ଦୁଇଟି ମାଗାଜିନ ଓ ୧୫ ରାଉଣ୍ଡ ଗୁଳି ମିଳିଥିବାରୁ ସେ ନରସିଂହାନନ୍ଦ ସରସ୍ୱତୀଙ୍କୁ ହତ୍ୟା କରିବା ଯୋଜନାରେ ଥିଲେ ବୋଲି ପୋଲିସ ଜାଣିପାରିଛି। କାରଣ ନିକଟରେ ନରସିଂହାନନ୍ଦ ପ୍ରଫେଟ୍ ମହମ୍ମଦଙ୍କ ବିରୋଧରେ ବିବାଦୀୟ ମନ୍ତବ୍ୟ ଦେଇଥିଲେ। ମନ୍ଦିର ପୂଜକଙ୍କୁ ହତ୍ୟା କରିବା କାମ ଜେଇଏମ୍ ତାଙ୍କ ଉପରେ ନ୍ୟସ୍ତ କରିଥିବା ଜେରା ବେଳେ ଦର୍ ସ୍ୱୀକାର କରିଛନ୍ତି। ଦର୍ ପେସାରେ ଜଣେ କାଠମିସ୍ତ୍ରି। ସେ ୨୦୨୦ ଡିସେମ୍ବରରେ ଜେଇଏମ୍ ଆତଙ୍କବାଦୀ ଆବିଦ୍‌ଙ୍କ ସଂସ୍ପର୍ଶରେ ଆସିବା ପରେ ଉକ୍ତ ସଂଗଠନ ପାଇଁ କାର୍ଯ୍ୟ କରିବାକୁ ନିୟୋଜିତ ହୋଇଥିଲେ। ଗତମାସ ୨ ତାରିଖରେ ଆବିଦ୍ ତାଙ୍କୁ ଅନନ୍ତନାଗରେ ଭେଟି ସ୍ୱାମୀ ନରସିଂହାନନ୍ଦଙ୍କୁ ହତ୍ୟା କରିବା ଲାଗି ଦାୟିତ୍ୱ ଦେଇଥିଲେ। ଏଥିସହିତ ଆବିଦ୍ ଦର୍‌ଙ୍କୁ ପିସ୍ତଲ ଦେବା ସହ ଏହାକୁ କିପରି ବ୍ୟବହାର କରାଯିବ, ସେ ସମ୍ପର୍କରେ ତାଲିମ ଦେଇଥିଲେ। ତାଙ୍କୁ ଆବିଦ୍ ନଗଦ ୬,୫୦୦ ଟଙ୍କା ଦେବା ସହ ଦିଲ୍ଲୀ ଆସିବା ପୂର୍ବରୁ ବ୍ୟାଙ୍କ ଆକାଉଣ୍ଟକୁ ୩୫,୦୦୦ ଟଙ୍କା ପଠାଇଥିଲେ। ପୂଜକଙ୍କୁ ହତ୍ୟା କରିବା ପରେ ବଡ଼ ଧରଣର ଅର୍ଥ ସହାୟତା ଦିଆଯିବ ବୋଲି ତାଙ୍କୁ ପ୍ରତିଶ୍ରୁତି ଦିଆଯାଇଥିଲା।

## ସିବିଆଇ ଗିରଫଦାରି: ପଶ୍ଚିମବଙ୍ଗରେ ରାଜନୈତିକ ଝଡ଼

**କୋଲକାତା/ନୂଆଦିଲ୍ଲୀ, ୧୭।୫(ପି.ଟି.)**

ନାରଦ ଷ୍ଟିଙ୍ଗ୍ ଅପରେଶନ ମାମଲାରେ ସିବିଆଇ ସୋମବାର ପଶ୍ଚିମବଙ୍ଗର ଦୁଇଜଣ ମନ୍ତ୍ରୀ, ଟିଏମ୍‌ସିର ଜଣେ ବିଧାୟକ ଓ ଜଣେ ପୂର୍ବତନ ନେତାଙ୍କୁ ଗିରଫ କରିବା ପରେ ରାଜ୍ୟରେ ରାଜନୈତିକ ଝଡ଼ ସୃଷ୍ଟି ହୋଇଛି। ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ସିବିଆଇ କାର୍ଯ୍ୟାଳୟ ଆଗରେ ଧାରଣାରେ ବସିବା ସହ ବିଭିନ୍ନ ସ୍ଥାନରେ ଦଳୀୟ କର୍ମୀମାନେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। କେତେକ ସ୍ଥାନରେ ବିକ୍ଷୋଭ ହିଂସାତ୍ମକ ରୂପ ନେଇଥିଲା। ରାଜନୈତିକ ପ୍ରତିଶୋଧ ନେବା ପାଇଁ କେନ୍ଦ୍ରର ଭାଜପା ନେତୃତ୍ୱାଧୀନ ସରକାର ସିବିଆଇକୁ ଅସ୍ତ୍ର ଭାବେ ବ୍ୟବହାର କରୁଥିବା ଟିଏମ୍‌ସି ଅଭିଯୋଗ କରିଛି। ଲାଞ୍ଚ ମାମଲାରେ ସମ୍ପୃକ୍ତ ଥିବା ମୁକୁଲ ରୟ ଓ ଶୁଭେନ୍ଦୁ ଅଧିକାରୀ ଏବେ ଭାଜପାରେ ଥିବାରୁ ସେମାନଙ୍କ ବିରୋଧରେ ସିବିଆଇ କାର୍ଯ୍ୟାନୁଷ୍ଠାନ ନ ନେଇ ଟିଏମ୍‌ସି ନେତାମାନଙ୍କୁ ଟାର୍ଗେଟ କରୁଥିବା ଅଭିଯୋଗ ହୋଇଛି। ସିବିଆଇର ଏଭଳି ପାତର ଅନ୍ତର ନୀତିକୁ ବିଭିନ୍ନ ନେତା ସମାଲୋଚନା କରିଛନ୍ତି।

୨୦୧୪ର ଏକ ଲାଞ୍ଚ କାରବାର ମାମଲାରେ ସିବିଆଇ ପଶ୍ଚିମବଙ୍ଗ ମନ୍ତ୍ରୀ ଫିର୍‌ହାଦ ହକିମ, ସୁବ୍ରତ ମୁଖାର୍ଜୀ, ଟିଏମ୍‌ସି ବିଧାୟକ ମଦନ ମିତ୍ର ଏବଂ ପୂର୍ବତନ ମନ୍ତ୍ରୀ ଶୋଭନ ଚାଟାର୍ଜୀଙ୍କୁ ଗିରଫ କରିଥିଲା। ଫଳରେ କୋଲକାତାର ନିଜାମ ପ୍ୟାଲେସ୍‌ରେ ଥିବା ସିବିଆଇ କାର୍ଯ୍ୟାଳୟ ରାଜନୈତିକ ରଣଭୂମି ପାଲଟିଥିଲା। ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ତାଙ୍କ ସମର୍ଥକମାନଙ୍କ ସହ ସେଠାରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସେ ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ଧାରଣାରେ ବସିଥିଲେ। ମୋତେ ମଧ୍ୟ ଗିରଫ କରାଯାଉ ବୋଲି ମମତା ଦାବି କରିଥିଲେ। ସମର୍ଥକମାନେ ଲକ୍‌ଡାଉନ କଟକଣା ଭୁଲିଯାଇ ସୁରକ୍ଷା ବଳ ଉପରକୁ ଢେଲାମାଡ଼ କରିଥିଲେ। ତୃଣମୂଳ କଂଗ୍ରେସ କର୍ମୀମାନେ ବିଭିନ୍ନ ସ୍ଥାନରେ ଲକ୍‌ଡାଉନ ନିୟମକୁ ଅବଜ୍ଞା କରି କେନ୍ଦ୍ରର ଭାଜପା ନେତୃତ୍ୱାଧୀନ ସରକାର ବିରୋଧରେ ସ୍ଲୋଗାନ ଦେବା ସହ ସୁରକ୍ଷା କର୍ମୀଙ୍କ ସହ ମୁହାଁମୁହିଁ ହୋଇଥିଲେ। ହୁଗ୍‌ଲି, ଉତ୍ତର ୨୪ ପ୍ରଗଣା ଓ ଦକ୍ଷିଣ ୨୪ ପ୍ରଗଣା ଜିଲାର ବିଭିନ୍ନ ସ୍ଥାନରେ ବିକ୍ଷୋଭକାରୀମାନେ ଟାୟାର ଜାଳି ରାସ୍ତା ଅବରୋଧ କରିଥିଲେ।

ସୂଚନାଯୋଗ୍ୟ ୨୦୧୯ରେ ତତ୍କାଳୀନ କୋଲକାତା ପୋଲିସ କମିଶନର ରାଜୀବ କୁମାରଙ୍କୁ ସାରଦା ଚିଟ୍‌ଫଣ୍ଡ ଦୁର୍ନୀତି ମାମଲାରେ ସିବିଆଇ ଜେରା ପାଇଁ ନେବାରୁ ମମତା ଏହାର ପ୍ରତିବାଦରେ ଧାରଣାରେ ବସିଥିଲେ। କୋଲକାତା ହାଇକୋର୍ଟ ଷ୍ଟିଙ୍ଗ୍ ଅପରେଶନ ଲାଞ୍ଚ ମାମଲାର ତଦନ୍ତ ସିବିଆଇକୁ ଦେଇଥିଲେ। ତଦନ୍ତକାରୀ ଅଧିକାରୀଙ୍କ କାର୍ଯ୍ୟରେ ମମତା ବାଧା ସୃଷ୍ଟି କରୁଥିବା ସିବିଆଇ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି।


କୋଲକାତା ସିବିଆଇ ଅଫିସ ସମ୍ମୁଖରେ ଟିଏମ୍‌ସି କର୍ମୀ-ଯବାନ ମୁହାଁମୁହିଁ।


ଅଫିସ୍ ଆଗରେ ମମତାଙ୍କ ଧାରଣା।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୧୬,୪୦,୫୭,୦୦୯ | ୩୩,୯୯,୧୩୧ | ୧୪,୨୬,୯୧,୩୮୩ |
| ଭାରତ | ୨,୫୧,୯୪,୪୫୩ | ୨,୭୭,୯୪୮ | ୨,୧୫,୪୧,୧୮୩ |
| ଓଡ଼ିଶା | ୬,୨୨,୯୮୧ | ୨୩୩୫(+୫୩) | ୫,୨୬,୩୫୩ |

ସୋମବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ଏବଂ ଓଡ଼ିଶା ସରକାର



# ସଂକ୍ରମଣ ଖସିଲା, ଖୋର୍ଦ୍ଧାକୁ କଟକ ଟପିଲା

## ଦିନକରେ ୧୦,୭୫୭ ଚିହ୍ନଟ, ୨୨ ମୃତ

ଭୁବନେଶ୍ୱର, ୧୭।୫(ବ୍ୟୁରୋ)

■ ୨ରୁ ୮ସପ୍ତାହ ପରେ ଲକ୍‌ଡାଉନ୍ ପ୍ରଭାବ ଜଣାପଡିବ

■ ଗ୍ରାମୀଣ ସ୍ଥିତିକୁ ନେଇ ଚିନ୍ତାବ୍ୟକ୍ତକଲେ ସ୍ୱାସ୍ଥ୍ୟ ବିଶେଷଜ୍ଞ

ରାଜ୍ୟରେ ତିନିଦିନ ହେବ ଦୈନିକ ଆକ୍ରାନ୍ତ ସଂଖ୍ୟା କମିବାରେ ଲାଗିଛି। ୧୪ ତାରିଖରେ ୧୨ହଜାର ଉପରେ ସଂକ୍ରମଣ ରହିଥିବାବେଳେ ଏବେ ୧୦ହଜାରକୁ ଖସି ଆସିଛି। ଗତ ୨୪ ଘଣ୍ଟାରେ ରାଜ୍ୟରେ ମୋଟ ୧୦,୭୫୭ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସେହିଭଳି ଦୈନିକ ସଂକ୍ରମଣର ଶୀର୍ଷରେ ରହୁଥିବା ଖୋର୍ଦ୍ଧା ଜିଲାର ସ୍ଥିତିରେ ବି ପରିବର୍ତ୍ତନ ଆସିଛି। ଏପ୍ରିଲ ୨୭ ତାରିଖରୁ ପ୍ରତିଦିନ ଆକ୍ରାନ୍ତ ସଂଖ୍ୟା ୧ହଜାରରୁ ୧୩ଶହ ମଧ୍ୟରେ ରହୁଥିବାବେଳେ ଏବେ ଏହା ତଳକୁ ଖସି ଆସିଛି। ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ଖୋର୍ଦ୍ଧାରୁ ୯୦୯ଜଣ ରହିଛନ୍ତି। ହେଲେ କିଛିଦିନ ହେବ ତୃତୀୟ ସ୍ଥାନରେ ରହୁଥିବା କଟକ ଜିଲା ଦୈନିକ ସଂକ୍ରମଣରେ ଖୋର୍ଦ୍ଧାକୁ ଟପି ଶୀର୍ଷକୁ ଚାଲି ଆସିଛି। ଏହି ଜିଲାରୁ ସର୍ବାଧିକ ୯୭୩ଜଣ ପଜିଟିଭ୍ ବାହାରିଛନ୍ତି। ସେହିପରି ସୁନ୍ଦରଗଡ଼ରୁ ୮୩୨, ଅନୁଗୋଳ ୬୦୬, ବଲାଙ୍ଗୀର ୫୦୭, ନୂଆପଡ଼ା ୫୦୨, ବରଗଡ଼ ୪୦୪, ଭଦ୍ରକ ୪୪୩, ସମ୍ବଲପୁର ୪୯୪, ମୟୂରଭଞ୍ଜରୁ ୪୫୪ଜଣ ଚିହ୍ନଟ ହୋଇଥିବାବେଳେ ବାକିସବୁ ଜିଲାରୁ ଏହାଠାରୁ କମ୍ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ରାଜ୍ୟରେ ଆକ୍ରାନ୍ତ ସଂଖ୍ୟା ୬,୨୨,୯୮୧ରେ ପହଞ୍ଚିଛି। ସଂକ୍ରମଣ କମୁଥିଲେ ମଧ୍ୟ ମୃତ୍ୟୁ ଉପରମୁହାଁ ରହିଛି। ରାଜ୍ୟରେ ଆଉ ୨୨ଜଣଙ୍କ ଜୀବନ ନେଇଛି କରୋନା। ମୃତକଙ୍କ ମଧ୍ୟରେ ବୌଦ୍ଧ, ଖୋର୍ଦ୍ଧା, କୋରାପୁଟ, ନୂଆପଡ଼ା, ରାୟଗଡ଼ା ଓ ସୁନ୍ଦରଗଡ଼ରୁ ୩ଜଣ ଲେଖାଏ ଥିବାବେଳେ ଅନୁଗୋଳରୁ ୨, ଗଜପତି ଓ ପୁରୀରୁ ୨ଜଣ ଲେଖାଏ ରହିଛନ୍ତି। ଫଳରେ କରୋନାଜନିତ ମୃତ୍ୟୁ ସଂଖ୍ୟା ୨,୩୩୫କୁ ବୃଦ୍ଧି ପାଇଛି।

ଅନ୍ୟପଟେ ସହର ଅପେକ୍ଷା ଗାଁରେ ବଢ଼ୁଛି ସଂକ୍ରମଣ। ଗାଁରେ ଟେଷ୍ଟିଂ ସୁବିଧା ସେପରି ନାହିଁ। କେବଳ ଆଣ୍ଟିଜେନ ଟେଷ୍ଟ ହେଉଥିଲେ ମଧ ୪୨ରୁ ୫୦ପ୍ରତିଶତ ପଜିଟିଭ୍ ବାହାରୁଛନ୍ତି। ଏଥିରୁ ଗାଁରେ ସଂକ୍ରମଣ ବଢ଼ୁଛି ବୋଲି ସ୍ପଷ୍ଟ ହେଉଥିବା କହିଛନ୍ତି ସ୍ୱାସ୍ଥ୍ୟ ବିଶେଷଜ୍ଞ ଡା. ନିରୋଜ ମିଶ୍ର। ସେ କହିଛନ୍ତି, ଗାଁରେ ଶଟ୍‌ଡାଉନ୍ କି ଲକ୍‌ଡାଉନ ବାଧ କରିହେବ ନାହିଁ। ତେଣୁ ସରପଞ୍ଚ ଓ ଏନ୍‌ଜିଓ ମାଧ୍ୟମରେ ସଚେତନତା କରିବାକୁ ପଡ଼ିବ। ସେପଟେ କରୋନା ସ୍ଥିତି ନେଇ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନିରଞ୍ଜନ ମିଶ୍ର କହିଛନ୍ତି, ବର୍ତ୍ତମାନ ଆମେ ସ୍ଥିର ସ୍ଥିତିରେ ଅଛୁ। ସଂକ୍ରମଣ ଚେନ୍ ଭାଙ୍ଗିବା ପାଇଁ ଲକ୍‌ଡାଉନ ଜରୁରୀ ଥିଲା। ଲକ୍‌ଡାଉନର ପ୍ରଭାବ ୨ରୁ ୮ ସପ୍ତାହ ପରେ ଜଣାପଡ଼ିବ। ସଂକ୍ରମଣ ନିଶ୍ଚୟ କମିବ ବୋଲି ସେ କହିଛନ୍ତି। ସ୍ୱାସ୍ଥ୍ୟ ବିଭାଗର ଫୋକସ୍ ଏବେ ଗ୍ରାମାଞ୍ଚଳ ଉପରେ ରହିଛି। ଗାଁରେ ସିରିଜ ଟ୍ରେନିଂ ଚାଲିଛି। ଗାଁଗୁଡ଼ିକରେ ବଡ଼ ଫୋର୍ସ ହେଉଛନ୍ତି ଆଶା ଓ ଅଙ୍ଗନୱାଡ଼ି କର୍ମୀ। ସେମାନଙ୍କୁ ଟ୍ରେନିଂ ଦିଆଯାଇ ସ୍ୱତନ୍ତ୍ର ଭାବେ କରୋନା ସଂକ୍ରମଣ ଉପରେ ନଜର ରଖିବା ପାଇଁ କୁହାଯାଇଛି। ଜିଲାପାଳ ଓ ଜିଲା ଚିକିତ୍ସାଧିକାରୀ ରେଗୁଲାର ଆସେସମେଣ୍ଟ କରୁଛନ୍ତି। କେନ୍ଦ୍ରର ଏସ୍‌ଓପି ଆସିବା ପୂର୍ବରୁ ରାଜ୍ୟ ସରକାର ଆଗରୁ ହିଁ ଗାଁଗୁଡ଼ିକରେ ନିୟମ କାର୍ଯ୍ୟକାରୀ କରାଇଛନ୍ତି।

**ଭୟ ଛଡ଼ାଇନେଲା ଭୋକ...**




ଲକ୍‌ଡାଉନ୍ ଯୋଗୁ ହୋଟେଲ ବନ୍ଦ ଥିବାରୁ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲ ପରିସର ଆହାର କେନ୍ଦ୍ରରେ ରୋଗୀଙ୍କ ସମ୍ପର୍କୀୟମାନେ ଖାଦ୍ୟ ପାର୍ସଲ ନେବାକୁ ଧାଡ଼ିରେ ଭିଡ଼ ଲଗାଇଛନ୍ତି।

# ସଙ୍ଗୀତଜ୍ଞ ଅମରେନ୍ଦ୍ର ମହାନ୍ତିଙ୍କ ପରଲୋକ

ଭୁବନେଶ୍ୱର, (ବ୍ୟୁରୋ)/ କଟକ ଅଫିସ, ୧୭।୫



ବିଶିଷ୍ଟ ସଙ୍ଗୀତଜ୍ଞ ଅମରେନ୍ଦ୍ର ମହାନ୍ତିଙ୍କ ସୋମବାର ପରଲୋକ ଘଟିଛି। ତାଙ୍କୁ ୬୩ବର୍ଷ ବୟସ ହୋଇଥିଲା। ସେ କରୋନାରେ ଆକ୍ରାନ୍ତ ହୋଇ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ତାଙ୍କର ମୃତ୍ୟୁ ସମ୍ପର୍କରେ ଝିଅ ଅନ୍ୱେଷା ମହାନ୍ତି ସୂଚନା ଦେଇଛନ୍ତି। ଏପ୍ରିଲ ୨୪ରେ ଅମରେନ୍ଦ୍ର ପଜିଟିଭ୍ ଚିହ୍ନଟ ହୋଇଥିଲେ। ହୋମ୍ ଆଇସୋଲେଶନରେ ରହି ସେ ଔଷଧ ଖାଉଥିଲେ। ଜ୍ୱର ନ ଛାଡ଼ିବାରୁ ଗତ ୩ ତାରିଖରେ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ତିନିଦିନ ଭେଣ୍ଟିଲେଟରରେ ରଖାଯାଇଥିଲା। ଭେଣ୍ଟିଲେଟରରୁ ବାହାରିବା ପରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଆସିଥିଲା। କିନ୍ତୁ ରବିବାରଠାରୁ ପୁଣି ତାଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିବାରେ ଲାଗିଥିଲା। ସୋମବାର ଭୋର ୫ଟାରେ ତାଙ୍କର ମୃତ୍ୟୁ ହୋଇଥିବା ନେଇ ହସ୍ପିଟାଲ ପକ୍ଷରୁ ସୂଚନା ଦିଆଯାଇଥିବା ଅନ୍ୱେଷା କହିଛନ୍ତି। କୋଭିଡ୍ ଗାଇଡ୍‌ଲାଇନ୍ ଅନୁସାରେ ସତ୍ୟନଗର ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା।

୧୯୫୮ ଫେବୃୟାରୀ ୬ରେ କେନ୍ଦ୍ରାପଡ଼ାରେ ଜନ୍ମଗ୍ରହଣ କରିଥିଲେ ଅମରେନ୍ଦ୍ର। କଟକକୁ ସେ କର୍ମ ଓ ସଙ୍ଗୀତ ସାଧନାରେ ପ୍ରମୁଖ କ୍ଷେତ୍ର ଭାବେ ବାଛିନେବା ସହ ସେଠାରେ ହିଁ ପରିବାର ସହ ରହୁଥିଲେ। ଓଡ଼ିଆ ଚଳଚ୍ଚିତ୍ର, ଆଲବମ୍, ଭଜନ, ଅପେରା ଜଗତରେ ସେ ବୁଲୁ ଭାଇ ଭାବେ ପରିଚିତ ଥିଲେ। ଭଜନ ସମ୍ରାଟ ଭିକାରୀ ବଳ ଓ ସୁନନ୍ଦା ପଟ୍ଟନାୟକଙ୍କ ପାଖରୁ ସଙ୍ଗୀତ ଶିକ୍ଷା କରିଥିବା ଅମରେନ୍ଦ୍ର ଆକାଶବାଣୀ କଟକରୁ ନିଜର ସଙ୍ଗୀତ ଜୀବନ ଆରମ୍ଭ କରିଥିଲେ। ସେ ବହୁ ସଙ୍ଗୀତରେ ନିର୍ଦ୍ଦେଶନା ଦେବା ସହ ନିଜେ ମଧ କଣ୍ଠଦାନ କରିଛନ୍ତି। ୧୯୯୩ରେ ଓଡିଆ ଚଳଚ୍ଚିତ୍ର 'ଶ୍ରଦ୍ଧାଞ୍ଜଳି'ରେ ସେ ପ୍ରଥମେ ସଙ୍ଗୀତ ନିର୍ଦ୍ଦେଶନା ଦେଇଥିଲେ। 'ଭାଇ ହେଲା ଭଗାରୀ'(୧୯୯୪), 'ସୁନା ପଞ୍ଜୁରି'(୧୯୯୫), 'ବସୁଧା'(୧୯୯୬), 'ରାମ ଲକ୍ଷ୍ମଣ'(୧୯୯୭), 'ସିଂହବାହିନୀ'(୧୯୯୮), 'ସରପଞ୍ଚ ବାବୁ', 'ପବିତ୍ର ବନ୍ଧନ'(୧୯୯୯), 'ଧର୍ମ ଦେବତା'(୨୦୦୧), 'ପରିମହଲ'(୨୦୦୩), 'କଣ୍ଢେଇ ଆଖିରେ ଲୁହ'(୨୦୦୪), 'ଅଣ୍ଟି ଛୁରି ତଣ୍ଟି କାଟେ', 'ହେ ସଖା', 'ପ୍ରେମ ଅଲଗା ପ୍ରକାର', 'ରଙ୍ଗ ବରଷିବ ଟୁପୁରୁ ଟାପୁରୁ' ଆଦି ୩୦ରୁ ଊର୍ଦ୍ଧ୍ୱ ଓଡିଆ ଚଳଚ୍ଚିତ୍ରରେ ସେ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି। ୨୦୦୧ରେ ମୁକ୍ତିଲାଭ କରିଥିବା ଓଡିଆ ଚଳଚ୍ଚିତ୍ର 'ମାଗୁଣିର ଶଗଡ'ରେ ସଙ୍ଗୀତ ନିର୍ଦ୍ଦେଶନା ଦେଇ ସେ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ପାଇଛନ୍ତି। 'ପୁରୁକି ଗାଲି ଫେଶନ ବାଲି', 'ଶୋଇଯା ମାମା', 'ଚାନ୍ଦର ଚାନ୍ଦିନୀ ପରୀ', 'ତୁମକୁ ପାଇ ମୁଁ ଖୁସିରେ ପାଗଳ ଆଜି', 'ସୁନାର ଚଢ଼େଇ', 'ମୋ ମନ ଉଡ଼ି ଉଡ଼ି ଯାଏରେ' ଆଦି ହେଉଛି ତାଙ୍କର ଲୋକପ୍ରିୟ ସଙ୍ଗୀତ। 'ଚାଲ ବେଗି ବେଗି ଯିବା ସଙ୍ଗାତ', 'ଥକାମନ ଚାଲ ଯିବା', 'ମୁଁ ତ ବଡ ଦେଉଳର ପାରା', 'ମିଛ ଦୁନିଆରେ ଗୋଟିଏ ସତ' ଆଦି ସୁମଧୁର ଭଜନ ଲୋକଙ୍କ ହୃଦୟ ଜିଣିଥିଲା। ଏଥିସହ ସୋନୁ ନିଗମ ଓ ମହମ୍ମଦ ଅଜିଜ୍‌ଙ୍କ ଭଳି ବହୁ ବଲିଉଡ୍ କଣ୍ଠଶିଳ୍ପୀ ଗାଇଥିବା ହିଟ୍ ଓଡ଼ିଆ ଗୀତରେ ଅମରେନ୍ଦ୍ର ନିର୍ଦ୍ଦେଶନା ଦେଇଛନ୍ତି। ସେ ୪୦ ବର୍ଷ ସିନେମା ଓ ୧୮ ବର୍ଷ ଅପେରାରେ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି । ଅମରେନ୍ଦ୍ରଙ୍କ ବିୟୋଗରେ ଓଡ଼ିଆ ସିନେ ଓ ସଙ୍ଗୀତ ଜଗତରେ ଶୋକର ଛାୟା ଖେଳିଯାଇଛି।

## ରାଜ୍ୟପାଳ, ମୁଖ୍ୟମନ୍ତ୍ରୀଙ୍କ ଶୋକ

ସଙ୍ଗୀତଜ୍ଞ ଅମରେନ୍ଦ୍ର ମହାନ୍ତିଙ୍କ ବିୟୋଗରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୋକ ପ୍ରକାଶ କରିଛନ୍ତି। ରାଜ୍ୟପାଳ ଟୁଇଟ୍ କରି ଲେଖିଛନ୍ତି ଯେ, ଅମରେନ୍ଦ୍ରଙ୍କ ଦେହାନ୍ତ ଖବର ପାଇ ମୁଁ ଦୁଃଖିତ। ତାଙ୍କ ପରିବାର ଓ ବନ୍ଧୁଙ୍କୁ ସମବେଦନା ଜଣାଉଛି। ଓଡ଼ିଆ ସଙ୍ଗୀତ ପ୍ରତି ତାଙ୍କର ସୃଜନଶୀଳତା ଓ ଅବଦାନ ଚିରସ୍ମରଣୀୟ ବୋଲି ରାଜ୍ୟପାଳ କହିଛନ୍ତି। ସେହିପରି ମୁଖ୍ୟମନ୍ତ୍ରୀ ଦୁଃଖ ପ୍ରକାଶ କରିବା ସହ କହିଛନ୍ତି, ସ୍ୱତନ୍ତ୍ର ସଙ୍ଗୀତ ସଂଯୋଜନା ଶୈଳୀ ମାଧ୍ୟମରେ ଭଜନ ଓ ଚଳଚ୍ଚିତ୍ର ଜଗତରେ ଅମରେନ୍ଦ୍ର ଛାଡ଼ି ଯାଇଥିବା ଛାପ ସର୍ବଦା ସ୍ମରଣୀୟ। ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି ମୁଖ୍ୟମନ୍ତ୍ରୀ ସମବେଦନା ଜଣାଇଛନ୍ତି।

# ପୂର୍ବତନ ମନ୍ତ୍ରୀ କାର୍ତ୍ତିକ ପ୍ରସାଦ ତରିଆଙ୍କ ପରଲୋକ

ସୋନପୁର/ଅମରପାଲି,୧୭।୫(ନି.ପ୍ର./ଡି.ଏନ.ଏ.): ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା କାର୍ତ୍ତିକ ପ୍ରସାଦ ତରିଆଙ୍କ ସୋମବାର ରାତିରେ ୭୦ବର୍ଷ ବୟସରେ ପରଲୋକ ହୋଇଯାଇଛି।



ସେ ଦୀର୍ଘଦିନ ଧରି ଯକୃତ ରୋଗରେ ପୀଡିତ ଥିଲେ। ହାଇଦ୍ରାବାଦ୍‌ରେ ରହି ସେ ଚିକିତ୍ସିତ ହେଉଥିଲେ। ୭ଦିନ ପୂର୍ବରୁ ବୁର୍ଲା ସ୍ଥିତ ଝିଅଘରକୁ ଫେରିଥିଲେ। ତରିଆ ୧୯୮୫ରେ ବୀରମହାରାଜପୁର ସଂରକ୍ଷିତ ନିର୍ବାଚନମଣ୍ଡଳୀରୁ କଂଗ୍ରେସ ଟିକେଟରୁ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ସେ ହେମାନନ୍ଦ ବିଶ୍ୱାଳଙ୍କ ମୁଖ୍ୟମନ୍ତ୍ରିତ୍ୱ ସମୟରେ ମାତ୍ର ୬ ମାସ ପାଇଁ କୃଷି ଓ ସମବାୟ ବିଭାଗର ରାଷ୍ଟ୍ରମନ୍ତ୍ରୀ ଥିଲେ । କାର୍ତ୍ତିକ ଏବେ କୋସଲ ରାଜ୍ୟ ସମନ୍ୱୟ ସମିତିର କେନ୍ଦ୍ରୀୟ ସଭାପତି ଓ ବୀରମହାରାଜପୁର ଉପଖଣ୍ଡ ଓକିଲ ସଂଘର ସଭାପତିଭାବେ କାର୍ଯ୍ୟ କରୁଥିଲେ। ଜଣେ ଦକ୍ଷ ରାଜନେତା ଓ ଆଇନଜୀବୀ ଭାବରେ ତାଙ୍କର ଖ୍ୟାତି ଥିଲା।

# 'ମମତା' ଯୋଜନା ପଞ୍ଜୀକରଣ ଅବଧି ୭ ମାସକୁ ବୃଦ୍ଧି

**ପ୍ରବାସୀ ମହିଳା, ଶିଶୁଙ୍କ ତୁରନ୍ତ ପଞ୍ଜୀକରଣ ନିର୍ଦ୍ଦେଶ**

ଭୁବନେଶ୍ୱର, ୧୭।୫(ବ୍ୟୁରୋ)

କରୋନା ପାଇଁ ରାଜ୍ୟରେ ଏବେ ଅଙ୍ଗନୱାଡି କେନ୍ଦ୍ରଗୁଡ଼ିକ ବନ୍ଦ ରହିଛି। ସାରା ଦେଶରେ ଲକ୍‌ଡାଉନ ପରିସ୍ଥିତି ଜାରି ରହିଥିବାରୁ ବହୁ ସଂଖ୍ୟାରେ ପ୍ରବାସୀ ଓଡ଼ିଶା ଫେରୁଛନ୍ତି। ଏଭଳି ସମୟରେ କରୋନା ମାର୍ଗଦର୍ଶିକାର କଡ଼ାକଡ଼ି ଅନୁପାଳନ ମଧ୍ୟରେ ସମସ୍ତ ଅଙ୍ଗନୱାଡି ସେବା ଜାରି ରଖିବା ସହିତ ଫେରୁଥିବା ସମସ୍ତ ପ୍ରବାସୀ ଗର୍ଭବତୀ ଓ ପ୍ରସୂତି ମହିଳା ଏବଂ ୬ବର୍ଷରୁ କମ୍ ବୟସର ଶିଶୁଙ୍କୁ ପଞ୍ଜୀକରଣ କରି ସେବା ଯୋଗାଇବାକୁ ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ମନ୍ତ୍ରୀ ଟୁକୁନି ସାହୁ ନିର୍ଦ୍ଦେଶ ଦେଇଛନ୍ତି। ସୋମବାର ମନ୍ତ୍ରୀ ଭର୍ଚୁଆଲରେ ସାମ୍ପ୍ରତିକ କୋଭିଡ୍ ପରିସ୍ଥିତିରେ ବିଭାଗ ପକ୍ଷରୁ ନିଆଯାଇଥିବା ପଦକ୍ଷେପର ସମୀକ୍ଷା କରିଥିଲେ। ସମନ୍ୱିତ ଶିଶୁବିକାଶ ଓ ସମାଜ କଲ୍ୟାଣ ନିର୍ଦ୍ଦେଶକ ଅରବିନ୍ଦ ଅଗ୍ରୱାଲ ବିଭାଗୀୟ କାର୍ଯ୍ୟକ୍ରମ ଓ ପଦକ୍ଷେପ ସମ୍ପର୍କରେ ସୂଚନା ଦେଇଥିଲେ। ଲକ୍‌ଡାଉନ ଯୋଗୁ ଗର୍ଭବତୀ ଓ ପ୍ରସୂତିମାନେ 'ମମତା ଯୋଜନା' ରେ ନାମ ପଞ୍ଜୀକରଣଜନିତ ସମସ୍ୟାର ସମ୍ମୁଖୀନ ହେଉଛି। ତେଣୁ ଯୋଜନାର ନିୟମାବଳୀରେ ସଂଶୋଧନ କରାଯାଇଛି। ପୂର୍ବରୁ ଏହି ସହାୟତା




ପାଇବା ନିମନ୍ତେ ପ୍ରଥମ ଗର୍ଭଧାରଣର ୩ମାସ ମଧ୍ୟରେ ପଞ୍ଜୀକରଣ ହେଉଥିବାବେଳେ ଏବେ ଏହି ଅବଧିକୁ ୬ମାସ ପର୍ଯ୍ୟନ୍ତ ଓ ଅତି କଠିନ ସ୍ଥିତିରେ ୭ମାସକୁ ବୃଦ୍ଧି କରାଯାଇଛି। ରାଜ୍ୟକୁ ଫେରୁଥିବା ପ୍ରବାସୀ ମହିଳାମାନେ କୌଣସି ଜାତୀୟ କିମ୍ବା ଅନ୍ୟ ରାଜ୍ୟରେ କାର୍ଯ୍ୟକାରୀ ହେଉଥିବା ପ୍ରସୂତିକାଳୀନ ସହାୟତା ଯୋଜନାର ଅନ୍ତର୍ଭୁକ୍ତ ହୋଇ ନ ଥିଲେ ଓଡ଼ିଶାରେ ମମତା ଯୋଜନାର ସୁଫଳ ପାଇପାରିବେ। ଏଥିପାଇଁ ସେମାନଙ୍କୁ ଏକ ଲିଖିତ ଅଣ୍ଡରଟେକିଂ ଦେବାକୁ ପଡ଼ିବ। ମହିଳାଙ୍କ ପାଇଁ ଉଦ୍ଦିଷ୍ଟ ୧୮୧ ହେଲ୍ପଲାଇନରେ ମଧ ମମତା ଯୋଜନା ସମ୍ବନ୍ଧୀୟ ସମସ୍ତ ଅଭିଯୋଗ ଗ୍ରହଣ କରାଯିବ। ଏ ସମସ୍ତ ପଦକ୍ଷେପ ସମ୍ପର୍କରେ ଜିଲାପାଳଙ୍କୁ ପତ୍ର ଲେଖି ଜଣାଯାଇଥିବା ଅରବିନ୍ଦ ଅଗ୍ରୱାଲ କହିଛନ୍ତି। ତୁରନ୍ତ ଯୋଗ୍ୟ ପ୍ରବାସୀ ହିତାଧିକାରୀଙ୍କୁ ଚିହ୍ନଟ କରି ଅଙ୍ଗନୱାଡିରେ ପଞ୍ଜୀକରଣ କରିବା ସହିତ ସେମାନଙ୍କୁ ସମସ୍ତ ସେବା ଯୋଗାଇ ଦେବାକୁ ମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ବୈଠକରେ ବିଭାଗୀୟ ଯୁଗ୍ମ ଶାସନ ସଚିବ ରଶ୍ମିରଞ୍ଜନ ନାୟକ, ଧରଣୀଧର ନନ୍ଦ, ନିତ୍ୟାନନ୍ଦ ବାରିକ, ଗୀତାରାଣୀ ପଟ୍ଟନାୟକଙ୍କ ସମେତ ଅନ୍ୟ ଅଧିକାରୀମାନେ ଯୋଗଦେଇଥିଲେ।

# ୩୧ ଯାଏ ଓଏଚ୍‌ଆର୍‌ସି କାର୍ଯ୍ୟାଳୟକୁ ପ୍ରବେଶ ମନା

ଭୁବନେଶ୍ୱର,୧୭।୫(ବ୍ୟୁରୋ)

କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ତୋଷାଳୀ ଭବନସ୍ଥିତ ଓଡ଼ିଶା ମାନବାଧିକାର କମିଶନ (ଓଏଚ୍‌ଆର୍‌ସି)ଙ୍କ କାର୍ଯ୍ୟାଳୟରେ ସାମାଜିକ ଦୂରତ୍ୱକୁ ଗୁରୁତ୍ୱ ଦିଆଯାଇଛି। ଏହି କ୍ରମରେ ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ ଉକ୍ତ କାର୍ଯ୍ୟାଳୟରେ କାର୍ଯ୍ୟ ବନ୍ଦ ରହିବ। ଏହି ସମୟରେ ସର୍ବସାଧାରଣ, ପିଟିଶନର ଓ ପ୍ରତିପକ୍ଷଙ୍କୁ ଆସିବାକୁ ବାରଣ କରାଯାଇଛି। କେବଳ ଅନୁମତି ଦିଆଯାଇଥିବା କର୍ମଚାରୀଙ୍କଦ୍ୱାରା ଅଫିସ କାର୍ଯ୍ୟ ହେବ। ପଞ୍ଜୀକରଣ ପୂର୍ବପରି ଚାଲୁରହିବ। ଏହି ସମୟରେ କେବଳ ଜରୁରୀ ମାମଲାଗୁଡିକର ଶୁଣାଣି ହେବ। ଅଭିଯୋଗଗୁଡିକ ଓଏଚ୍‌ଆର୍‌ସି ଅଫିସିଆଲ ଇମେଲ (ohrc@nic.in) ରେ ଫାଇଲ କରିପାରିବେ। ଜରୁରୀ ଶୁଣାଣି ପାଇଁ ଓଏଚ୍‌ଆରସିର ଆସିଷ୍ଟାଣ୍ଟ ରେଜିଷ୍ଟ୍ରାରଙ୍କୁ ୮୭୬୩୬୪୨୦୮୦ରେ ଯୋଗାଯୋଗ କରିପାରିବେ। ଅତି ଜରୁରୀ ମାମଲାଗୁଡିକର ଶୁଣାଣି କମିଶନ ଅଧକ୍ଷଙ୍କ ଅନୁମତିକ୍ରମେ ଭର୍ଚୁଆଲ ମୋଡ୍‌ରେ କରାଯିବ ବୋଲି ସଚିବ ଏକ ବିଜ୍ଞପ୍ତି ମାଧ୍ୟମରେ ଜଣାଇଛନ୍ତି।

# ୪୦ ଡିଗ୍ରୀ ଟପିଲା ୬ ସହର

ଭୁବନେଶ୍ୱର,୧୭।୫(ବ୍ୟୁରୋ)

**୨୧ରୁ ଝଡ଼ବର୍ଷା**

ଗତ କିଛିଦିନ ଧରି ଲଗାତର ଝଡ଼ବର୍ଷା ହେବା ଯୋଗୁ ରାଜ୍ୟରେ ଗ୍ରୀଷ୍ମର ପ୍ରକୋପ କମ୍ ରହିଥିଲା। ସୋମବାରଠାରୁ ଏହାର ପ୍ରକୋପ ପୁଣି ବୃଦ୍ଧି ପାଇଛି। ରାଜ୍ୟର ୬ଟି ସ୍ଥାନରେ ସର୍ବୋଚ୍ଚ ତାପମାତ୍ରା ୪୦ ଡିଗ୍ରୀ ସେଲ୍‌ସିୟସ ଉପରେ ରହିଛି। ପାରଦ ଉପରମୁହାଁ ହେବା ସାଙ୍ଗକୁ ପ୍ରବଳ ଗରମ ଓ ଗୁଳୁଗୁଳି ଅସ୍ତବ୍ୟସ୍ତ କରିଛି। ସର୍ବୋଚ୍ଚ ତାପମାତ୍ରା ୩ରୁ ୪ ଡିଗ୍ରୀ ସେଲ୍‌ସିୟସ ଯାଏ ବଢ଼ିଯାଇଛି। ଆସନ୍ତା ୨୦ ତାରିଖ ଯାଏ ରାଜ୍ୟରେ ପ୍ରବଳ ଖରା ସାଙ୍ଗକୁ ଗୁଳୁଗୁଳି ହେବାର ସମ୍ଭାବନା ରହିଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ବୌଦ୍ଧରେ ସର୍ବୋଚ୍ଚ ତାପମାତ୍ରା ୪୧ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଥିବା ବେଳେ ଅନୁଗୋଳ ୪୦.୭, ସମ୍ବଲପୁର ୪୦.୫, ଟିଟିଲାଗଡ଼ ୪୦, ମାଲକାନଗିରି ୪୦, ସୋନପୁର ୪୦.୮, ଭୁବନେଶ୍ୱର ୩୯, ବାରିପଦା ୩୯.୨, ଝାରସୁଗୁଡ଼ା ୩୯.୨, ହୀରାକୁଦ ୩୯.୧, ତାଳଚେର ୩୯.୩, ଭବାନୀପାଟଣା ୩୯.୫, ବଲାଙ୍ଗୀର ୩୯.୫, ଫୁଲବାଣୀରେ ସର୍ବୋଚ୍ଚ ତାପମାତ୍ରା ୩୯.୫ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି। ତେବେ ଆସନ୍ତା ୨୧ ତାରିଖରେ ପାଗରେ ପରିବର୍ତ୍ତନ ହେବ । ରାଜ୍ୟର ଅନେକ ସ୍ଥାନରେ ଝଡ଼ବର୍ଷା ହେବାର ସମ୍ଭାବନା ରହିଛି। ଏ ନେଇ ପାଣିପାଗ ବିଭାଗ ପକ୍ଷରୁ ୟେଲୋ ୱାର୍ନିଂ ଜାରି କରାଯାଇଛି।

# ଖରିଫଚାଷ ପୂର୍ବରୁ ସରକାରଙ୍କ ପ୍ରସ୍ତୁତି

ଭୁବନେଶ୍ୱର,୧୭।୫(ବ୍ୟୁରୋ)



କୃଷିମନ୍ତ୍ରୀ ଅରୁଣ ସାହୁ ଭିଡିଓ କନ୍‌ଫରେନ୍ସରେ ସୂଚନା ଦେଉଛନ୍ତି।

କୃଷି ଅର୍ଥନୀତିର ମେରୁଦଣ୍ଡ ହୋଇଥିବା ବେଳେ ଖରିଫ ଚାଷ ରାଜ୍ୟର କୃଷିକ୍ଷେତ୍ର ନିମନ୍ତେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଗତ ଖରିଫଋତୁରେ କୋଭିଡ୍-୧୯ର ଅସ୍ୱାଭାବିକ ପରିସ୍ଥିତିକୁ ସମ୍ମୁଖୀନ ହୋଇ ମଧ୍ୟ କୃଷକଙ୍କ କଠିନ ପରିଶ୍ରମ ଏବଂ ରାଜ୍ୟ ସରକାରଙ୍କ ସମୟୋଚିତ ପଦକ୍ଷେପ ଯୋଗୁ ରେକର୍ଡ ପରିମାଣର ଉତ୍ପାଦନ ହୋଇପାରିଥିଲା। ଚଳିତ ଖରିଫଋତୁରେ କରୋନା ୨ୟ ଲହରକୁ ଉଚିତ ମୁକାବିଲା ଓ ମାର୍ଗଦର୍ଶିକା ପାଳନକରି ରାଜ୍ୟର କୃଷକମାନେ ଆଶାନୁରୂପ ଫସଲ ଉତ୍ପାଦନ କରିବେ ବୋଲି ଆଶା ରହିଛି। କୃଷକଙ୍କ ଆୟ ବହୁଗୁଣିତ କରିବା ନିମନ୍ତେ ସମନ୍ୱିତ କୃଷି ଓ ଅଧିକ ଅର୍ଥକରୀ ଫସଲ ଚାଷୀ ଉପରେ ଗୁରୁତ୍ୱ ଦିଆଯାଉଛି ବୋଲି କୃଷିମନ୍ତ୍ରୀ ଅରୁଣ କୁମାର ସାହୁ କହିଛନ୍ତି।

ଭର୍ଚୁଆଲ ମାଧ୍ୟମରେ ସୋମବାର ଆୟୋଜିତ ଖରିଫ କାର୍ଯ୍ୟକ୍ରମ-୨୦୨୧ର ଏକ ଉଚ୍ଚସ୍ତରୀୟ ବୈଠକରେ ଅଧକ୍ଷତା କରି ମନ୍ତ୍ରୀ ସାହୁ କହିଛନ୍ତି, ଭାରତୀୟ ପାଣିପାଗ ବିଭାଗର ପୂର୍ବାନୁମାନ ଅନୁଯାୟୀ ରାଜ୍ୟରେ ସ୍ୱାଭାବିକ ବର୍ଷା ହେବ। ଖରିଫରେ ମୋଟ୍ ୧୧୭.୫ ଲକ୍ଷ ମେଟ୍ରିକ୍ ଟନ ଖାଦ୍ୟଶସ୍ୟ ଉତ୍ପାଦନ ହେବା ଆଶା ରହିଛି। ୫.୩ ଲକ୍ଷ ମେଟ୍ରିକ ଟନ୍ ଡାଲି ଜାତୀୟ ଫସଲ ସମେତ ୧୦୨ ଲକ୍ଷ ମେଟ୍ରିକ ଟନ୍ ଶସ୍ୟ, ୩.୦୧ ଲକ୍ଷ ମେଟ୍ରିକ ଟନ୍ ତୈଳବୀଜ, ୬.୮୨ ଲକ୍ଷ ଗାଣ୍ଠି କପା, ୧ ଲକ୍ଷ ଗାଣ୍ଠି ଝୋଟ ଓ ମେସ୍ତା, ୫.୩୯ ଲକ୍ଷ ମେଟ୍ରିକ ଟନ୍ ମସଲା ଏବଂ ପ୍ରାୟ ୭୨ ଲକ୍ଷ ମେଟ୍ରିକ ଟନ ପନିପରିବା ଉତ୍ପାଦନର ଲକ୍ଷ୍ୟ ରଖାଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କୃଷକଙ୍କ ଆୟ ଦ୍ୱିଗୁଣିତ ଓ ବହୁଗୁଣିତ କରିବା ପାଇଁ ଆହ୍ୱାନ ଦେଇଥିବା ବେଳେ ଫସଲର ବିବିଧୀକରଣ ଏବଂ ସମନ୍ୱିତ କୃଷି କାର୍ଯ୍ୟ ଦ୍ୱାରା ଏହି ଲକ୍ଷ୍ୟ ହାସଲ କରିହେବ ବୋଲି ସେ କହିଛନ୍ତି। ଚାଷୀମାନେ ଯେପରି ଆବଶ୍ୟକ କୃଷି ସାମଗ୍ରୀ ଓ ଉନ୍ନତ ମାନର ବିହନ ଏବଂ ସାର ଠିକ୍ ସମୟରେ ଓ ପର୍ଯ୍ୟାପ୍ତ ପରିମାଣରେ ପାଇପାରିବେ ସେନେଇ ଧ୍ୟାନଦେବାକୁ ମନ୍ତ୍ରୀ ସାହୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

# ମାଛ ବେପାର ଆଳରେ ବ୍ରାଉନସୁଗାର ଚାଲାଣ

ଭୁବନେଶ୍ୱର,୧୭।୫(ବ୍ୟୁରୋ)



ଜବତ ବ୍ରାଉନ୍ ସୁଗାର, ମୋବାଇଲ, ଟଙ୍କା ସହ ଗିରଫ ଦୁଇ ଅଭିଯୁକ୍ତ।



**ଜଳେଶ୍ୱରରୁ ପିପିଲି ଭାୟା ଭୁବନେଶ୍ୱର**

■ ୫୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ଧଳାଜହର ଜବତ

■ ୨ଜଣଙ୍କୁ ଗିରଫ କଲା କମିଶନରେଟ ପୋଲିସ

ଲକ୍‌ଡାଉନ୍ ଓ ଶଟ୍‌ଡାଉନ୍‌ରେ କଡ଼ା ଯାଞ୍ଚ ସତ୍ତ୍ୱେ ରାଜ୍ୟରେ ଚାଲୁଛି ନିଶା କାରବାର। କଟକଣା ଗାଇଡ୍‌ଲାଇନ୍‌ରୁ ଫାଇଦା ଉଠାଇ ମାଛ ବେପାର ନାଁରେ ମାଫିଆମାନେ ବ୍ରାଉନସୁଗାରବେପାର ଚଳାଇଛନ୍ତି। ଖୋଦ୍ ରାଜଧାନୀ ଦେଇ ବ୍ରାଉନସୁଗାର ଚାଲାଣ କରୁଛନ୍ତି। ବାଲେଶ୍ୱରରୁ ଏକ ପିକ୍‌ଅପ ଭ୍ୟାନ୍‌ରେ ପିପିଲିକୁ ବ୍ରାଉନ୍‌ସୁଗାର ନେଇ ଯାଉଥିବାବେଳେ କମିଶନରେଟ୍ ପୋଲିସର କୁଇକ୍ ଆକ୍ସନ ଟିମ୍ (କ୍ୟୁଏଟି) ଓ ମଞ୍ଚେଶ୍ୱର ଥାନା ପୋଲିସ ହାଇଟେକ୍ ଛକରୁ ୨ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ବାଲେଶ୍ୱର ଜିଲା ଜଳେଶ୍ୱରର ମଦନ କୁମାର ବେହେରା(୨୭) ଓ ସେକ୍ ମଙ୍ଗଲୁ(୨୭)। ସେମାନଙ୍କ ନିକଟରୁ ୫୧୮ ଗ୍ରାମ୍ ବ୍ରାଉନସୁଗାର, ଏକ ପିକ୍‌ଅପ ଭ୍ୟାନ୍, ଦୁଇଟି ମୋବାଇଲ ଫୋନ ସହ ନଗଦ ୧୯୦୦ ଟଙ୍କା ଜବତ କରାଯାଇଛି। ଜବତ ବ୍ରାଉନ୍‌ସୁଗାରର ଆନୁମାନିକ ବଜାର ମୂଲ୍ୟ ୫୦ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ହେବ। ପୋଲିସ ଏନେଇ ମାମଲା ରୁଜୁ କରିବା ସହ ର୍‍ୟାକେଟରେ ସମ୍ପୃକ୍ତ ଅନ୍ୟମାନଙ୍କୁ ଧରିବାକୁ ଅଧିକ ତଦନ୍ତ ଚଳାଇଛି। ପୋଲିସ ସୂଚନା ଅନୁଯାୟୀ, ଅଭିଯୁକ୍ତ ମଦନ ଓ ମଙ୍ଗଲୁ ଜଳେଶ୍ୱର ଅଞ୍ଚଳରେ ମାଛ ବେପାର କରନ୍ତି। ସେମାନେ ପ୍ରତିଦିନ ପିପିଲି ଅଞ୍ଚଳକୁ ମାଛ ନେବାକୁ ଆସୁଥିଲେ। ତେବେ ମାଛ ବେପାର ଆଳରେ ସେମାନେ ବ୍ରାଉନସୁଗାର ଚୋରା ବେପାର କରୁଥିଲେ। ଜଳେଶ୍ୱରରୁ ବ୍ରାଉନ୍‌ସୁଗାର ଆଣି ଭୁବନେଶ୍ୱର ସମେତ ପିପିଲି ଓ ବାଟରେ ବିଭିନ୍ନ ଅଞ୍ଚଳକୁ ଯୋଗାଇଥାନ୍ତି। ଯିବାବେଳେ ପିପିଲିରୁ ମାଛ ନେଇ ଜଳେଶ୍ୱର ଅଞ୍ଚଳରେ ବିକ୍ରି କରିଥାନ୍ତି। ସେମାନେ ମାଛ ବେପାର କରୁଥିବା ସମସ୍ତେ ଜାଣିଥିଲେ ମଧ ମୁଖ୍ୟ ବେପାର ଥିଲା ବ୍ରାଉନସୁଗାର। ସେମାନେ ମୁଖ୍ୟତଃ ଭୁବନେଶ୍ୱରରକୁ ବ୍ରାଉନ୍‌ସୁଗାର ବ୍ୟବସାୟର ପେଣ୍ଠସ୍ଥଳ କରିଥିଲେ। ଏନେଇ କ୍ୟୁଏଟି ସୂଚନା ପାଇବା ପରେ ସେମାନଙ୍କ ଉପରେ ନଜର ରଖିଥିଲା। ରବିବାର ରାତିରେ ସେମାନେ ଜଳେଶ୍ୱରରୁ ପିକ୍‌ଅପ ଭ୍ୟାନରେ ବ୍ରାଉନସୁଗାର ନେଇ ଆସୁଥିବା ସୂଚନା ମିଳିଥିଲା। ମିଳିତ ଟିମ୍ ଭୁବନେଶ୍ୱର ହାଇଟେକ୍ ଛକ ନିକଟରେ ଜଗି ରହିଥିଲେ। ସୋମବାର ଭୋର୍ ସମୟରେ ଅଭିଯୁକ୍ତ ଦ୍ୱୟ ପହଞ୍ଚିବାମାତ୍ରେ ପ୍ରସ୍ତୁତ ରହିଥିବା ପୋଲିସ ଗାଡିକୁ ଅଟକାଇ ଘେରିଯାଇଥିଲା। ଯାଞ୍ଚ ପରେ ଦୁଇ ଅଭିଯୁକ୍ତଙ୍କ ନିକଟରୁ ବ୍ରାଉନସୁଗାର ବାହାରିଥିଲା।

**ଆଜିର ମନ୍ତବ୍ୟ**

"ପିଏମ୍ କେୟାର୍ସ ଭେଣ୍ଟିଲେଟର ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମଧ୍ୟରେ ଅନେକ ସାମଞ୍ଜସ୍ୟ ଅଛି। ଦରକାରବେଳେ କେହି ନିଜ କାମ କରିପାରୁନାହାନ୍ତି।

–ରାହୁଲ ଗାନ୍ଧୀ, କଂଗ୍ରେସ ନେତା

**ଜନ୍ମଦିନର ଶୁଭେଚ୍ଛା**

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................



ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ସୁପ୍ରିମକୋର୍ଟଙ୍କ ହସ୍ତକ୍ଷେପ ଲୋଡ଼ିଲା ଏଡିଆର

## ଇସି ସଦସ୍ୟ ନିଯୁକ୍ତି ପ୍ରସଙ୍ଗ

ନୂଆଦିଲ୍ଲୀ, ୧୭।୫

ନିର୍ବାଚନ କମିଶନ(ଇସି) ସଦସ୍ୟ ନିଯୁକ୍ତି ପାଇଁ ଏକ ନିରପେକ୍ଷ କମିଟି ଗଠନ କରିବା ଆବଶ୍ୟକ। ଏନେଇ ଆସୋସିଏଶନ ଫର ଡେମୋକ୍ରାଟିକ ରିଫର୍ମସ(ଏଡିଆର୍) ସୁପ୍ରିମକୋର୍ଟରେ ଏକ ମାମଲା ଦାୟର କରିଛି। ଦେଶରେ ସୁସ୍ଥ ଗଣତନ୍ତ୍ର ବାତାବରଣ ବଜାୟ ରଖିବା ସହ ନିର୍ବାଚନକୁ ଅବାଧ ଓ ନିରପେକ୍ଷ କରିବା ଏବଂ ରାଜନୈତିକ ଦଳ ଦ୍ୱାରା ନିର୍ବାଚନ କମିଶନଙ୍କୁ ଅପମାନିତ ନ ହେବା ପାଇଁ ଏଭଳି ବ୍ୟବସ୍ଥାର ଗୁରୁତ୍ୱ ରହିଛି ବୋଲି ଏଡିଆର ଦର୍ଶାଇଛି। ବର୍ତ୍ତମାନର କମିଶନ ସଦସ୍ୟ ନିଯୁକ୍ତି ପାଇଁ ଥିବା ବ୍ୟବସ୍ଥା ଏହାର ମୂଳ ବ୍ୟବସ୍ଥାକୁ ଉଲ୍ଲଂଘନ କରୁଛି। ଏହା ବ୍ୟବସ୍ଥାପକ ଏକ ଶାଖାରେ ପରିଣତ ହୋଇଛି। ନିରପେକ୍ଷ ନିର୍ବାଚନ ଲାଗି ସମ୍ବିଧାନ ପାର୍ଲାମେଣ୍ଟକୁ କମିଶନ ସ୍ୱଚ୍ଛତାର ସହ ସଦସ୍ୟ ନିଯୁକ୍ତି ଦେବା ଲାଗି ଦାୟିତ୍ୱ ଦେଇଛି। ମାତ୍ର ଏଥିରେ ରାଜନୈତିକ ହସ୍ତକ୍ଷେପ ଦେଖିବାକୁ ମିଳୁଛି। ବର୍ତ୍ତମାନ ପ୍ରଚଳିତ ନିଯୁକ୍ତି ବ୍ୟବସ୍ଥା ସମ୍ବିଧାନର ଅନୁଚ୍ଛେଦ ୩୨୪(୨) ଏବଂ ୧୪କୁ ଉଲ୍ଲଂଘନ କରୁଛି। ୨୦୧୫ ମାର୍ଚ୍ଚରେ ଲ' କମିଶନ ୨୫୫ତମ ରିପୋର୍ଟରେ କମିଶନ ସଦସ୍ୟ ନିଯୁକ୍ତି ନେଇ ଦେଇଥିବା ପ୍ରସ୍ତାବକୁ ଗ୍ରହଣ କରିବା ପାଇଁ ଆବେଦନ କରି ଦର୍ଶାଇଛନ୍ତି। ଏଥି ସହିତ ସମସ୍ତ ନିର୍ବାଚନ କମିଶନର ରାଷ୍ଟ୍ରପତିଙ୍କ ପରାମର୍ଶକ୍ରମେ ପ୍ରଧାନମନ୍ତ୍ରୀ, ପ୍ରଧାନ ବିଚାରପତି ଏବଂ ବିରୋଧୀ ଦଳ ନେତାଙ୍କୁ ନେଇ ଗଠିତ ୩ ଜଣିଆ କୋଲେଜିୟମ ବା ଚୟନ କମିଟି ଦ୍ୱାରା କରାଯିବା ଆବଶ୍ୟକ ବୋଲି ଏଡିଆର ପକ୍ଷରୁ ଆବେଦନରେ କୁହାଯାଇଛି।

# ମୌସୁମୀ ପୂର୍ବରୁ ବନ୍ୟା ପ୍ରସ୍ତୁତି

ଭୁବନେଶ୍ୱର, ୧୭।୫(ବ୍ୟୁରୋ)

ଆଗାମୀ ମୌସୁମୀ ବର୍ଷାକୁ ଦୃଷ୍ଟିରେ ରଖି ରାଜ୍ୟ ଜଳ ସମ୍ପଦ ବିଭାଗ ତରଫରୁ ସମ୍ଭାବ୍ୟ ବନ୍ୟା ମୁକାବିଲା ନେଇ ୨ୟ ପ୍ରସ୍ତୁତି ବୈଠକ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ଅନୁଷ୍ଠିତ ହୋଇଯାଇଛି। ବିଭାଗୀୟ ପ୍ରମୁଖ ଶାସନ ସଚିବ ଅନୁ ଗର୍ଗ ବୈଠକରେ ଅଧ୍ୟକ୍ଷତାକରି ଆଗାମୀ ସମ୍ଭାବ୍ୟ ବନ୍ୟା ପୂର୍ବରୁ ଏହାର ପ୍ରସ୍ତୁତି ନେଇ ବିଭାଗ ଦ୍ୱାରା ମାନକ କାର୍ଯ୍ୟବିଧି ପଦ୍ଧତି ବା ମାର୍ଗଦର୍ଶିକା (ଏସ୍‌ଓପି) ଅନୁସାରେ ସବୁ ପ୍ରକାର ପ୍ରସ୍ତୁତି ଶେଷ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ମହାନଦୀ ନିମ୍ନ ଅବବାହିକା ମୁଖ୍ୟଯନ୍ତ୍ରୀ ଭକ୍ତରଞ୍ଜନ ମହାନ୍ତି ପାୱାର ପଏଣ୍ଟ ଜରିଆରେ ବିଭାଗୀୟ ପ୍ରସ୍ତୁତି ସମ୍ପର୍କରେ ସବିଶେଷ ତଥ୍ୟ ଉପସ୍ଥାପନ କରିଛନ୍ତି। ବୈଠକରେ ନଦୀବନ୍ଧ ମରାମତି ନେଇ ଯୁଗ୍ମ ତନଖି, ଦୁର୍ବଳ ଥିବା ନଦୀବନ୍ଧ ଚିହ୍ନଟ, ବନ୍ୟା ନିୟନ୍ତ୍ରଣ ପାଇଁ ଆବଶ୍ୟକ ଉପକରଣ ମହଜୁଦ ରଖାଯିବା, ବିଭିନ୍ନ ସ୍ଥାନରେ ପୂର୍ବରୁ ହୋଇଥିବା ଘାଇ ଓ ଘଳିଆ ମରାମତି, ସ୍ଲୁଇସ୍ ଗେଟ୍ ଓ ବ୍ୟାରେଜ ଗେଟ୍‌ଗୁଡିକର ମରାମତି ତଥା ଉନ୍ନତୀକରଣ ବନ୍ୟା ସମୟରେ ଆଗୁଆ ସତର୍କ ସୂଚନା, ଗଣମାଧ୍ୟମକୁ ସୂଚନା ପ୍ରଦାନ, ସମ୍ପ୍ରତି କୋଭିଡ୍ କଟକଣା ମାର୍ଗଦର୍ଶିକା ଅନୁପାଳନ ପୂର୍ବକ ବନ୍ୟା ପ୍ରାକ୍ ପ୍ରସ୍ତୁତି ସହ ମୁକାବିଲା କାର୍ଯ୍ୟ ସମ୍ପାଦନ କରିବା ନେଇ ଗୁରୁତ୍ୱ ଦିଆଯାଇଛି। ଯେଉଁସବୁ ନଦୀବନ୍ଧର ଦୁର୍ବଳ ସ୍ଥାନରେ ସାମୟିକ ମରାମତି ବା ପୁନରୁଦ୍ଧାର କାର୍ଯ୍ୟ ବାକି ରହିଛି, ସେଗୁଡିକ ଜୁନ୍ ୧୫ ତାରିଖ ସୁଦ୍ଧା ଶେଷ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସମ୍ଭାବ୍ୟ ବନ୍ୟା ମୁକାବିଲା ପାଇଁ ଖାଲି ସିମେଣ୍ଟ ବ୍ୟାଗ୍, ବାଲି, ବାଉଁଶ, ବଲା ଆଦି ଜୁନ ୧ ତାରିଖ ସୁଦ୍ଧା ସରକାରୀ ବ୍ୟବସ୍ଥାରେ ସଂଗ୍ରହଣ ପରେ ଜୁନ ୧୫ ତାରିଖ ସୁଦ୍ଧା ଅତ୍ୟାବଶ୍ୟକ ସ୍ଥାନରେ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ବନ୍ୟା ମୁକାବିଲା ପାଇଁ ଆବଶ୍ୟକ ସାମଗ୍ରୀର ସଂଗ୍ରହଣ ଓ ମହଜୁଦ ସମ୍ପର୍କରେ ବିଭାଗୀୟ ୱେବ୍‌ସାଇଟରେ ଉପଲବ୍ଧ ହେବ। ସେହିପରି ୨୦୨୦ ବନ୍ୟାରେ ଚିହ୍ନଟ ହୋଇଥିବା ସମସ୍ତ ଘଳିଆର ମରାମତି କାର୍ଯ୍ୟ ଚଳିତ ମେ ମାସ ୨୫ ଏବଂ ଘାଇ ମରାମତି କାର୍ଯ୍ୟ ଜୁନ ୧୦ ତାରିଖ ସୁଦ୍ଧା ଶେଷ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସବୁ ଘାଇ ମରାମତି ସମ୍ପର୍କିତ ସ୍ଥିତି ସମ୍ପର୍କରେ ବିଭାଗୀୟ ୱେବ୍‌ସାଇଟରେ ମଧ୍ୟ ଉପଲବ୍ଧ ହେବ। ମରାମତି ବା ପୁନରୁଦ୍ଧାର ଆବଶ୍ୟକ କରୁଥିବା ସମସ୍ତ ସ୍ଲୁଇସ୍ ଏବଂ ବ୍ୟାରେଜ ଗେଟ୍ ଗୁଡିକୁ ଜୁନ ୧୫ ସୁଦ୍ଧା ସାରିବାକୁ ନିର୍ଦ୍ଦେଶ ଦିଆଯାଇଛି। ବନ୍ୟା ନିୟନ୍ତ୍ରଣ ପ୍ରକୋଷ୍ଠର ପରିଚାଳନା, ଟେଲିଫୋନ ଡିରେକ୍ଟୋରି ପ୍ରସ୍ତୁତି, ଅଧିକାରୀଙ୍କ ମଧ୍ୟରେ ବନ୍ୟା ପରିଚାଳନା ନେଇ ଉତ୍ତରଦାୟିତ୍ୱ ବିନା ଅନୁମତିରେ ଛୁଟି ମଞ୍ଜୁର କରା ନ ଯିବା, ଜରୁରୀ ପରିସ୍ଥିତିରେ କଣ୍ଟ୍ରାକ୍ଟର ଓ ସ୍ଥାନୀୟ ଲୋକଙ୍କ ପାଖରେ ଥିବା ଆବଶ୍ୟକ ଯନ୍ତ୍ରପାତି ବ୍ୟବହାର ନେଇ ପ୍ରସ୍ତୁତି, ବର୍ଷା ପରିମାଣ, ଜଳଭଣ୍ଡାରର ସ୍ଥିତି ସମ୍ପର୍କରେ ଗୁଗଲ ସିଟ୍ ଏବଂ ହାଇଡ୍ରୋମେଟ ଆପ ଜରିଆରେ ଜଣାଇବା, ଲାଇଫ ଜ୍ୟାକେଟ ପ୍ରସ୍ତୁତ ରଖିବା, ପରିବହନ ସୁବିଧା ପାଇଁ ନଦୀ ବନ୍ଧ ରାସ୍ତା ସବୁବେଳେ ଯାତାୟାତ ଉପଯୋଗୀ ହେଉଥିବା ଆଦି ଏସ୍‌ଓପି ଅନୁସରଣ କରିବାକୁ ବୈଠକରେ ଗୁରୁତ୍ୱାରୋପ କରାଯାଇଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ବ୍ୟବହାରରେ ସଂଯମତା ଅଭାବରୁ ଅପ୍ରିୟ ସତ୍ୟ ଭାଷଣଜନିତ ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇପାରେ। ବନ୍ଧୁଙ୍କ ସହଯୋଗ ପାଇ ସ୍ଥଗିତ କାମକୁ ତ୍ୱରାନ୍ୱିତ କରିବେ। କାର୍ଯ୍ୟ ବ୍ୟସ୍ତତା କାରଣରୁ ସ୍ୱାସ୍ଥ୍ୟରେ ବ୍ୟତିକ୍ରମ ଦେଖାଦେଇପାରେ। ଅଧ୍ୟାପନା, କ୍ରୀଡ଼ା, ସଙ୍ଗୀତ, ଚଳଚ୍ଚିତ୍ର, ସାହିତ୍ୟ ତଥା ପ୍ରତିଯୋଗିତା କ୍ଷେତ୍ରରୁ ପ୍ରଶଂସା ମିଳିବ।

**ବୃଷ** ଏକାଧିକ ଚିନ୍ତା ଓ ଚେତନା ମଧ୍ୟରେ ମାନସିକ ସ୍ଥିରତା ଆଦୌ ରହିବ ନାହିଁ। କୌଣସି ପଦସ୍ଥବ୍ୟକ୍ତିଙ୍କ ସାହାଯ୍ୟର ପ୍ରତିଶ୍ରୁତି ପାଇ ଟେନ୍‌ସନ ଦୂର ହୋଇପାରେ। କଳା, ସାହିତ୍ୟ, ସଙ୍ଗୀତ, ଚଳଚ୍ଚିତ୍ର ପ୍ରଭୃତିରୁ ଶ୍ରଦ୍ଧା ଓ ସମ୍ମାନ ମିଳିବ। ଶନିଙ୍କ ପ୍ରଭାବରୁ ପ୍ରତ୍ୟେକ କାମ ବିଳମ୍ବିତ ସମୟରେ ସମ୍ପନ୍ନ ହେବ।

**ମିଥୁନ** ଅଭାବ ଅସୁବିଧା ନ ଥିଲେ ମଧ୍ୟ ଟଙ୍କା,ପଇସା ଖର୍ଚ୍ଚ କରିବାରେ କୁଣ୍ଠା ପ୍ରକାଶ କରି ସମାଲୋଚିତ ହୋଇପାରନ୍ତି। ବନ୍ଧୁଙ୍କ ନିକଟରେ ମନକଥାକୁ ଲୁଚାଇ ରଖିପାରିବେ ନାହିଁ। ସାଙ୍ଗଠନିକ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡ଼ିପାରେ। ନୂତନ ସ୍ଥାନ ପରିଦର୍ଶନ, ସତ୍‌ସଙ୍ଗ ଓ ଆଧ୍ୟାତ୍ମିକତାରୁ ଶାନ୍ତି ଲାଭ କରିବେ।

**କର୍କଟ** ସାମୟିକ ପ୍ରତିବନ୍ଧକ ଆପଣଙ୍କ ଅର୍ଥ, ଦ୍ରବ୍ୟ ଲାଭରେ ଅନ୍ତରାୟ ସୃଷ୍ଟି କରିପାରିବ ନାହିଁ। ଗତକାଲି ଯେଉଁଥିପାଇଁ ଚିନ୍ତା କରୁଥିଲେ ଆଜି ତାହା ପାଇଯିବେ। ଶିଳ୍ପ, ବ୍ୟବସାୟରେ ସଫଳତା ହାସଲ କରିବେ। ଗଣତନ୍ତ୍ରର ପ୍ରତୀକ ଶନିଙ୍କ ସ୍ଥିତିରୁ ରାଜନୈତିକ, ସାଂଗଠନିକ ଓ ଆଇନ, ଅଦାଲତ କ୍ଷେତ୍ରରେ ଉନ୍ନତ ଫଳ ପାଇବେ।

**ସିଂହ** କର୍ମକ୍ଷେତ୍ରରେ ପ୍ରବଳ ବିରୋଧର ସମ୍ମୁଖୀନ ହେବାକୁ ପଡ଼ିବାର ସୂଚନା ରହିଛି। ଆର୍ଥିକ ଦୁରବସ୍ଥା କାରଣରୁ ଇଚ୍ଛା କଲେ ମଧ୍ୟ କୌଣସି ଜିନିଷ କିଣି ନ ପାରି ମନ ଦୁଃଖ କରିପାରନ୍ତି। ହଠାତ୍ ଶତ୍ରୁମାନଙ୍କ ମିତ୍ର ଭଳି ଆଚରଣ ଆପଣଙ୍କୁ ବିସ୍ମୟାଭୀଭୂତ କରିପାରେ। ଶାରୀରିକ ସ୍ୱାସ୍ଥ୍ୟ ପ୍ରତି ଧ୍ୟାନଦେବା ନିତାନ୍ତ ଆବଶ୍ୟକ।

**କନ୍ୟା** ବନ୍ଧୁଙ୍କ ଅନୁରୋଧରେ କୌଣସି ଆନୁଷ୍ଠାନିକ କାର୍ଯ୍ୟ ସକାଶେ ବିଚାରବିମର୍ଶ ଚଳାଇପାରନ୍ତି। ସ୍ୱାର୍ଥ ହାନି ଆଶଙ୍କାରେ ଆତ୍ମୀୟମାନେ ଭୁଲ୍ ବୁଝି ଅର୍ଥକୁ ଅନର୍ଥ କରିବେ। କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭ କରି ଉପକୃତ ହୋଇପାରନ୍ତି। ସାଧାରଣ କଥାକୁ ଜଟିଳ ଆକାରରେ ଗ୍ରହଣ କଲେ ଦ୍ୱନ୍ଦ୍ୱରେ ପଡ଼ିବାକୁ ହେବ।

**ତୁଳା** ପୂର୍ବନିଷ୍ପତ୍ତିର ପରିବର୍ତ୍ତନ କଲେ ବିରୋଧାତ୍ମକ ପରିସ୍ଥିତି ସୃଷ୍ଟି ହୋଇପାରେ। ସ୍ୱାସ୍ଥ୍ୟ ପ୍ରତି ଅବହେଳା କଲେ ଅନୁତାପର ସମୟ ପାଇବେ ନାହିଁ। ହଠାତ୍ ବନ୍ଧୁଙ୍କ କୌଣସି ଘଟଣା ମନକୁ ବିବ୍ରତ କରିପାରେ, ସଭାସମିତିରେ ସମ୍ମାନନୀୟ ବ୍ୟକ୍ତିବିଶେଷ ସହାୟତା କରିପାରନ୍ତି। ବିଭିନ୍ନ ସ୍ଥାନ ପରିଦର୍ଶନର ମଉକା ଜୁଟିପାରେ।

**ବିଛା** ସ୍ୱାସ୍ଥ୍ୟ ସମସ୍ୟା ଉଦ୍‌ବେଗଜନକ ନ ହେଲେ ମଧ୍ୟ କିଛିଟା ବ୍ୟତିକ୍ରମ ପରିଲକ୍ଷିତ ହୋଇପାରେ। ପ୍ରଶାସନିକ, ପ୍ରକାଶନ, ଶିଳ୍ପ,ବାଣିଜ୍ୟରେ ସମସ୍ୟା ଦୂର ହୋଇପାରେ। ବିଗତ ଦିନମାନଙ୍କର କଥାକୁ ନେଇ ମନଦୁଃଖରେ ରହିବାକୁ ବାଧ୍ୟ ହୋଇପାରନ୍ତି। ସମ୍ପର୍କୀୟ ବନ୍ଧୁମାନଙ୍କ ସହ ଭୁଲ୍ ବୁଝାମଣା କେତେକାଂଶରେ କମିପାରେ।

**ଧନୁ** ପରିବାରରେ ଅଶାନ୍ତି, ନିଜ ଲୋକଙ୍କ ଅନାସ୍ଥା ଭାବ ମାନସିକ ଅସୁସ୍ଥତାର କାରଣ ହୋଇପାରେ। ଆଧ୍ୟାତ୍ମିକତା, ସାହିତ୍ୟ, କଳା ଓ ରଚନାତ୍ମକ କାମରେ ଉଚ୍ଚ ପ୍ରଶଂସା ପାଇବେ। ମିଥ୍ୟାଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିବାକୁ ବାଧ୍ୟ ହେବେ। ସମ୍ପର୍କୀୟଙ୍କ ପରୋକ୍ଷ ଶତ୍ରୁତା ଯୋଗୁ ବିଚଳିତ ହୋଇପାରନ୍ତି।

**ମକର** କର୍ମ କ୍ଷେତ୍ରରେ କାର୍ଯ୍ୟ ବୃଦ୍ଧି ହେତୁ ଜମା ଫୁରସତ୍ ପାଇବେ ନାହିଁ। ଉଚ୍ଚ ପଦାଧିକାରୀଙ୍କ ସହ ମତ ପାର୍ଥକ୍ୟ କାରଣରୁ ବିକଳ୍ପ ଚିନ୍ତା କରିବେ। ଆଗାମୀ ମାଙ୍ଗଳିକ ଉତ୍ସବ ପରିପ୍ରେକ୍ଷୀରେ ଅନ୍ୟମାନଙ୍କ ପରି ଖୁସି ହୋଇପାରିବେ ନାହିଁ। ସାଧାରଣ ଘଟଣାରେ ସହକର୍ମୀଙ୍କ ସହ ସମ୍ପର୍କହାନି ଦୁଶ୍ଚିନ୍ତାର କାରଣ ହୋଇପାରେ।

**କୁମ୍ଭ** କର୍ମକ୍ଷେତ୍ରରେ ସମସ୍ୟା ପାରିବାରିକ ଜୀବନକୁ ପ୍ରଭାବିତ କରି ରଖିବ। ଯାନବାହନ, ଲୋକ ସମ୍ପର୍କ, ଘରୋଇ କଥା, ଆନୁଷ୍ଠାନିକ ତଥା ସାମାଜିକ କାମରେ କଳହ ସୃଷ୍ଟି ହୋଇପାରେ। ଅବଶ୍ୟ ଶିଳ୍ପ, ବାଣିଜ୍ୟ ଓ ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ। ବନ୍ଧୁଙ୍କ କଥାରେ ପ୍ରଭାବିତ ହୋଇ କୌଣସି ଭୁଲ୍ କାମ କରିପାରନ୍ତି।

**ମୀନ** କର୍ମକ୍ଷେତ୍ରରେ କେତେକ ନୂତନ ସୁଯୋଗର ମାର୍ଗ ଉନ୍ମୋଚିତ ହୋଇପାରେ। ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବ ଓ ସହମତି ମାଧ୍ୟମରେ କାମ କରିପାରିବେ କିନ୍ତୁ ଆନୁଷ୍ଠାନିକ କାମରେ ଖର୍ଚ୍ଚ ବଢ଼ିଯିବ। ଆକସ୍ମିକ ଭାବରେ ଭ୍ରମଣ ସୁଯୋଗ ଲାଭ କରିପାରନ୍ତି। ପୁତ୍ରକନ୍ୟାଙ୍କ ହେତୁକ କେତେକ ସମସ୍ୟାକୁ ନେଇ ଚିନ୍ତିତ ରହିବେ।

ଆଜି ବୈଶାଖ ଶୁକ୍ଳ ଷଷ୍ଠୀ ଯୁକ୍ତ ସପ୍ତମୀ ମଙ୍ଗଳବାର, ମେ ୧୮ ତାରିଖ, ସଂଗ୍ରହାଳୟ ଦିବସ, ରାମାନୁଜାଚାର୍ଯ୍ୟ ଜୟନ୍ତୀ। ରାଶିନକ୍ଷତ୍ର-ଦିବା ଘ.୦୨.୫୪ମି. ପର୍ଯ୍ୟନ୍ତ ପୁଷ୍ୟା/କର୍କଟ, ମକର ରାଶିର ଘାତବାର, ଷଷ୍ଠୀର ଏକୋଦ୍ଦିଷ୍ଟ ଓ ସପ୍ତମୀର ପାର୍ବଣ ଶ୍ରାଦ୍ଧ। ସକାଳ ଘ୦୫.୧୩ମି. ଗତେ ଘ.୦୭.୪୯ମି. ମଧ୍ୟେ, ଘ. ୦୯.୩୩ମି. ଗତେ ଘ.୧୨.୦୯ମି. ମଧ୍ୟେ, ଘ.୦୩.୩୬ମି. ଗତେ ଘ.୦୪.୨୮ମି. ମଧ୍ୟେ ଅମୃତବେଳା। ଅପରାହ୍ନ ଘ.୦୨.୪୪ମି. ଗତେ ଘ.୦୩.୩୬ମି. ମଧ୍ୟେ, ଘ.୦୪.୨୮ମି. ଗତେ ଘ.୦୫.୨୦ମି. ମଧ୍ୟେ ମାହେନ୍ଦ୍ରବେଳା। ଅପରାହ୍ନ ଘ.୦୨.୫୭ମି. ଗତେ ଘ.୦୪.୩୫ମି. ମଧ୍ୟେ ରାହୁକାଳ।

**ପ୍ରଥମ ପୃଷ୍ଠାରୁ...**

## ୨୪ରୁ ଗାଁରେ...

ସେମାନଙ୍କର ଜିଲାପାଳ କ୍ଷମତା ପ୍ରୟୋଗ କରିପାରିବେ। ଗତବର୍ଷ ତୁଳନାରେ ଏ ବର୍ଷ ଅନ୍ୟ ରାଜ୍ୟରୁ ଫେରୁଥିବା ଲୋକଙ୍କ ସଂଖ୍ୟା କମ୍ ଥିଲେ ମଧ୍ୟ ସରକାର ଜୋନ୍ ସ୍ତରରେ ଟିଏମ୍‌ସି ଖୋଲିବା ଆରମ୍ଭ କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଆମେ ବର୍ତ୍ତମାନ କୋଭିଡ୍‌ର ଦ୍ୱିତୀୟ ଲହର ମଧ୍ୟରେ ରହିଛୁ। ଆଗକୁ କେତେ ଲହର ଓ କେତେ ଭାରିଆଣ୍ଟର ମୁକାବିଲା କରିବାକୁ ହେବ ତାହା କେହି ଜାଣିନାହାନ୍ତି। ଦ୍ୱିତୀୟ ଲହରର ପ୍ରଭାବ ହ୍ରାସ କରିବା ପାଇଁ ଲକ୍‌ଡାଉନ କରାଯାଇଛି। କିନ୍ତୁ କେବଳ ଲକ୍‌ଡାଉନ ଏହାର ସମାଧାନ ନୁହେଁ। ଏହାଦ୍ୱାରା ଅନେକ ଲୋକଙ୍କ ଜୀବିକା ଗଭୀର ଭାବରେ ପ୍ରଭାବିତ ହେଉଛି। ଏହା ଏକ ଲମ୍ବା ଲଢ଼େଇ। ଲୋକଙ୍କୁ ସଚେତନ ଜରିଆରେ ପ୍ରସ୍ତୁତ କରିବା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଇଛନ୍ତି। ମାସ୍କ ପିନ୍ଧିବା, ହାତ ଧୋଇବା ଓ ସାମାଜିକ ଦୂରତା ରକ୍ଷା କରିବା, ଅନାବଶ୍ୟକ ଭାବରେ ବାହାରେ ନ ବୁଲିବା ଏବଂ ଗହଳିକୁ ନ ଯିବା ଆଦି ନିୟମକୁ କଡ଼ାକଡ଼ି ଭାବରେ ପାଳନ କରିବାକୁ ମୁଖ୍ୟମନ୍ତ୍ରୀ ଅନୁରୋଧ କରିଛନ୍ତି। ସଚେତନତାର ବାର୍ତ୍ତାକୁ ଲୋକଙ୍କ ପାଖରେ ପହଞ୍ଚାଇବା ପାଇଁ ମୁଖ୍ୟମନ୍ତ୍ରୀ ବିଧାୟକମାନଙ୍କୁ ପରାମର୍ଶ ଦେବା ସହିତ କୋଭିଡ୍ ପରିଚାଳନା କାର୍ଯ୍ୟ ବିଶେଷ କରି ମିଶନ ଶକ୍ତି ଗ୍ରୁପ୍‌ଠାରୁ ମାସ୍କ କିଣି ଗରିବ ଲୋକଙ୍କୁ ବାଣ୍ଟିବା ପାଇଁ ବିଧାୟକ ପାଣ୍ଠିରୁ ୫୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଖର୍ଚ୍ଚ କରିପାରିବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଅତୀତରେ ଅନେକ ଆହ୍ୱାନକୁ ଓଡ଼ିଶା ଦୃଢ଼ତାର ସହ ମୁକାବିଲା କରିଛି। ସମସ୍ତଙ୍କ ସହଯୋଗରେ କୋଭିଡ୍ ଲଢ଼େଇରେ ମଧ୍ୟ ଓଡ଼ିଶା ସଫଳ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ବିଧାୟକମାନେ ପ୍ରତ୍ୟେକ ଦିନ ଅନେକ ଲୋକଙ୍କ ସହ ମିଶୁଛନ୍ତି। ନିଜର ଓ ପରିବାରର ଯତ୍ନ ନେବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି।

ଗତ ୧ ମାସ ହେବ ରାଜ୍ୟରେ ସଂକ୍ରମଣ ବଢୁଛି। ମହାପ୍ରଭୁଙ୍କ ଆଶୀର୍ବାଦରୁ ଆମେ ପରିସ୍ଥିତିକୁ ମୋଟାମୋଟି ଭାବେ ନିୟନ୍ତ୍ରଣରେ ରଖିବା ସହ ରୋଗୀଙ୍କୁ ସେବା ଯୋଗାଇବା ଦିଗରେ କାର୍ଯ୍ୟ କରିଚାଲିଛୁ। ଦେଶର ଅନ୍ୟ ଭାଗର ଘଟଣା ଉପରେ ଓଡ଼ିଶା ତୀକ୍ଷ୍ଣ ନଜର ରଖିବା ସହ ସେମାନଙ୍କ ଅଭିଜ୍ଞତା ଭିତ୍ତିରେ ଆଗୁଆ ପଦକ୍ଷେପ ନେଉଛି। ସ୍ୱାସ୍ଥ୍ୟ ଭିତ୍ତିଭୂମି ସୁଦୃଢ଼ କରାଯାଇଛି। ଅକ୍ସିଜେନ୍ ଯୋଗାଣ ପାଇଁ ଅଧିକ ସିଲିଣ୍ଡର, ରିଫିଲିଂ ଓ ପରିବହନ କାର୍ଯ୍ୟ ତଦାରଖ କରାଯାଉଛି। ମୁଖ୍ୟ ଡାକ୍ତରଖାନାରେ ଅକ୍ସିଜେନ୍ ପ୍ଲାଣ୍ଟ ପ୍ରତିଷ୍ଠା ସହ ସିଲିଣ୍ଡର ମଧ୍ୟ ଆମଦାନୀ କରାଯାଉଛି। ଜରୁରୀ ଔଷଧ ଓ ଅକ୍ସିଜେନ୍ ଯୋଗାଣରେ ଯେପରି ଅସୁବିଧା ନ ହୁଏ ସେଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ରଖାଯାଇଛି। ରାଜ୍ୟରେ ଅକ୍ସିଜେନ୍ ଯୋଗାଣ ସୁପରିଚାଳନା ପାଇଁ ମାଷ୍ଟର ପ୍ଲାନ୍ ପ୍ରସ୍ତୁତ କରିବା ନିମନ୍ତେ ଏକ ଟାସ୍କଫୋର୍ସ ଗଠନ କରିବାକୁ ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। କରୋନା ଲଢ଼େଇରେ ମାନବ ସମ୍ବଳକୁ ଗୁରୁତ୍ୱ ଦିଆଯାଇଛି। ୭୮୬ ଡାକ୍ତର ଓ ୫୧୩୭ ପାରାମେଡିକାଲ ଷ୍ଟାଫ୍‌ଙ୍କୁ ନିଯୁକ୍ତି ଦିଆଯାଇଛି। ଓଡ଼ିଶାରେ ଲୋକଙ୍କୁ ମାଗଣାରେ ପରୀକ୍ଷା ଓ ଚିକିତ୍ସା ସୁବିଧା ଯୋଗାଇ ଦିଆଯାଉଛି। ଏହାଦ୍ୱାରା ମୃତ୍ୟୁ ହାର କମ୍ ରହିଛି। ଆମକୁ ଦୀର୍ଘ ଲଢ଼େଇ ପାଇଁ ପ୍ରସ୍ତୁତ ରହିବାକୁ ହେବ। କରୋନା ବିରୋଧରେ ସଫଳ ଲଢ଼େଇ ପାଇଁ ଟିକାକରଣ ଆମର ମୁଖ୍ୟ ରଣକୌଶଳ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଲୋକମାନେ ଯେପରି ଶୀଘ୍ର ଟିକା ପାଇପାରିବେ ସେଥିପାଇଁ ବିଶ୍ୱ ବଜାରରୁ ଟିକା କିଣିବା ପ୍ରକ୍ରିୟା ଆରମ୍ଭ ହୋଇଛି। ଏହି ଲଢ଼େଇରେ ମାର୍ଗ ଦେଖାଇବା ପାଇଁ ଏକ ଉଚ୍ଚସ୍ତରୀୟ ବୈଷୟିକ କମିଟି ଗଠନ କରାଯାଇଛି। ଆରମ୍ଭରୁ ପଞ୍ଚାୟତ ଓ ଗାଁ କଲ୍ୟାଣ ସମିତି ଏଥିରେ ସାମିଲ ଅଛନ୍ତି। ଲୋକଙ୍କୁ ସେବା ଯୋଗାଇବା ପାଇଁ ଏଏନ୍‌ଏମ୍, ଆଶାକର୍ମୀ ଓ ମିଶନ ଶକ୍ତି ଗୋଷ୍ଠୀଙ୍କୁ ସାଥିରେ ନେଇ କୋଭିଡ୍ ପରିଚାଳନା ଜାରି ରହିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ବାଚସ୍ପତି କୋଭିଡ୍ ସଂକ୍ରମଣ ରୋକିବା ଦିଗରେ କାମ କରିବା ପାଇଁ ବିଧାୟକମାନଙ୍କୁ ଶପଥ କରାଇଛନ୍ତି। ବିଧାୟକମାନେ ମଧ୍ୟ କୋଭିଡ୍ ନିୟନ୍ତ୍ରଣ ପାଇଁ ବିଭିନ୍ନ ମତାମତ ଦେଇଛନ୍ତି।

ବୈଠକରେ ବିରୋଧୀ ଦଳ ଉପନେତା ବିଷ୍ଣୁ ସେଠୀ, ମୁଖ୍ୟ ସଚେତକ ମୋହନ ଚରଣ ମାଝି, କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର, ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସ, ମନ୍ତ୍ରୀ ବିକ୍ରମ ଆରୁଖଙ୍କ ସହ ଅନ୍ୟ ମନ୍ତ୍ରୀ ଓ ଶାସକ ଦଳର ବିଧାୟକମାନେ ସାମିଲ ହୋଇଥିଲେ।

## କରୋନା ପରୀକ୍ଷାକୁ...

ଠିକ୍ ସମୟରେ ପରୀକ୍ଷା କରାଇ ଔଷଧ ଖାଇଲେ ସୁସ୍ଥ ହୋଇପାରିବେ ବୋଲି ସେମାନଙ୍କୁ ବୁଝାଇଥିଲେ। ହେଲେ ମାତ୍ର ୩ ଜଣ ସ୍ୱାବ୍ ଦେଇଥିବାବେଳେ ଅନ୍ୟମାନେ ରୋକ୍‌ଠୋକ୍ ମନା କରିଥିଲେ। ଫଳରେ ଟିମ୍ ଅନ୍ୟମାନଙ୍କ ସ୍ୱାବ୍ ପରୀକ୍ଷା କରି ନ ପାରି ଫେରିବାକୁ ବାଧ୍ୟ ହୋଇଥିଲା। ଆମେ ଏଠାରେ ଯେମିତି ଅଛୁ ଭଲରେ ଅଛୁ, ଆମର କୌଣସି ପରୀକ୍ଷାର ଆବଶ୍ୟକ ନାହିଁ ବୋଲି ଡଙ୍ଗରିଆମାନେ କହିଥିବା ବିଡିଓ ସୂଚନା ଦେଇ କହିଛନ୍ତି। ସେହିପରି ଡାକ୍ତରଖାନାରେ ରୋଗୀଙ୍କ କିଡ୍‌ନୀ, ଆଖି ବାହାର କରାଯାଉଥିବା ଏବଂ ମୃତଦେହ ଫେରାଯାଉ ନ ଥିବା ନେଇ ବିଭିନ୍ନ ମିଥ୍ୟା ଭିଡିଓ ଦେଖି ଡଙ୍ଗରିଆମାନେ ଭୟଭୀତ ଥିବା ଜଣାଇଥିବା ଡିକେଡିଏର ସ୍ପେଶାଲ ଅଫିସର କହିଛନ୍ତି। ଏମିତିକି ଏହା ଏକ ବିଦେଶୀ ରୋଗ, ଆମକୁ ଏହା ଛୁଇଁପାରିବନି ବୋଲି ଗ୍ରାମବାସୀ ଅନ୍ଧବିଶ୍ୱାସରେ ରହିଛନ୍ତି। ଏଭଳି ପରିସ୍ଥିତିରେ ଏମାନଙ୍କୁ ବୁଝାଇବା ପ୍ରଶାସନ ପାଇଁ ବଡ଼ ଚ୍ୟାଲେଞ୍ଜ ହୋଇଛି। ପ୍ରଶାସନ ପକ୍ଷରୁ ଡଙ୍ଗରିଆମାନଙ୍କ ନେତା ଲଦ ସିକକାଙ୍କ ସହ ଆଲୋଚନା କରାଯାଇ ଗ୍ରାମବାସୀଙ୍କୁ ବୁଝାଇବା ନିମନ୍ତେ କୁହାଯାଇଛି। ମଙ୍ଗଳବାର ସ୍ୱାସ୍ଥ୍ୟ ବିଭାଗ ଟିମ୍ ପୁଣି ସ୍ୱାବ୍ ସଂଗ୍ରହ ନିମନ୍ତେ ଯିବେ ବୋଲି ସୂଚନା ମିଳିଛି।

## ଭିଡିଓ କ୍ଲାସ୍ କରିବେ...

ବିଷୟର ଶିକ୍ଷାଦାନର ଭିଡିଓ ରେକର୍ଡିଂ କରାଯାଇ ବିଭିନ୍ନ ପୋର୍ଟାଲରେ ଅପ୍‌ଲୋଡ୍ କରାଯାଇଥିଲା। ସେହିପରି ବିଭିନ୍ନବିଷୟରଅଧ୍ୟାପିକା,ଅଧ୍ୟାପକଓଛାତ୍ରୀଛାତ୍ରଙ୍କୁନେଇ ହ୍ୱାଟ୍‌ସଆପ୍ ଗ୍ରୁପ୍ କରାଯାଇଥିଲା। ଏହି ଗ୍ରୁପ୍ ମାଧ୍ୟମରେ ଅଧ୍ୟାପକମାନେ ଅନ୍‌ଲାଇନ୍‌ରେ କ୍ଲାସ୍ ନେଇଥିଲେ।

## ବଜାରକୁ ଆସିଲା...

କରିଥିବା ଏହି ଔଷଧ କରୋନା ଚିକିତ୍ସାକୁ ତ୍ୱରାନ୍ୱିତ କରାଇବ। ରୋଗୀ କମ୍ ସମୟ ମଧ୍ୟରେ ଆରୋଗ୍ୟ ହୋଇପାରିବେ ଏବଂ ଅକ୍ସିଜେନ୍ ନିର୍ଭରଶୀଳତା ୪୦ ପ୍ରତିଶତ ହ୍ରାସ ପାଇବ ବୋଲି ରାଜନାଥ କହିଛନ୍ତି। ୨-ଡିଜି ପାଉଡର ଆକାରରେ ମିଳୁଥିବାରୁ ଏହାକୁ ଲୋକେ ପାଣିରେ ଗୋଳାଇ ସହଜରେ ବ୍ୟବହାର କରିପାରିବେ।



ସୋମବାର ଛତିଶଗଡ଼ର ବିଜାପୁର ଜିଲା ସିଲଗର ଗ୍ରାମରେ ସିଆର୍‌ପିଏଫ୍ କ୍ୟାମ୍ପ ସ୍ଥାପନକୁ ବିରୋଧ କରି ସୁରକ୍ଷା କର୍ମୀଙ୍କ ସହ ମୁହାଁମୁହିଁ ହୋଇଥିବା ଗ୍ରାମବାସୀ।

## ସୁରକ୍ଷା କର୍ମୀଙ୍କ ଗୁଳିରେ...

ଏହି କ୍ୟାମ୍ପ ସ୍ଥାପନ ସମୟରୁ ସ୍ଥାନୀୟ ଅଞ୍ଚଳବାସୀ ଏହାକୁ ବିରୋଧ କରୁଥିଲେ। ଗତ ୩ ଦିନ ଧରି ସେମାନେ ଗ୍ରାମରୁ କ୍ୟାମ୍ପ ଉଠାଇବା ଲାଗି ଦାବି କରି ଆସୁଥିଲେ। ମାତ୍ର ସିଆର୍‌ପିଏଫ୍ ପକ୍ଷରୁ ଏ ଦିଗରେ କୌଣସି ପଦକ୍ଷେପ ନିଆଯାଇ ନ ଥିଲା। ଏପରିକି ସ୍ଥାନୀୟ ପ୍ରଶାସନ ମଧ୍ୟ ଗ୍ରାମବାସୀଙ୍କ ସହ କିଛି ଆଲୋଚନା କରି ନ ଥିଲା। ଫଳରେ ସୋମବାର ଶତାଧିକ ଆଦିବାସୀ ମହିଳା ପୁରୁଷ କ୍ୟାମ୍ପ ଭିତରକୁ ଧସେଇ ପଶିବାକୁ ଉଦ୍ୟମ କରିଥିଲେ। ଏହି ସମୟରେ ଯବାନଙ୍କ ସହ ସେମାନଙ୍କ ଧସ୍ତାଧସ୍ତି ହୋଇଥିଲା। ସେମାନଙ୍କୁ ଅଟକାଇବାକୁ ପୋଲିସ ଚେଷ୍ଟାକରି ବିଫଳ ହେବାରୁ ପରିସ୍ଥିତି ଆୟତ୍ତକୁ ଆଣିବା ପାଇଁ ସୁରକ୍ଷା କର୍ମୀ ଗୁଳିଚାଳନା କରିଥିଲେ। ସୁରକ୍ଷା କର୍ମୀଙ୍କ ଗୁଳିରେ ମୃତ୍ୟୁ ଘଟିଥିବା ୩ଜଣ ମାଓବାଦୀ ସମର୍ଥକ ମିଲିସିଆ ବୋଲି ବସ୍ତର ଆଇଜି ପି. ସୁନ୍ଦରରାଜ କହିଛନ୍ତି। ଘଟଣା ସ୍ଥଳରେ ଶାନ୍ତି ଫେରାଇ ଆଣିବା ପାଇଁ ପୋଲିସର ବହୁ ବରିଷ୍ଠ ଅଧିକାରୀ ସେଠାରେ ପହଞ୍ଚି ଗ୍ରାମବାସୀଙ୍କ ସହ ଆଲୋଚନା ଜାରି ରଖିଛନ୍ତି। ଖବର ଲେଖାହେବା ପର୍ଯ୍ୟନ୍ତ ଗ୍ରାମରେ ଉତ୍ତେଜନା ଜାରି ରହିଛି।

## ପଶ୍ଚିମବଙ୍ଗରେ ସିବିଆଇ...

ରାଜ୍ୟରେ ସମ୍ପୂର୍ଣ୍ଣ ଅରାଜକତା ଦେଖାଦେଇଥିବା ନେଇ ରାଜ୍ୟପାଳ ଜଗଦୀପ୍ ଧନଖର କହିବା ସହ ଏହାର ପରିଣାମ ସମ୍ପର୍କରେ ଚେତାଇ ଦେଇଛନ୍ତି। ସ୍ଥିତି ଉତ୍ତେଜନାପୂର୍ଣ୍ଣ ରହିଥିବାବେଳେ ଆଇନ ଶୃଙ୍ଖଳା ରକ୍ଷା କରିବା ପାଇଁ ମମତାଙ୍କ କାର୍ଯ୍ୟାଳୟ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ମମତାଙ୍କ ପୁତୁରା ତଥା ଟିଏମ୍‌ସି ଏମ୍‌ପି ଅଭିଷେକ ବାନାର୍ଜୀ ଜନସାଧାରଣଙ୍କୁ ଶାନ୍ତ ରହିବା ପାଇଁ ଅନୁରୋଧ କରିଛନ୍ତି। ସମସ୍ତେ ଆଇନ ଶୃଙ୍ଖଳା ମାନିବା ସହ ଲକ୍‌ଡାଉନ ନିୟମର ଉଲ୍ଲଂଘନ କରି କୌଣସି ଅପ୍ରୀତିକର ସ୍ଥିତି ସୃଷ୍ଟି ନ କରିବା ଲାଗି ସେ ନିବେଦନ କରିଛନ୍ତି। ବିଚାର ବ୍ୟବସ୍ଥା ଉପରେ ଆମର ସମ୍ପୂର୍ଣ୍ଣ ଆସ୍ଥା ରହିଛି ଏବଂ ଆଇନଗତ ଭାବେ ମାମଲା ଲଢ଼ାଯିବ ବୋଲି ସେ ଟୁଇଟ୍ କରିଛନ୍ତି। ନିକଟରେ ଅନୁଷ୍ଠିତ ବିଧାନସଭା ନିର୍ବାଚନରେ ମମତାଙ୍କ ନେତୃତ୍ୱାଧୀନ ଟିଏମ୍‌ସି ବିରୋଧୀ ଦଳ ଭାଜପାକୁ ବୃହତ୍ ବ୍ୟବଧାନରେ ପରାଜିତ କରି ତୃତୀୟ ଥର ପାଇଁ କ୍ଷମତାକୁ ଆସିବା ପରେ ପୁଣିଥରେ କେନ୍ଦ୍ର-ପଶ୍ଚିମବଙ୍ଗ ସଂଘର୍ଷ ଆରମ୍ଭ ହୋଇଯାଇଛି। ସିବିଆଇ ପୁଣିଥରେ ନାରଦ ଷ୍ଟିଙ୍ଗ୍ ଅପରେଶନ ମାମଲା ପେଡ଼ି ଖୋଲିଛି। ଗତ ସପ୍ତାହରେ ରାଜ୍ୟପାଳ ଧନଖର ଦୁଇ ମନ୍ତ୍ରୀ ଓ ବରିଷ୍ଠ ଟିଏମ୍‌ସି ନେତାଙ୍କ ବିରୋଧରେ ତଦନ୍ତ ଚଳାଇବା ପାଇଁ ସିବିଆଇକୁ ଅନୁମତି ଦେଇଥିଲେ। ସୋମବାର ସକାଳେ କେନ୍ଦ୍ରୀୟ ସୁରକ୍ଷା ବଳ ଦୁଇ ମନ୍ତ୍ରୀ ଓ ଅନ୍ୟ ଦୁଇ ନେତାଙ୍କ ଘରେ ପହଞ୍ଚି ସେମାନଙ୍କୁ ସିବିଆଇ କାର୍ଯ୍ୟାଳୟକୁ ନେଇଯାଇଥିଲେ। ଗିରଫ ୪ ଜଣ ଲାଞ୍ଚ ଗ୍ରହଣ କରିଥିବା କ୍ୟାମେରାରେ ଧରାପଡ଼ିଛି ବୋଲି ସିବିଆଇ ଦାବି କରିଛି। ସେମାନେ ଓ ଅନ୍ୟ ଅଭିଯୁକ୍ତମାନଙ୍କ ବିରୋଧରେ ଖୁବ୍‌ଶୀଘ୍ର ଚାର୍ଜସିଟ୍ ଦାଖଲ କରାଯିବ ବୋଲି କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥା କହିଛି।

## ନାରଦ ଷ୍ଟିଙ୍ଗ୍ ଅପରେଶନ ମାମଲା କ'ଣ

ପଶ୍ଚିମବଙ୍ଗରେ ନାରଦ ନ୍ୟୁଜ୍ ପୋର୍ଟାଲ ନାମକ ସଂସ୍ଥା କେତେକ ଷ୍ଟିଙ୍ଗ୍ ଅପରେଶନ କରିଥିଲା, ଯାହା ନାରଦ ଷ୍ଟିଙ୍ଗ୍ ଅପରେଶନ ମାମଲା ଭାବେ ଜଣାଶୁଣା। ଏକ ଜାଲ୍ କମ୍ପାନୀକୁ ଅନୁକମ୍ପା ଦେଖାଇବା ପାଇଁ ଏହାର ପ୍ରତିନିଧିଙ୍କଠାରୁ ଟିଏମ୍‌ସିର ୧୨ ଜଣ ମନ୍ତ୍ରୀ, ନେତା ଏବଂ ଆଇପିଏସ୍ ଅଫିସର ଉତ୍କୋଚ ଗ୍ରହଣ କରିଥିବା ଷ୍ଟିଙ୍ଗ୍ ଅପରେଶନରେ ଧରାପଡ଼ିଥିଲା। ୨୦୧୪ରେ ନାରଦ ନ୍ୟୁଜ ପୋର୍ଟାଲର ସିଇଓ ମାଥ୍ୟୁ ସାମୁଏଲ୍ ଏହି ଷ୍ଟିଙ୍ଗ୍ ଅପରେଶନ କରିଥିବାବେଳେ ଏହାର ଭିଡିଓ ୨୦୧୬ ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ପୂର୍ବରୁ ପ୍ରଘଟ ହୋଇଥିଲା। ବିରୋଧୀ ଦଳଗୁଡ଼ିକର ହଙ୍ଗାମା ଓ ବିରୋଧ ସତ୍ତ୍ୱେ ଟିଏମ୍‌ସି ବିପୁଳ ସଂଖ୍ୟାଗରିଷ୍ଠତା ସହ ବିଜୟୀ ହୋଇଥିଲା।

ମମତାଙ୍କ କ୍ୟାବିନେଟର କେତେଜଣ ସଦସ୍ୟଙ୍କ ସମେତ ୧୨ ଟିଏମ୍‌ସି ନେତା ଲାଞ୍ଚ ନେଇଥିଲେ। କ୍ୟାମେରାରେ ଧରାପଡ଼ିଥିବା ନେତାମାନଙ୍କ ମଧ୍ୟରେ ଥିଲେ ସୁବ୍ରତ ମୁଖାର୍ଜୀ, ଶୋଭନ ଚାଟାର୍ଜୀ, ମଦନ ମିତ୍ର, ଫରିହାଦ ହକିମ, ସୌଗତ ରାୟ, କକୋଲି ଘୋଷ ଦସ୍ତିଦାର ଏବଂ ପ୍ରସୁନ୍ ବାନାର୍ଜୀ। ମୁକୁଲ ରାୟ, ଶୁଭେନ୍ଦୁ ଅଧିକାରୀ ମଧ୍ୟ ଲାଞ୍ଚ ନେଇ ଧରାପଡ଼ିଥିଲେ। ଏହାବ୍ୟତୀତ ବରିଷ୍ଠ ପୋଲିସ ଅଧିକାରୀ ତଥା ବର୍ଦ୍ଧମାନ ଜିଲାର ତତ୍କାଳୀନ ଏସ୍‌ପି ଏମ୍.ଏଚ୍. ଅହମଦ ମିର୍ଜା ଲାଞ୍ଚ ଗ୍ରହଣରେ ସମ୍ପୃକ୍ତ ଥିଲେ। ୨୦୧୯ରେ ତାଙ୍କୁ ଗିରଫ କରାଯାଇଥିଲା। ଷ୍ଟିଙ୍ଗ୍ ଅପରେଶନ ଟେପ୍ ପ୍ରଘଟ ହେବା ସମୟରେ ଟିଏମ୍‌ସିର ବରିଷ୍ଠ ମନ୍ତ୍ରୀମାନେ ବହୁକୋଟି ଟଙ୍କା ସାରଦା ଏବଂ ରୋଜ୍ ଭ୍ୟାଲି ଚିଟ୍‌ଫଣ୍ଡ ଠକେଇରେ ଫସିଥିଲେ। ନାରଦ ଟେପ୍ ମାମଲାର ନିରପେକ୍ଷ ତଦନ୍ତ ଲାଗି କୋଲକାତା ହାଇକୋର୍ଟରେ ଜନସ୍ୱାର୍ଥ ମାମଲା ଦାଏର ହୋଇଥିଲା। ୨୦୧୭ ମାର୍ଚ୍ଚରେ ହାଇକୋର୍ଟ ମାମଲାର ସିବିଆଇ ତଦନ୍ତ ନିର୍ଦ୍ଦେଶ ଦେବା ସହ ଅଭିଯୁକ୍ତମାନଙ୍କ ବିରୋଧରେ ଏତଲା ଦାଏର କରିବାକୁ କହିଥିଲେ।

## ଆମ୍ବୁଲାନ୍ସ ଭଡ଼ା...

ଧାର୍ଯ୍ୟ କରାଯାଇଛି। ୮ରୁ ୧୦ ଲକ୍ଷ ଟଙ୍କାର ବୋଲେରୋ ବର୍ଗର ଆମ୍ବୁଲାନ୍ସ ନିମନ୍ତେ ୧୦ କିମିକୁ ୧୦୦୦ ଟଙ୍କା ଏବଂ ବିଏଲ୍‌ଏସ୍ ଥିଲେ ୧୦ କିମିକୁ ୧୫୦୦ ଟଙ୍କା ଭଡ଼ା ନେଇପାରିବେ। ୧୦ ଲକ୍ଷରୁ ଉର୍ଦ୍ଧ୍ୱ ୱିଙ୍ଗର, ୪୦୭ ଭଳି ବଡ଼ ଆମ୍ବୁଲାନ୍ସ ୧୦ କିମିକୁ ୧୨୫୦ ଟଙ୍କା ଏବଂ ସେଥିରେ ବିଏଲ୍‌ଏସ୍ ଥିଲେ ୨୦୦୦ ଟଙ୍କା ଏବଂ ଆଡ୍‌ଭାନ୍ସ ଲାଇଫ୍ ସପୋର୍ଟ (ଏଏଲ୍‌ଏସ୍) ଥିଲେ ୩୦୦୦ ଟଙ୍କା ଭଡ଼ା ଧାର୍ଯ୍ୟ କରାଯାଇଛି। ସେହିପରି ୧୦ କିଲୋମିଟରରୁ ଉର୍ଦ୍ଧ୍ୱ ହେଲେ ପିଟିଏ ଆମ୍ବୁଲାନ୍ସ ପାଇଁ ପ୍ରତ୍ୟେକ କିଲୋମିଟର ପିଛା ୩୦ ଟଙ୍କା, ବିଏଲ୍‌ଏସ୍ ପାଇଁ ପ୍ରତ୍ୟେକ ଅତିରିକ୍ତ କିଲୋମିଟର ପିଛା ୫୦ ଟଙ୍କା, ଏଏଲ୍‌ଏସ୍ ଆମ୍ବୁଲାନ୍ସ ପ୍ରତ୍ୟେକ ଅତିରିକ୍ତ କିଲୋମିଟର ପିଛା ୫୦ ଟଙ୍କା ଧାର୍ଯ୍ୟ କରାଯାଇଛି।

ସର୍ବାଧିକମୂଲ୍ୟ ନିର୍ଦ୍ଧାରଣ କରାଯାଇଥିବା ଆମ୍ବୁଲାନ୍ସଗୁଡ଼ିକରେ ଅକ୍ସିଜେନ, ଆମ୍ବୁଲାନ୍ସ ଇକ୍ୟୁପମେଣ୍ଟ, ପିପିଇ କିଟ୍, ଗ୍ଲୋଭ, ମାସ୍କ, ଫେସ୍‌ସିଲ୍ଡ, ସାନିଟାଇଜର, ଡ୍ରାଇଭର, ଜରୁରିକାଳୀନ ମେଡିକାଲ ସୁବିଧା ଯୋଗାଇ ଦେବାର ବ୍ୟବସ୍ଥା ରହିବ। ରାଜ୍ୟରେ ତୈଳ ଦର ବୃଦ୍ଧି ଅନୁଯାୟୀ ନିର୍ଦ୍ଧାରିତ ଭଡ଼ା ପରିବର୍ତ୍ତନ କରାଯିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ପରିବହନ କମିଶନର ଏ ନେଇ ବିଜ୍ଞପ୍ତି ପ୍ରକାଶ କରିବେ। ସରକାରୀ ମୂଲ୍ୟକୁ ଯଦି କୌଣସି ଆମ୍ବୁଲାନ୍ସ ମାଲିକ ଉଲ୍ଲଂଘନ କରିବେ ତେବେ ତାଙ୍କ ବିରୋଧରେ ମୋଟର ଯାନ ଆଇନ-୧୯୮୮ର ସେକ୍ସନ ୭୨ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବିଜ୍ଞପ୍ତିରେ କୁହାଯାଇଛି।

## ଆନ୍ଦ୍ରେୟା ମେଜା...

ଇଞ୍ଜିନିୟର ମେଜା ବିଭିନ୍ନ ଦେଶରୁ ଭାଗ ନେଇଥିବା ୭୩ ପ୍ରତିଯୋଗୀଙ୍କୁ ପଛରେ ପକାଇଛନ୍ତି। ବ୍ରହ୍ମାଣ୍ଡ ସୁନ୍ଦରୀମୁକୁଟ ପିନ୍ଧିବା ପରେ ନିଜ ପ୍ରତିକ୍ରିୟାରେ ସେ କହିଛନ୍ତି, ସୌନ୍ଦର୍ଯ୍ୟ କେବଳ ବାହ୍ୟ ସୁନ୍ଦରତାରେ ସୀମିତ ନୁହେଁ, ଏହା ଆତ୍ମା ଓ ହୃଦୟକୁ ମଧ୍ୟ ପରିପ୍ରକାଶ କରିଥାଏ। ନିଜକୁ ଏପରି ଗଢ଼ିତୋଳିବାକୁ ଚେଷ୍ଟାକରିବା ଦରକାର ଯେଭଳି କେହି ତୁମକୁ ମୂଲ୍ୟହୀନ ବୋଲି କହିବେ ନାହିଁ ବୋଲି ସେ କହିଥିଲେ। ମହିଳାଙ୍କ ଅଧିକାର ନିମନ୍ତେ ମେଜା ଜଣେ ସାମାଜିକ କର୍ମୀ ଭାବେ ମଧ୍ୟ କାର୍ଯ୍ୟରତ।



ମିସ୍ ୟୁନିଭର୍ସ ପ୍ରତିଯୋଗିତାରେ ତୃତୀୟ ରନର୍ସ ଅପ୍ ହୋଇଥିବା ଭାରତର ଆଡ୍‌ଲାଇନ୍ କାଷ୍ଟେଲିନୋ।

classifieds Everyday 0674-2580101, 2549302





**SALE**

Residential Cum commercial plots at Nakhara to Adaspur road. 8249851363, 8118078023. D-70450

### ପାରୋଲରେ ଗଲେ ୧୦ କଏଦୀ

ଚୌଦ୍ୱାର,୧୭।୫(ଡି.ଏନ୍.ଏ.): କରୋନା କବଳରୁ ଅନ୍ତେବାସୀମାନଙ୍କୁ ସୁରକ୍ଷା ଦେବା ପାଇଁ ଜେଲରେ ଅନ୍ତେବାସୀ ସଂଖ୍ୟା କମ୍ କରିବା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏହି କାର୍ଯ୍ୟକ୍ରମରେ ଚୌଦ୍ୱାର ଜେଲର ୨୯ଜଣ କଏଦୀଙ୍କୁ ପାରୋଲରେ ଛୁଟି ପ୍ରଦାନ କରାଯାଇଛି। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟରୁ ଏ ସମ୍ପର୍କରେ ଲିଖିତ ସୂଚନା ମିଳିବାପରେ ଚୌଦ୍ୱାର ଜେଲ କର୍ତ୍ତୃପକ୍ଷ ପଦକ୍ଷେପ ନେବା ଆରମ୍ଭ କରିଛନ୍ତି। ଏହି ପରିପେକ୍ଷୀରେ ଗୁରୁବାର ୩ ଜଣ କଏଦୀଙ୍କୁ ଜେଲରୁ ଛଡ଼ା ଯାଇଥିବାବେଳେ ସୋମବାର ସୁଦ୍ଧା ଆଉ ୭ଜଣଙ୍କୁ ଛଡ଼ା ଯାଇଛି। ପର୍ଯ୍ୟାୟକ୍ରମେ ଅନ୍ୟ ୧୯ ଜଣଙ୍କୁ ଛଡ଼ାଯିବ ବୋଲି ଜେଲର ଅବିନାଶ ବେହେରା ସୂଚନା ଦେଇଛନ୍ତି।

## ସଂକ୍ଷେପରେ

### ୩ ପଞ୍ଚାୟତରେ ମାଇକ୍ରୋ କଣ୍ଟେନମେଣ୍ଟ

ନିଶ୍ଚିନ୍ତକୋଇଲି,(ସ୍ୱ.ପ୍ର.): ନିଶ୍ଚିନ୍ତକୋଇଲି ବ୍ଲକର ୩ ପଞ୍ଚାୟତକୁ ସୋମବାର ମାଇକ୍ରୋ କଣ୍ଟେନମେଣ୍ଟ ଜୋନ ଘୋଷଣା କରିଛନ୍ତି। ଜିଗ୍ନିପୁର ପଞ୍ଚାୟତ ଛୁଆଳିଆ ଗ୍ରାମର ୬ନଂ ଓ ୭ନଂ ୱାର୍ଡକୁ ସରପଞ୍ଚ ତିଲୋତ୍ତମା ରାଉତ ମେ'୧୭ ସକାଳ ୭ଟାରୁ ୧୯ ତାରିଖ ରାତି ୯ଟା ପର୍ଯ୍ୟନ୍ତ ନିଷିଦ୍ଧାଞ୍ଚଳ ଘୋଷଣା କରିଛନ୍ତି। ସେହିପରି ତରତ ପଞ୍ଚାୟତର କୋଇଲିରଙ୍ଗୀ ଗ୍ରାମର ୪ନଂ ୱାର୍ଡକୁ ମେ'୧୬ ସନ୍ଧ୍ୟା ୬ଟାରୁ ୧୯ ତାରିଖ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ସରପଞ୍ଚ ଜିତେନ୍ଦ୍ର ମିଶ୍ର ନିଷିଦ୍ଧାଞ୍ଚଳ ଘୋଷଣା କରିଛନ୍ତି। କେରିଲୋ ପଞ୍ଚାୟତ ସରପଞ୍ଚ ସୁଶାନ୍ତ ରଞ୍ଜନ ମଲ୍ଲିକ ବାହାରବନ୍ଧୁ, ହାଣ୍ଡିଭଙ୍ଗା ଓ କୋରିଲୋର ୨ନଂ.ୱାର୍ଡକୁ ମେ ୧୬ରୁ ୨୧ ତାରିଖ ନିଷିଦ୍ଧାଞ୍ଚଳ ଘୋଷଣା କରିଛନ୍ତି।

### ପୃଥକ୍ ହେଲା ଟେଷ୍ଟିଂ, ଟିକାଦାନ କେନ୍ଦ୍ର

**ନିଶ୍ଚିନ୍ତକୋଇଲି,୧୭।୫(ସ୍ୱ.ପ୍ର.):** ନିଶ୍ଚିନ୍ତକୋଇଲି ବ୍ଲକରେ କରୋନା ଆକ୍ରାନ୍ତଙ୍କ ୧୯୦ ଆକ୍ଟିଭ କେସ୍ ଥିବାବେଳେ ୬ ଜଣଙ୍କ ମୃତ୍ୟୁ ଘଟିଛି। ପୂର୍ବରୁ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଟିକାକରଣ ଓ ଆକ୍ରାନ୍ତଙ୍କ ଟେଷ୍ଟିଂ କରାଯାଉଥିଲା। ସଂକ୍ରମଣ ବଢ଼ିବା ଆଶଙ୍କା ଥିବାରୁ ବିଡିଓ କର୍ଣ୍ଣଦେବ ସମାଦ୍ଦାର ସୋମବାର କାର୍ଯ୍ୟାଳୟରେ ଜରୁରୀ ବୈଠକ ଡକାଇଥିଲେ। ବୈଠକରେ ଟିକା କେନ୍ଦ୍ର ଓ ଟେଷ୍ଟିଂ ପୃଥକ୍ ସ୍ଥାନରେ କରିବା ଉପରେ ନିଷ୍ପତ୍ତି ହୋଇଥିଲା। ପୋଲିସ ଓ ତହସିଲଦାର ମିଳିତ ଭାବେ କୋଭିଡ କଟକଣା ଉଲ୍ଲଂଘନକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ବିଡିଓ ନିର୍ଦ୍ଦେଶ ଦେଇଥିଲେ। ସଂକ୍ରମିତଙ୍କ ସଂସ୍ପର୍ଶରେ ଆସିଥିବା ବ୍ୟକ୍ତିଙ୍କ କଣ୍ଟାକ୍ଟ ଟ୍ରେସିଂ କରାଯାଇ ପରୀକ୍ଷା କରିବାକୁ ମେଡିକାଲ ଅଫିସର ଅମିତ ଜେନା କହିଥିଲେ। ବୈଠକରେ ତହସିଲଦାର ମାନସ ରଞ୍ଜନ ତରାସିଆ, ଥାନାଧିକାରୀ ସୁଧାଂଶୁ ଶେଖର ପରିଡା, ଅତିରିକ୍ତ ତହସିଲଦାର ଉମାକାନ୍ତ ବିଶ୍ୱାଳ ଓ ଅଶୋକ ଓଝା ଉପସ୍ଥିତ ଥିଲେ।

### ନଦୀପଠାରୁ ବାଲିଖନନକୁ ଗ୍ରାମବାସୀଙ୍କ ବିରୋଧ

**ବାଲିଅନ୍ତା,୧୭।୫(ଡି.ଏନ୍.ଏ.):** ପୁରୁଣା ଜଗନ୍ନାଥ ସଡ଼କର ଧବଳାହାର ଗ୍ରାମ ସମ୍ମୁଖ କୁଆଖାଇ ନଦୀପଠାରୁ ବାଲି ଖନନକୁ ସୋମବାର ଗ୍ରାମବାସୀ ବିରୋଧ କରିଛନ୍ତି। ଗ୍ରାମର ୫୦ରୁ ଊର୍ଦ୍ଧ୍ୱ ବ୍ୟକ୍ତି ବାଲି ଖନନ ସ୍ଥଳକୁ ଯାଇ ମାଟି ଓ ବାଲି ଉଠାଣ ବନ୍ଦ କରିବାକୁ ଦାବି କରିଥିଲେ। ଏଠାରୁ ବାଲି ଉଠାଇଲେ କୁଆଖାଇ ନଦୀର ଗତିପଥ ପରିବର୍ତ୍ତନ ସହ ବନ୍ୟାଜଳ ସିଧା ଆସି ନଦୀବନ୍ଧରେ ମାଡ଼ ହେବ। ନଦୀବନ୍ଧ ଭାଙ୍ଗିଯିବା ଆଶଙ୍କା ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ବାଲିଅନ୍ତା ପୋଲିସ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲା। ବିରୋଧ ଯୋଗୁ ବାଲି ଉଠାଣ ପାଇଁ ଆସିଥିବା ୪ ହାଇୱା ଗାଡ଼ି ଫେରିଯାଇଥିଲା।

### ଗୁଣାତ୍ମକ ଗବେଷଣା ଉପରେ ସ୍ୱତନ୍ତ୍ର ଦୃଷ୍ଟି ଦିଅ

**ଭୁବନେଶ୍ୱର,୧୭।୫(ବ୍ୟୁରୋ):** ଉତ୍କଳ ବିଶ୍ୱବିଦ୍ୟାଳୟର ବ୍ୟବସାୟ ପ୍ରଶାସନିକ ବିଭାଗ ପକ୍ଷରୁ 'ଡିମିଷ୍ଟିଫ୍ଲାଇଂ ଡାଟା: ମଲ୍ଟିଭାରିଏଟ୍ ଆନାଲିସିସ୍ ୟୁଜିଂ ଏସ୍‌ପିଏସ୍‌ଏସ୍' ଶୀର୍ଷକ ଜାତୀୟ ୱେବିନାର ଅନୁଷ୍ଠିତ ହୋଇଛି। ଉଦ୍‌ଘାଟନୀ ଉତ୍ସବରେ କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟ ଯୋଗଦେଇ ବୈଜ୍ଞାନିକ ପଦ୍ଧତିରେ କିଭଳି ଗୁଣାତ୍ମକ ଗବେଷଣା କରାଯାଇପାରିବ ସେଥିପ୍ରତି ଗୁରୁତ୍ୱ ଦିଆଯିବା ଆବଶ୍ୟକ ବୋଲି କହିଥିଲେ। ହାଇଦ୍ରାବାଦ୍ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ପ୍ରଫେସର ଶିବ କୁମାର ଉଦ୍‌ଗାତା ଓ ଗ୍ୱାଲିଅର ଏବିଭି-ଆଇଆଇଟିଏମ୍ ପ୍ରଫେସର ମନୋଜ ଦାସ ରିସୋର୍ସ ପର୍ସନ ଭାବେ ଯୋଗଦେଇଥିଲେ। ବ୍ୟବସାୟ ପ୍ରଶାସନିକ ବିଭାଗ ମୁଖ୍ୟ ଡ. ଦାଶରଥୀ ସାହୁ, ପ୍ରଫେସର ବିଧୁଭୂଷଣ ମିଶ୍ର, ଦେବାନନ୍ଦ ପାତ୍ର ଓ ଆଭାଶତରୂପା ପତି ଉପସ୍ଥିତ ଥିଲେ। ସହକାରୀ ପ୍ରଫେସର ରଶ୍ମିତା ସାହୁ ଧନ୍ୟବାଦ ଦେଇଥିଲେ।

### ବାଲିପାଟଣା, ବାଲିଅନ୍ତା ବ୍ଲକ କଂଗ୍ରେସର ନୂଆ ସଭାପତି

**ଭୁବନେଶ୍ୱର, ୧୭।୫(ବ୍ୟୁରୋ):** ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ଅନୁମୋଦନକ୍ରମେ ବାଲିପାଟଣା ବ୍ଲକ କଂଗ୍ରେସ ସଭାପତି ଭାବେ ବଟକୃଷ୍ଣ ରାଉତରାୟ ଏବଂ ବାଲିଅନ୍ତା ବ୍ଲକ କଂଗ୍ରେସ ସଭାପତି ଭାବେ ଜନ୍ମେଜୟ ସ୍ୱାଇଁ ନିଯୁକ୍ତି ପାଇଛନ୍ତି। ଖୋର୍ଦ୍ଧା ଜିଲା କଂଗ୍ରେସ ସଭାପତି ତଥା ବିଧାୟକ ସୁରେଶ କୁମାର ରାଉତରାୟ ଏହି ସୂଚନା ଦେଇଛନ୍ତି।

# ଅନ୍‌ଲାଇନରେ ବିବାହ, ଅନ୍ତ୍ୟେଷ୍ଟି ଅନୁମତି

ଭୁବନେଶ୍ୱର,୧୭।୫(ବ୍ୟୁରୋ)

### ପ୍ରାଥମିକ ପର୍ଯ୍ୟାୟରେ ଭୁବନେଶ୍ୱରରେ ଲାଗୁ

କୋଭିଡ୍ ସଂକ୍ରମଣକୁ ଦୃଷ୍ଟିରେ ରଖି କମିଶନରେଟ୍ ପୋଲିସ ପକ୍ଷରୁ ଲୋକଙ୍କୁ ଯଥାସମ୍ଭବ ଥାନାକୁ ନ ଆସିବା ପାଇଁ ପରାମର୍ଶ ଦିଆଯାଉଛି। ଏଥିପାଇଁ ଅଭିଯୋଗଠାରୁ ଆରମ୍ଭ କରି ବିଭିନ୍ନ କାର୍ଯ୍ୟ ଓ ଜରୁରୀ କାଳିନ ସେବା ପାଇଁ କମିଶନରେଟ୍ ପୋଲିସ ପକ୍ଷରୁ ଅନ୍‌ଲାଇନ୍ ସେବା ପ୍ରଦାନ କରାଯାଉଛି। ଏବେ ଆଉଏକ ପଦକ୍ଷେପ ନିଆଯାଇଛି। କଟକ ଓ ଭୁବନେଶ୍ୱର ଦ୍ୱୈତନଗରୀରେ ବିବାହ ଏବଂ ଅନ୍ତ୍ୟେଷ୍ଟି କ୍ରିୟା ପାଇଁ ଅନ୍‌ଲାଇନ୍ ଅନୁମତିର ବ୍ୟବସ୍ଥା ହୋଇଛି। ଏଥିପାଇଁ ୭୨ ଘଣ୍ଟା ପୂର୍ବରୁ ୱେବ୍‌ସାଇଟ୍ www.bhubaneswarcuttackpolice.gov.inରେ ଆବେଦନ କରିବାକୁ ହେବ। ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କ ଗାଇଡ୍‌ଲାଇନ ଅନୁସାରେ, ବିବାହ ଓ ଅନ୍ତ୍ୟେଷ୍ଟିରେ ଯେଉଁମାନେ ଯୋଗ ଦେବେ ସେମାନଙ୍କ ତଥ୍ୟ ଦେଇ ଉକ୍ତ ୱେବସାଇଟ୍‌ରେ ଆବେଦନ କରିବାକୁ ପଡ଼ିବ। ଆବେଦନର କିଛି ସମୟ ପରେ ଡିସିପି ଅଫିସ ପକ୍ଷରୁ ମୋବାଇଲ୍ ନମ୍ବରକୁ ଏସ୍‌ଏମ୍‌ଏସ୍ ମାଧ୍ୟମରେ ଅନୁମତି ପଠାଯିବ ବୋଲି ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ କହିଛନ୍ତି। ଏହାସହ ଯେଉଁ ନିମନ୍ତ୍ରିତ ଅତିଥିଙ୍କ ତଥ୍ୟ ପ୍ରଦାନ କରାଯାଇଥିବ ସେମାନଙ୍କ ନମ୍ବରକୁ ମଧ୍ୟ ଏସ୍‌ଏମ୍‌ଏସ୍ ପଠାଯିବ। ଉକ୍ତ ଏସ୍‌ଏମ୍‌ଏସ୍ ଦେଖାଇ ସେମାନେ କାର୍ଯ୍ୟକ୍ରମରେ ଯୋଗଦେବାକୁ ଯାଇପାରିବେ। ତେବେ ବର୍ତ୍ତମାନ ଏହି ଅନ୍‌ଲଇନ୍ ସୁବିଧା କେବଳ ଭୁବନେଶ୍ୱର ସହରାଞ୍ଚଳ ପାଇଁ ଆରମ୍ଭ କରାଯାଇଛି। ଖୁବ୍‌ଶୀଘ୍ର କଟକ ସହରାଞ୍ଚଳ ପାଇଁ ଆରମ୍ଭ କରାଯିବ। ଅନ୍ୟପକ୍ଷେ କୌଣସି ପ୍ରକାର ଅନୁସନ୍ଧାନ ନିମନ୍ତେ ପୋଲିସ ପକ୍ଷରୁ ଏକ ହ୍ୱାଟ୍ସଆପ ନଂ.୮୧୪୪୨୦୭୧୦୦ ଜାରି କରାଯାଇଛି। ଉକ୍ତ ନମ୍ବରରେ ହ୍ୱାଟ୍‌ସଆପ୍ କଲେ ପୋଲିସ ପକ୍ଷରୁ ସମସ୍ତ ଉତ୍ତର ଦିଆଯିବ ବୋଲି ବୋଲି କମିଶନର କହିଛନ୍ତି।

### ଗର୍ଭବତୀଙ୍କ ପାଇଁ ଘରେ ଟେଷ୍ଟିଂ ସୁବିଧା

ସହରରେ ସଂକ୍ରମଣ ରୋକିବାକୁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଉଛି। ଏବେ ଗର୍ଭବତୀଙ୍କ ପାଇଁ ଘରେ ଟେଷ୍ଟିଂର ସୁବିଧା କରିଛି ବିଏମ୍‌ସି। ଏଥିପାଇଁ ଗର୍ଭବତୀମାନେ ସକାଳ ୮ଟାରୁ ୧୧ଟା ମଧ୍ୟରେ ୧୯୨୯କୁ କଲ୍ କରି ଟେଷ୍ଟିଂ ପାଇଁ ବୁକିଂ କରିପାରିବେ। ପରଦିନ ବିଏମ୍‌ସିର ମୋବାଇଲ ଭ୍ୟାନ୍ ଆସି ଘରୁ ସେମାନଙ୍କ ନମୁନା ପରୀକ୍ଷା ପାଇଁ ନେବେ। ତେବେ କଲ୍ ସମୟରେ ନିଜର ପୂରା ନାମ ସହ ସମ୍ପୂର୍ଣ୍ଣ ଠିକଣା ଓ ଠିକ୍ ମୋବାଇଲ ନମ୍ବର ଦେବାକୁ ବିଏମ୍‌ସି ପକ୍ଷରୁ କୁହାଯାଇଛି। ସୂଚନାଯୋଗ୍ୟ, ପ୍ରଥମେ ୪୫ରୁ ଊର୍ଦ୍ଧ୍ୱ ନାଗରିକଙ୍କୁ ଦ୍ୱିତୀୟ ଡୋଜ୍ ଟିକା ଦେବା ପାଇଁ ଡ୍ରାଇଭ୍ ଇନ୍ ଭାକ୍ସିନେଶନ ବ୍ୟବସ୍ଥା ଆରମ୍ଭ କରିଥିଲା ବିଏମ୍‌ସି। ଏଥିସହ ସୋମବାରଠାରୁ ୬୦ରୁ ଊର୍ଦ୍ଧ୍ୱ ବୟସର ବରିଷ୍ଠ ନାଗରିକଙ୍କ ପାଇଁ ଡୋର୍ ଷ୍ଟେପ୍‌ରେ ଟିକାକରଣ ଓ ଟେଷ୍ଟିଂ ବ୍ୟବସ୍ଥା ହୋଇଛି।

## ୨୨୨ ବରିଷ୍ଠ ନାଗରିକଙ୍କ ଟେଷ୍ଟିଂ



**ଭୁବନେଶ୍ୱର, ୧୭।୫ (ବ୍ୟୁରୋ):** ଭୁବନେଶ୍ୱରରେ ଏକାକୀ ରହୁଥିବା ୬୦ ବର୍ଷରୁ ଊର୍ଦ୍ଧ୍ୱ ବୟସର ବରିଷ୍ଠ ନାଗରିକଙ୍କ ପାଇଁ ସୋମବାରଠାରୁ ସ୍ୱତନ୍ତ୍ର ଟିକାକରଣ ଓ ଟେଷ୍ଟିଂ ଆରମ୍ଭ ହୋଇଛି। ବିଏମ୍‌ସିର ନଂ.୧୯୨୯କୁ କଲ୍ କରି ବହୁ ବରିଷ୍ଠ ନାଗରିକ ଟେଷ୍ଟିଂ ପାଇଁ ବୁକିଂ କରିଥିଲେ। ତେବେ ପ୍ରଥମ ଦିନରେ ୨୨୨ଜଣଙ୍କ କୋଭିଡ୍ ଟେଷ୍ଟ ଦେଇଛନ୍ତି। ସେମାନଙ୍କୁ ବିଏମ୍‌ସିର ମୋବାଇଲ ଭ୍ୟାନ୍ ଘରୁ ଆଣି ନମୁନା ସଂଗ୍ରହ କରିବା ପରେ ପୁଣି ଘରେ ଛାଡ଼ିଥିଲା। ଆଗକୁ ଟେଷ୍ଟିଂକୁ ଆହୁରି ଜୋର୍‌ଦାର କରାଯିବ ବୋଲି ବିଏମ୍‌ସି କମିଶନର ତଥା ଭୁବନେଶ୍ୱର ସ୍ମାର୍ଟ ସିଟି ଲିମିଟେଡ୍ (ବିଏସ୍‌ସିଏଲ୍)ର ସିଇଓ ସଞ୍ଜୟ କୁମାର ସିଂହ ସୂଚନା ଦେଇଛନ୍ତି।

### ଛକରେ ବଣା



ଲକ୍‌ଡାଉନ୍ ପରଠୁ ଭୁବନେଶ୍ୱର କଳ୍ପନା ଛକରେ ଟ୍ରାଫିକ୍ ପୋଲିସ ରହୁ ନ ଥିବାରୁ ସୋମବାର ଗାଡ଼ିଗୁଡ଼ିକ ମନଇଚ୍ଛା ଯାଆସ କରୁଛି।

## ଟିକା ନେଲେଣି ୮ହଜାର ହିତାଧିକାରୀ

### ଡ୍ରାଇଭ୍ ଇନ୍ ଭାକ୍ସିନେଶନ୍

ଭୁବନେଶ୍ୱର, ୧୭।୫ (ବ୍ୟୁରୋ)



କାର୍‌ରେ ବସିଥିବା ଜଣେ ମହିଳାଙ୍କୁ ଟିକା ଦିଆଯାଉଛି।

ଟିକାକରଣକୁ ସହଜ ଓ ତ୍ୱରାନ୍ୱିତ କରିବା ପାଇଁ ଗତ ୮ ତାରିଖରୁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ଆରମ୍ଭ ହୋଇଛି ଡ୍ରାଇଭ୍ ଇନ ଭାକ୍ସିନେଶନ। ପ୍ରଥମ ଡୋଜ୍ ଟିକା ନେଇ ସାରିଥିବା ୪୫ ବର୍ଷରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କ ପାଇଁ ଏହି ଯୋଜନା ଆରମ୍ଭ କରାଯାଇଛି। ପ୍ରଥମ ପର୍ଯ୍ୟାୟରେ ରସୁଲଗଡସ୍ଥିତ ଏସ୍‌ପ୍ଲାନେଡ୍ ମଲ୍ ପାର୍କିଂ ସ୍ଥଳରେ ଏପରି ଟିକାକରଣ ହୋଇଥିଲା। ଏହାର ସଫଳତା ପରେ କଳ୍ପନା ଛକସ୍ଥିତ ଉତ୍କଳ କନିକା ଗ୍ୟାଲେରିଆ, ରୁଦ୍ରପୁରର ସିମ୍ଫୋନି ମଲ୍, କିଟ୍ ବିଶ୍ୱବିଦ୍ୟାଳୟର କ୍ରିକେଟ ପଡିଆ, ପାତ୍ରପଡାସ୍ଥିତ ଡିଏନ୍ ରେଗାଲିଆ ମଲ୍‌ରେ ଟିକାକରଣ ଚାଲିଛି। ଏହି ଯୋଜନାରେ ସୋମବାର ସୁଦ୍ଧା ୮ହଜାର ହିତାଧିକାରୀ ସେମାନଙ୍କ ଦ୍ୱିତୀୟ ଡୋଜ୍ ଟିକା ନେଇ ସାରିଥିବା ବିଏମ୍‌ସି ପକ୍ଷରୁ ସୂଚନା ଦିଆଯାଇଛି। ପ୍ରତିଦିନ ପ୍ରାୟ ୧ହଜାର ଲୋକ ଟିକାକରଣ କରାଉଛନ୍ତି।

ପ୍ରଥମ ଦିନ ଏସ୍‌ପ୍ଲାନେଡ୍ ମଲରେ ୪୩୦ଜଣ ଟିକା ନେଇଥିବାବେଳେ ଗତ ୧୦ ତାରିଖରେ ୪୩୦ଜଣ, ୧୧ତାରିଖରେ ୪୬୦ଜଣ ଟିକା ନେଇଥିଲେ। ସେହିପରି ୧୧ ତାରିଖରୁ ଅନ୍ୟ ୩ଟି ସ୍ଥାନ ଯଥା ଉତ୍କଳ କନିକା ଗ୍ୟାଲେରିଆରେ୨୮୭ଜଣ, ସିମ୍ଫୋନି ମଲରେ ୨୮୮ଜଣ, ଓ କିଟ୍ ବିଶ୍ୱବିଦ୍ୟାଳୟ କ୍ରିକେଟ ପଡିଆରେ ୨୫୩ଜଣ ଟିକା ନେଇଥିଲେ। ୧୨ ତାରିଖରେ ଡିଏନ୍ ରେଗାଲିଆ ମଲ୍‌ରେ ମଧ୍ୟ ଟିକାକରଣ ଆରମ୍ଭ କରାଯାଇଥିଲା। ଉକ୍ତ ଦିନ ୫ ସ୍ଥାନରେ ଯଥାକ୍ରମେ ୪୬୦, ୨୭୬, ୨୫୪, ୨୭୦ ଓ ୨୮୦ଜଣ ଟିକା ନେଇଥିଲେ। ଟିକା ନେବା ପାଇଁ ସାଧାରଣରେ ଆଗ୍ରହ ପ୍ରକାଶ ପାଉଥିବା ଦେଖାଯାଉଛି। ଏହି ଟିକାକରଣକୁ ବିଏମ୍‌ସିର ଜୋନାଲ୍ ଡେପୁଟି କମିଶନର ଅଂଶୁମାନ ରଥ, ପୁରନ୍ଦର ନନ୍ଦ, ରବି ନାରାୟଣ ଜେଠୀ ତଦାରଖ କରୁଛନ୍ତି।

### ଟିକାକରଣରେ ପାତରଅନ୍ତର ଅଭିଯୋଗ

#### ଚୌଦ୍ୱାର ସହରାଞ୍ଚଳ ସ୍ୱାସ୍ଥ୍ୟକେନ୍ଦ୍ର

ଚୌଦ୍ୱାର,୧୭।୫(ଡି.ଏନ.ଏ.)– ଚୌଦ୍ୱାର ସହରାଞ୍ଚଳ ସ୍ୱାସ୍ଥ୍ୟକେନ୍ଦ୍ରରେ ସୋମବାର ଟିକାକରଣରେ ପାତରଅନ୍ତର କରାଯାଇଥିବା ଅଭିଯୋଗ ହୋଇଛି। ମିଳିଥିବା ସୂଚନା ଅନୁଯାୟୀ, ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ୩ଜଣ କର୍ମଚାରୀ ଟିକା ନେଇ ଚୌଦ୍ୱାର ସହରାଞ୍ଚଳ ସ୍ୱାସ୍ଥ୍ୟକେନ୍ଦ୍ରରେ ପୂର୍ବାହ୍ନ ୯ଟାରେ ପହଞ୍ଚିଥିଲେ। ହେଲେ ପୂର୍ବରୁ ଅନ୍‌ଲାଇନ ଏବଂ ମେଡ଼ିକାଲରେ ରାତି ୪ଟା୩୦ରୁ ଲାଇନ୍ ଲଗାଇ ନାମ ପଞ୍ଜୀକରଣ କରିଥିଲେ ସୁଦ୍ଧା ବହୁଲୋକ ଟିକା ନ ପାଇ ନିରାଶ ହୋଇ ଫେରିଥିଲେ। ଅନ୍ୟପଟେ ଟିକା ଦେଉଥିବା କର୍ମଚାରୀମାନେ ନିଜ ପରିଚିତ ଲୋକଙ୍କୁ କିଛି ଟିକା ପ୍ରଦାନ କରିଥିବା ପ୍ରତାପ ଚନ୍ଦ୍ର ମିଶ୍ର, ହିମାଂଶୁ କୁମାର ହାତୀ, ମୁରଲୀଧର ମିଶ୍ର, ସୋନି ହାତୀ ଓ ଭାଜପା ଚୌଦ୍ୱାର ମଣ୍ଡଳ ସଭାପତି କୈଳାଷ ଚନ୍ଦ୍ର ବେହେରା ପ୍ରମୁଖ ଅଭିଯୋଗ କରିଛନ୍ତି। ସୋମବାର ୧୦୦ ଡୋଜ୍ ଟିକା ଆସିଥିଲା। ସେଥିମଧ୍ୟରୁ ୯୬ଜଣଙ୍କୁ ଟିକା ଦିଆଯାଇଥିବାବେଳେ ଅବଶିଷ୍ଟ ଟିକା କୁଆଡେ ଗଲା ବୋଲି ସେମାନେ କହିଛନ୍ତି। ଏପରି ଅବ୍ୟବସ୍ଥାକୁ ବିଭାଗୀୟ ଅଧିକାରୀ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି। ଏଥିସହିତ ଟିକାକରଣ ପାଇଁ ପୂର୍ବରୁ ସୂଚନା ଦେବା, ଦିନ ଭିତରେ କେତେଜଣଙ୍କୁ ଟିକା ପ୍ରଦାନ କରାଯାଇପାରିବ ସେ ସମ୍ପର୍କରେ ଜଣାଇବା ପାଇଁ ସେମାନେ ନିବେଦନ କରିଛନ୍ତି।

### ସତ୍ୟନଗର ଶ୍ମଶାନରେ ନିୟୋଜିତ ୬ ବିଏମ୍‌ସି କର୍ମଚାରୀଙ୍କୁ କରୋନା

**ଭୁବନେଶ୍ୱର, ୧୭।୫ (ବ୍ୟୁରୋ):** ସତ୍ୟନଗର ଶ୍ମଶାନରେ ନିୟୋଜିତ ଥିବା ବିଏମ୍‌ସିର ୬ଜଣ କର୍ମଚାରୀ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୨ଜଣ ହସ୍ପିଟାଲରେ ଭର୍ତ୍ତି ହୋଇଥିବାବେଳେ ଅନ୍ୟ ୪ଜଣ ହୋମ୍ ଆଇସୋଲେଶନରେ ଅଛନ୍ତି। ବିଏମ୍‌ସି ପକ୍ଷରୁ ସେମାନଙ୍କ କଣ୍ଟାକ୍ଟ ଟ୍ରେସିଂ ଜାରି ରହିଛି। ଅପରପକ୍ଷେ ଶ୍ମଶାନ କାର୍ଯ୍ୟ ତୁଲାଇବା ପାଇଁ ସେମାନଙ୍କ ସ୍ଥାନରେ ନୂଆ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି।

## ଭୁବନେଶ୍ୱରରୁ ୮୬୪ ପଜିଟିଭ୍, ୩ ମୃତ

ଭୁବନେଶ୍ୱର, ୧୭।୫ (ବ୍ୟୁରୋ)

### ସୁସ୍ଥ ହେଲେ ଆଉ ୯୩୬



ରାଜଧାନୀ ଭୁବନେଶ୍ୱରରେ ରବିବାର ସଂକ୍ରମଣ ସର୍ବକାଳୀନ ରେକର୍ଡ ଛୁଇଁଥିଲା। ଦିନକରେ ୧୩୫୩ ଆକ୍ରାନ୍ତ ହୋଇଥିବାବେଳେ ୨ଜଣଙ୍କ ମୃତ୍ୟୁ ଘଟିଥିଲା। ତେବେ ଏହାକୁ ନେଇ ଚିନ୍ତା ବଢ଼ିଥିବାବେଳେ ସୋମବାର ସଂକ୍ରମଣ ହଠାତ୍ ୯ଶହ ତଳକୁ ଖସିଯିବାରୁ ଆଶ୍ୱସ୍ତି ମିଳିଛି। ଗତ ୨୪ ଘଣ୍ଟାରେ ସହରରୁ ୮୬୪ ଆକ୍ରାନ୍ତ ଚିହ୍ନଟ ହୋଇଥିବାବେଳେ ୩ଜଣଙ୍କ ଜୀବନ ନେଇଛି ମହାମାରୀ କରୋନା। ତେବେ ନୂଆ ଆକ୍ରାନ୍ତଙ୍କ ମଧ୍ୟରୁ ୧୩୪ଜଣ କ୍ୱାରାଣ୍ଟାଇନ୍ ସେଣ୍ଟରରୁ ଓ ୭୩୦ଜଣ ସ୍ଥାନୀୟ ସଂକ୍ରମିତ ରହିଛନ୍ତି। ପୁରୁଣା ଭୁବନେଶ୍ୱରରୁ ସର୍ବାଧିକ ୩୫ଜଣ ଚିହ୍ନଟ ହୋଇଥିବାବେଳେ ଖଣ୍ଡଗିରିରୁ ୩୧, ଚନ୍ଦ୍ରଶେଖରପୁରରୁ ୨୩, ନୟାପଲ୍ଲୀରୁ ୨୭, ଡୁମୁଡୁମାରୁ ୧୯, ପଟିଆରୁ ୨୩, କଳ୍ପନା, ଗଜପତି ନଗର ଓ ଝାରପଡାରୁ ୧୧ଜଣ ଲେଖାଏ, ଭୀମଟାଙ୍ଗୀରୁ ୧୨, ମଞ୍ଚେଶ୍ୱରରୁ ୧୪, ବମିଖାଲରୁ ୧୧, ଚିନ୍ତାମଣିଶ୍ୱରରୁ ୧୩, ନୀଳାଦ୍ରିବିହାରରୁ ୧୬, ଲକ୍ଷ୍ମୀସାଗରରୁ ୧୫, ବିଜେବି ନଗରରୁ ୧୦, ବରମୁଣ୍ଡାରୁ ୧୬, ବଡଗଡରୁ ୧୨, ଶୈଳଶ୍ରୀ ବିହାରରୁ ୧୪, ୟୁନିଟ-୯ରୁ ୮, ପଳାଶୁଣିରୁ ୧୨, ସାମନ୍ତରାପୁର, ଟଙ୍କପାଣିରୋଡ୍ ଓ ଭିଏସ୍‌ଏସ୍ ନଗରରୁ ୭ଜଣ ଲେଖାଏ, ପାତ୍ରପଡାରୁ ୧୧, ପୋଖରୀପୁଟରୁ ୧୦, ରସୁଲଗଡରୁ ୨୧, ଶହୀଦନଗରରୁ ୧୨, ୟୁନିଟ-୩ରୁ ୧୧, ୟୁନିଟ-୮ ଓ ୟୁନିଟ-୬ରୁ ୧୭ଜଣ ଲେଖାଏ, ସତ୍ୟନଗର, ପଳାସପଲ୍ଲୀ ଓ ଶିଶୁପାଳଗଡରୁ ୬ଜଣ ଲେଖାଏ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଫଳରେ ଭୁବନେଶ୍ୱରରେ ମୋଟ ଆକ୍ରାନ୍ତ ସଂଖ୍ୟା ୬୨ହଜାର ୪୯୮ରେ ପହଞ୍ଚିଛି। ସେହିଭଳି ଆଉ ୯୩୬ ସୁସ୍ଥ ହେବା ପରେ ଆରୋଗ୍ୟ ସଂଖ୍ୟା ୫୦,୧୬୦ ଛୁଇଁଛି। ୩ଜଣ ମୃତକଙ୍କୁ ମିଶାଇଲେ ମୃତ୍ୟୁ ସଂଖ୍ୟା ୨୯୬କୁ ବୃଦ୍ଧି ପାଇଛି। ବର୍ତ୍ତମାନ ସହରରେ ୧୨ହଜାର ୨୧ଜଣ ସକ୍ରିୟ ସଂକ୍ରମିତ ରହିଛନ୍ତି।

## ପୋଲିସକୁ ୪୩ ହଜାର ଟଙ୍କା ଦେଲେ ୬ଷ୍ଠ ଶ୍ରେଣୀ ଛାତ୍ର

**ଭୁବନେଶ୍ୱର,୧୭।୫(ବ୍ୟୁରୋ):** କରୋନା ସମୟରେ ସମ୍ମୁଖ ଯୋଦ୍ଧା ଭାବେ ଅନେକ ପୋଲିସ କର୍ମଚାରୀ ଜୀବନକୁ ବାଜି ଲଗାଇ କାର୍ଯ୍ୟ କରୁଛନ୍ତି। ଏପରି ସ୍ଥଳେ ସେମାନଙ୍କୁ ସହଯୋଗର ହାତ ବଢ଼ାଇଛନ୍ତି ସାଇ ଇଣ୍ଟରନ୍ୟାଶନାଲ ସ୍କୁଲରେ ଷଷ୍ଠ ଶ୍ରେଣୀରେ ପଢୁଥିବା ଛାତ୍ର ଇସାନ ନାୟକ। ନିଜ ସଞ୍ଚିତ ଅର୍ଥରୁ ୪୩ ହଜାର ଟଙ୍କା ପୋଲିସ ବିଭାଗକୁ ସେ ଦାନ କରିଛନ୍ତି। ସୋମବର କମିଶନରେଟ ପୋଲିସର ମୁଖ୍ୟାଳୟରେ ପହଞ୍ଚି କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀଙ୍କୁ ଭେଟି ସେ ଏହି ଅର୍ଥ ପ୍ରଦାନ କରିଛନ୍ତି। ଏ ନେଇ ଇସାନ କହିଛନ୍ତି, ଖେଳନା ତ ସମସ୍ତେ କିଣୁଛନ୍ତି କିନ୍ତୁ ସଞ୍ଚୟ କରିଥିବା ଟଙ୍କା କିଛି ଭଲ କାର୍ଯ୍ୟରେ ବିନିଯୋଗ କରିବା ଏକ ପୁଣ୍ୟ କାମ। ତେଣୁ ସେ ଏହି ଟଙ୍କା ପୋଲିସ ବିଭାଗକୁ ଦାନ କରିଛନ୍ତି ବୋଲି କହିଛନ୍ତି।



### ୬୨ ଖବରଦାତାଙ୍କୁ ଟିକାକରଣ

**ନିଶ୍ଚିନ୍ତକୋଇଲି,୧୭।୫(ସ୍ୱ.ପ୍ର.):** ନିଶ୍ଚିନ୍ତକୋଇଲି ବ୍ଲକ ଅଧୀନ ବୁହାଳ ପଞ୍ଚାୟତରେ ସୋମବାର ଅସ୍ଥାୟୀ ଟିକାଦାନ କେନ୍ଦ୍ର ଲୋକାର୍ପିତ ହୋଇଛି। ଏହି ଅବସରରେ ୬୨ ଜଣ ଖବରଦାତାଙ୍କୁ ଟିକା ଦିଆଯାଇଥିଲା। ବ୍ଲକ ଅଧ୍ୟକ୍ଷା ସବିତା ଓଝା, ବ୍ଲକ ବିଜେଡି ସଭାପତି ରମାକାନ୍ତ ମହାନ୍ତିଙ୍କ ତତ୍ତ୍ୱାବଧାନରେ ଏହାକୁ ଆୟୋଜନ କରାଯାଇଥିଲା। ଏଥିରେ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର କର୍ମଚାରୀମାନେ ସହଯୋଗ କରିଥିଲେ।

## ଏସ୍‌ସିବି କୋଭିଡ୍ ହସ୍ପିଟାଲ ସମ୍ମୁଖରେ ହୋହଲ୍ଲା

କଟକ ଅଫିସ, ୧୭।୫

- ରୋଗୀଙ୍କ ସମ୍ପର୍କରେ ଦିଆଯାଉନି ସୂଚନା
- ବିଦ୍ୟୁତ୍ ସରବରାହ ବିଚ୍ଛିନ୍ନ



ଏସ୍‌ସିବି ମେଡିକାଲ ପରିସରସ୍ଥ କୋଭିଡ୍ ହସ୍ପିଟାଲ ସମ୍ମୁଖରେ ସୋମବାର ସକାଳେ ରୋଗୀଙ୍କ ସମ୍ପର୍କୀୟମାନେ ହୋହଲ୍ଲା କରିଥିଲେ। କୋଭିଡ୍ ୱାର୍ଡ ଭିତରକୁ ରୋଗୀ ସମ୍ପର୍କୀୟଙ୍କୁ ପ୍ରବେଶ ଅନୁମତି ଦିଆ ନ ଯିବାରୁ ସେମାନେ ପାଟିତୁଣ୍ଡ କରିଥିଲେ। ରୋଗୀ ସମ୍ପର୍କୀୟଙ୍କ କହିବା ଅନୁଯାୟୀ, ଏସ୍‌ସିବିରେ ସରକାରଙ୍କ ପକ୍ଷରୁ କରାଯାଇଥିବା ହେଲ୍ପଡେସ୍କରୁ ରୋଗୀଙ୍କ ସମ୍ପର୍କୀୟଙ୍କୁ କୌଣସି ସୂଚନା ମିଳି ନ ଥିଲା। ସୋମବାର ହଠାତ ସେମାନଙ୍କୁ ୱାର୍ଡ ଭିତରକୁ ପ୍ରବେଶ ପାଇଁ ବାରଣ କରାଯାଇଥିଲା। ଏପରି କି କୋଭିଡ୍ ହସ୍ପିଟାଲ ଭିତରେ ରୋଗୀଙ୍କ ଅବସ୍ଥା କିଭଳି ରହିଛି, ସେ ସମ୍ପର୍କରେ ସେମାନଙ୍କ ସମ୍ପର୍କୀୟଙ୍କୁ ସୂଚନା ଦିଆଯାଇନଥିଲା। କରୋନାର ସଂକ୍ରମଣ ଭୟରେ କୋଭିଡ୍ ହସ୍ପିଟାଲକୁ କାହାରିକୁ ଛଡାଯାଉନାହିଁ। ବାହାରେ ଥିବା ସମ୍ପର୍କୀୟଙ୍କୁ ସେମାନଙ୍କ ବିଷୟରେ ଏସ୍‌ସିବି ପକ୍ଷରୁ ସୂଚନା ଦିଆଯିବା କଥା। କିନ୍ତୁ ହେଲ୍ପଡେସ୍କରୁ କୌଣସି ସୂଚନା ନ ମିଳିବାରୁ ରୋଗୀ ସମ୍ପର୍କୀୟମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ମେଡିକାଲରେ ଘଣ୍ଟା ଘଣ୍ଟା ଧରି ବିଦ୍ୟୁତ୍ ସରବରାହ ବିଚ୍ଛିନ୍ନ ରହିବାରୁ ରୋଗୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହାକୁ ନେଇ ସେମାନଙ୍କ ସମ୍ପର୍କୀୟ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏ ସମ୍ପର୍କରେ ଏସ୍‌ସିବି ମେଡିକାଲର ଜରୁରିକାଳୀନ ଅଧିକାରୀ ଭୁବନାନନ୍ଦ ମହାରଣା କହିଛନ୍ତି, ରୋଗୀ ସମ୍ପର୍କୀୟଙ୍କୁ ବୁଝାଶୁଝା କରାଯିବା ପରେ ପରିସ୍ଥିତି ଶାନ୍ତ ହୋଇଥିଲା। ସରକାରଙ୍କ ନିୟମ ଅନୁଯାୟୀ, କୋଭିଡ୍ ରୋଗୀଙ୍କ ପାଖକୁ ଯିବାପାଇଁ କାହାରିକୁ ଅନୁମତି ନାହିଁ। କିନ୍ତୁ ଆମେ ଦିବ୍ୟାଙ୍ଗ, ମାନସୀକ ରୋଗୀ କିମ୍ବା ଗୁରୁତର ରୋଗୀଙ୍କ ପାଖରେ ସେମାନଙ୍କ ସମ୍ପର୍କୀୟଙ୍କୁ ରହିବାକୁ ଅନୁମତି ଦେଇଛୁ। ସମ୍ପର୍କୀୟମାନଙ୍କ କୋଭିଡ୍ ପରୀକ୍ଷା କରାଯାଇ ଭିତରକୁ ଛଡାଯିବ ବୋଲି କହିଛନ୍ତି।

**CORRIGENDUM TO TENDER CALL NOTICE NO. 01 DATED 28.01.2021 OF PANCHAYAT SAMITI, DARINGBADI, KANDHAMAL**

With reference to this Office Tender Call Notice No. 01 dated 28.04.2021, the conditions written in Tender book may please be read as follows.

**Sl. No. 06**- Bid document shall be dropped in the tender box placed in the Office chamber of BDO, Daringbadi on or before 1.00 PM of date 25.05.2021 instead of date 17.05.2021.

**Sl. No. 07**- Bids received shall be opened at 2.00 PM of date 25.05.2021 instead of 1.00 PM of date 17.05.2021.

All other conditions will remain unchanged.

**Sd./- Block Development Officer, Daringbadi**

**TPWODL**
**ଟିପି ୱେଷ୍ଟର୍ନ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ୍ ଲିମିଟେଡ୍**
**କର୍ପୋରେଟ୍ କାର୍ଯ୍ୟାଳୟ, ବୁର୍ଲା, ଜିଲ୍ଲା: ସମ୍ବଲପୁର, ଓଡ଼ିଶା- ୭୬୮୦୧୭**

**ନୋଟିସ**

ମାନ୍ୟବର ଓଇଆର୍‌ସି ତାଙ୍କର ତା୨୬।୦୩।୨୦୨୧ରିଖର ଆଦେଶ ସଂଖ୍ୟା ଓଇଆର୍‌ସି/ଇଏନ୍‌ଜିଜି./୨/୨୦୨୧/୪୦୯ ମାଧ୍ୟମରେ ଟିପିଡବ୍ଲ୍ୟୁଓଡିଏଲ୍ ପାଇଁ ପ୍ରଯୁଜ୍ୟ ନୂଆ ଲାଇସେନ୍ସିଂ ସର୍ତ୍ତାବଳୀକୁ ମଞ୍ଜୁରୀ ପ୍ରଦାନ କରିଛନ୍ତି । ସବିଶେଷ ଲାଇସେନ୍ସିଂ ସର୍ତ୍ତାବଳୀ ଆମ ୱେବ୍‌ସାଇଟ୍ www.tpwesternodisha.comରେ ଉପଲବ୍ଧ । ଏହାର ଏକ ନକଲ ଟିପିଡବ୍ଲ୍ୟୁଓଡିଏଲ୍ କର୍ପୋରେଟ୍ କାର୍ଯ୍ୟାଳୟରୁ ଫଟୋକପି ଶୁଳ୍କ ବାବଦରେ ଟ.୫୦/– ପୈଠ କରାଯାଇ ମଧ୍ୟ ହାସଲ କରାଯାଇପାରିବ ।

**ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ, ଟିପିଡବ୍ଲ୍ୟୁଓଡିଏଲ୍**

**ODISHA JOINT ENTRANCE EXAMINATION - 2021 (OJEE - 2021)**

**No. OJEE/183** **Date: 14.05.2021**

**NOTICE REGARDING EXTENSION OF LAST DATE OF APPLICATION**

No. h-04: In view of the lockdown declared by the Govt. to check the spread of COVID -19 (coronavirus), it is hereby announced **that the last date for submission of online application forms for all the courses under OJEE 2021 is extended up to 15.06.2021 and last date for fee payment up to 17.06.2021**.

The detailed schedule regarding revised dates of downloading of Admit Cards and of the Examination will be notified in due course of time, on assessment of the situation after 15.06.2021 only.

Thus, all concerned are advised not to be unduly worried, but to abide, for the time being, by all the preventive measures laid down, from time to time, by various Govt. Agencies to check the spread of coronavirus, and visit the official websites of OJEE regularly for updated information.

**Sd./- CHAIRMAN, OJEE, Odisha**

OIPR-14020/11/0003/2122

> ରାଷ୍ଟ୍ରଜାତି, ପରିବାର ଓ ମାନବଜାତି– ଏ ତିନୋଟି ହେଲେ ବିଷ୍ଣୁଙ୍କର ତ୍ରିପାଦ –ବ୍ୟକ୍ତିର ଏକତ୍ୱରୁ ସମଷ୍ଟିର ଏକତ୍ୱ ଆଡେ। ପରିବାର ସମ୍ପନ୍ନ ହୋଇଛି। ରାଷ୍ଟ୍ରଜାତିକୁ ସମ୍ପନ୍ନ କରିବା ପାଇଁ ଆମେ ବର୍ତ୍ତମାନ ସଚେଷ୍ଟ। ମାନବଜାତି ଆଡକୁ ଆମେ ହାତ ପ୍ରସାରିତ କରିଛୁ। ତା'ର ଭିତ୍ତି ଆରମ୍ଭ ହୋଇଯାଇଛି। –ଶ୍ରୀଅରବିନ୍ଦ

# ନିଜ ବସ୍ତ୍ର ପରକୁ ଦେଇ

କରୋନା ଭାଇରସ୍ ନିୟନ୍ତ୍ରଣ ଉପରେ ଗଠିତ କେନ୍ଦ୍ର ସରକାରଙ୍କ କୋଭିଡ୍ ପ୍ୟାନେଲରୁ ପ୍ରସିଦ୍ଧ ଭୂତାଣୁ ବିଜ୍ଞାନୀ ଶହିଦ ଜମିଲ ଓହରି ଯାଇଛନ୍ତି। କାହିଁକି ଏଭଳି ନିଷ୍ପତ୍ତି ନେଲେ ତାହାର କାରଣ ସେ ଦର୍ଶାଇ ନାହାନ୍ତି। ଏହା କୁହାଯାଉଛି ଯେ, ବିଭିନ୍ନ ସମୟରେ ସେ ସରକାରଙ୍କ କୋଭିଡ୍ ପରିଚାଳନାକୁ ନେଇ ପ୍ରଶ୍ନ ଉଠାଇଥିଲେ। କମ୍ ହାରରେ ପରୀକ୍ଷା କରାଯିବା, ଟିକା ଅଭାବ ଏବଂ ମହାମାରୀ ଟାଳିବା ସକାଶେ ବହୁସଂଖ୍ୟକ ସ୍ୱାସ୍ଥ୍ୟକର୍ମୀଙ୍କ ଆବଶ୍ୟକତା ବିଷୟ ସେ ବାରମ୍ବାର ଉଲ୍ଲେଖ କରୁଥିବାରୁ ସମ୍ଭବତଃ ସରକାରୀ ସ୍ତରରେ ତାଙ୍କ ଉପରେ ଚାପ ପଡ଼ିଛି। କେବଳ ଜମିଲ ନୁହନ୍ତି, ଅତୀତରେ ନୀତି ଆୟୋଗର ପୂର୍ବତନ ଉପାଧ୍ୟକ୍ଷ ତଥା ଅର୍ଥନୀତିଜ୍ଞ ଅରବିନ୍ଦ ପାନଗାରିଆଙ୍କଠାରୁ ଆରମ୍ଭକରି ଅନେକ ବିଶେଷଜ୍ଞ ମୋଦି ସରକାରଙ୍କ କାର୍ଯ୍ୟରେ ଅସନ୍ତୁଷ୍ଟ ହୋଇ ପଦ ଛାଡ଼ି ଦେଇଛନ୍ତି। ଏମାନଙ୍କ ଇସ୍ତଫା ଦେବା ପଛରେ କାରଣ ବୁଝିବା ଆବଶ୍ୟକ। ବିଶେଷଜ୍ଞମାନେ ଯେଉଁ ମତ ଦେଉଛନ୍ତି କିମ୍ବା ଯେଉଁ ଦିଗ୍‌ଦର୍ଶନ ଦେଖାଉଛନ୍ତି, ତାହାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମାନିବାକୁ ପସନ୍ଦ କରୁନାହାନ୍ତି। ଫଳସ୍ୱରୂପ, ସମଗ୍ର ଦେଶ ଆଜିର କରୋନା ସ୍ଥିତିରେ ହନ୍ତସନ୍ତ। କୋଭିଡ୍–୧୯ ପରିଚାଳନାରେ ଦେଖାଦେଇଥିବା ତ୍ରୁଟିକୁ ଜମିଲଙ୍କ ଭଳି ବୈଜ୍ଞାନିକ ଦର୍ଶାଇବା ସତ୍ତ୍ୱେ ସେହି ଦିଗରେ କୌଣସି ଅଗ୍ରଗତି ନ ହେବାରୁ ସେ ପଦ ଛାଡ଼ିଥିବା ବୁଝାପଡ଼ିଯାଉଛି।

ପ୍ରଥମ ପାଳିର ପ୍ରଧାନମନ୍ତ୍ରିତ୍ୱ ସମୟରୁ ଏହା ଦେଖାଦେଇଛି ଯେ, ସରକାରଙ୍କ ପ୍ରତିଟି କଥାରେ ମୋଦି କେବଳ ହସ୍ତକ୍ଷେପ କରିଥାଆନ୍ତି। ତାଙ୍କ ଅନୁମତି ବିନା ସରକାରରେ କୌଣସି କାର୍ଯ୍ୟ କରାଯାଇପାରୁ ନାହିଁ। କିନ୍ତୁ ମୋଦିଙ୍କ ଜ୍ଞାନ ସମ୍ପର୍କରେ ଏବେ ପ୍ରଶ୍ନବାଚୀ ଉଠିବା ସ୍ୱାଭାବିକ। ବୈଜ୍ଞାନିକ ଓ ଅର୍ଥନୀତିଜ୍ଞଙ୍କ ପରାମର୍ଶ ମୋଦିଙ୍କ ପାଇଁ ପାଣିର ଗାର ଭଳି କାର୍ଯ୍ୟ କରୁଛି। ଏହି ପରିପ୍ରେକ୍ଷୀରେ ଦେଖିଲେ ବିଦେଶୀ ରାଷ୍ଟ୍ରଗୁଡ଼ିକ ମହାମାରୀ ଭଳି ସ୍ଥିତିକୁ ଟାଳିବା ପାଇଁ ବିଶେଷଜ୍ଞଙ୍କ ମତକୁ ସର୍ବାଧିକ ଗୁରୁତ୍ୱ ଦେଇଥାଆନ୍ତି। ଜୋ ବାଇଡେନ୍ ଆମେରିକା ରାଷ୍ଟ୍ରପତି ନିର୍ବାଚିତ ହେବା ପରେ କରୋନା ମହାମାରୀକୁ ବୈଜ୍ଞାନିକ ପଦ୍ଧତିରେ ନିୟନ୍ତ୍ରଣକୁ ଆଣିବା ପାଇଁ ଡାକ୍ତର ଓ ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କୁ ନେଇ ଗଠନ କରିଥିବା ଟାସ୍କଫୋର୍ସକୁ ସମ୍ପୂର୍ଣ୍ଣ ଭାବେ ସ୍ୱାଧୀନ ଦାୟିତ୍ୱ ଦେଇଥିଲେ। ବିଶେଷଜ୍ଞଙ୍କ କାର୍ଯ୍ୟରେ ପ୍ରଶାସନିକ ହସ୍ତକ୍ଷେପ ନ ରହିବାରୁ ଆମେରିକାରେ ଅଧିକାଂଶ ଲୋକ ଟିକା ନେଇ ସାରିଥିବା ବେଳେ ସଂକ୍ରମଣ ଓ ମୃତ୍ୟୁ ହାର କମିଯାଇପାରିଛି। ହେଲେ ଭାରତରେ ସବୁ କାର୍ଯ୍ୟରେ ମୋଦିଙ୍କ ଅତ୍ୟଧିକ ପରିମାଣରେ ହସ୍ତକ୍ଷେପ ଭୂତାଣୁନାଶ ଦିଗରେ ବିଘ୍ନ ଘଟାଇ ଚାଲୁଛି। ଜମିଲ ପରୀକ୍ଷା ହାର ବଢ଼ାଇବା, ଟିକା ଅଭାବ ମେଣ୍ଟାଇବା ପାଇଁ ତୁରନ୍ତ ପଦକ୍ଷେପ ଏବଂ ସ୍ଥିତି ନିୟନ୍ତ୍ରଣ ଲାଗି ଅଧିକ ସ୍ୱାସ୍ଥ୍ୟକର୍ମୀଙ୍କୁ ନିୟୋଜିତ କରିବା ଭଳି ଯେଉଁ ତିନୋଟି କଥାକୁ ଗୁରୁତ୍ୱ ଦେଇଆସୁଥିଲେ ସରକାର ତାହାକୁ ଅଣଦେଖା କଲେ। ବୈଜ୍ଞାନିକ ପଦ୍ଧତି ନ ଆପଣାଇ ମୋଦି ମନଇଚ୍ଛା ନିଷ୍ପତ୍ତି ନେଇଥିବାରୁ ଆଜି ଭାରତରେ ସଂକ୍ରମଣ ଓ ମୃତ୍ୟୁ ହାର ବଢ଼ିଚାଲିଛି। ସରକାର କୋଭିଡ୍ ସଂକ୍ରାନ୍ତ ତଥ୍ୟ ପ୍ରଦାନରେ ସ୍ୱଚ୍ଛତା ନ ଆଣିବା ଓ ବିଜ୍ଞାନସମ୍ମତ ପଦକ୍ଷେପ ପରିବର୍ତ୍ତେ ତାଳି, ଥାଳି ଓ ଘଣ୍ଟ ବାଡ଼େଇବା ପରି ଡାକରା ଦେଇ ସ୍ଥିତିକୁ ଆହୁରି ସଙ୍ଗିନ କରିଚାଲିଛନ୍ତି। ବିଧାନସଭା ନିର୍ବାଚନ ପରିଚାଳନରେ କୋଭିଡ୍ ନିୟମ ଘୋର ଉଲ୍ଲଂଘନ ଓ କୁମ୍ଭମେଳା ଆୟୋଜନ ସବୁଥିରେ ନିଜ ହୁଇମ୍ ବା ଖିଆଲିଭାବକୁ ମୋଦି ପ୍ରଦର୍ଶନ କରିବା ଯୋଗୁ ଭାରତ କରୋନାରେ ବିଶ୍ୱର ସର୍ବାଧିକ କ୍ଷତିଗ୍ରସ୍ତ ଦେଶ ପାଲଟିଯାଇଛି।

ଅନ୍ୟପକ୍ଷରେ ଜାତିସଂଘରେ ଭାରତର ପ୍ରତିନିଧି ମୋଦିଙ୍କୁ ବିଶ୍ୱ ନେତାର ଆଖ୍ୟା ଦେଇଥିବା ନେଇ ସୋସିଆଲ ମିଡିଆରେ ସମାଲୋଚନା କରାଯାଉଛି। ଭାରତୀୟ ପ୍ରତିନିଧି ଜାତିସଂଘକୁ ଜଣାଇଛନ୍ତି ଯେ, ନିଜ ଦେଶର ଲୋକଙ୍କୁ କମ୍ ଟିକା ଦେଇ ଭାରତ ବିଦେଶକୁ ଅଧିକ ଟିକା ପଠାଇପାରିଛି। ବାସ୍ତବରେ ମୋଦି ହେଉଛନ୍ତି ବିଶ୍ୱନେତା। ଏଥିରୁ ବୁଝି ହେଉଛି ଯେ, ଭାରତୀୟମାନେ ନର୍କକୁ ଗଲେ ମୋଦିଙ୍କ କିଛି ଯା'ଆସ ନାହିଁ। ପୂର୍ବତନ ଭାଜପା କେନ୍ଦ୍ରମନ୍ତ୍ରୀ ଯଶୱନ୍ତ ସିହ୍ନା ଏ ନେଇ ଟୁଇଟ୍ କରିଛନ୍ତି। ଓଡ଼ିଆରେ କଥା ଅଛି–'ନିଜ ବସ୍ତ୍ର ପରକୁ ଦେଇ ଶିବ ପଳାଇଲେ ଲଙ୍ଗଳା ହୋଇ'। ମୋଦି ଭାରତୀୟଙ୍କୁ ସେଭଳି ସ୍ତରରେ ରଖି ବିଶ୍ୱସାରା ପ୍ରଶଂସା ସାଉଁଟିବାକୁ ସମ୍ଭବତଃ ଲାଗିପଡ଼ିଥିବା ହେତୁ ଆମେ ମରୁଛୁ।

# ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ପାଇଁ ସତର୍କ ଘଣ୍ଟି



ହରେକୃଷ୍ଣ ପଣ୍ଡା

ଭାରତରେ କରୋନା ସଂକ୍ରମଣ ସ୍ଥିତିର ଭୟାବହତାକୁ ଦେଖି ବିଶ୍ୱ ପାଇଁ ଏହା ସତର୍କ ଘଣ୍ଟି ବୋଲି ୟୁନିସେଫ୍ କହିଛି। ଏହା ବ୍ୟତୀତ ଅନ୍ତର୍ଜାତୀୟ ସ୍ତରର ଖ୍ୟାତିସମ୍ପନ୍ନ ମେଡିକାଲ ଜର୍ନାଲ ଲାନ୍‌ସେଟର ସମ୍ପାଦକୀୟରେ କରୋନା ପରିଚାଳନାକୁ ନେଇ ଭାରତ ସରକାରଙ୍କ କାର୍ଯ୍ୟକୁ ତୀବ୍ର ସମାଲୋଚନା କରାଯାଇଛି। ପୂର୍ବେ ଅନ୍ତର୍ଜାତୀୟ ସ୍ତରରେ ଭାରତର ପଦକ୍ଷେପ ଏବଂ ବିଶ୍ୱ ସମୁଦାୟଙ୍କୁ ସହଯୋଗ ନେଇ ପ୍ରଶଂସାମୁଖର ହୋଇପଡ଼ିଥିବା ବେଳେ ୨ୟ ଲହର ସଂକ୍ରମଣ ପାଇଁ ଭାରତ ସମାଲୋଚନାର ଶିକାର ହୋଇ ଚାଲିଛି। କେବଳ ସେତିକି ନୁହେଁ, ଅଗଷ୍ଟ ପହିଲା ସୁଦ୍ଧା ୧୦ ଲକ୍ଷ କରୋନା ମୃତ୍ୟୁ ହେଲେ ମୋଦି ସରକାର ଜାତୀୟ ବିପର୍ଯ୍ୟୟର ସାମ୍ନା କରିବେ ବୋଲି ଲାନ୍‌ସେଟ ପକ୍ଷରୁ ସତର୍କ କରାଇ ଦିଆଯାଇଛି। ଭାରତରେ କରୋନା ସଂକ୍ରମଣକୁ ନେଇ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ(ହୁ) ବିଭିନ୍ନ ସମୟରେ ବିଭିନ୍ନ ପ୍ରକାର ବିବୃତି ଦେଇ ଚାଲିଛି। ଆଇଭରମେକ୍ଟିନ ବ୍ୟବହାରକୁ ନେଇ ଜାତୀୟ ବିଶେଷଜ୍ଞ ଆଶା ସଞ୍ଚାର କରି ଚାଲିଥିବା ବେଳେ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ଏହାକୁ ବାରଣ କରି ଆସୁଛି। ବିଶେଷକରି ଗୋଆ ସରକାର ରାଜ୍ୟର ସମସ୍ତ ୧୮ ବର୍ଷରୁ ଊର୍ଦ୍ଧ୍ୱ ନାଗରିକଙ୍କୁ ଆଇଭରମେକ୍ଟିନ ଦେବା ଲାଗି ସୁପାରିସ କରିଛନ୍ତି। କିଛିଦିନ ତଳେ ଏକ ଗବେଷଣାତ୍ମକ ତଥ୍ୟରେ କୁହାଯାଇଥିଲା ଯେ, ଶ୍ୱାସକ୍ରିୟା ଜନିତ ରୋଗ ସଂକ୍ରମଣରୁ ଦୂରେଇ ରଖିବାରେ ଆଇଭରମେକ୍ଟିନ ବେଶ୍ ଫଳପ୍ରଦ ହେଉଛି। ଆମେରିକା ସରକାରଙ୍କ ୩ ଜଣ ପ୍ରମୁଖ ବୈଜ୍ଞାନିକଙ୍କ ଗବେଷଣା ଅନୁଯାୟୀ, ଆଣ୍ଟି–ପାରାସିଟିକ୍ ଆଇଭରମେକ୍ଟିନ କୋଭିଡ୍–୧୯ ସଂକ୍ରମିତଙ୍କୁ ଆରୋଗ୍ୟ କରିବାରେ ଏକ ଅବ୍ୟର୍ଥ ଔଷଧ। କିନ୍ତୁ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ଏହାକୁ ବାରଣ କରି ଚାଲିଛି। ଏଠାରେ ମନେହୁଏ ଯେ, ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ହେଉ କିମ୍ବା ମିଳିତ ଜାତିସଂଘ ହେଉ, କରୋନା ସଂକ୍ରମଣକୁ ନେଇ ଭାରତ ପାଇଁ ଯେପରି ଉଦ୍‌ବିଗ୍ନତା ପ୍ରକାଶ କରି ଚାଲିଛନ୍ତି, ସେହିପରି ଏହି ଭୂତାଣୁ ସୃଷ୍ଟି ହୋଇଥିବା ମୂଳ ସ୍ତରକୁ ଯାଇ ଏହାର ପ୍ରତିକାର କଥା ଚିନ୍ତା କରୁନାହାନ୍ତି କାହିଁକି? ଭାରତକୁ ନେଇ ସମ୍ପ୍ରତି ଯେପରି ଚଳଚଞ୍ଚଳ ହୋଇ ପଡ଼ିଛନ୍ତି, ସେହିପରି ଏହି ଭୂତାଣୁର ଉତ୍ପତ୍ତିକୁ ନେଇ କାହିଁକି ଦୁଇବର୍ଷ ହେଲା ହଲ୍‌ଚଲ ହେଉ ନ ଥିଲେ?

ସାରା ବିଶ୍ୱ ବର୍ତ୍ତମାନ ଜାଣିସାରିଲାଣି ଯେ, କରୋନା ଭୂତାଣୁକୁ ଅସ୍ତ୍ର ଭାବେ ବ୍ୟବହାର କରିବାକୁ ୫ ବର୍ଷ ପୂର୍ବରୁ ଚାଇନା ଯେଉଁ ଯୋଜନା ପ୍ରସ୍ତୁତ କରିଥିଲା, ତାହା ୩ୟ ବିଶ୍ୱଯୁଦ୍ଧ ପୂର୍ବରୁ ପଦାକୁ ଚାଲି ଆସିଲା। ବିଶ୍ୱରେ ଆତଙ୍କ ସୃଷ୍ଟି କରିବା ଲକ୍ଷ୍ୟ ନେଇ ୫ ବର୍ଷ ତଳେ ଚାଇନାର ସାମରିକ ବୈଜ୍ଞାନିକମାନେ ଏକ କୃତ୍ରିମ ଭୂତାଣୁକୁ ଅସ୍ତ୍ର ଭାବେ ବ୍ୟବହାର କରିବାକୁ ଯୋଜନା କରିଥିଲେ ବୋଲି ତାଙ୍କର ସାମରିକ ନଥିପତ୍ରରୁ ଜଣାପଡ଼ିଛି। ଏହି ନଥିର ଆଦାନ ପ୍ରଦାନ ସାମରିକ ଓ ଜନସ୍ୱାସ୍ଥ୍ୟ ବିଜ୍ଞାନୀଙ୍କ ମଧ୍ୟରେ ହୋଇଥିଲା। ଉକ୍ତ ଗୋପନ ଆଲୋଚନା ସଂକ୍ରାନ୍ତ ଦସ୍ତାବିଜ୍ ଏବେ ଆମେରିକା ହାତରେ ପଡ଼ିଛି, ଯେଉଁଥିରେ ଚାଇନା ସାମରିକ ବିଜ୍ଞାନୀମାନେ ୩ୟ ବିଶ୍ୱଯୁଦ୍ଧ ଜୈବିକ ଅସ୍ତ୍ର ମାଧ୍ୟମରେ ଲଢ଼ାଯିବ ବୋଲି ମତ ରଖିଛନ୍ତି। ଏହି ଭୂତାଣୁ ସାରା ବିଶ୍ୱରେ ଆତଙ୍କ ଖେଳାଇଲା ପରେ ଚାଇନା ସମଗ୍ର ବିଶ୍ୱରେ ନିଜର ସାମରିକ ଓ କୂଟନୈତିକ ପ୍ରଭୁତ୍ୱ ଜାହିର କରିପାରିବ। ଚାଇନାର ମସୁଧା, ସେ ଆମେରିକାର ସ୍ଥାନ କିପରି ନେବ। ଏହା ଏକ ବିଶ୍ୱ ମାନବାଧିକାର ଅଭିଯୋଗ। ଚାଇନା ବିଜ୍ଞାନାଗାରରେ କରୋନା ଭୂତାଣୁ ପ୍ରସ୍ତୁତ ବୋଲି ବହୁଦିନ ହେଲା ଦାବି ହୋଇ ଆସୁଥିବା ବେଳେ ଏବେ ପୁଣି ଏହା ଉଜ୍ଜୀବିତ ହୋଇଛି। ଆମେରିକା ସମେତ ବିଶ୍ୱର ଅଧିକାଂଶ ରାଷ୍ଟ୍ର କରୋନା ଭୂତାଣୁ ଲାଗି ଚାଇନାକୁ ଦାୟୀ କରି ଆସୁଛନ୍ତି। ଏହାର ସଠିକ ପ୍ରମାଣ ଆମେରିକା, ଅଷ୍ଟ୍ରେଲିଆ ହାତରେ ଥିବା ବେଳେ ମିଳିତ ଜାତିସଂଘ ବିଶ୍ୱବାସୀଙ୍କୁ ଭୁଆଁ ବୁଲାଉଥିବା ପ୍ରତୀୟମାନ ହେଉଛି। ଗତବର୍ଷରୁ ଏହାର ନିରପେକ୍ଷ ତଦନ୍ତ ପାଇଁ ଦାବି ହୋଇ ଆସୁଥିବା ବେଳେ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନର ବୈଜ୍ଞାନିକମାନେ କରୋନା ଭୂତାଣୁ ଉତ୍ପତ୍ତି ସମ୍ପର୍କରେ ଚାଇନାକୁ ସୁହାଇଲା ଭଳି ରିପୋର୍ଟ ଦେଲେ। କିନ୍ତୁ ଅପରପକ୍ଷରେ ତଦନ୍ତକାରୀ କହିଛନ୍ତି ଯେ, ଏହି ଭୂତାଣୁ ପ୍ରକୃତି ଦ୍ୱାରା ସୃଷ୍ଟି ନୁହେଁ, ମଣିଷକୃତ। ଏହି ଭୂତାଣୁ ଏବେ ଭାରତରେ କାୟା ବିସ୍ତାର କରି ଚାଲିଛି। ତେବେ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ସାରା ବିଶ୍ୱବାସୀଙ୍କୁ ସତ କଥା ନ କହି ବୈଜ୍ଞାନିକ ଚିନ୍ତାଧାରା ନେଇ ଚାଇନାକୁ ଘଣ୍ଟ ଘୋଡ଼ାଉଥିବା ବିଶ୍ୱାସ କରାଯାଉଛି।

ଏବେ ଏହି ଭୂତାଣୁର ଟିକା ଓ ଔଷଧ ବିଭିନ୍ନ ରାଷ୍ଟ୍ର ବାହାର କରି ତା'ର ସୁଫଳ ପାଉଥିବା ବେଳେ ପୁଣି ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନର କର୍ମକର୍ତ୍ତା ନୂଆ ଚାଲ ଖେଳୁଥିବା ଦେଖାଯାଉଛି। ବିଶ୍ୱ ବଜାରରେ ଚାଇନାର ଟିକା ଓ ଔଷଧକୁ ହୁ ସ୍ୱୀକୃତି ଦେଇ ଏହାର ବଜାରୀକରଣ ପାଇଁ ଜୋରସୋର ଉଦ୍ୟମ କରି ଚାଲିଥିବା ସ୍ପଷ୍ଟ ଅନୁଭୂତ ହୁଏ। ଭାରତ ଦ୍ୱାରା ପ୍ରସ୍ତୁତ ଟିକା ଓ ଇଞ୍ଜେକଶନ୍ ତଥା ଆଗକୁ ଆସୁଥିବା ନିରାକରଣ ବ୍ୟବସ୍ଥାକୁ ସବୁବେଳେ ହୁ ନାପସନ୍ଦ କରି ଖୁଣ ବାହାର କରୁଥିବା ଅର୍ଥ କ'ଣ ହୋଇପାରେ। ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ଭଲଭାବେ ଜାଣିଛି ଯେ, କରୋନା ଭୂତାଣୁ ସାର୍ସ କୋଭ–୨ ଚାଇନା ସରକାରଙ୍କ ଏକ ପରୀକ୍ଷାଗାରରେ ଉତ୍ପନ୍ନ ହୋଇଛି। ଏଥିପାଇଁ ଚାଇନା ମଧ୍ୟ ଟିକା ଓ ଔଷଧ ସମସ୍ତଙ୍କ ଆଗରୁ ବାହାର କରିଛି। କିନ୍ତୁ ସେ ସାରା ବିଶ୍ୱରେ ଏକ ଅବିଶ୍ୱସ୍ତ ରାଷ୍ଟ୍ର ଭାବେ ପ୍ରମାଣିତ ହେଲା ପରେ ଚାଇନା ଔଷଧ କେହି ନେବା ପାଇଁ ରାଜି ନୁହନ୍ତି। ପଡ଼ୋଶୀ ରାଷ୍ଟ୍ର ବାଂଲାଦେଶ ଓ ଶ୍ରୀଲଙ୍କା ମଧ୍ୟ ଚାଇନାର ଔଷଧ ନେବାକୁ ରାଜି ନ ହେବାରୁ ତାଙ୍କୁ ଚାଇନା ପକ୍ଷରୁ ଧମକ ଦିଆଯାଇଛି। ଏବେ ଚାଇନା କହୁଛି, ଭାରତରେ ଦେଖାଦେଇଥିବା ନୂଆ ପ୍ରକାର କରୋନା ଭୂତାଣୁ ବି1.617କୁ ନୂତନ ଭୂତାଣୁ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞ ମାନିବାକୁ ପ୍ରସ୍ତୁତ ନୁହନ୍ତି। ଏହା ନୂଆ ରୂପ ହୋଇପାରେ। ବିଶ୍ୱ ରାଷ୍ଟ୍ରୀୟ ସଙ୍ଗଠନଗୁଡ଼ିକ ଚାଇନାର ଯୁକ୍ତିକୁ ଖଣ୍ଡନ କରିବାକୁ ଆଗେଇ ଆସି ନ ଥିବା ବେଳେ ଭାରତ ତା'ର ବିରୋଧ ଜାରି ରଖିଛି।

ଆମେରିକା, ଅଷ୍ଟ୍ରେଲିଆ, ଜାପାନ ଓ ଭାରତ ମିଶି କ୍ୱାଡ ନାମକ ଏକ ସଙ୍ଗଠନ ଗଠନ କରି ଚାଇନାକୁ କାବୁ କରିବାକୁ ଲାଗି ପଡ଼ିଛନ୍ତି। ଏହା ହେଉଛି ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳ ଚତୁର୍ଦ୍ଦେଶୀୟ ସୁରକ୍ଷା ସହଯୋଗ ସଙ୍ଗଠନ। ଏହା ବିରୋଧରେ ଚାଇନା ଖୁବ୍ ପ୍ରତିକ୍ରିୟାଶୀଳ ହୋଇପଡ଼ିଛି। ବାଂଲାଦେଶକୁ ଏଥିରେ ସାମିଲ ନ ହେବା ପାଇଁ ଚେତାବନୀ ଦେଇଛି। ଅପରପକ୍ଷରେ ଚାଇନା କ୍ୱାଡ ବିରୋଧରେ ଏକ ଗୋଷ୍ଠୀ ଗଠନ କରିବାକୁ ବସିଛି। ଭାରତ–ପ୍ରଶାନ୍ତ ମହାସାଗୀୟ ଅଞ୍ଚଳରେ ଚାଇନାର ଦାଦାଗିରିକୁ ପ୍ରତିରୋଧ କରିବା ପାଇଁ ଭାରତର ଏହି ପ୍ରୟାସ ଚାଇନାର ମୁଣ୍ଡବ୍ୟଥାର କାରଣ ହୋଇଛି। ସେଥିପାଇଁ ଭାରତର ଉତ୍ଥାନରେ ଚାଇନା ଏବେ ପ୍ରତିବନ୍ଧକ ହେବାକୁ ଯାଉଛି। ସେ ବାଂଲାଦେଶ, ମ୍ୟାନ୍‌ମାର, ତିବ୍ବତ, ନେପାଳକୁ ନେଇ ହିମାଳୟର ଏଭେରେଷ୍ଟକୁ ବିଭାଜନ ପ୍ରକ୍ରିୟା ଆରମ୍ଭ କରିଛି। ତେଣୁ କୂଟନୀତିଜ୍ଞମାନେ ଆକଳନ କରୁଛନ୍ତି ଯେ, ଭାରତରେ କରୋନା ସଂକ୍ରମଣ ଆଳରେ ଚାଇନା ତା'ର ପୂର୍ବ କଳ୍ପିତ ବିଭାଜନ କାର୍ଯ୍ୟ କରିବାକୁ ବସିଛି। ଗତବର୍ଷ କରୋନା ସଂକ୍ରମଣ ରୋକିବାରେ ଭାରତ ବ୍ୟସ୍ତ ଥିବା ବେଳେ ଚାଇନା ତିବ୍ବତ ପଟୁ ଅନୁପ୍ରବେଶ କରି ଭାରତୀୟ ସୈନ୍ୟଙ୍କ ସହ ହିଂସା ଆଚରଣ କରିଥିଲା। ଏ ବର୍ଷ ମଧ୍ୟ ସେହିଭଳି ଉଦ୍ୟମ ଜାରି ରଖିଛି। ଅପରପଟରେ ପାକିସ୍ତାନ ଦ୍ୱାରା ଭାରତକୁ ଆତଙ୍କବାଦୀଙ୍କୁ ଅନୁପ୍ରବେଶର ବାଟ ଖୋଲିଦେଇଛି ପାକ୍ ସରକାର। ଏହିଭଳି ସଙ୍କଟ ସମୟରେ ମିଳିତ ଜାତିସଂଘ ଓ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ଭାରତକୁ ଗୋଟିଏ ପରେ ଗୋଟିଏ ଦୋଷ ଲଦିବାକୁ ଉଦ୍ୟମ କରି ଚାଲିଛନ୍ତି। ଚାଇନାର ଏଭଳି ଆଭିମୁଖ୍ୟ ବିଶ୍ୱ ପାଇଁ ବିପଦ ସୃଷ୍ଟି କରୁଥିବା ବେଳେ କରୋନା ଭଳି ମହାମାରୀକୁ ନିୟନ୍ତ୍ରଣ କରିବାକୁ ନ ଯାଇ ହୁ ତା'ର ରାଜନୈତିକ ପଶାପାଳିରେ ଭାରତକୁ ତଉଲୁଥିବା ମନେହୁଏ। କିନ୍ତୁ ହୁ ଓ ଜାତିସଂଘ ପ୍ରତି ସାରା ବିଶ୍ୱ ଅବିଶ୍ୱାସ କରିବା ଆରମ୍ଭ କରିଦେଲେଣି, ଯାହା ତାହା ପାଇଁ ସତର୍କର ଘଣ୍ଟି ବୋଲି ବୁଝିବାକୁ ହେବ।

ସମ୍ପାଦକ, ଓଡ଼ିଶା ଲେଖକ ବୁଦ୍ଧିଜୀବୀ ପରିଷଦ, ଯାଜପୁର
ମୋ:୯୪୩୭୩୧୫୬୨୩

# ଏକ ଯୁଗାନ୍ତକାରୀ ରାୟ ସପକ୍ଷରେ



ରାଜୀବ କୁମାର ନାୟକ

ଗଣଶିକ୍ଷା ବିଭାଗ, ଓଡ଼ିଶା ସରକାରଙ୍କ ଦ୍ୱାରା ୧୧ ମାର୍ଚ୍ଚ ୨୦୨୦ରେ ଜାରି କରା ଯାଇଥିବା ବିଜ୍ଞପ୍ତି ଅନୁଯାୟୀ ୨୦ରୁ କମ୍ ପିଲାଥିବା ବିଦ୍ୟାଳୟକୁ ପାଖ ସ୍କୁଲରେ ମିଶ୍ରଣ କରିବା ନିଷ୍ପତ୍ତିକୁ ଇତିମଧ୍ୟରେ ଉଚ୍ଚ ନ୍ୟାୟାଳୟ ରଦ୍ଦ କରିଦେଇଛନ୍ତି । ଏହା ନିଶ୍ଚିତ ଭାବରେ ଏକ ଖୁସି ଖବର। ଗତବର୍ଷ ବିଜ୍ଞପ୍ତି ପ୍ରକାଶ ପାଇବା ପରେ କମ୍ ସଂଖ୍ୟକ ଛାତ୍ରୀଛାତ୍ର ଥିବା ବିଦ୍ୟାଳୟଗୁଡ଼ିକୁ ନିକଟସ୍ଥ ବିଦ୍ୟାଳୟରେ ମିଶ୍ରଣ ନେଇ ରାଜ୍ୟର ସମସ୍ତ ଜିଲାରେ ପ୍ରକ୍ରିୟା ଆରମ୍ଭ ହୋଇଯାଇଥିଲା। ତଥ୍ୟ ଅନୁସାରେ ଏଭଳି ବନ୍ଦ ବିଦ୍ୟାଳୟର ସଂଖ୍ୟା ରାଜ୍ୟରେ ୯ହଜାର। ପ୍ରତିବର୍ଷ ବିଦ୍ୟାଳୟରେ ନାଁ ଲେଖାଉଥିବା ପିଲା ସଂଖ୍ୟା ପାଖାପାଖି ୧୧ ଲକ୍ଷ ଓ ଅଧାରୁ ପାଠ ଛାଡୁଥିବା ପିଲାସଂଖ୍ୟା ପାଖାପାଖି ୬ ଲକ୍ଷ। ବିଦ୍ୟାଳୟ ବନ୍ଦ ଦ୍ୱାରା ଅଧାରୁ ପାଠ ଛାଡ଼ିବା ହାର ୮୦ ପ୍ରତିଶତ ବୃଦ୍ଧି ପାଇବା ଆଶଙ୍କା ରହିଥିଲା। ଏସବୁକୁ ଦୃଷ୍ଟିରେ ରଖି ସରକାରଙ୍କ ବିଦ୍ୟାଳୟ ବନ୍ଦ ନୀତିକୁ ବିରୋଧ କରି ପରବର୍ତ୍ତୀ ସମୟରେ ଶତାଧିକ ମାମଲା ଉଚ୍ଚ ନ୍ୟାୟାଳୟରେ ଦାୟର ହୋଇଥିଲା। ମାମଲା ସବୁରେ ପ୍ରାୟତଃ ଅଭିଯୋଗ କରାଯାଇଥିଲା କି ମାଗଣା ଓ ବାଧ୍ୟତାମୂଳକ ଶିକ୍ଷା ଅଧିକାର ଆଇନ ତଥା ନିୟମାବଳୀର ଉଲ୍ଲଂଘନ କରାଯାଇ ବିଦ୍ୟାଳୟ ମିଶ୍ରଣ ନିଷ୍ପତ୍ତି ନିଆଯାଇଅଛି। ନିୟମ ଅନୁଯାୟୀ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ପଢୁଥିବା ପିଲାମାନଙ୍କ ପାଇଁ ଘରଠାରୁ ବିଦ୍ୟାଳୟର ଦୂରତା ୧ କି.ମି. ଭିତରେ ହେବା କଥା, ଯାହାକି ବିଦ୍ୟାଳୟ ମିଶ୍ରଣ ପରେ ବଢ଼ିବ । ଆହୁରି ମଧ୍ୟ ବିଦ୍ୟାଳୟ ବନ୍ଦ ପୂର୍ବରୁ ଅଭିଭାବକ, ସ୍ଥାନୀୟ ଜନପ୍ରତିନିଧି ତଥା ପ୍ରଭାବିତ ହେବାକୁ ଥିବା ପକ୍ଷମାନଙ୍କ ମତାମତ ନିଆଯିବା କଥାକୁ ଅଣଦେଖା କରାଯାଇଛି। କମ୍ ପିଲା ଥିବା ଦର୍ଶାଇ ଏହି ସରକାରୀ ସ୍କୁଲସବୁ ବନ୍ଦ କରାଯିବା ନିଷ୍ପତ୍ତିକୁ ପ୍ରତ୍ୟାହାର କରାଯିବା ଆବେଦନ ସବୁର ଏକତ୍ର ଶୁଣାଣି କରି ମାନ୍ୟବର ଉଚ୍ଚ ନ୍ୟାୟାଳୟ ବିଦ୍ୟାଳୟ ମିଶ୍ରଣ ପ୍ରସଙ୍ଗରେ ସ୍ଥିତାବସ୍ଥା ଜାରିକରି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗଠାରୁ ଜବାବ ତଲବ କରିଥିଲେ। ଆବେଦନକାରୀ ମଧ୍ୟ ପ୍ରତି ଜବାବ ଦାଖଲ କରିଥିଲେ। ଉଭୟ ପଟୁ ଶୁଣି ସାରିଲା ପରେ ଉଚ୍ଚ ନ୍ୟାୟାଳୟ ନିଜ ରାୟରେ କମ୍ ପିଲା ସଂଖ୍ୟା ଥିବା ପ୍ରାଥମିକ ବିଦ୍ୟାଳୟ ସବୁ ବନ୍ଦ କରାଯିବାକୁ ଅଗ୍ରାହ୍ୟ କରି ଦେଇଛନ୍ତି। ଏଥିସହିତ ଦିଲ୍ଲୀ ସରକାର ସରକାରୀ ବିଦ୍ୟାଳୟକୁ ମଜଭୁତ କରିବା ନିମନ୍ତେ ନେଇଥିବା ପଦକ୍ଷେପକୁ ଉଦାହରଣ ହିସାବରେ ନେବାକୁ ଓଡ଼ିଶା ସରକାରଙ୍କୁ ପରାମର୍ଶ ମଧ୍ୟ ଦେଇଛନ୍ତି, ଯଦ୍ୱାରା ସ୍ଥାନୀୟ ଅଞ୍ଚଳରେ ସର୍ବନିମ୍ନ ସୁବିଧା ଥିବା ପ୍ରାଥମିକ ବିଦ୍ୟାଳୟ ମିଳିପାରିବ। ଆହୁରି ମଧ୍ୟ ସରକାରୀ ବିଦ୍ୟାଳୟରେ ପିଲାସଂଖ୍ୟା କିପରି ବୃଦ୍ଧି ହେବ ସେ ନିମନ୍ତେ ରାଜ୍ୟ ସରକାର ପଦକ୍ଷେପ ନିଅନ୍ତୁ ବୋଲି ନ୍ୟାୟାଳୟ ନିର୍ଦ୍ଦେଶ ଦେଇଛନ୍ତି।

କଥା ହେଉଛି ଓଡ଼ିଶା ସରକାରଙ୍କ ପକ୍ଷେ ପିଲାସଂଖ୍ୟା ଦେଖି ବିଦ୍ୟାଳୟ ବନ୍ଦ କରିବା ପ୍ରଥମ ଘଟଣା ନୁହେଁ। ଗତ ୨୦୧୮ ମେ ୧୪ରେ ରାଜ୍ୟର ବିଭିନ୍ନ ବିଦ୍ୟାଳୟରେ କ୍ରମାଗତ ଭାବରେ ପିଲାସଂଖ୍ୟା ହ୍ରାସ ପାଉଥିବା ଦେଖି ବିଦ୍ୟାଳୟ ମିଶ୍ରଣ ନିମନ୍ତେ ଏକ ମାର୍ଗଦର୍ଶିକା ପ୍ରସ୍ତୁତ କଲେ। ପ୍ରଥମ ପର୍ଯ୍ୟାୟରେ ୫ରୁ କମ୍ ପିଲା ଥିବା ବିଦ୍ୟାଳୟ, ତା'ପରେ ୧୦ ଏହିପରି ଭାବରେ ଅନ୍ୟ ସବୁ ବିଷୟକୁ ଆଧାର ନ କରି କେବଳ ପିଲାସଂଖ୍ୟା ଦେଖି ବିଦ୍ୟାଳୟ ବନ୍ଦ କରିବା ଫଳରେ ରୌପ୍ୟ ଜୟନ୍ତୀ, ସୁବର୍ଣ୍ଣ ଜୟନ୍ତୀ ବର୍ଷ ଅତିକ୍ରମ କରି ସାରିଥିବା ବିଦ୍ୟାଳୟ ମଧ୍ୟ ବନ୍ଦ ହେବାକୁ ବସିଲା। ସରକାର ଭୁଲିଗଲେ ବଣ, ପାହାଡ଼ ଘେରା ଏକ ଅଧ୍ୟୁଷିତ ଇଲାକାରେ ଏକ ୨୫/୩୦ ବର୍ଷର ବିଦ୍ୟାଳୟଟେ ବନ୍ଦ ହେଲେ ମାତ୍ର ୫ ରୁ ୧୦ ବର୍ଷ ବୟସର ପିଲାମାନେ ଯାତାୟାତ ଖର୍ଚ୍ଚ ଦେଲେ ହେଁ ଜଙ୍ଗଲ, ପାହାଡ଼ ଅତିକ୍ରମ କରି କେଉଁ ଦୂର ବିଦ୍ୟାଳୟକୁ ଯିବେ ବରଂ ପଢ଼ାରେ ଡୋରି ବାନ୍ଧିବେ ସିନା। ଏହାକୁ ଆଖି ଆଗରେ ରଖି ଓଡ଼ିଶା ରାଜ୍ୟ ଶିଶୁ ସୁରକ୍ଷା ଆୟୋଗ ମଧ୍ୟ ବିଗତ ଦିନରେ ବିଦ୍ୟାଳୟ ବନ୍ଦ କରିବା ପୂର୍ବରୁ ସ୍ଥାନୀୟ ସମସ୍ୟା ସମ୍ବନ୍ଧରେ ଅଭିଭାବକ ତଥା ସ୍ଥାନୀୟ ଜନସାଧାରଣଙ୍କ ସହିତ ଆଲୋଚନା କରିବାକୁ ରାଜ୍ୟ ସରକାରଙ୍କୁ ପରାମର୍ଶ ଦେଇଥିବା ଜଣାଯାଏ। କିନ୍ତୁ ସରକାର ଏସବୁକୁ କର୍ଣ୍ଣପାତ ନ କରି ନିଜ ଜିଦରେ ଅଟଳ ରହି ବିଦ୍ୟାଳୟ ବନ୍ଦ କରିବା ପ୍ରକ୍ରିୟାକୁ ଜୋରଦାର କଲେ। ଆଜି ମଧ୍ୟ ସରକାର ବୁଝନ୍ତି ନାହିଁ ଯେ ଆପଣା ହସ୍ତେ ଜିହ୍ୱା ଛେଦି ଭଳି ସରକାର ଆଦିବାସୀ ପିଲାଙ୍କ ନିମନ୍ତେ ପ୍ରଥମ ଶ୍ରେଣୀରୁ ଆବାସିକ ବିଦ୍ୟାଳୟ ଖୋଲିବା ଭିନ୍ନ ବେସରକାରୀ ସ୍ତରରେ ଗୋଟିଏ ଗୋଟିଏ ବିଦ୍ୟାଳୟରେ ହଜାର ହଜାର ଆଦିବାସୀ ପିଲାଙ୍କୁ ନେଇ ପାଠ ପଢାଇବାର ଅନୁମତି ଦେବାଦ୍ୱାରା ଆଦିବାସୀ ଇଲାକାରେ ଥିବା ବିଦ୍ୟାଳୟର ପିଲା ସଂଖ୍ୟା ଉପରେ ଏହାର ପ୍ରଭାବ ପଡୁଛି। ଏଭଳି ସ୍ଥିତିରେ କେବଳ ପିଲା ସଂଖ୍ୟାକୁ ମାନକ ହିସାବରେ ନେବା ଦ୍ୱାରା ବିଦ୍ୟାଳୟ ବନ୍ଦ ଯୋଗୁ ଅନେକ ଶିଶୁ ବିଦ୍ୟାଳୟ ବାହାରକୁ ଚାଲିଯିବାର ସମ୍ଭାବନା ଅଧିକ। ବେସରକାରୀ ବିଦ୍ୟାଳୟ ଅନେକ ଗ୍ରାମପଞ୍ଚାୟତ ସଦର ମହକୁମାରେ ଖୋଲିବା ତଥା ଏଠାରେ କମ୍ ଫି ନେଇ ପାଠପଢ଼ା ହେବା ଦ୍ୱାରା ତା'ର ପ୍ରଭାବ ମଧ୍ୟ ସରକାରୀ ବିଦ୍ୟାଳୟ ଉପରେ ପଡୁଛି। ସମସ୍ତେ ତ ଏଭଳି ବିଦ୍ୟାଳୟରେ ପଢି ପାରିବେନି ତା ହେଲେ ଏହି ଅସମର୍ଥ ପିଲାମାନେ କ'ଣ ପ୍ରାଥମିକ ଶିକ୍ଷାଭଳି ମୌଳିକ ଶିକ୍ଷାରୁ ବାଦ୍ ପଡ଼ିବେ। ସରକାରୀ ବିଦ୍ୟାଳୟରେ ଉଚ୍ଚ ଶିକ୍ଷା ସମ୍ପନ୍ନ ନିୟମିତ ଶିକ୍ଷକ, ଭିତ୍ତିଭୂମି ସବୁଥାଇ ଅଭିଭାବକ ତହିଁରୁ ମୁହଁ ଫେରାଇ ଆଣିବା ପଛରେ କାର୍ଯ୍ୟରତ ଶିକ୍ଷକଙ୍କ ଆନ୍ତରିକତାର ଅଭାବ, ଶିକ୍ଷକମାନଙ୍କ ମଧ୍ୟରେ ବେତନର ପାତର ଅନ୍ତର, ଉପଯୁକ୍ତ ତଦାରଖ ବ୍ୟବସ୍ଥା ଇତ୍ୟାଦି ଯେଉଁ ପ୍ରମୁଖ କାରଣ ରହିଛି ସରକାର ତା'ଉପରେ ଦୃଷ୍ଟିନିବଦ୍ଧ କରିବା ଆବଶ୍ୟକ।

ସରକାର ଯଦି ବାସ୍ତବରେ ବିଦ୍ୟାଳୟର ଗୁଣବତ୍ତା ବଜାୟ ରଖିବାକୁ ଚିନ୍ତା କରୁଛନ୍ତି ତା'ହେଲେ ପିଲା ସଂଖ୍ୟା ନ ଦେଖି ବରଂ ଦୂରତାକୁ ଆଖି ଆଗରେ ରଖି ବିଦ୍ୟାଳୟ ବନ୍ଦ କରିବା ଉଚିତ। ଅନେକ ବିଦ୍ୟାଳୟ ଗୋଟିଏ କିଲୋମିଟର ଭିତରେ ରହିଛି। ସେଥିରୁ କିଛି ବନ୍ଦ କରିଦିଆଯିବା ଉଚିତ । ବିଶେଷକରି ସହରାଞ୍ଚଳରେ ଗୋଟିଏ କିଲୋମିଟର ବ୍ୟାସାର୍ଦ୍ଧ ମଧ୍ୟରେ ଅନେକ ବିଦ୍ୟାଳୟ ଅଛି ଏବଂ ସେସବୁ ଉପରେ ବେସରକାରୀ ବିଦ୍ୟାଳୟର ପ୍ରଭାବ ମଧ୍ୟ ପଡୁଛି। ଏଭଳି ସ୍ଥଳେ ଗୋଟିଏ କିଲୋମିଟର ଭିତରେ ଥିବା ବିଦ୍ୟାଳୟ ସବୁକୁ ମିଶା ଯାଇପାରେ। କିନ୍ତୁ ଦୁର୍ଗମ ଅଞ୍ଚଳ, ସବୁଦିନିଆ ରାସ୍ତାର ଅଭାବ ଅଞ୍ଚଳ, ଜଙ୍ଗଲ, ପାହାଡ଼ ଦେଇ ପିଲାମାନଙ୍କୁ ଯିବାକୁ ପଡୁଥିବା ସ୍ଥଳେ ବିଦ୍ୟାଳୟ ବନ୍ଦ ହେବା ଆଦୌ ଉଚିତ ନୁହେଁ।

ମୋ–୯୪୩୭୫୭୧୮୩୧

## ଏଇ ଭାରତରେ

ବିନା ମାଟିରେ ଗ୍ରୋ ବ୍ୟାଗ୍‌ରେ ପରିବା ଫଳୁଛି। ଏହା ଆଶ୍ଚର୍ଯ୍ୟ ଲାଗୁଥିଲେ ବି ସତ। କେରଳର ଜଣେ କୃଷି ଅଧିକାରୀ ଜନ୍ ଶେରୀଙ୍କ ଦ୍ୱାରା ଏହା ସମ୍ଭବ ହୋଇପାରିଛି। କେରଳର ଏଗ୍ରିକଲ୍‌ଚର ଇନୋଭେଶନ ବ୍ୟୁରୋର ସହକାରୀ ନିର୍ଦ୍ଦେଶକ ଜନ୍ ବିନା ମାଟିରେ ୧୪୦ ବର୍ଗଫୁଟ୍ ଅଗଣାରେ ଟମାଟୋ, ଭେଣ୍ଡି, କଲରା, ଛଚିନ୍ଦ୍ରା, ଝୁଡ଼ଙ୍ଗ, ଲଙ୍କା, ବାଇଗଣ ଆଦି ୩୫ ପ୍ରକାର ପରିବା ଫଳାଉଛନ୍ତି। ଧାନ କୁଣ୍ଡାକୁ ନେଇ ପଟିଂ ମିକ୍ସ ପଦ୍ଧତିରେ ଗ୍ରୋ ବ୍ୟାଗ୍‌ରେ ପରିବା ଚାଷ କରୁଛନ୍ତି। ଏହି ପଦ୍ଧତିରେ କୁଣ୍ଡା ସହ ନଡ଼ିଆ କତାର ନରମ ଗୁଣ୍ଡ ଓ ଗୋବରଗୁଣ୍ଡକୁ ବିଭିନ୍ନ ଅନୁପାତରେ ସ୍ତର ସ୍ତର କରି ଗ୍ରୋ ବ୍ୟାଗ୍‌ରେ ରଖି ଗଛ ଲଗାଯାଉଛି। ପରେ ପାଣି ଥିବା ଏକ ପ୍ଲାଷ୍ଟିକ୍ ଟ୍ରେରେ ସେ ଗ୍ରୋ ବ୍ୟାଗକୁ ରଖୁଛନ୍ତି, ଯଦ୍ୱାରା ଗଛ ଆବଶ୍ୟକ ପାଣି ଶୋଷି ପାରୁଛି। କୁଣ୍ଡାରେ ଥିବା ଅଧିକ ସିଲିକା, କାର୍ବନ, କ୍ୟାଲ୍‌ସିୟମ ଏବଂ ମ୍ୟାଗ୍ନେସିୟମ ଗଛ ବଢ଼ିବାରେ ସାହାଯ୍ୟ କରେ ବୋଲି କହନ୍ତି ଜନ୍। ଗଛକୁ ସବଳ କରିବା ପାଇଁ ପ୍ରତି ସପ୍ତାହରେ ସେ ୧:୧୦ ଅନୁପାତରେ ଗୋବର ଓ ପାଣିର ୧୦ ଲିଟର ଦ୍ରବଣ ସହ ୫୦ ଗ୍ରାମ ପଟାସ୍ ମିଶାଇ ଉପଯୋଗ କରୁଛନ୍ତି। ଏକ ପରିବେଶ ଉପଯୋଗୀ ପଦ୍ଧତିରେ କମ୍ ଜାଗାରେ ବିନା ମାଟିରେ ଅଧିକ ପରିବା ଉତ୍ପାଦନର ଏହି ଉପାୟ ଏବେ ବେଶ୍ ଗ୍ରହଣୀୟ ହେବାରେ ଲାଗିଛି।

## ଚିରନ୍ତନୀ

ଶତ ଶତ କଶାଘାତ
ଅକାରଣ ପଡ଼ିଲେ ଏ ଦେହେ,
ଚନ୍ଦନ ସମାନ ତାହା
ସବୁ ଅଙ୍ଗେ ଲେପିଦିଏ ସ୍ନେହେ।
–(ଆସ୍ତିକର ଆକୁତି)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

୧୮ ମେ ୧୯୯୬

- ସାମ୍ମୁଖ୍ୟ ସରକାରର ଅଂଶୀଦାର ଖ୍ରୀଷ୍ଟିଆନ୍ ଡେମୋକ୍ରାଟିକ୍ ଦଳର ସଦସ୍ୟମାନେ ବିରୋଧୀ ଦଳ ଦ୍ୱାରା ଆଗତ ଏକ ପ୍ରସ୍ତାବକୁ ସମର୍ଥନ କରିବା ପରିପ୍ରେକ୍ଷୀରେ ସ୍ଲୋଭେନିଆର ପ୍ରଧାନମନ୍ତ୍ରୀ ଜାଦେଜ୍ ଜରିନୋଭ୍‌ସେକ ଦେଶର ସାମ୍ମୁଖ୍ୟ ସରକାରକୁ ଭାଙ୍ଗି ଦେଇଛନ୍ତି।
- କାଶ୍ମୀରରେ ନିରାପତ୍ତା ବାହିନୀ ସହ ସଂଘର୍ଷରେ ୨୦ ଜଣ ବିଦେଶୀ ଉଗ୍ରପନ୍ଥୀଙ୍କ ସମେତ ୨୫ ନିହତ।
- ଜାତୀୟ ବାସ୍କେଟବଲ ଆସୋସିଏସନରୁ ୩୬ ବର୍ଷ ବୟସ୍କ ମ୍ୟାଜିକ ଜନସନଙ୍କ ଅବସର ଘୋଷଣା।

## su | do | ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 2 | 4 | | 1 | | | | | |
| 8 | 3 | | 6 | | 7 | | | |
| | 1 | | | | 2 | | | 6 |
| | | | | 5 | | | | |
| | | 3 | 7 | | | 2 | | |
| | | | | | | | 1 | 8 |
| | | | | | 8 | | | 2 |
| 5 | | | 2 | 9 | | 7 | | 4 |
| | | | | | | 6 | 3 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 5 | 9 | 7 | 1 | 6 | 8 | 2 | 3 | 4 |
| 3 | 4 | 1 | 7 | 5 | 2 | 8 | 9 | 6 |
| 2 | 8 | 6 | 4 | 3 | 9 | 7 | 1 | 5 |
| 8 | 1 | 3 | 5 | 9 | 7 | 4 | 6 | 2 |
| 9 | 7 | 2 | 3 | 4 | 6 | 1 | 5 | 8 |
| 6 | 5 | 4 | 2 | 8 | 1 | 3 | 7 | 9 |
| 7 | 3 | 9 | 8 | 2 | 5 | 6 | 4 | 1 |
| 1 | 6 | 8 | 9 | 7 | 4 | 5 | 2 | 3 |
| 4 | 2 | 5 | 6 | 1 | 3 | 9 | 8 | 7 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ସ୍ୱାଧୀନ ଭାରତରେ ପରାଧୀନ ବିଦ୍ୟୁତ୍ ଉପଭୋକ୍ତା

ମହାଶୟ,

ଆମ ରାଜ୍ୟରେ ଉପଭୋକ୍ତାମାନେ ବିଦ୍ୟୁତ୍ ବ୍ୟବହାର, ନିୟମ, ଅଧିକାର, ଦାବି ଓ ତତ୍‌ସହିତ ସେମାନଙ୍କର କର୍ତ୍ତବ୍ୟ ବିଷୟରେ ସଚେତନ ନୁହନ୍ତି। ସେଥିପାଇଁ ଆଜି ବି ସ୍ୱାଧୀନତାର ଦୀର୍ଘ ବର୍ଷ ପରେ ବିଦ୍ୟୁତ୍ ବିଭାଗୀୟ ଅଧିକାରୀ ଓ ବିଦ୍ୟୁତ୍ ଯୋଗାଣକାରୀ ସଂସ୍ଥାଦ୍ୱାରା ସେମାନେ ଶୋଷିତ ହେଉଛନ୍ତି। ଓଡ଼ିଶାରେ ମୋଟ ୮୫ଲକ୍ଷ ଉପଭୋକ୍ତାଙ୍କ ମଧ୍ୟରୁ ୫ ପ୍ରତିଶତରୁ କମ ଉପଭୋକ୍ତା ବିଦ୍ୟୁତ୍ ବ୍ୟବହାର, ନିୟମ ଓ ଅଧିକାର ଉପରେ ସଚେତନ ଅଛନ୍ତି। ବିଦ୍ୟୁତ୍ ସଂସ୍କାର କାର୍ଯ୍ୟକ୍ରମରେ ଉପଭୋକ୍ତା ସୁରକ୍ଷା ପାଇଁ ଅନେକ ସୁବିଧା ସୁଯୋଗ ଦିଆଯାଇଛି। ଗତବର୍ଷ ସଂଶୋଧିତ ବିଦ୍ୟୁତ୍ ଉପଭୋକ୍ତା ଅଧିକାର ଆଇନ–୨୦୨୦ରେ ଉପଭୋକ୍ତାଙ୍କୁ ଅଧିକ ଶକ୍ତିଶାଳୀ କରିବା ପାଇଁ ଚେଷ୍ଟା କରାଯାଇଛି। ହେଲେ ଉପଭୋକ୍ତାଙ୍କ ବିଦ୍ୟୁତ୍ ଆଇନ ଉପରେ ସଚେତନତା ଅଭାବ ଯୋଗୁଁ ସେମାନେ ବିଦ୍ୟୁତ୍ ଯୋଗାଣକାରୀ ସଂସ୍ଥାଙ୍କ ନିକଟରେ ନିଜର ହକ୍ ପାଇଁ ହାତଯୋଡି ଠିଆ ହେଉଛନ୍ତି। ଯଦିଓ ବିଦ୍ୟୁତ୍ ଆଇନ ଓ ଅଧିକାର ସଚେତନତା ସୃଷ୍ଟିକରିବା ରାଜ୍ୟ ସରକାର, ଓଇଆରସି ଓ ବିଦ୍ୟୁତ୍ ଯୋଗାଣକାରୀ ସଂସ୍ଥାଙ୍କ ଦାୟିତ୍ୱ। କିନ୍ତୁ ବିଜୁଳି ଯୋଗାଣକାରୀ ସଂସ୍ଥା ଉପଭୋକ୍ତା ସଚେତନତାକୁ ଗୁରୁତ୍ୱ ଦିଅନ୍ତି ନାହିଁ। ଯଦି ସେମାନେ ଏହାକୁ ଗୁରୁତ୍ୱର ସହ ଗ୍ରହଣକରି ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରି ବିଦ୍ୟୁତ୍ ଆଇନ, ଅଧିକାର ଓ କର୍ତ୍ତବ୍ୟ ଉପରେ ଉପଭୋକ୍ତାଙ୍କୁ ସଚେତନ କରାନ୍ତେ, ତାହାହେଲେ ବିଜୁଳି ଚୋରି, ବିଲ୍ ଆଦାୟ ବୃଦ୍ଧି, ଶକ୍ତି ସଂରକ୍ଷଣ, ବିଦ୍ୟୁତ୍ ବଣ୍ଟନ ଓ ବିଦ୍ୟୁତ୍ ଦୁର୍ଘଟଣାଜନିତ କ୍ଷୟକ୍ଷତି ରୋକା ଯାଇପାରିନ୍ତା। ମାତ୍ର ଏପରି ସଚେତନତା କାର୍ଯ୍ୟକ୍ରମ ନ ହେଉଥିବାରୁ ବିଦ୍ୟୁତ୍ ଚୋରି ସହିତ ବିଲ ଆଦାୟ ଠିକ୍ ଭାବରେ ହୋଇପାରୁନାହିଁ, ଯାହାଫଳରେ ହଜାର ହଜାର କୋଟି କ୍ଷତି ଯୋଗାଣକାରୀ ସଂସ୍ଥାଙ୍କୁ ସହିବାକୁ ପଡୁଛି। ସହରାଞ୍ଚଳରୁ ଗ୍ରାମାଞ୍ଚଳର ସବୁ ବର୍ଗର ଲୋକେ ଯୋଜନାର ସୁବିଧା ସୁଯୋଗ ପାଆନ୍ତି। ହେଲେ ବିଜୁଳି କ୍ଷେତ୍ରରେ ବିଭାଗ ପକ୍ଷରୁ ଏସବୁ ଦେଖିବାକୁ ମିଳେନାହିଁ ଯଦିଓ ମିଳେ ଖୁବ୍ କ୍ୱଚିତ୍ ; ଯାହାଫଳରେ ବିଦ୍ୟୁତ୍ ଯୋଗାଣକାରୀ ସଂସ୍ଥା ଉପଭୋକ୍ତାଙ୍କୁ ଶୋଷଣ କରିଚାଲିଛନ୍ତି।

–ମଣ୍ଟୁ ଦାସ, ସାମାଜିକ କର୍ମୀ, ବ୍ରହ୍ମବରଦା, ଯାଜପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



## ମହାଦେବଙ୍କୁ ଲାଗିହେଲା ବ୍ରହ୍ମକମଳ

**କଟକ ଅଫିସ:** କଟକ ନୂଆପଡା ସନ୍ତୋଷୀ ନଗର ଅଞ୍ଚଳର ଅଭୟ କୁମାର ଦାସଙ୍କ ବାଡ଼ିରେ ବ୍ରହ୍ମକମଳ ଫୁଟିଥିବା ସୋମବାର ଦେଖିବାକୁ ମିଳିଥିଲା। ଏହାକୁ ଦେଖିବା ପାଇଁ ଲୋକମାନେ ଆସିଥିଲେ। ଏ ନେଇ ଅଭୟ କହିଛନ୍ତି, ୬ ବର୍ଷ ଧରି ସେ ବ୍ରହ୍ମକମଳ ପୁଷ୍ପ ଗଛ ଲଗାଇଛନ୍ତି। ଏବେ ଏହି ଫୁଲ ଫୁଟିଛି। ଏହି ଗଛରେ ଆହୁରି ତିନୋଟି କଢ଼ ରହିଛି। ସୋମବାର ହୋଇଥିବାରୁ ଏହି ପୁଷ୍ପକୁ ମହାଦେବ ମନ୍ଦିରରେ ସମର୍ପଣ କରିଛି।

## ସଂକ୍ଷେପରେ

### ପଞ୍ଚାୟତ ଅର୍ଥ ହେରଫେର ଘଟଣାର ତଦନ୍ତ ଆରମ୍ଭ

**କଟକ ସଦର,୧୭।୫(ଡି.ଏନ.ଏ.):** କଟକ ସଦର ବ୍ଲକ ଅଧୀନ ଉରାଳି ପଞ୍ଚାୟତରେ ଟିକସ ବାବଦକୁ ଆସିଥିବା ୬୦ ହଜାର ଟଙ୍କା ହେରଫେର ହୋଇଥିବା ସମ୍ପର୍କରେ କଟକ ସଦର ଉପଜିଲାପାଳଙ୍କ ନିକଟରେ ହୋଇଥିଲା। ଏହାର ତଦନ୍ତ ଭାର କଟକ ସଦର ଉପଖଣ୍ଡ ପଞ୍ଚାୟତ ଅଧିକାରୀ ଗୀତାରାଣୀ ଆଚାର୍ଯ୍ୟଙ୍କ ଉପରେ ଉପଜିଲାପାଳ ନ୍ୟସ୍ତ କରିଥିଲେ। ଏକ ଘରୋଇ ବ୍ୟବସାୟ ପ୍ରତିଷ୍ଠାନରୁ ୬୦ ହଜାର ଟଙ୍କା ଟିକସ ଆଦାୟ କରାଯାଇ ପଞ୍ଚାୟତ ଆକାଉଣ୍ଟରେ ୬ ହଜାର ଟଙ୍କା ଜମା କରାଯାଇଥିଲା। ଏହି ଘଟଣାରେ କେତେଜଣ ସରକାରୀ କର୍ମଚାରୀଙ୍କ ସମ୍ପୃକ୍ତି ଥିବା ଅଭିଯୋଗପତ୍ରରେ ଦର୍ଶାଯାଇଥିଲା। ଏ ସମ୍ପର୍କରେ ଉପଖଣ୍ଡ ପଞ୍ଚାୟତ ଅଧିକାରୀ ଆଚାର୍ଯ୍ୟ କୁହନ୍ତି, ତଦନ୍ତ ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଖୁବ୍‌ଶୀଘ୍ର ରିପୋର୍ଟ ଉପଜିଲାପାଳ ଓ ଜିଲା ଗ୍ରାମପଞ୍ଚାୟତ ଅଧିକାରୀଙ୍କୁ ଦିଆଯିବ।

### ଶୋକ ପ୍ରକାଶ କଲା ଓଡ଼ିଶା ସିନେ କ୍ରିଟିକ୍ ଆସୋସିଏଶନ

**ଭୁବନେଶ୍ୱର, ୧୭।୫ (ବ୍ୟୁରୋ):** ବିଶିଷ୍ଟ ସଙ୍ଗୀତ ନିର୍ଦ୍ଦେଶକ ଅମରେନ୍ଦ୍ର ମହାନ୍ତିଙ୍କ ପରଲୋକରେ ଓଡ଼ିଶା ସିନେ କ୍ରିଟିକ୍ ଆସୋସିଏଶନ ପକ୍ଷରୁ ସଭାପତି ପ୍ରଦୋଷ ପଟ୍ଟନାୟକ ଓ ସମ୍ପାଦକ ଦିଲୀପ ହାଲି ଗଭୀର ଶୋକ ପ୍ରକାଶ କରିଛନ୍ତି। ଓଡ଼ିଆ ଚଳଚ୍ଚିତ୍ରରେ ସଙ୍ଗୀତ ନିର୍ଦ୍ଦେଶନା ଦେଇ ସର୍ବାଧିକ ଲୋକପ୍ରିୟତା ଅର୍ଜନ କରିଥିବା ସଙ୍ଗୀତ ନିର୍ଦ୍ଦେଶକଙ୍କ ମଧ୍ୟରେ ଅମରେନ୍ଦ୍ର ଥିଲେ ଅନ୍ୟତମ। ତାଙ୍କର ବିୟୋଗରେ ଓଡ଼ିଆ ସଙ୍ଗୀତ ଜଗତରେ ବିରାଟ କ୍ଷତି ହୋଇଛି ବୋଲି ସେମାନେ କହିଛନ୍ତି।

### ପୂର୍ବତନ ବିଧାୟକ ପ୍ରଭାତ ବିଶ୍ୱାଳଙ୍କ ବାପାଙ୍କ ପରଲୋକ

**କଟକ ଅଫିସ,୧୭।୫:** ଚୌଦ୍ୱାର-କଟକର ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳଙ୍କ



ବାପା ନୀଳମଣି ବିଶ୍ୱାଳଙ୍କର ସୋମବାର ସକାଳେ ପରଲୋକ ହୋଇଛି। ତାଙ୍କୁ ୯୪ ବର୍ଷ ବୟସ ହୋଇଥିଲା। ସେ ନିମୋନିଆରେ ଆକ୍ରାନ୍ତ ହୋଇ ୧୫ ଦିନ ହେବ କଟକ ମହାନଦୀ ବିହାରସ୍ଥିତ ଏକ ଘରୋଇ ନର୍ସିଂହୋମ୍‌ରେ ଚିକିତ୍ସିତ ହେଉଥିଲେ। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ପରଲୋକ ହୋଇଥିଲା। ଏହି ଖବର ପ୍ରଚାରିତ ହେବାମାତ୍ରେ ଚୌଦ୍ୱାର-କଟକ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ତାଙ୍କ ନିକଟରେ ସ୍ତ୍ରୀ କ୍ଷୀରପ୍ରଭା ବିଶ୍ୱାଳ, ପୁତ୍ର ଆର୍ତ୍ତ ରଞ୍ଜନ ବିଶ୍ୱାଳ, ହେମନ୍ତ ବିଶ୍ୱାଳ, ନାତି ତଥା ଚୌଦ୍ୱାର-କଟକ ବିଧାୟକ ସୌଭିକ୍ ବିଶ୍ୱାଳ ଉପସ୍ଥିତ ଥିଲେ। ଅପରାହ୍ଣରେ ତାଙ୍କ ମରଶରୀର ଶିଖରପୁରସ୍ଥିତ କାଳିଆବୋଦା ଶ୍ମଶାନରେ ସତ୍କାର କରାଯାଇଥିଲା। ବଡପୁଅ ପ୍ରଭାତ ମୁଖାଗ୍ନି ଦେଇଥିଲେ। ଏହି ଅନ୍ତ୍ୟେଷ୍ଟି କ୍ରିୟାରେ ପୂର୍ବତନ କର୍ପୋରେଟର ତାପସ ସାମନ୍ତରାୟ, ପ୍ରଳୟା ବେଉରା, ସୌଭାଗିନୀ ଜେନା, ରଞ୍ଜିତା କାହାଳୀ, ଇଂ. ସୁବ୍ରତ ଘଡେଇ, ମାନବେଶ ରାୟ, ଚିନ୍ମୟ ଦାସ, ଭବାନୀ ଶଙ୍କର ଦାସ, ମନୋରଞ୍ଜନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ନୀଳମଣି ଏକାଧାରରେ ପରୋପକାରୀ, ମିଷ୍ଟଭାଷୀ ଓ ସ୍ନେହୀ ବ୍ୟକ୍ତିଭାବେ ସ୍ଥାନୀୟ ଅଞ୍ଚଳରେ ଜଣାଶୁଣା ଥିଲେ।

### ପଥର ବୋଝେଇ ଟ୍ରାକ୍ଟର ଜବତ

**ଖୁଣ୍ଟୁଣୀ,୧୭।୫(ଡି.ଏନ.ଏ.):** ଗୁରୁଡିଝାଟିଆ ଥାନା ଅଧୀନ ସାଉରିଆ ଗ୍ରାମ ନିକଟରୁ ସୋମବାର ରାତିରେ ପୋଲିସ ଏକ ମାଙ୍କଡ଼ାପଥର ବୋଝେଇ ଟ୍ରାକ୍ଟର ଜବତ କରିଛି। ଟ୍ରାକ୍ଟର ନିକଟସ୍ଥ ଖଣିରୁ ମାଙ୍କଡାପଥର ବୋଝେଇ କରି ଆସୁଥିବାବେଳେ ପୋଲିସ ଜବତ କରି ଆଠଗଡ଼ ତହସିଲ କର୍ତ୍ତୃପକ୍ଷଙ୍କ ଜିମା ଦେଇଛି।

### ବୋଲେରୋ ଓଲଟି ୨ ଆହତ

**ଫୁଲନଖରା,୧୭।୫(ଡି.ଏନ୍.ଏ.):** ନିଆଳି-ଫୁଲନଖରା ରାସ୍ତାର ନଖରା ଡିପିଏସ୍ ରୋଡ୍‌ଠାରେ ସୋମବାର ଏକ ବୋଲେରୋ ଭାରସାମ୍ୟ ହରାଇ ରାସ୍ତା ଉପରେ ଓଲଟି ପଡ଼ିଥିଲା। ଏଥିରେ ବୋଲେରୋ ଚାଳକ ଓ ଭିତରେ ବସିଥିବା ଗୋପାଳପୁର ବିଦ୍ୟୁତ୍ ସେକ୍ସନ ଏସ୍‌ଡିଓ ଛବିଳ ବେହେରା ଆହତ ହୋଇଛନ୍ତି। ପାହାଳ ପୋଲିସ ଦୁର୍ଘଟଣାଗ୍ରସ୍ତ ଗାଡ଼ିକୁ ଜବତ କରି ତଦନ୍ତ ଆରମ୍ଭ କରିଛି। ବୋଲେରୋ ନିଆଳି ପଟୁ ଫୁଲନଖରା ଅଭିମୁଖେ ଆସୁଥିଲା। ଡିପିଏସ୍ ରୋଡ୍ ପଟରୁ ହଠାତ୍ ଜଣେ ସ୍କୁଟି ଚାଳକ ସମ୍ମୁଖକୁ ଆସିଯିବାରୁ ଏହି ଦୁର୍ଘଟଣା ଘଟିଥିଲା।

# ଏକ ସଙ୍ଗୀତମୟ ଯୁଗର ଅବସାନ



୨୪ଦିନ ଧରି କରୋନା ସହ ଲଢ଼େଇ କରି ଶେଷରେ ଆଖିବୁଜିଛନ୍ତି ଓଡ଼ିଶାର ଲୋକପ୍ରିୟ ସଙ୍ଗୀତ ନିର୍ଦ୍ଦେଶକ ଅମରେନ୍ଦ୍ର ମହାନ୍ତି। ସୋମବାର ସକାଳେ ତାଙ୍କର ମୃତ୍ୟୁ ଖବର ସଙ୍ଗୀତ, ଚଳଚ୍ଚିତ୍ର ଓ ଯାତ୍ରା ଜଗତକୁ ସ୍ତବ୍ଧ କରିଦେଇଛି। ସେ ଚଳଚ୍ଚିତ୍ର, ଭଜନ, ଆଧୁନିକ ଯାତ୍ରା, ସିରିଏଲ୍‌ରେ ସଙ୍ଗୀତ ନିର୍ଦ୍ଦେଶନା ଦେଇଥିଲେ। ତାଙ୍କର ପ୍ରତ୍ୟେକଟି ନିର୍ଦ୍ଦେଶନାରେ ସ୍ୱତନ୍ତ୍ରତା ରହିଥିଲା। ଜଣେ ମିଷ୍ଟଭାଷୀ ଓ ଖୁସି ମିଜାଜ୍‌ର ମଣିଷ ଭାବେ ସେ ସମସ୍ତଙ୍କ ପାଖରେ ବୁଲୁ ଭାଇ ଭାବେ ପରିଚିତ ଥିଲେ। ତାଙ୍କ ବିୟୋଗରେ ସଙ୍ଗୀତ ଜଗତରେ ଶୋକର ଛାୟା ଖେଳିଯାଇଥିବାବେଳେ ଏକ ସଙ୍ଗୀତମୟ ଯୁଗର ଅବସାନ ଘଟିଲା ବୋଲି କୁହାଯାଉଛି।

### ସଙ୍ଗୀତ ଜଗତର ଅପୂରଣୀୟ କ୍ଷତି



ବୁଲୁ ଭାଇଙ୍କୁ ହରାଇ ଓଡ଼ିଶାର ସଙ୍ଗୀତ ଜଗତର ଅପୂରଣୀୟ କ୍ଷତି ହୋଇଛି। କେବଳ 'ପୁଚୁକି ଗାଲି' ଗୀତକୁ ହିସାବ କଲେ ହେବନି, 'ଶୋଇ ଯା ମାମା', 'ଝୁମୁକା ଥିଲା ବାଜୁ ନ ଥିଲା', 'ହାଏ ହୁକୁ ହାଏ' ଭଳି ଅନେକ ମେଲୋଡିୟସ୍ ଗୀତ ସେ ସିନେମା ଜଗତକୁ ଦେଇଛନ୍ତି। ଆଧୁନିକ ଓ ଭଜନ ଉଭୟରେ ସେ ପାରଙ୍ଗମ ଥିଲେ। ଯାତ୍ରା ସଙ୍ଗୀତକୁ ଲୋକଲୋଚନକୁ ଆଣିବାରେ ସେ ସକ୍ଷମ ହୋଇଥିଲେ। ମୁଁ ତାଙ୍କ ସହ ସାନ ଭାଇ ଭାବେ ମିଶୁଥିଲି। ତାଙ୍କ ସହ କାମ କରିଛି ଓ ବହୁତ କିଛି ଶିଖିଛି। ସିନେମା, ଯାତ୍ରା ଓ ସଙ୍ଗୀତ ଜଗତ ତାଙ୍କୁ ଝୁରୁଛି।

-ଅଭିଜିତ୍ ମଜୁମ୍‌ଦାର, କଣ୍ଠଶିଳ୍ପୀ ତଥା ସଙ୍ଗୀତ ନିର୍ଦ୍ଦେଶକ

### ରୟାଲ ସଙ୍ଗୀତ ନିର୍ଦ୍ଦେଶକ ଥିଲେ



ଅମରେନ୍ଦ୍ର ମହାନ୍ତି ଆମ ଇଣ୍ଡଷ୍ଟ୍ରିର ବୁଲୁ ଭାଇ ଥିଲେ। ସେ ଚଳଚ୍ଚିତ୍ର, ଭଜନ, ଆଧୁନିକ, ଯାତ୍ରା, ସିରିଏଲ୍ ସବୁ ଧାରାରେ କାମ କରିଛନ୍ତି ଓ ସଫଳତା ମଧ୍ୟ ପାଇଛନ୍ତି। ସେ ରୟାଲ ସଙ୍ଗୀତ ନିର୍ଦ୍ଦେଶକ ଥିଲେ। ତାଙ୍କର ରହିବା, ଖାଦ୍ୟ, କଥା, ବେଶଭୂଷା, ଚାଲିଚଳଣ ସବୁ ରାଜା ଭଳି ଥିଲା। ସେ ମତେ ବହୁତ ଭଲ ପାଉଥିଲେ। ଗତ ବର୍ଷ ସେ କରୋନା ଯୋଦ୍ଧାଙ୍କ ପାଇଁ ଗୀତ ମାଧ୍ୟମରେ ସଚେତନତା ବାର୍ତ୍ତା ଦେବା ସହ ଉତ୍ସାହିତ କରିଥିଲେ। ମାତ୍ର ଏ ବର୍ଷ ସେ ନିଜେ କରୋନାରେ ଚାଲିଗଲେ।

-ପ୍ରେମ ଆନନ୍ଦ, ସଙ୍ଗୀତ ନିର୍ଦ୍ଦେଶକ

### ଆଇକନ୍ କହିଲେ ଅତ୍ୟୁକ୍ତି ହେବନି



ଆଜି ସକାଳକୁ ଅମରେନ୍ଦ୍ରଙ୍କ ଦେହାନ୍ତ ଖବର ପାଇ ମୁଁ ଅତ୍ୟନ୍ତ ମର୍ମାହତ। ଅକ୍ଷୟ ମହାନ୍ତିଙ୍କ ପରେ ସେ ଓଡ଼ିଆ ସଙ୍ଗୀତ ଜଗତର ଜଣେ ଆଇକନ୍ କହିଲେ ଅତ୍ୟୁକ୍ତି ହେବ ନାହିଁ। ତାଙ୍କ ଗୀତ ଓଡ଼ିଶା ତଥା ଭାରତ ବାହାରେ ମଧ୍ୟ ଚର୍ଚ୍ଚିତ। କେବଳ ସଙ୍ଗୀତ ନିର୍ଦ୍ଦେଶକ ନୁହେଁ, ବରଂ ଏକାଧାରରେ ସେ ଜଣେ ଭଲ କଣ୍ଠଶିଳ୍ପୀ, ଗୀତିକାର ମଧ୍ୟ ଥିଲେ। ମଣିଷର ଭାବକୁ ସେ ବୁଝିଥିଲେ।

-ଡ. ନିର୍ମଳ ନାୟକ, ଗୀତିକାର

### ସଙ୍କୀର୍ଣ୍ଣତାଠାରୁ ଊର୍ଦ୍ଧ୍ୱରେ ଥିଲେ



ଅମରେନ୍ଦ୍ର ଜଣେ ପତିଆରା ସମ୍ପନ୍ନ ମଣିଷ ଥିଲେ। ମିଷ୍ଟଭାଷୀ ଓ ଜମିଦାରି ମିଜାଜ୍‌ର ଥିଲେ। ସେ ସଙ୍କୀର୍ଣ୍ଣତା ମଧ୍ୟରେ ନ ଥିଲେ। ବଡ ହୃଦୟକୁ ଧରି ସେ ବୁଲୁଥିଲେ। ସାହିତ୍ୟ, ପରମ୍ପରା, ସଂସ୍କୃତିକୁ ସେ ବୁଝି ସଙ୍ଗୀତ ନିର୍ମାଣ କରୁଥିଲେ। ଜଣେ ସଙ୍ଗୀତ ନିର୍ଦ୍ଦେଶକ ପାଖରେ ଯେଉଁ ଦିଗଗୁଡିକ ରହିବା କଥା, ସେସବୁ ତାଙ୍କ ପାଖରେ ଥିଲା। ତାଙ୍କୁ ହରାଇ ସଙ୍ଗୀତ ଦୁନିଆରେ ଏକ ଶୂନ୍ୟସ୍ଥାନ ସୃଷ୍ଟି ହୋଇଛି।

-ଶରତ ନାୟକ, ସଙ୍ଗୀତ ନିର୍ଦ୍ଦେଶକ

# ପାଳନ ହେଉନି କଟକଣା, ଦୋକାନରେ ଭିଡ଼



ମାଲଗୋଦାମରେ ସୋମବାର ସାମଗ୍ରୀ କିଣିବା ପାଇଁ ଲୋକଙ୍କ ଗହଳି।

**କଟକ ଅଫିସ,୧୭।୫**

କଟକ ଜିଲାରେ କରୋନା ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଏହାକୁ ରୋକିବା ପାଇଁ ଲକ୍‌ଡାଉନ୍ ଓ ଶଟ୍‌ଡାଉନ୍ ଜାରି ରହିଛି। ମାସ୍କ ପିନ୍ଧିବା, ସାଇଟାଇଜର ବ୍ୟବହାର କରିବା ଓ ସାମାଜିକ ଦୂରତା ରକ୍ଷା କରିବା ପାଇଁ କଟକଣା ଜାରି କରାଯାଇଛି। ହେଲେ କେତେକ ଅମାନିଆ ଏହାକୁ ମାନୁନାହାନ୍ତି। ଶନିବାର ଓ ରବିବାର ସପ୍ତାହନ୍ତ ଶଟ୍‌ଡାଉନ୍ ପରେ ସୋମବାର ସହରର ବିଭିନ୍ନ ସ୍ଥାନରେ ଲୋକମାନଙ୍କ ଭିଡ ଦେଖିବାକୁ ମିଳିଥିଲା। ବିଶେଷକରି ଅତ୍ୟାବଶ୍ୟକ ସାମଗ୍ରୀ କିଣିବା ପାଇଁ ମାଲ୍‌ଗୋଦାମର ବିଭିନ୍ନ ଦୋକାନରେ ଲୋକଙ୍କ ଗହଳି ଲାଗିଥିଲା। ସେହିପରି ଓଏମ୍‌ପି ପଡ଼ିଆ, ବାଦାମବାଡି ମୁଖ୍ୟରାସ୍ତା ପାର୍ଶ୍ୱରେ ଥିବା ପରିବା ମାର୍କେଟରେ ସମାନ ପରିସ୍ଥିତି ଦେଖିବାକୁ ମିଳିଥିଲା। ଚାଲିଚାଲି ସାମଗ୍ରୀ କିଣିବା ପାଇଁ ଗାଇଡ୍‌ଲାଇନ୍ ଜାରି ହୋଇଥିଲେ ମଧ୍ୟ ଲୋକମାନେ ଜିନିଷ କିଣି ଗାଡ଼ିରେ ଫେରୁଥିବା ଦେଖିବାକୁ ମିଳିଥିଲା। ପୋଲିସର ଢିଲା ଯାଞ୍ଚଯୋଗୁ ଏପରି ଦୃଶ୍ୟ ଦେଖିବାକୁ ମିଳିଥିବା ସାଧାରଣରେ ମତପ୍ରକାଶ ପାଇଛି।

# ପ୍ରଥମ ଦିନରେ ଟିକା ନେଲେ ୯୭ ବସ୍ତି ବାସିନ୍ଦା

**କଟକ ଅଫିସ, ୧୭।୫**

କଟକ ନୂଆପଡା ବାଲିସାହି ବସ୍ତିବାସିନ୍ଦାଙ୍କୁ ସୋମବାର ଚାଉଳିଆଗଞ୍ଜ ସ୍ଥିତ ସହରାଞ୍ଚଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଟିକା ପ୍ରଦାନ କରାଯାଇଛି। ସୋମବାର ପ୍ରଥମ ଦିନରେ ୯୪ ଜଣ ପ୍ରଥମ ଡୋଜ୍ ଟିକା ନେଇଥିବାବେଳେ ମଙ୍ଗଳବାର ୧୬୬ ଜଣ ଟିକା ନେବା କାର୍ଯ୍ୟକ୍ରମ ରହିଛି। ଅପରାହ୍ଣ ୨ଟାରେ ୧୮ ରୁ ୪୪ ବର୍ଷ ମଧ୍ୟରେ ଥିବା ଲୋକଙ୍କୁ ଟିକା ପ୍ରଦାନ କରାଯିବ ବୋଲି ସିଏମ୍‌ସି ସ୍ୱାସ୍ଥ୍ୟ ଅଧିକାରୀ ସତ୍ୟବ୍ରତ ମହାପାତ୍ର କହିଛନ୍ତି। ସିଏମ୍‌ସି କମିଶନର ଅନନ୍ୟା ଦାସ ଟିକା କେନ୍ଦ୍ରରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ।



ଚାଉଳିଆଗଞ୍ଜସ୍ଥିତ ସହରାଞ୍ଚଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସୋମବାର କୋଭିଡ୍ ଟିକା ନେବା ପାଇଁ ଧାଡ଼ିରେ ଛିଡ଼ା ହୋଇଥିବା ବସ୍ତିବାସିନ୍ଦା।

# ଯୁକ୍ତ ୨ ପରୀକ୍ଷା ପାଇଁ ନାବାଳକଙ୍କୁ ଜାମିନ ମିଳିଲା

**କଟକ ଅଫିସ, ୧୭।୫**

ମା' ସହ ଅବୈଧ ସମ୍ପର୍କ ରଖି ଆସୁଥିବା ଜଣେ ବ୍ୟକ୍ତିଙ୍କୁ ହତ୍ୟା ଅଭିଯୋଗରେ ଜେଲ୍‌ରେ ଥିବା ନାବାଳକଙ୍କୁ ହାଇକୋର୍ଟ ସୋମବାର ଯୁକ୍ତ ୨ ପରୀକ୍ଷା ଦେବା ଲାଗି ସର୍ତ୍ତମୂଳକ ଜାମିନ୍ ପ୍ରଦାନ କରିଛନ୍ତି। ପରବର୍ତ୍ତୀ ସମୟରେ ନାବାଳକଙ୍କ ବାପା ଅଦାଲତରେ ଏକ ସତ୍ୟପାଠ ଦାଖଲ କରିବେ। ଯେଉଁଥିରେ ତାଙ୍କ ପୁଅ ଜାମିନ୍‌ରେ ଥିବା ସମୟରେ କୌଣସି ଅପରାଧୀଙ୍କ ସହ ସମ୍ପର୍କ ରଖିବେ ନାହିଁ ଆପରାଧିକ କାର୍ଯ୍ୟରେ ସମ୍ପୃକ୍ତ ହେବେ ନାହିଁ ବୋଲି ପ୍ରତିଶ୍ରୁତି ଦେବେ। ସ୍ଥାନୀୟ ଚାଇଲ୍ଡ ପ୍ରୋବେସନ ଅଫିସର ବିଭିନ୍ନ ସମୟରେ ତାଙ୍କ ଘରକୁ ଆସି ନାବାଳକଙ୍କ କାର୍ଯ୍ୟକଳାପ ଉପରେ ନଜର ରଖିବେ ବୋଲି ଜାମିନ ଦେବା ଅବସରରେ ହାଇକୋର୍ଟ ବିଚାରପତି ସାବିତ୍ରୀ ରଥ ଏହି ସର୍ତ୍ତ ରଖିଛନ୍ତି। ମାମଲାରୁ ଜଣାପଡିଛି, ୨୦୨୦ ଅକ୍ଟୋବର ୧୩ ତାରିଖରେ ଜଣେ ବ୍ୟକ୍ତି ନାବାଳକଙ୍କ ଘରକୁ ଆସି ତାଙ୍କ ମାଆଙ୍କ ସହିତ ଅନୈତିକ ସମ୍ପର୍କ ରଖିଥିଲେ। ଏଥିରେ ଉତ୍ତ୍ୟକ୍ତ ହୋଇ ନାବାଳକ ଜଣକ ଏକ ଟାଙ୍ଗିଆରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଆକ୍ରମଣ କରିଥିଲେ। ଫଳରେ ଏହି ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିଲା। ଏହି ଘଟଣା ବେଳକୁ ନାବାଳକଙ୍କୁ ୧୭ବର୍ଷ ହୋଇଥିଲା। ନାବାଳକ ଜଣକ କେନ୍ଦୁଝର ଜିଲା ପଟେଶ୍ୱର ଜୁନିୟର ମହାବିଦ୍ୟାଳୟର ଯୁକ୍ତ ୨ ଛାତ୍ର। ଇତିମଧ୍ୟରେ ଶେଷବର୍ଷ ପରୀକ୍ଷା ଦେବାଲାଗି ସେ ଫର୍ମ ଫିଲପ କରିସାରିଛନ୍ତି। ଏ ନେଇ ସେ ଜୁଭେନାଇଲ୍ ଜଷ୍ଟିସ୍ ବୋର୍ଡକୁ ଜଣାଇଥିଲେ। ହେଲେ ବୋର୍ଡ ପକ୍ଷରୁ ତାଙ୍କ ଆବେଦନକୁ ଖାରଜ କରି ଦିଆଯିବାରୁ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ପୂର୍ବରୁ ନାବାଳକଙ୍କର କୌଣସି ଆପରାଧିକ ପୃଷ୍ଠଭୂମୀ ନାହିଁ। କ୍ଷଣିକ ଉତ୍‌କ୍ଷିପ୍ତ ହୋଇ ସେ ଏଭଳି କାଣ୍ଡ ଘଟାଇଥିଲା ବୋଲି ହାଇକୋର୍ଟ ତାଙ୍କ ନିର୍ଦ୍ଦେଶରେ ସ୍ପଷ୍ଟ କରିଛନ୍ତି।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ଉତ୍ତମ



@ ସତ୍ୟନାରାୟଣ



@ ସୁଶ୍ରୀ



@ ରାହୁଲ



@ ଜଗଦୀଶ



@ ତପନ

# ସିଏମ୍‌ସି କମିଶନରଙ୍କ ନାଁରେ ଅଭିଯୋଗ

**କଟକ ଅଫିସ, ୧୭।୫**

### ବିସ୍ଥାପିତଙ୍କ ଟେଣ୍ଟ ଭାଙ୍ଗିବା ଘଟଣା

କାଳବୈଶାଖୀରେ କଟକ ବାଲିସାହିଠାରେ ବିସ୍ଥାପିତଙ୍କ ଅସ୍ଥାୟୀ ଟେଣ୍ଟ ଭାଙ୍ଗିବା ଘଟଣାରେ ବସ୍ତିବାସିନ୍ଦା ସୋମବାର ମଧୁପାଟଣା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। କଟକ ମହାନଗର ନିଗମ (ସିଏମ୍‌ସି) କମିଶନର ଅନନ୍ୟା ଦାସ ସେମାନଙ୍କୁ ଅସୁବିଧାରେ ପକାଇଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି। ଥଇଥାନ ସ୍ଥାନରେ କୌଣସି ଆନୁଷଙ୍ଗିକ ବ୍ୟବସ୍ଥା ନ କରି ବସ୍ତି ଉଚ୍ଛେଦ କରାଗଲା। ପରେ ବସ୍ତିବାସିନ୍ଦାଙ୍କୁ ଅସ୍ଥାୟୀ ଟେଣ୍ଟରେ ରଖାଗଲା। ଏହି ଅବ୍ୟବସ୍ଥା ଲାଗି ସିଏମ୍‌ସି କମିଶନରଙ୍କୁ ଦାୟୀ କରିଛନ୍ତି ବସ୍ତିବାସିନ୍ଦା। ମିଳିଥିବା ସୂଚନା ଅନୁଯାୟୀ, ଗତ ମଙ୍ଗଳବାର କାଳବୈଶାଖୀ ପ୍ରଭାବରେ ବାଲିସାହିଠାରେ ଥିବା ବସ୍ତିବାସିନ୍ଦାଙ୍କ ଟେଣ୍ଟ ଭୁଶୁଡି ପଡିଥିଲା। ଏହାପରେ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ଶତାଧିକ ବସ୍ତିବାସିନ୍ଦା ଉତ୍ତ୍ୟକ୍ତ ହୋଇ ପୋଲିସ ଓ ସିଏମ୍‌ସି କର୍ମଚାରୀଙ୍କୁ ଆକ୍ରମଣ କରିବା ସହ ଗାଡି ଭଙ୍ଗାରୁଜା କରିଥିଲେ। ଏହି ଘଟଣାରେ ପୋଲିସ ପ୍ରାୟ ୬୪ ଜଣଙ୍କୁ ଗିରଫ କରିଥିଲା। ତେବେ ଏହି ସମସ୍ତ ଘଟଣା ଲାଗି ସିଏମ୍‌ସି କର୍ତ୍ତୃପକ୍ଷଙ୍କ ଦାୟିତ୍ୱହୀନତାକୁ ଦାୟୀ କରି ବସ୍ତିବାସିନ୍ଦା ସୋମବାର ଥାନାର ଦ୍ୱାରସ୍ଥ ହୋଇଥିଲେ। ସିଏମସି କମିଶନର ମହାମାରୀ ସମୟରେ ବସ୍ତି ଉଚ୍ଛେଦ କରି ଟେଣ୍ଟରେ ରଖି ହଇରାଣ କରାଇଥିଲେ ବୋଲି ବସ୍ତିବାସିନ୍ଦା କହିଛନ୍ତି। ତେଣୁ ସିଏମ୍‌ସି କମିଶନର ଓ ଅନ୍ୟ ଅଧିକାରୀଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରାଯାଇଛି। ଏ ନେଇ ସୋମବାର ପୂର୍ବାହ୍ଣରେ ରଜନୀ ଦାସ, ସୋନୁ ଦାସ, ଶାନ୍ତି ଦେବୀ, ଶୁକ ଦାସଙ୍କ ସମେତ ଏକାଧିକ ବସ୍ତିବାସିନ୍ଦାଙ୍କ ସ୍ୱାକ୍ଷର ଥିବା ଅଭିଯୋଗ ମଧୁପାଟଣା ଥାନାରେ ଦାଖଲ କରାଯାଇଛି। ଏ ସମ୍ପର୍କରେ ମଧୁପାଟଣା ଥାନା ଅଧିକାରୀ ତୁଷାରକାନ୍ତ ସେଠୀ କହିଛନ୍ତି, ବସ୍ତିବାସିନ୍ଦାମାନେ ଥାନାକୁ ଆସି ଲିଖିତ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଅନୁଧ୍ୟାନ କରାଯାଉଛି ବୋଲି ସେ କହିଥିଲେ। ଏ ସମ୍ପର୍କରେ ଅନନ୍ୟା ଦାସଙ୍କୁ ସୋମବାର ତାଙ୍କ ମୋବାଇଲ ନମ୍ବରରେ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ୍ ଉଠାଇ ନ ଥିଲେ।



| | | | | | | |
|---|---|---|---|---|---|---|
| 16 | 8 | 2038 | 0.22 | 0.16 | ଶାରଦ-୨ | ଅଜିତ କୁମାର ବେହେରା, ପି: ଶ୍ରୀଧର ବେହେରା, ଜା: ଖଣ୍ଡାୟତ |
| 17 | 588 | 2042 | 0.30 | 0.04 | ଶାରଦ-୨ | ଶଚୀନ୍ଦ୍ର ପାତ୍ର, ବାଞ୍ଛାନିଧି ପାତ୍ର, ପି: ଉପେନ୍ଦ୍ର ପାତ୍ର ଓଗେର, ଜା: ରାଜୁ |
| 18 | 693 | 2043 | 0.49 | 0.27 | ଶାରଦ-୨ | ଭଗବାନ ପାତ୍ର, ପି: ବନ୍ଧୁ ପାତ୍ର, ଜା: ରାଜୁ (ବିବି ପ୍ଲଟ) |
| 19 | 498 | 2044 | 0.56 | 0.10 | ଶାରଦ-୨ | ମୁରଲୀ ପାତ୍ର, ପି: ବୈଦ୍ୟନାଥ ପାତ୍ର, ଜା: ତେଲି |
| 20 | 33 | 1392 | 0.04 | 0.007 | ଶାରଦ-୨ | ଅଭିଳାଷ ଦଳେଇ, ରାଖାଲ ଦଳେଇ, ଅଭୟ ଦଳେଇ, ଗୁଣାଧର ଦଳେଇ, ପି: ଖଗେନ୍ଦ୍ର ଦଳେଇ ଓଗେର, ଜା: ଦଣ୍ଡଛତ୍ର ମାଝୀ |
| 21 | 691/ 72 | 1350/ 2363 | 0.35 | 0.25 | ଶାରଦ-୨ | ନିତ୍ୟାନନ୍ଦ ପାତ୍ର, ପରମାନନ୍ଦ ପାତ୍ର, ଲକ୍ଷ୍ମୀକାନ୍ତ ପାତ୍ର, ପି: ମୁରଲୀଧର ପାତ୍ର, ଜା: ଏକାଦଶ ତେଲି |
| | | 1351/ 2364 | 0.13 | 0.03 | ଶାରଦ-୨ | |
| 22 | 691/ 204 | 2038/ 2512 | | 0.03 | ଶାରଦ-୨ | ଦୁଲାଲ ଚନ୍ଦ୍ର ଘଡ଼େଇ, ପି: ମାଗୁଣୀଚରଣ ଘଡ଼େଇ, ଜା: ଖଣ୍ଡାୟତ |
| 23 | 691/9 | 1363/ 2289 | 0.18 | 0.07 | ଶାରଦ-୨ | ଫକୀରମୋହନ ଦତ୍ତ, ପି: ଜଗବନ୍ଧୁ ଦତ୍ତ, ଜା: ରାଜୁ |
| | | 1362/ 2288 | 0.10 | 0.03 | ଶାରଦ-୨ | |
| 24 | 691/ 135 | 1354 | 0.70 | 0.31 | ଶାରଦ-୨ | ଜଗନ୍ନାଥ ପିଳା, ପି: ହରେକୃଷ୍ଣ ପିଳା, ଜା: ଖଣ୍ଡାୟତ |
| 25 | 208 | 1352/ 2144 | 0.35 | 0.02 | ଶାରଦ-୨ | ଯୋଗେଶ ପ୍ରଧାନ, ପି: ଉପେନ୍ଦ୍ର ପ୍ରଧାନ, ଜା: ରାଜୁ |
| 26 | 691/ 338 | 2035/ 2681 | 0.03 | 0.03 | ଶାରଦ-୨ | ଅକ୍ଷୟକୁମାର ସାହୁ, ପି: ନୀଳକଣ୍ଠ ସାହୁ, ଜା: ରାଜୁ |
| 27 | 691/ 208 | 2037/ 2515 | 0.10 | 0.02 | ଶାରଦ-୨ | ରମେଶଚନ୍ଦ୍ର ପାତ୍ର, ପି: ମଙ୍ଗୁଳୀଚରଣ ପାତ୍ର, ଜା: ଏକାଦଶ ତେଲି |
| 28 | 61 | 2031 | 0.64 | 0.02 | ଶାରଦ-୨ | ଏକାଦଶୀ ଖିଲାର, ପି: ଫକୀର ଖିଲାର, ଜା: ଗଉଡ଼ |
| 29 | 691/ 41 | 2053 | 0.27 | 0.01 | ଶାରଦ-୨ | ଗୌରହରୀ ପାତ୍ର, ରମେଶ ପାତ୍ର, ପି: ମଙ୍ଗୁଳି ପାତ୍ର, ଜା: ଏକାଦଶ ତେଲି |
| | | | | 3.967 | | |

ସ୍ୱା./- ନିର୍ବାହୀ ଯନ୍ତ୍ରୀ (ରାସ୍ତା ଓ ଗୃହ) ବିଭାଜନ-୨, ବାଲେଶ୍ୱର
OIPR-34078/14/0005/2122

# ୯୦ ଦିନିଆ ପାରୋଲରେ ଯିବେ ୪୪୯ କଏଦୀ

ଭୁବନେଶ୍ୱର,୧୭।୫(ବ୍ୟୁରୋ)

ରାଜ୍ୟର ବିଭିନ୍ନ ଜେଲରେ କରୋନା ସଂକ୍ରମଣ ବ୍ୟାପୁଛି। ବହୁ ଅଧିକାରୀ ଓ କର୍ମଚାରୀ ଆକ୍ରାନ୍ତ ହୋଇଥିବାବେଳେ ୩ଶହରୁ ଊର୍ଦ୍ଧ୍ୱ ଅନ୍ତେବାସୀ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏଥିସହ କରୋନାରେ କଏଦୀଙ୍କ ଜୀବନ ଯିବା ପରେ ଚେତା ପଶିଛି। ଜେଲରେ ସଂକ୍ରମଣ ରୋକିବାକୁ ଜେଲ ବିଭାଗ ଅଣ୍ଟା ଭିଡିଛି। ସୋମବାର ବିଭାଗ ପକ୍ଷରୁ ଭିଡିଓ କନଫରେନ୍ସରେ ଏକ ଉଚ୍ଚସ୍ତରୀୟ ବୈଠକ ବସିଥିଲା। ଜେଲରେ ଚାପ କମାଇବା ପାଇଁ ସଜା କାଟୁଥିବା ୪୪୯ କଏଦୀଙ୍କୁ ବିଶେଷକରି ୬୦ବର୍ଷରୁ ଊର୍ଦ୍ଧ୍ୱ ବୟସ୍କଙ୍କୁ ୯୦ ଦିନିଆ ପାରୋଲରେ ଯିବାକୁ ଜେଲ ଡିଜି ସନ୍ତୋଷ କୁମାର ଉପାଧ୍ୟାୟ ଅନୁମତି ଦେଇଛନ୍ତି। ଏଥିସହ ଜେଲ ଭିତରେ କୋଭିଡ୍ ନିୟମ କଡାକଡି ପାଳନ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି।

ରାଜ୍ୟର ସବୁ ଜେଲରେ କରୋନା ନିୟମ ପାଳନ ଓ ଚିକିତ୍ସା ପରିଚାଳନା ପାଇଁ ଚୌଦ୍ୱାର ସର୍କଲ ଜେଲର ମେଡିକାଲ ଅଫିସରଙ୍କୁ ନୋଡାଲ ଅଫିସର ଭାବେ ନିଯୁକ୍ତ କରାଯାଇଛି। ସେ ଜେଲ ମେଡିକାଲ ଅଫିସର ଓ ଅଧୀକ୍ଷକଙ୍କ ସହ ଯୋଗାଯୋଗରେ ରହି କରୋନା ପରୀକ୍ଷା, କଟକଣା, ଚିକିତ୍ସା ସଂକ୍ରାନ୍ତରେ ଆବଶ୍ୟକ ପରାମର୍ଶ ଦେବେ। ମେଡିକାଲ ଅଫିସର ନ ଥିବା ଜେଲରେ ଶୀଘ୍ର ସମସ୍ତ ଅନ୍ତେବାସୀଙ୍କ କରୋନା ପରୀକ୍ଷା କରିବାକୁ କୁହାଯାଇଛି। ସ୍ଥାନୀୟ ଏସ୍‌ଡିଏମ୍‌ଓ, ଉପଜିଲାପାଳ, ମହାନଗର ନିଗମ କମିଶନରଙ୍କ ସହ ପରାମର୍ଶ କରି କୋଭିଡ୍ ପରୀକ୍ଷା କରିବାକୁ ଜେଲ ଅଧୀକ୍ଷକଙ୍କୁ ନିର୍ଦ୍ଦେଶ ଦିଆଯାଇଛି। କୋଭିଡ୍ ପଜିଟିଭ୍ ଥିବା ଗୁରୁତର କଏଦୀଙ୍କୁ କୋଭିଡ୍ ହସ୍ପିଟାଲକୁ ସ୍ଥାନାନ୍ତର ସହ ସେମାନଙ୍କ ପାଇଁ ସୁରକ୍ଷା କର୍ମୀ ଯୋଗାଇ ଦେବାକୁ ନିର୍ଦ୍ଦେଶ ରହିଛି।

ସେହିଭଳି ରାଜ୍ୟର ମୋଟ ୮୭ଟି ଜେଲରେ ୧୯୭୦୭ ବିଚାରାଧୀନ ଓ ସଜା କାଟୁଥିବା କଏଦୀ ରହୁଛନ୍ତି। ଏମାନଙ୍କ ସଂଖ୍ୟା ହ୍ରାସ ପାଇଁ କମ୍ ଦୋଷ ଥିବା ଅଭିଯୁକ୍ତଙ୍କୁ ଜାମିନ ପ୍ରଦାନ ପାଇଁ ମାଜିଷ୍ଟ୍ରେଟଙ୍କ ସହ ପରାମର୍ଶ କରିବାକୁ ଅଧୀକ୍ଷକମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ପାରୋଲରେ ଯିବାକୁ ଥିବା କଏଦୀଙ୍କୁ କିପରି ଶୀଘ୍ର ଛଡାଯାଇପାରିବ ସେନେଇ ରାଜ୍ୟ ଆଇନ ପରାମର୍ଶଦାତାଙ୍କୁ ସହଯୋଗ କରିବାକୁଅନୁରୋଧ କରାଯାଇଛି। ଜେଲରେ ନିୟମିତ ବ୍ୟବଧାନରେ ସାନିଟାଇଜ୍ କରିବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି।

ନୋଡାଲ ଅଫିସର ଏସ୍.ଇ. ରହମାନ ସମସ୍ତ ଜେଲରେ କୋଭିଡ୍ ନିୟମ ପାଳନ ସହ ସାମାଜିକ ଦୂରତା ବଜାୟ ରଖିବାକୁ ଗୁରୁତ୍ୱ ଦେଇଥିଲେ। ସବୁ ଅନ୍ତେବାସୀ ଓ କର୍ମଚାରୀ ଡବଲ ମାସ୍କ ପିନ୍ଧିବେ। କଏଦୀଙ୍କୁ ଆବଶ୍ୟକ ଚିକିତ୍ସା ସହ ଉତ୍ତମ ବ୍ୟବହାର କରିବାକୁ ସେ ପରାମର୍ଶ ଦେଇଥିଲେ। ସେହିପରି ଜେଲରେ ଅନ୍ତେବାସୀଙ୍କ ସଂଖ୍ୟା କମାଇବା ଲାଗି ରାଜ୍ୟ ପୋଲିସ ବିଭାଗକୁ ମଧ୍ୟ ଅନୁରୋଧ କରାଯାଇଛି। ଏଥିସହ ଜଡିତ ସବୁ ବିଭାଗକୁ କଏଦୀଙ୍କ ସ୍ୱାସ୍ଥ୍ୟକୁ ନଜରରେ ରଖି ଆଇନ ଅନୁଯାୟୀ କାର୍ଯ୍ୟ କରିବାକୁ କୁହାଯାଇଛି। ବୈଠକରେ ସବୁ ଜେଲର ଅଧୀକ୍ଷକ, ରେଞ୍ଜ ଡିଆଇଜିଙ୍କ ସମେତ ଜେଲ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

**ଜେଲରେ ସଂକ୍ରମଣ ରୋକିବାକୁ ପଦକ୍ଷେପ**

- ସମସ୍ତ ଅନ୍ତେବାସୀଙ୍କ ହେବ କୋଭିଡ୍ ପରୀକ୍ଷା
- କଏଦୀ, କର୍ମଚାରୀଙ୍କୁ ଡବଲ ମାସ୍କ ପିନ୍ଧିବାକୁ ନିର୍ଦ୍ଦେଶ




## ସଂକ୍ଷେପରେ

### ବାଇକ୍-ଟ୍ରକ୍ ମୁହାଁମୁହିଁ: ୨ ମୃତ

କୋରାପୁଟ,୧୭।୫(ସ୍ୱ.ପ୍ର.): କୋରାପୁଟ-ଲକ୍ଷ୍ମୀପୁର ରାସ୍ତାର ବାରିଗୁଡା ଗ୍ରାମ ନିକଟରେ ସୋମବାର ରାତିରେ ଏକ ବାଇକ୍ ଓ ଟ୍ରକ୍ ମୁହଁମୁହିଁ ଧକ୍କା ହୋଇଛି। ଫଳରେ ଘଟଣାସ୍ଥଳରେ ୨ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକମାନଙ୍କ ପରିଚୟ ମିଳିପାରି ନାହିଁ। ସେମାନେ କେଉଁଆଡେ ଯାଉଥିଲେ ଅବା କେଉଁଠୁ ଫେରୁଥିଲେ କିଛି ଜଣାପଡିନାହିଁ। ଖବରପାଇ କୋରାପୁଟ ସଦର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କୋରାପୁଟ ମେଡିକାଲକୁ ପଠାଇଛି। ଏନେଇ ଏକ ମାମଲା ରୁଜୁ ହୋଇଛି। ଘଟଣାର ଅଧିକ ତଦନ୍ତ ଚାଲିଥିବା ସଦର ଥାନା ଅଧିକାରୀ ସମର୍ପିତା ସ୍ୱାଇଁ କହିଛନ୍ତି।

### ଶାସକ ଦଳ କର୍ମୀଙ୍କୁ ନେଇ ଚାଲିଛି କୋଭିଡ୍ କାମ: ଭାଜପା

ଭୁବନେଶ୍ୱର,୧୭।୫(ବ୍ୟୁରୋ):କରୋନା ସଂକ୍ରମଣର ୨ୟ ଲହର ପ୍ରଭାବରେ ଜନସାଧାରଣ ଅସ୍ତବ୍ୟସ୍ତ। ଏହା ବିରୋଧରେ ଜିତିବାକୁ ହେଲେ ସମସ୍ତଙ୍କୁ ଏକାଠି ହୋଇ ଲଢ଼ିବାକୁ ପଡିବ। ରାଜ୍ୟରେ ଏହି ଲଢ଼େଇ ବିରୋଧରେ ସମସ୍ତ ପ୍ରକାର ସହଯୋଗ କରିବା ପାଇଁ ଭାଜପା ତରଫରୁ ରାଜ୍ୟ ସରକାରଙ୍କୁ ନିର୍ଭର ପ୍ରତିଶ୍ରୁତି ଦିଆଯାଇଛି। ମାତ୍ର ଭୁବନେଶ୍ୱରରେ ଶାସକ ବିଜେଡି ନେତୃବୃନ୍ଦ ପ୍ରଶାସନ କଳକୁ ଅପବ୍ୟବହାର କରି ପାତରଅନ୍ତର ପ୍ରଦର୍ଶନ କରୁଛନ୍ତି। ଏହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ଜିଲା ଭାଜପା ସଭାପତି ବାବୁ ସିଂ ଅଭିଯୋଗ କରିଛନ୍ତି। ବିଏମ୍‌ସି କମିଶନରଙ୍କୁ ଭେଟି ସେ କହିଛନ୍ତି, ଜାନୁୟାରୀ ୧୬ରୁ ଦେଶବ୍ୟାପୀ କୋଭିଡ୍ ଟିକାକରଣ କାର୍ଯ୍ୟକ୍ରମ ଆରମ୍ଭ ହୋଇସାରିଛି। ପ୍ରାଥମିକତା ଦୃଷ୍ଟିରୁ ପର୍ଯ୍ୟାୟକ୍ରମେ ବିଭିନ୍ନ ବର୍ଗର ଲୋକଙ୍କୁ ଏଥିରେ ଅନ୍ତର୍ଭୁକ୍ତ କରାଯାଇଛି। ବର୍ତ୍ତମାନ ସୁଦ୍ଧା ଦେଶରେ ୧୮ କୋଟିରୁ ଊର୍ଦ୍ଧ୍ୱ ଏବଂ ରାଜ୍ୟରେ ପାଖାପାଖି ୭୦ ଲକ୍ଷ କୋଭିଡ୍ ଟିକାକରଣ ହୋଇସାରିଛି। ଭୁବନେଶ୍ୱର ରାଜ୍ୟ ରାଜଧାନୀ ଏବଂ ପ୍ରମୁଖ ସହର ହୋଇଥିବାରୁ ଏଠାକୁ ବିଭିନ୍ନ ସ୍ଥାନରୁ ଲୋକେ ଆସନ୍ତି। ୨ୟ ଲହରରେ ପ୍ରତିଦିନ ଭୁବନେଶ୍ୱରରୁ ବହୁ ସଂଖ୍ୟାରେ କରୋନା ସଂକ୍ରମଣରେ ସଂକ୍ରମିତ ହେଉଛନ୍ତି। ଏହାକୁ ପ୍ରତିହିତ କରିବା ପାଇଁ ଶୃଙ୍ଖଳିତ ବ୍ୟବସ୍ଥାରେ ଟିକାକରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ସହ ଦଳମତ ନିର୍ବିଶେଷରେ ଭୁବନେଶ୍ୱରବାସୀଙ୍କ ହିତକୁ ପ୍ରାଧାନ୍ୟ ଦେବା ନିହାତି ଆବଶ୍ୟକ। ମାତ୍ର ଏହି ସମସ୍ତ କାର୍ଯ୍ୟ ବିଜେଡି କର୍ମୀ, ପୂର୍ବତନ କର୍ପୋରେଟର ଏବଂ ଶାସକ ଦଳ ନେତୃବୃନ୍ଦଙ୍କୁ ନେଇ କରାଯାଉଛି। ଫଳରେ ସାଧାରଣ ଜନତା ହଇରାଣ ହେଉଛନ୍ତି। ୱାର୍ଡ ସ୍ତରରେ ନିଯୁକ୍ତ ହେଉଥିବା କୋଭିଡ୍ ସଚେତକ ମଧ୍ୟ ଶାସକ ଦଳ ସମର୍ଥକ ଆଧାରରେ ହେଉଥିବାର ପରିଲକ୍ଷିତ ହୋଇଛି। ବିଏମ୍‌ସି କମିଶନର ଏହି ଟାଳଟୁଳ ନୀତି ବିରୋଧରେ ତୁରନ୍ତ ହସ୍ତକ୍ଷେପ କରି ସୃଷ୍ଟି ହେଉଥିବା ସମସ୍ୟାର ସମାଧାନ ପାଇଁ ବିହିତ ପଦକ୍ଷେପ ଗ୍ରହଣ କରିବାକୁ ଜିଲା ଭାଜପା ଦାବି କରିଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଆଖି ବୁଜିଲେ**
**କୁଆଁଙ୍କର ରାଇଜା।**

ପରିବର୍ତ୍ତନ ପାଇଁ ମୁହୂର୍ତ୍ତଟିଏ ଯଥେଷ୍ଟ। ଉପଯୁକ୍ତ ଉତ୍ତରାଧିକାରୀ ଅଭାବରେ ସମ୍ପତ୍ତି ନଷ୍ଟ ହୋଇଯାଏ। ନିଜ ସମ୍ପତ୍ତି ପ୍ରତି ସତର୍କ ଦୃଷ୍ଟି ନ ଦେଲେ ପରଲୋକେ ଖାଇଯାଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଆମ୍ବ ଡାହି ଖଣ୍ଡେ ବଙ୍କା**
**ଜାମୁ ଡାହି ଖଣ୍ଡେ ପାଣିକି ପକା**
**ବଚନ ଷାଠିଏ ଟଙ୍କା।**

ନିଜ କଥା ବା ନିଷ୍ପତ୍ତିରେ ଅଟଳ। କେତେକ ବ୍ୟକ୍ତିଙ୍କ କଥାରେ ଓଜନ ରହିଥାଏ। ପରିସ୍ଥିତି ଯାହା ଘଟିଗଲେ ମଧ ଦେଇଥିବା ବା କହିଥିବା କଥାରୁ କେବେବି ଓହରି ଯାଇନଥାନ୍ତି। କଥା ଦେଇ କଥା ରଖୁଥିବା ଦୃଢ଼ପ୍ରତିଜ୍ଞ ବ୍ୟକ୍ତିଙ୍କ ପ୍ରତି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ

# କରୋନା ଚିକିତ୍ସାରୁ ପ୍ଲାଜମା ଥେରାପି ବାଦ୍

ନୂଆଦିଲ୍ଲୀ, ୧୭।୫

କରୋନାର ପ୍ରଥମ ଲହରବେଳେ ଆକ୍ରାନ୍ତଙ୍କ ଚିକିତ୍ସା ପାଇଁ ପ୍ଲାଜମା ଥେରାପିର ବହୁଳ ବ୍ୟବହାର କରାଯାଇଥିବାବେଳେ ଏବେ ଏହି ପଦ୍ଧତିକୁ କେନ୍ଦ୍ର ସରକାରଙ୍କ ପକ୍ଷରୁ ହଟାଇ ଦିଆଯାଇଛି। ପ୍ଲାଜମା ଥେରାପି କରୋନା ରୋଗୀଙ୍କ ସ୍ୱାସ୍ଥ୍ୟାବସ୍ଥା ସୁଧାରିବାରେ ପ୍ରଭାବୀ ହୋଇପାରୁନି ବୋଲି ସୋମବାର ଜାତୀୟ କୋଭିଡ୍ ଟାସ୍କଫୋର୍ସର ଏକ ବୈଠକରେ କୁହାଯାଇଛି। ଏମ୍ସ, ଆଇସିଏମ୍‌ଆର ପକ୍ଷରୁ କରୋନା ରୋଗୀଙ୍କ ଚିକିତ୍ସା ନିମନ୍ତେ ନୂଆ ଗାଇଡଲାଇନ ଜାରି କରାଯାଇଛି। କୋଭିଡ୍‌ରେ ଆକ୍ରାନ୍ତ ବୟସ୍କ ରୋଗୀଙ୍କ ଚିକିତ୍ସା ପଦ୍ଧତିରୁ ପ୍ଲାଜମା ଥେରାପି ବ୍ୟବହାରକୁ ହଟାଇବା ଉଚିତ। କାରଣ ଏହା ପ୍ରଭାବଶାଳୀ ନୁହେଁ ଏବଂ ଅନେକ କ୍ଷେତ୍ରରେ ଏହାର ଭୁଲ୍ ବ୍ୟବହାର ହେଉଛି ବୋଲି ବୈଠକରେ ଉପସ୍ଥିତ ଟାସ୍କଫୋର୍ସ ସଦସ୍ୟ, ବରିଷ୍ଠ ଅଧିକାରୀ, ବୈଜ୍ଞାନିକ ଓ ପ୍ରମୁଖ ଡାକ୍ତରମାନେ ଏକମତ ହୋଇଥିଲେ।

# ଦୁର୍ଦ୍ଦାନ୍ତ ଅପରାଧୀ କାଳୀଚରଣଙ୍କୁ ହତ୍ୟା

ବଡବିଲ,୧୭।୫(ସ୍ୱ.ପ୍ର.)

- ଆଖି ତାଡ଼ି ମୃତଦେହକୁ ପୋତି ପକାଇଥିଲେ ଦୁର୍ବୃତ୍ତ
- ପୋଲିସ, ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଶବ ଜବତ
- ଅଭିଯୁକ୍ତ ଦୁଇ ଶାଳକ ଗିରଫ

କେନ୍ଦୁଝର ଜିଲା ଯୋଡ଼ା ଥାନା ଅଧୀନ ଆଜାଦ ବସ୍ତିରେ ରବିବାର ବିଳମ୍ବିତ ରାତିରେ ଏକ ହତ୍ୟାକାଣ୍ଡ ଘଟିଛି। ଦୁର୍ଦ୍ଦାନ୍ତ ଅପରାଧୀ କାଳୀଚରଣ ମାଝି ଓରଫ କାଣ୍ଡେଙ୍କୁ ହତ୍ୟା ପରେ ଦୁର୍ବୃତ୍ତମାନେ ତାଙ୍କ ଆଖି ତାଡି ନେଇ ମୃତଦେହକୁ ସୁନା ନଈ କୂଳରେ ପୋତି ଦେଇଥିଲେ। ସାଇଣ୍ଟିଫିକ୍ ଟିମ୍ ଓ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ମାଟି ଖୋଳି ମୃତଦେହ ଠାବ କରାଯାଇଥିବା ବେଳେ ହତ୍ୟାରେ ବ୍ୟବହୃତ ଫାର୍ସା ଓ ଲୁହା ରଡ୍‌କୁ ପୋଲିସ ଜବତ କରିଛି। ହତ୍ୟାକାଣ୍ଡର ଅଭିଯୁକ୍ତ ମୃତକଙ୍କ ଦୁଇ ଶାଳକଙ୍କୁ ପୋଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ମନୋହର ଓରଫ୍ ରାମ ମାଝି ଓ ଦିଗମ୍ବର ମାଝି। ହତ୍ୟାକାଣ୍ଡ ପଛରେ ପାରିବାରିକ ଶତ୍ରୁତା ଥିବା ପୋଲିସ ଅନୁମାନ କରୁଛି। ତେବେ କାଳୀଚରଣଙ୍କ ହାତ ଗୋଡ଼ ବାନ୍ଧି ଦୁର୍ବୃତ୍ତମାନେ ଏଭଳି ହତ୍ୟାକାଣ୍ଡ ଘଟାଇଥିବାରୁ ଏଥିରେ ଅନ୍ୟ କେତେକଙ୍କ ସମ୍ପୃକ୍ତି ଥିବା ନେଇ ସନ୍ଦେହ କରି ପୋଲିସ ଅଧିକ ତଦନ୍ତ ଜାରି ରଖିଛି। ମୃତ କାଳୀଚରଣଙ୍କ ନାମରେ ଯୋଡ଼ା ଥାନାରେ ଏକାଧିକ ମାମଲା ରହିଥିବା ପୋଲିସ ସୂଚନା ଦେଇଛି। ସୋମବାର ସକାଳେ ମୃତ କାଳୀଚରଣଙ୍କ ମାଆ ସୁଗୀ ମାଝିଙ୍କଠାରୁ ହତ୍ୟାକାଣ୍ଡ ସମ୍ପର୍କରେ ଏତଲା ପାଇ ଯୋଡ଼ା ପୋଲିସ ଏକ ମାମଲା(ନଂ.୮୦/୨୧) ରୁଜୁ କରି ତଦନ୍ତ ଜାରି ରଖିଛି।

# ବୌଦ୍ଧ ବନଖଣ୍ଡରୁ ଆସିଲା ଦଶମ ପର୍ଯ୍ୟାୟ ରଥକାଠ

ପୁରୀ ଅଫିସ, ୧୭।୫

ଚଳିତବର୍ଷର ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଜାରି ରହିଛି। ସୋମବାର ଦଶମ ପର୍ଯ୍ୟାୟରେ ରଥକାଠ ବୋଝେଇ ଏକ ଟ୍ରକ ଆସି ପୁରୀରେ ପହଞ୍ଚିଛି। ଏହି ଟ୍ରକ୍‌ରେ ୧୬ଖଣ୍ଡ ଫଳି, ଅଁଳା ଏବଂ ଇରାଡ଼ି କାଠ ରହିଛି। ରଥର ପାରାଭାଡ଼ି, ପ୍ରଭା ସହ ବିଭିନ୍ନ ଅଂଶ ନିର୍ମାଣରେ ଏହି କାଠଗୁଡ଼ିକୁ ବ୍ୟବହାର କରାଯିବ। ଚଳିତବର୍ଷ ରଥଯାତ୍ରା ପାଇଁ ମୋଟ ୮୬୫ ଖଣ୍ଡ କାଠ ଆବଶ୍ୟକ ଥିବାବେଳେ ପୂର୍ବ ବର୍ଷର ୬୯ ଖଣ୍ଡ କାଠ ବଳକା ରହିଛି।



ଗତ ସରସ୍ୱତୀ ପୂଜା ଦିନ ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟ ସମ୍ମୁଖରେ ତିନୋଟି କାଠକୁ ପାରମ୍ପରିକ ବିଧିରେ ପୂଜାର୍ଚ୍ଚନା କରାଯାଇଥିଲା। ଅକ୍ଷୟ ତୃତୀୟା ଦିନଠାରୁ ତିନି ରଥ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି।

# ସୋନୁ ସୁଦ୍‌ଙ୍କ ଟୁଇଟ୍‌କୁ ଜିଲାପାଳଙ୍କ ଖଣ୍ଡନ

ଛତ୍ରପୁର,୧୭।୫(ଡି.ଏନ୍.ଏ.)

ବ୍ରହ୍ମପୁର ସିଟି ହସ୍ପିଟାଲ କୋଭିଡ୍ ହେଲଥ ସେଣ୍ଟରରେ ଜଣେ ବ୍ୟକ୍ତିଙ୍କୁ ଶଯ୍ୟା ଦରକାର ଥିଲା। ତାଙ୍କ ପାଇଁ ସେଠାରେ ଶଯ୍ୟା ବ୍ୟବସ୍ଥା କରାଯାଇଛି। କୌଣସି ବ୍ୟସ୍ତ ହେବାର ନାହିଁ ବୋଲି ସିନେ ଅଭିନେତା ସୋନୁ ସୁଦ୍ ଟୁଇଟ୍ କରିଥିଲେ। ତେବେ ସୋନୁ ସୁଦ୍ କିମ୍ବା ସୁଦ୍ ଫାଉଣ୍ଡେଶନ ପକ୍ଷରୁ ସିଟି ହସ୍ପିଟାଲରେ ଶଯ୍ୟା ନେଇ ଆମକୁ କୌଣସି ଯୋଗାଯୋଗ ହୋଇନି ବୋଲି ସୋମବାର ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ସୋନୁ ସୁଦ୍‌ଙ୍କୁ ଟ୍ୟାଗ କରି ଟୁଇଟ କରିଛନ୍ତି। ଶଯ୍ୟା ଅଭାବ ନାହିଁ। ଏହା ଉପରେ ବ୍ରହ୍ମପୁର ମହାନଗର ନିଗମ ପକ୍ଷରୁ ଏହାର ମନିଟରିଂ କରାଯାଉଛି। ସମ୍ପୃକ୍ତ ରୋଗୀ ହୋମ୍ ଆଇସୋଲେଶନରେ ଅଛନ୍ତି। ତାଙ୍କ ଅବସ୍ଥା ସ୍ଥିର ଥିବା ଜିଲାପାଳ କହିଛନ୍ତି। ଜିଲାସ୍ତରରେ ଡାସ ବୋର୍ଡ ପ୍ରସ୍ତୁତ କରାଯାଇଛି। ସେଥିରେ କରୋନା ରୋଗୀଙ୍କ ତଥ୍ୟ ରହୁଛି। ସେହିପରି କେଉଁ କୋଭିଡ୍ ହସ୍ପିଟାଲ ଓ କୋଭିଡ ସ୍ୱାସ୍ଥ୍ୟ କେନ୍ଦ୍ରରେ କେତେ ଶଯ୍ୟା ଖାଲି ରହୁଛି ସେ ନେଇ ପ୍ରଶାସନ ପକ୍ଷରୁ ସେଣ୍ଟ୍ରାଲିଂ ମନିଟରିଂ ହେଉଥିବା ଜିଲାପାଳ ସୂଚନା ଦେଇଛନ୍ତି।




ସୋନୁ ସୁଦ୍‌ଙ୍କ ଟୁଇଟ୍।




ଜିଲାପାଳଙ୍କ ଟୁଇଟ୍।

**ଗଞ୍ଜାମ ହସ୍ପିଟାଲରେ ଶଯ୍ୟାର ଅଭାବ ନାହିଁ**

GOVERNMENT OF ODISHA
SCIENCE & TECHNOLOGY DEPARTMENT
ADVERTISEMENT

No. U-05: Applications are invited in the prescribed format from the intending candidates from Statutory Universities under State/Central Government Scientific Organisations/Institutions of State/Central Government having requisite qualification and experience for filling up one Post of Senior Scientist in Science & Technology Department, Government of Odisha on deputation basis.
The last date for submission of application is 24.06.2021. For detailed advertisement please visit the departmental website https://st.odisha.gov.in.
For any query, please contact Additional Secretary to Government, Science & Technology Departement, Phone: 8249916097.

Sd./- Additional Secretary
OIPR-28001/11/0002/2122

# ଗରିବ, ସ୍ୱଳ୍ପ ଆୟକାରୀ ପରିବାରକୁ ୬ ହଜାର ମିଳୁ: କଂଗ୍ରେସ

ଭୁବନେଶ୍ୱର, ୧୭।୫(ବ୍ୟୁରୋ)

**କଂଗ୍ରେସର ଭର୍ଚୁଆଲ ବୈଠକ**

ରୋଜଗାରହୀନ ଗରିବ ଓ ସ୍ୱଳ୍ପ ଆୟକାରୀ ପରିବାରକୁ ମାସିକ ୬ ହଜାର ଟଙ୍କାର ଆର୍ଥିକ ସହାୟତା ରାଜ୍ୟ ସରକାର ପ୍ରଦାନ କରନ୍ତୁ। ସୋମବାର ପ୍ରଦେଶ କଂଗ୍ରେସ କମିଟି (ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ରାଜ୍ୟ କଂଗ୍ରେସର ଏକ ଗୁରୁତ୍ୱପୂର୍ଣ୍ଣ ଭର୍ଚୁଆଲ ବୈଠକରେ ସର୍ବସମ୍ମତି ପ୍ରସ୍ତାବ ଗୃହୀତ ହୋଇଯାଇଛି। ଏହା ସାଙ୍ଗକୁ ସ୍ୱଚ୍ଛ ଶାସନର ଡିଣ୍ଡିମ ପିଟୁଥିବା ନବୀନ ସରକାର ରାଜ୍ୟବାସୀଙ୍କ ଅବଗତି ନିମନ୍ତେ କୋଭିଡ୍ ମହାମାରୀ ପରିଚାଳନା, ଟିକାକରଣ ସଂକ୍ରାନ୍ତ ସମସ୍ତ ପ୍ରସଙ୍ଗରେ ଏକ ଶ୍ୱେତପତ୍ର ପ୍ରକାଶ କରିବାକୁ ରାଜ୍ୟ ସରକାରଙ୍କ ନିକଟରେ ଦାବି କରାଯାଇଛି।

ଅଖିଳ ଭାରତ କଂଗ୍ରେସ କମିଟି (ଏଆଇସିସି) ସାଧାରଣ ସମ୍ପାଦକ ତଥା ଓଡ଼ିଶା ପ୍ରଭାରୀ ସାଂସଦ ଏ. ଚେଲ୍ଲାକୁମାର ଓ ସହ ପ୍ରଭାରୀ ରୁଦ୍ର ରାଜୁ ବୈଠକରେ ଉପସ୍ଥିତି ଥିଲେ। କରୋନା ସ୍ଥିତି ଓ ସାଙ୍ଗଠନିକ କାର୍ଯ୍ୟକଳାପ ସମୀକ୍ଷା ପୂର୍ବକ କରୋନା ଦାଉରୁ ରାଜ୍ୟବାସୀଙ୍କୁ ରକ୍ଷା କରିବା କ୍ଷେତ୍ରରେ କଂଗ୍ରେସର ପ୍ରମୁଖ ଭୂମିକା ନିର୍ବାହ କରିବା ଅପରିହାର୍ଯ୍ୟ ବୋଲି ନେତୃମଣ୍ଡଳୀ ମତ ରଖିଛନ୍ତି। କରୋନା ୨ୟ ଲହରର ମୁକାବିଲା ନିମନ୍ତେ ରାଜ୍ୟ ତଥା ଜିଲା କଂଗ୍ରେସ ତରଫରୁ ଭୁବନେଶ୍ୱର, କଟକ, ବାଲେଶ୍ୱର, ବଲାଙ୍ଗୀର, ନୂଆପଡ଼ା ତଥା ଜଗତ୍‌ସିଂପୁର ଜିଲାର ପାରାଦୀପଠାରେ ନିଃଶୁଳ୍କ ଆମ୍ବୁଲାନ୍ସ ସେବା ଇତିମଧ୍ୟରେ ଯୋଗାଯାଇଛି। ପ୍ରତ୍ୟେକ ବିଧାୟକ ଯେଉଁମାନେ ବର୍ତ୍ତମାନ ସୁଦ୍ଧା ଆଞ୍ଚଳିକ ବିଧାୟକ ପାଣ୍ଠିରୁ ଆମ୍ବୁଲାନ୍ସ ସେବାରେ ସାମିଲ ହୋଇନାହାନ୍ତି ସେମାନଙ୍କୁ ଏହି ପାଣ୍ଠିରୁ ଜନସାଧାରଣଙ୍କୁ ସେବା ଯୋଗାଇଦେବା ପାଇଁ ପିସିସି ତରଫରୁ ପରାମର୍ଶ ଦିଆଯାଇଛି। ଟିକାକରଣ କ୍ଷେତ୍ରରେ କେନ୍ଦ୍ର ସରକାରଙ୍କ ଅପାରଗତା ଓ ରାଜ୍ୟଗୁଡିକ ସହ ଆବଶ୍ୟକ ସହଯୋଗ ଅଭାବରୁ ପିସିସି ତରଫରୁ ଘୋର ଉଦ୍‌ବେଗ ପ୍ରକାଶ କରାଯାଇଛି। ଚାଷୀଙ୍କ ସମସ୍ୟାକୁ ଗୁରୁତର ସହ ବିଚାରକୁ ନେଇ ସେମାନଙ୍କୁ ସବୁ ପ୍ରକାର ସହାୟତା ଯୋଗାଇ ଦିଆଯାଉ। ଭୁବନେଶ୍ୱରରେ ଆଇସିୟୁ ବେଡ୍ ଅଭାବରୁ ଜଣେ କରୋନା ପୀଡ଼ିତା ସଦ୍ୟ ବିବାହିତ ସ୍ୱର୍ଣ୍ଣଲତା ପାଲଙ୍କ ମୃତ୍ୟୁ ଘଟଣାରେ ପିସିସି ଚିନ୍ତା ପ୍ରକଟ କରିବା ସହ ଏହି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ପୂର୍ବକ ଦୋଷୀ ସାବ୍ୟସ୍ତ ହସ୍ପିଟାଲ କର୍ତ୍ତୃପକ୍ଷଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଲାଗି ଦାବି କରାଯାଇଛି।

OFFICE OF DISTRICT MANAGER
ODISHA STATE CIVIL SUPPLIES
CORPORATION LTD. (OSCSC), MALKANGIRI (DISTRICT)
Phone: 06861230359, District Website: www.malkangiri.nic.in
Tender No. 665, 666 & 667 Dt.16.05.2021
No. CAD-296: District Manager, Odisha State Civil Supplies Corporation Ltd., Malkangiri (District) invites tenders in Double Cover System through **ONLINE MODE ONLY** for the works below:

| | | |
|---|---|---|
| 1 | Name of the Work | Selection and appointment of (i) **Level-I** Transport Contractor for transportation of foodgrains from FSD, FCI to RRCs (ii) **Level-II** Transport Contractor for transportation of foodgrains from RRCs to Retail Centers (FPS) (iii) **Handling** Contractor (Labour Works) for Handling of Foodgrains (Rice, Wheat) at the RRCs in the district of the State of Odisha |
| 2 | Availability of bid document in the portal | From 17.05.2021 |
| 3 | Last date/time for receipt of bids in the portal: i. Level-II Transport Contractor, ii. Level-I Transport Contractor & Handling Contractor | Dt.31.05.2021 upto 05.00 P.M. Dt.01.06.2021 upto 05.00 P.M. |
| 4 | Date/Time of Opening of Technical Bid i. Level-II Transport Contractor ii. Level-I Transport Contractor & Handling Contractor | Dt.03.06.2021 by 11.00 A.M. Dt.04.06.2021 by 11.00 A.M. |
| 5 | Name and address of the Officer Inviting Tender | District Manager, OSCSC Ltd., Malkangiri |

Tender documents & other details can be seen from the e-procurement portal **www.oscsc.in, www.foododisha.in & www.tendersodisha.gov.in** along with district website. Amendments/Corrigendum/Cancellation/retenders etc. if any shall be published only in above websites.
Sd./- District Manager, OSCSC Ltd., Malkangiri
OIPR-07035/11/0001/2122

GOVERNMENT OF ODISHA
"e" PROCUREMENT NOTICE
OFFICE OF THE NOTIFIED AREA COUNCIL, BALLIGUDA
Tender Call Notice
No. 812 Date 15.05.2021
E-mail: eonacballiguda@yahoo.in
Bid Identification No. EO_BLG.N_01_2021-22
**No. C-259:-** The Executive Officer, NAC, Balliguda, Dist- Kandhamal inviting percentage rate bid in online mode for the works as detailed in the table from eligible contractors for civil work as detailed in the table below.

| | | |
|---|---|---|
| 1. | Name of Work | As per DTCN |
| 2. | No. of work | 1 |
| 3. | Tender Cost | Rs.16.38 Lakh |
| 4. | Class of Contractor | D & C or equivalent |
| 5. | Period & time of completion | 2 (Two) Calendar Months |
| 6. | Available of Bid Document in the Website | From Dt.**16.05.2021**, 11.30 AM to Dt.**24.05.2021** Up to 12.30 PM |
| 7. | Date of opening of Bid | Dt.**24.05.2021** at 1.00 PM |
| 8. | The bidders have to participate in ONLINE bidding only. Further details can be seen from the website: https://tenderodisha.gov.in. Any Addendum/Corrigendum/Cancellation of tender can also be seen in the said website. | |

OIPR-13097/11/0003/2122 Sd./- Executive Officer, NAC, Balliguda

# ବିବାହ ପୂର୍ବରୁ ଜଳିଲା ଜୁଇ

ରୂପସା/ବାଲିଆପାଳ, ୭।୫(ଡି.ଏନ.ଏ./ସ୍ୱ.ପ୍ର.)

ଦୁଇଦିନ ପରେ ହୋଇଥାନ୍ତା ବାହାଘର। ଏଥି ପାଇଁ ପ୍ରସ୍ତୁତି ସରିଥିଲା। ସାଙ୍ଗ ସହ ବାଲେଶ୍ୱର ଯାଇ ସେରୱାନୀ ଓ ଅନ୍ୟାନ୍ୟ ସାମଗ୍ରୀ କିଣି ଘରକୁ ଫେରୁଥିବାବେଳେ ରାଜପଥରେ କାର୍ ଧକ୍କାରେ ଜୀବନ ଚାଲିଗଲା। ବିବାହ ପୂର୍ବରୁ ଜୁଇ ଜଳିଲା। ଏଭଳି ହୃଦୟବିଦାରକ ଘଟଣା ଘଟିଛି ବାଲେଶ୍ୱର ଜିଲା ୬୦ନଂ. ଜାତୀୟ ରାଜପଥର ସଦର ଥାନା ଅନ୍ତର୍ଗତ ନିଧିପଣ୍ଡାଠାରେ। ସୋମବାର ଏକ କାର୍ ଧକ୍କା ଦେବାରୁ ବାଇକ୍‌ରେ ବସିଥିବା ତପନ କୁମାର ଦାସଙ୍କର ମୃତ୍ୟୁ ଘଟିଛି।

ବାଲିଆପାଳ ଥାନା ଖଗଡ଼ାପାଳ ଗ୍ରାମର ଅଶୋକ କୁମାର ଦାସଙ୍କ ପୁଅ ତପନଙ୍କର ଆସନ୍ତା ୧୯ତାରିଖରେ ବିବାହ ସ୍ଥିର ହୋଇଥିଲା। ସେ ତାଙ୍କ ସାଙ୍ଗ ସୁବ୍ରତ ଦାସଙ୍କୁ ନେଇ ବାଇକ୍ ଯୋଗେ ବାଲେଶ୍ୱର ମାର୍କେଟିଂ ପାଇଁ ଯାଇଥିଲେ। କିଣାକିଣି କରି ଘରକୁ ଫେରୁଥିବା ବେଳେ ପଛପଟୁ ଏକ କାର୍ (ନଂ. ଓଆର୍‌୦୧ଟି-୨୯୯୯) ତାଙ୍କ ବାଇକ୍‌କୁ ଧକ୍କା ଦେଇଥିଲା। ଫଳରେ ଦୁଇସାଙ୍ଗ ବାଇକ୍‌ରୁ ଛିଟିକି ପଡ଼ିଥିଲେ। କାର୍ ଡ୍ରାଇଭର ଆହତଦ୍ୱୟଙ୍କୁବାଲେଶ୍ୱରମୁଖ୍ୟଚିକିତ୍ସାଳୟରେଭର୍ତ୍ତିକରାଇଚମ୍ପଟ ମାରିଥିଲେ। ସେଠାରେ ତପନଙ୍କର ମୃତ୍ୟୁ ହୋଇଯାଇଥିଲା। ଏନେଇ ଏକ ମାମଲା ରୁଜୁ ହୋଇ ମୃତଦେହ ବ୍ୟବଚ୍ଛେଦ କରାଯାଇଛି। କାର୍‌କୁ ପୋଲିସ ହେପାଜତରେ ରଖାଯାଇଛି।

No. CAD-291
idco Your power to grow ISO 9001 & 14001 Corporation | ODISHA NEW OPPORTUNITIES
OFFICE OF THE CHIEF GENERAL MANAGER (P&C), IDCO, IDCO TOWER, BHUBANESWAR
Tender Call Notice No. File No. HO/P&C/EST/E-1647/01/2020 8161 Dated:- 12.05.2021
NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement
**Name of the Work** :- Rate Fixation for Supply, Installation, Testing and Commissioning of HVAC system with 4x300 TR Screw type chillers and other associated equipment including comprehensive AMC and O&M for 3 years at IT incubation Centre in the infocity IT/ITES SEZ, Bhubaneswar
**Period of completion** :- 03 (Three) Calendar months

| Procurement Officer | Bid Identification No. | Availability of Tender on-line for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| Chief General Manager (P&C), IDCO, IDCO Tower, Bhubaneswar | **Bid Identificaton No.:- P&C/EST/E-09/2021-22** | Dtd.21.05.2021 at 12.00hrs. | Dtd. 04.06.2021 up to 17.00 hrs. |

Further details can be seen from the e-Procurement Portal **www.Tendersodisha.gov.in** and Corrigendum if any will not be published in newspapers and can only be seen in the **e-procurement portal** as well as in **IDCO Website.**
OIPR-14003/11/0018/2122 Sd./- Chief General Manager (P&C), IDCO, Bhubaneswar

No.A-125
GOVERNMENT OF ODIHSA
DEPARTMENT OF WATER RESOURCES
Office of the Executive Engineer, Telengiri Canal Division
At/PO: Bariniput, Jeypore, Dist.: Koraput (764006)
e-PROCUREMENT NOTICE No.- EE-TCD-01/2021-22 Dtd.13.05.2021
Bid Identification No. EE-TCD-01/2021-22

| | | |
|---|---|---|
| 1. | No. of Work:- | 01 (One) no. |
| 2. | Value of Work:- | Rs.10,50,616/- (Excluding GST) |
| 3. | Class of contractor:- | Registered & Licensed Security Agencies |
| 4. | Period of completion:- | 10 (Ten) Calendar months |
| 5. | Type of contract:- | Percentage Rate |
| 6. | Cost of Tender paper:- | Rs.6,000/- (Non refundable) |
| 7. | Availability of Tender online for bidding:- | From 10.00 Hrs. on 18.05.2021 to 17.30 Hrs. on 29.05.2021. |
| 8. | Date & time of online bid submission:- | From 10.00 Hrs. on 18.05.2021 to 17.30 Hrs. on 29.05.2021. |
| 9. | Date & time of opening of bid online:- | 12.00 Hrs. on 31.05.2021, in Office of the Executive Engineer, Telengiri Canal Division, Bariniput |
| 10. | Name of the officer inviting Bids:- | Executive Engineer, Telengiri Canal Division, Bariniput |

Further details can be seen from the Govt. website **www.tendersorissa.gov.in/ www.dowrodisha.gov.in**. Addendum/ Corrigendum/ Cancellation if any required will be published in Govt. website only.
Sd./- Executive Engineer, Telengiri Canal Division, Bariniput
OIPR-32080/11/0004/2122

## ସଂକ୍ଷେପରେ

### ରବିବାର ଏନ୍‌ଇଏଫ୍‌ଟି ସେବାରେ ବାଧା ଉପୁଜିବ

**ମୁମ୍ବାଇ,୧୭।୫ :** ଆସନ୍ତା ରବିବାର ନ୍ୟାଶନାଲ ଇଲେକ୍‌ଟ୍ରୋନିକ୍ସ ଫଣ୍ଡ ଟ୍ରାନ୍ସଫର(ଏନ୍‌ଇଏଫ୍‌ଟି) ସେବା ବାଧାପ୍ରାପ୍ତ ହେବ। ଲୋକମାନେ ଏହି ପ୍ଲାଟ୍‌ଫର୍ମରେ ପ୍ରାୟ ୧୪ ଘଣ୍ଟା ଅନ୍‌ଲାଇନ ଟଙ୍କା ପ୍ରେରଣ କରିବାକୁ ସକ୍ଷମ ହେବେ ନାହିଁ। ଶନିବାର ମଧରାତ୍ରିରୁ ରବିବାର ଅପରାହ୍ନ ଯାଏ ଏଭଳି ସମସ୍ୟା ଲୋକଙ୍କୁ ସାମ୍ନା କରିବାକୁ ପଡିବ। ଟେକ୍ନିକାଲ ଅପ୍‌ଗ୍ରେଡ ପାଇଁ ଏଭଳି ସମସ୍ୟା ଉପୁଜିବ ବୋଲି ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ ପକ୍ଷରୁ ସୋମବାର ସୂଚନା ମିଳିଛି। ରିଜର୍ଭ ବ୍ୟାଙ୍କ ପକ୍ଷରୁ ସାରା ଦେଶରେ ଏହି ସେବା ଉପଲବ୍ଧ କରାଯାଉଛି। ଏହା ଏକ କେନ୍ଦ୍ରୀକୃତ ପେମେଣ୍ଟ ସିଷ୍ଟମ। ସାରା ବର୍ଷ ଏହା ଲୋକଙ୍କୁ ଉପଲବ୍ଧ ହୋଇଥାଏ। ଏନ୍‌ଇଏଫ୍‌ଟି ପ୍ଲାଟ୍‌ଫର୍ମର କାର୍ଯ୍ୟକ୍ଷମତା ବଢ଼ାଇବା ଲାଗି ଏଭଳି ଟେକ୍ନିକାଲ ଅପ୍‌ଗ୍ରେଡ ବ୍ୟବସ୍ଥା ହାତକୁ ନିଆଯାଉଛି। ଏହି ଅବଧିରେ ଆର୍‌ଟିଜିଏସ୍ ସେବା ସ୍ୱାଭାବିକ ରହିବ ବୋଲି ଆର୍‌ବିଆଇ ପକ୍ଷରୁ ସୂଚନା ମିଳିଛି। ସେବାରେ ଆସିବାକୁ ଥିବା ଅସୁବିଧା ନେଇ ଗ୍ରାହକଙ୍କୁ ସୂଚନା ଦେବାକୁ ଆର୍‌ବିଆଇ ବ୍ୟାଙ୍କଗୁଡିକୁ କହିଛି। ଉଲ୍ଲେଖଯୋଗ୍ୟ, ଏପ୍ରିଲ ମାସ ୧୮ରେ ଆର୍‌ଟିଜିଏସ୍ ପ୍ଲାଟ୍‌ଫର୍ମର ଅପ୍‌ଗ୍ରେଡ କରାଇସାରିଛି।

### ୮୪୮ ପଏଣ୍ଟ ବଢ଼ିଲା ସେନ୍‌ସେକ୍ସ

**ମୁମ୍ବାଇ,୧୭।୫:** ସୋମବାର ଭାରତୀୟ ପୁଞ୍ଜିବଜାର କାରବାର ଉନ୍ନତ ସ୍ତରରେ ରହିଛି। ୩୦ ଶେୟାର ବିଶିଷ୍ଟ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ(ବିଏସ୍‌ଇ) ସେନ୍‌ସେକ୍ସ ୮୪୮.୧୮ ପଏଣ୍ଟ (୧.୭୪%) ବୃଦ୍ଧି ହେବା ଯୋଗୁ ୪୯,୫୮୦.୭୩ ପଏଣ୍ଟରେ ବନ୍ଦ ହୋଇଛି। ସେହିଭଳି ନିଫ୍ଟି କାରବାର ୨୪୫.୩୫ ପଏଣ୍ଟ (୧.୬୭%) ବୃଦ୍ଧି ହେବାରୁ ଏହା ୧୪,୯୨୩.୧୫ ପଏଣ୍ଟରେ ବନ୍ଦ ହୋଇଛି। ଦୈନିକ କୋଭିଡ୍ ମାମଲା ହ୍ରାସ ସହ ବ୍ୟାଙ୍କିଙ୍ଗ୍ ଶେୟାର କାରବାର ଉନ୍ନତ ହେବାରୁ ଶେୟାର ବଜାରରେ କାରବାର ଉନ୍ନତ ହୋଇଥିବା ଦେଖାଯାଇଛି। ସେନ୍‌ସେକ୍ସରେ ଇଣ୍ଡସ ଇଣ୍ଡ ବ୍ୟାଙ୍କ ସବୁଠାରୁ ଭଲ କାରବାର ହାସଲ କରିଛି।

# ଭାରତ ହରାଇଲା ଇରାନ ଗ୍ୟାସ୍‌ଫିଲ୍ଡ

**ନୂଆଦିଲ୍ଲୀ,୧୭।୫**

ଓଏନ୍‌ଜିସି ବିଦେଶ ଲିମିଟେଡ୍ ପକ୍ଷରୁ ଠାବ ହୋଇଥିବା ଫରଜାଦ-ବି ଗ୍ୟାସ୍‌ଫିଲ୍ଡ ଭାରତ ହାତେଇବାରେ ସକ୍ଷମ ହୋଇନାହିଁ। ପର୍ସିଆନ ଗଲ୍ଫରେ ରହିଥିବା ଉକ୍ତ ଫିଲ୍ଡକୁ ଇରାନ ସରକାର ଏକ ସ୍ଥାନୀୟ କମ୍ପାନୀଙ୍କୁ ହସ୍ତାନ୍ତର କରିଛନ୍ତି। ଏହି ଫିଲ୍ଡର ବିକାଶ କାର୍ଯ୍ୟ ଉକ୍ତ କମ୍ପାନୀ କରିବାକୁ ଥିବାରୁ ଭାରତ ଏହା ହରାଇଥିବା ଜଣାପଡ଼ିଛି।

ନ୍ୟାଶନାଲ ଇରାନିଆନ ଅଏଲ ଲିମିଟେଡ(ଏନ୍‌ଆଇଓସି) ଏଥିଲାଗି ପେଟ୍ରୋପାର୍ସ ଗ୍ରୁପ୍ ସହ ୧.୭୮ ବିଲିୟନ ଡଲାରର ଏକ ଚୁକ୍ତିରେ ସାମିଲ ହୋଇଛି। ସୋମବାର ଏହି ଚୁକ୍ତି ସ୍ୱାକ୍ଷରିତ ହୋଇଥିବା ଇରାନ ତୈଳ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି । ମନ୍ତ୍ରଣାଳୟ ପକ୍ଷରୁ ଏ ନେଇ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିବା ବେଳେ ଏଠାରେ



ତୈଳ ମନ୍ତ୍ରୀ ବିଜନ ଜାଙ୍ଗନେ ଉପସ୍ଥିତ ଥିଲେ। ଏହି ଗ୍ୟାସ୍ ଫିଲ୍ଡରେ ୨୩ ଲକ୍ଷ କୋଟି ଘନ ଫୁଟ ଗ୍ୟାସ୍ ରିଜର୍ଭ ରହିଛି। ଆଗାମୀ ୫ ବର୍ଷ ମଧ୍ୟରେ ଏଠାରୁ ଦୈନିକ ୨୮ ନିୟୁତ କ୍ୟୁବିକ ମିଟର ଉତ୍ପାଦନ ଯୋଜନା ରଖାଯାଇଛି।

ଓଏନ୍‌ଜିସିର ବିଦେଶୀ ନିବେଶ କମ୍ପାନୀ ଓଏନ୍‌ଜିସି ବିଦେଶ ଲିମିଟେଡ ୨୦୦୮ରେ ଉକ୍ତ ଫିଲ୍ଡକୁ ଠାବ କରିଥିଲା। ୧୧ ବିଲିୟନ ଡଲାର ନିବେଶ ନେଇ ଓଏନ୍‌ଜିସି ଏବଂ ଏହାର ସହଯୋଗୀ ନିବେଶକମାନେ ପ୍ରସ୍ତାବ ରଖିଥିଲେ। ଏକ ଇରାନ କମ୍ପାନୀକୁ ଏହି ବ୍ଲକ ଦେବା ଲାଗି ସେଠାକାର ସରକାର ପ୍ରକ୍ରିୟା ଜାରି କରିଥିବା ଗତବର୍ଷ ଅକ୍ଟୋବରରେ ଏକ ଖବର ପ୍ରକାଶ ପାଇଥିଲା। ଏହା ପରେ ଓଏନ୍‌ଜିସି ବିଦେଶ ନିବେଶ ପ୍ରସ୍ତାବ ଉପରେ କୌଣସି ସହମତି ପ୍ରକାଶ ପାଇପାରି ନ ଥିଲା। ୨୦୦୨ ଡିସେମ୍ବରରେ ଓଏନ୍‌ଜିସି ଏହି ବ୍ଲକ୍‌ରେ ଗ୍ୟାସ୍ ଠାବ କରିବା ଲାଗି ପ୍ରଥମେ ପ୍ରକ୍ରିୟା ଆରମ୍ଭ କରିଥିଲା। ବିଭିନ୍ନ ଅସୁବିଧା ଯୋଗୁ ଓଏନ୍‌ଜିସିକୁ ଏହି ବ୍ଲକ ମିଳିପାରି ନ ଥିବା କୁହାଯାଉଛି। ୨୦୧୮ରେ ଆମେରିକା ଇରାନ ଉପରେ କଟକଣା ଲଗାଇବା ପରେ ତୈଳ ଫିଲ୍ଡ ନେଇ ଟେକ୍ନିକାଲ ଷ୍ଟଡି ଶେଷ ହୋଇ ପାରି ନ ଥିଲା। ବାଣିଜ୍ୟିକ ଚୁକ୍ତି ଲାଗି ଏହା ବିଶେଷ ଗୁରୁତ୍ୱ ବହନ କରୁଥିଲା। ଉଲ୍ଲେଖଯୋଗ୍ୟ ଏହି ବ୍ଲକ୍ ଲାଗି ଭାରତୀୟ କନ୍‌ସୋର୍ଟିୟମ ୪୦୦ ନିୟୁତ ଡଲାର ନିବେଶ କରିଥିଲେ।

# ପାଇକାରୀ ମୁଦ୍ରାସ୍ଫୀତି ୧୦.୪୯%

**ମୁମ୍ବାଇ,୧୭।୫**

ଏପ୍ରିଲ ମାସରେ ପାଇକାରୀ ମୁଦ୍ରାସ୍ଫୀତି ସର୍ବକାଳୀନ ରେକର୍ଡ ସ୍ତର ୧୦.୪୯% ଛୁଇଁଛି। ଖାଦ୍ୟ ସାମଗ୍ରୀ, ଅଶୋଧିତ ତୈଳ ଏବଂ ମାନୁଫାକଚର ଗୁଡ୍ସ ଦର ଉଚ୍ଚରେ ରହିବା ଯୋଗୁ ପାଇକାରୀ ମୂଲ୍ୟଭିତ୍ତିକ ମୁଦ୍ରାସ୍ଫୀତି ସର୍ବାଧିକ ସ୍ତରରେ ରହିଛି ବୋଲି ବଜାର ବିଶେଷଜ୍ଞମାନେ କହିଛନ୍ତି। ଗତ ୪ ମାସ ହେବ ଏହି ବର୍ଗରେ ମୁଦ୍ରାସ୍ଫୀତି ବଢ଼ିଚାଲିଛି। ୨୦୨୧ ମାର୍ଚ୍ଚରେ ଏହା ୭.୩୯% ସ୍ତରରେ ଥିଲା। ଗତ ବର୍ଷ ଏପ୍ରିଲରେ ଏହା -୧.୫୭% ସ୍ତରରେ ରହିଥିଲା। ଅଶୋଧିତ ପେଟ୍ରୋଲିୟମ, ପେଟ୍ରୋଲ ଏବଂ ଡିଜେଲ ଭଳି ମିନେରାଲ ଅଏଲ ଏବଂ ମାନୁଫାକଚର୍ଡ ପ୍ରଡକ୍ଟ ଦର ବଢିବାରୁ ପାଇକାରୀ ମୁଦ୍ରାସ୍ଫୀତି ଗତ ମାସଗୁଡିକ ତୁଳନାରେ ସର୍ବାଧିକ ସ୍ତରରେ ରହିଛି ବୋଲି ବାଣିଜ୍ୟ ଏବଂ ଉଦ୍ୟୋଗ ମନ୍ତ୍ରଣାଳୟ ସୂଚନା ମିଳିଛି।




ଅଣ୍ଡା, ମାଛ ଏବଂ ମାଂସ ବର୍ଗରେ ଏପ୍ରିଲ ମାସରେ ମୁଦ୍ରାସ୍ଫୀତି ୧୦.୮୮% ସ୍ତରରେ ଥିବା ବେଳେ ଖାଦ୍ୟ ସାମଗ୍ରୀ ବର୍ଗରେ ୪.୯୨% ସ୍ତରରେ ରହିଛି। ଏହି ବର୍ଗରେ ଚଳିତ ବର୍ଷ ମାର୍ଚ୍ଚରେ ଖାଦ୍ୟ ସାମଗ୍ରୀ ମୁଦ୍ରାସ୍ଫୀତି ୩.୨୪% ସ୍ତରରେ ଥିଲା। ସେହିଭଳି ଡାଲିରେ ୧୦.୭୪%, ଫଳ ଉପରେ ୨୭.୪୩% ଏବଂ ପନିପରିବା ଉପରେ ମୁଦ୍ରାସ୍ଫୀତି -୯.୦୩% ସ୍ତର ରହିଛି। ମାର୍ଚ୍ଚରେ ପନିପରିବା ବର୍ଗରେ ମୁଦ୍ରାସ୍ଫୀତି -୫.୧୯% ସ୍ତର ଥିବା ବେଳେ ଏପ୍ରିଲରେ ମୁଦ୍ରାସ୍ଫୀତି ୨୦.୯୪% ସ୍ତରରେ ରହିଥିଲା।

# ଶିଳ୍ପପତି ସିଦ୍ଧାର୍ଥ ଶ୍ରୀରାମଙ୍କ ପରଲୋକ

**ନୂଆଦିଲ୍ଲୀ,୧୭।୫**

ଭାରତର ଜଣାଶୁଣା ଶିଳ୍ପପତି ତଥା ଉଷା ଇଣ୍ଟରନ୍ୟାଶନାଲର ପୂର୍ବତନ ଅଧ୍ୟକ୍ଷ ସିଦ୍ଧାର୍ଥ ଶ୍ରୀରାମଙ୍କ ସୋମବାର ପରଲୋକ ହୋଇଯାଇଛି। ସେ କୋଭିଡ୍‌ରେ ଆକ୍ରାନ୍ତ ହୋଇ ଗୁରୁଗ୍ରାମର ଏକ ଘରୋଇ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିବା ସମୟରେ ତାଙ୍କର ମୃତ୍ୟୁ ଘଟିଥିବା ପରିବାରବର୍ଗଙ୍କ ପକ୍ଷରୁ ସୂଚନା ମିଳିଛି। ତାଙ୍କୁ ୭୬ ବର୍ଷ ହୋଇଥିଲା ବୋଲି ଜଣାପଡିଛି। ତାଙ୍କ ମୃତ୍ୟୁ ଖବର ଦେଶର ଶିଳ୍ପ ଜଗତକୁ ସ୍ତବ୍ଧ କରିଦେଇଛି। ସେ ଦୀର୍ଘ ୪୦ ବର୍ଷରୁ ଊର୍ଦ୍ଧ୍ୱ ସମୟରେ ହେବ ଦେଶର ବିଭିନ୍ନ ଅଗ୍ରଣୀ କମ୍ପାନୀ ସହ ଦକ୍ଷତାର ସହ କାର୍ଯ୍ୟ କରିଥିବା ସୂଚନା ମିଳିଛି। ୧୯୪୫ ଜାନୁୟାରୀ ୧୮ରେ ଜନ୍ମ ଗ୍ରହଣ କରିଥିବା ଶ୍ରୀରାମ ଜଣେ ମେଧାବୀ ଛାତ୍ର ଭାବେ ପରିଚିତ



ଥିଲେ। ସେ ଡେରାଡୁନ ଡୁନ୍ ସ୍କୁଲରୁ ଆରମ୍ଭ କରି ଏମ୍‌ଆଇଟି (ୟୁଏସ୍) ଭଳି ଶିକ୍ଷାନୁଷ୍ଠାନରୁ ଶିକ୍ଷା ଲାଭ କରିଥିଲେ। ସେ ଜଣେ କ୍ରୀଡ଼ାବିତ ଭାବେ ବେଶ୍ ଜଣାଶୁଣା ଥିଲେ। କ୍ରୀଡ଼ାର ବିକାଶ ପାଇଁ ସେ ଅନେକ କିଛି କାର୍ଯ୍ୟ କରିଛନ୍ତି। ସେ ଦୀର୍ଘ ସମୟ ପର୍ଯ୍ୟନ୍ତ କ୍ରୀଡ଼ା ପ୍ରଶାସକ ଭାବେ ଦାୟିତ୍ୱ ନିର୍ବାହ କରିଛନ୍ତି।

# ଡବ୍ଲ୍ୟୁଇଏଫ୍‌ର ବାର୍ଷିକ ବୈଠକ ବାତିଲ

**ନୂଆଦିଲ୍ଲୀ,୧୭।୫ :** ସାରା ବିଶ୍ୱରେ କୋଭିଡ୍ ସଂକ୍ରମଣର ଭୟାବହତା ଯୋଗୁ ୱାର୍ଲ୍ଡ ଇକୋନମିକ ଫୋରମ (ଡବ୍ଲ୍ୟୁଇଏଫ୍)ର ୨୦୨୧ ବାର୍ଷିକ ବୈଠକକୁ ବାତିଲ କରାଯାଇଛି। ସୋମବାର ଏ ସମ୍ପର୍କରେ ସଂସ୍ଥା ପକ୍ଷରୁ କୁହାଯାଇଛି , ଚଳିତ ବର୍ଷ ସିଙ୍ଗାପୁରରେ ନିର୍ଦ୍ଧାରିତ ସମୟସୀମାରେ ହେବାକୁ ୨୦୨୧ର ବାର୍ଷିକ ବୈଠକ କୋଭିଡ୍ ମହାମାରୀ ଯୋଗୁ ସର୍ବସମ୍ମତିକ୍ରମେ ବାତିଲ କରାଯାଇଛି। ଏହି ବୈଠକରେ ସାରା ବିଶ୍ୱରୁ ପ୍ରତିନିଧି ମାନେ ଯୋଗଦେଇ ବିଭିନ୍ନ ବିଷୟ ଓ ଘଟଣା ଉପରେ ଆଲୋଚନା କରିଥାନ୍ତେ ବୋଲି କାର୍ଯ୍ୟକ୍ରମ ରହିଥିଲା। ସେହିପରି ମହାମାରୀ ସମ୍ପର୍କରେ ବିଶେଷ ଆଲୋଚନା ଓ ଟିକା ଓ ପରୀକ୍ଷା ସାଙ୍ଗକୁ ସମ୍ପୃକ୍ତ ଦେଶର ବିଭିନ୍ନ ବିଷୟରେ ଚର୍ଚ୍ଚା କରାଯାଇଥାନ୍ତା।

# ତଦନ୍ତ ଯୋଗୁ ବୋର୍ଡ ଛାଡ଼ିଥିଲେ ବିଲ୍ ଗେଟ୍ସ

**ନୂଆଦିଲ୍ଲୀ,୧୭।୫**

୨ ଦଶନ୍ଧି ପୂର୍ବରୁ ମାଇକ୍ରୋସଫ୍ଟର ଜଣେ ମହିଳା କର୍ମଚାରୀଙ୍କ ସହ ବିଲ୍ ଗେଟ୍ସଙ୍କର ସମ୍ପର୍କ ଥିବା ଅଭିଯୋଗ ଆସିବା ପରେ ମାଇକ୍ରୋସଫ୍ଟ ଏହାକୁ ନେଇ ତଦନ୍ତ ଆରମ୍ଭ କରିଥିଲା। ଏହା ପରେ ବିଲ୍ ଗେଟ୍ସ କମ୍ପାନୀ ବୋର୍ଡ ଛାଡିଥିବା ଏକ ରିପୋର୍ଟରେ ପ୍ରକାଶ ପାଇଛି। ଏହି ମହିଳାଙ୍କ ସହ ସେ ଏକ ନୂଆ ସମ୍ପର୍କ ଯୋଡିବାକୁ ଚାହୁଁଥିଲେ ବୋଲି ଜୋର୍‌ଦାର ଚର୍ଚ୍ଚା ହେଉଛି। ଏହି ଘଟଣା ଉପରେ ବୋର୍ଡ ତର୍ଜମା କରିବା ପରେ ଏକ ବାହ୍ୟ ଆଇନ ଫାର୍ମ ସହାୟତାରେ ତଦନ୍ତ କରାଯାଇଥିଲା ବୋଲି ମାଇକ୍ରୋସଫ୍ଟ ପକ୍ଷରୁ ସୂଚନା ମିଳିଛି। ଏହି ତଦନ୍ତର କୌଣସି ନିଷ୍କର୍ଷ ବାହାରି ପାରି ନ ଥିଲା କାରଣ ତଦନ୍ତ ଶେଷ ହେବା ଆଗରୁ ବିଲ୍ ଗେଟ୍ସ ବୋର୍ଡରୁ ଓହରିଯାଇଥିଲେ।

କର୍ମଚାରୀ ଜଣକ ଏ ନେଇ କମ୍ପାନୀର ବୋର୍ଡକୁ ଅବଗତ କରିବା



ପରେ କମ୍ପାନୀ ଏହାର ତଦନ୍ତ ଆରମ୍ଭ କରିଥିଲା। ଅଭିଯୋଗ ଅନୁସାରେ, ୨୦୦୦ ମସିହାଠାରୁ ବିଲ୍ ଗେଟ୍ସ ଏହି କର୍ମଚାରୀଙ୍କ ସହ ନିବିଡ ସମ୍ପର୍କରେ ରହିଥିଲେ। ଘଟଣାର ଗୁରୁତ୍ୱକୁ ବିଚାର କରି ବୋର୍ଡର ଏକ କମିଟି ବାହ୍ୟ ଆଇନ ଫାର୍ମର ସହାୟତା ନେଇଥିଲା। ତଦନ୍ତ ସମୟରେ ଅଭିଯୋଗ ଆଣିଥିବା କର୍ମଚାରୀଙ୍କୁ କମ୍ପାନୀ ସବୁ ପ୍ରକାର ସହଯୋଗ ଯୋଗାଇ ଦେଇଥିଲା। ଡାଉ ଜୋନ୍ସ ପକ୍ଷରୁ ପୂର୍ବରୁ ପ୍ରକାଶିତ ଏକ ରିପୋର୍ଟ ମୁତାବକ, ମହିଳା କର୍ମଚାରୀଙ୍କ ସହ ଗେଟ୍ସଙ୍କର ସମ୍ପର୍କ ଠିକ୍ ନୁହେଁ ବୋଲି ମାଇକ୍ରୋସଫ୍ଟର ନିର୍ଦ୍ଦେଶକମାନେ ଜାଣିପାରିଥିଲେ। ଏଭଳି ବିଭିନ୍ନ କାରଣ ଲାଗି ତାଙ୍କୁ ବୋର୍ଡରୁ ଇସ୍ତଫା ଦେବାକୁ ପଡିବ ବୋଲି ନିଷ୍ପତ୍ତି ହୋଇଥିଲା। ସମାଜ ସେବା ଲାଗି ବୋର୍ଡ ଛାଡୁଥିବା ବିଲ୍ ଗେଟ୍ସ ଗତ ବର୍ଷ ମାର୍ଚ୍ଚରେ କହିଥିଲେ। ୨୦୦୮ ପରଠାରୁ ମାଇକ୍ରୋସଫ୍ଟର ଦୈନନ୍ଦିନ ପରିଚାଳନାରେ ସେ ଆଉ ହସ୍ତକ୍ଷେପ କରୁ ନ ଥିଲେ। ୧୯୭୫ରେ ସେ ଏହି କମ୍ପାନୀର ସହ ପ୍ରତିଷ୍ଠାତା ଥିବା ବେଳେ ୨୦୦୦ ଯାଏ ସିଇଓ ଭାବେ କାର୍ଯ୍ୟ କରିଥିଲେ। ଏହି ତଦନ୍ତ କେଉଁ ଯାଏ ଗଲା ସେ ନେଇ କମ୍ପାନୀ ପକ୍ଷରୁ ବେଶି କିଛି କୁହାଯାଇନାହିଁ। ବୋର୍ଡ ଛାଡିବାରେ କର୍ମଚାରୀଙ୍କ ସହ ସମ୍ପର୍କର କୌଣସି ସଂଯୋଗ ନାହିଁ। ଏହା ୨୦ ବର୍ଷ ପୁରୁଣା ବୋଲି ଗେଟ୍ସଙ୍କ ମୁଖପାତ୍ର କହିଛନ୍ତି।

## ଫୁରସତ୍



# ୩୦ ଲକ୍ଷ ଦେଲେ ବିକ୍ରମ

**ଚେନ୍ନାଇ :** ତାମିଲ ଷ୍ଟାର ବିକ୍ରମ ଚିୟାନ୍ କୋଭିଡ୍ ସହାୟତା ପାଇଁ ତାମିଲନାଡୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ଫଣ୍ଡକୁ ୩୦ ଲକ୍ଷ ଟଙ୍କା ଦାନ କରିଛନ୍ତି। ପୂର୍ବରୁ ସୁପରଷ୍ଟାର ରଜନୀକାନ୍ତ ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍. କେ. ଷ୍ଟାଲିନ୍‌ଙ୍କୁ ଭେଟି ୫୦ ଲକ୍ଷ ଟଙ୍କା ସହାୟତା ରାଶି ପ୍ରଦାନ କରିଛନ୍ତି। ସୋମବାର ବିକ୍ରମ ଅନ୍‌ଲାଇନରେ ଏହି ଟଙ୍କା ଟ୍ରାନ୍ସଫର କରିଥିବା ଜଣାଇଛନ୍ତି। ବିକ୍ରମ ଖୁବଶୀଘ୍ର ଆର୍. ଅଜୟ ଜ୍ଞାନାମୁଥୁଙ୍କ 'କୋବ୍ରା' ଏବଂ କାର୍ତ୍ତିକ ସୁବାରାଜ୍‌ଙ୍କ ଫିଲ୍ମରେ ନଜର ଆସିବେ। ମଣି ରତନମ୍‌ଙ୍କ 'ପୋନିୟାନ ସେଲଭମ୍' ଚଳଚ୍ଚିତ୍ରରେ ମୁଖ୍ୟ ଭୂମିକାରେ ରହିଛନ୍ତି। ଏଥିରେ ବଲିଉଡ୍ ଅଭିନେତ୍ରୀ ଐଶ୍ୱର୍ଯ୍ୟା ରାୟ ବଚ୍ଚନଙ୍କ ସମେତ ଜୟମ ରବି, ତ୍ରିଷା କ୍ରିଷ୍ଣନ୍, କାର୍ତ୍ତିଙ୍କୁ ମଧ୍ୟ ପ୍ରମୁଖ ଭୂମିକାରେ ଦେଖିବାକୁ ମିଳିବ। ଏହା ପୂର୍ବରୁ ତାମିଲ ଇଣ୍ଡଷ୍ଟ୍ରୀର ଅଜିତ କୁମାର, ସୂର୍ଯ୍ୟା, କାର୍ତ୍ତି ଏବଂ ଶିବକୁମାର, ଜୟମ ରବି, ଉଦୟନିଧି ଷ୍ଟାଲିନ, ଶିବାକାର୍ତ୍ତିକେୟାନ, ଶଙ୍କର, ଭେଟ୍ରି ମାରାନ ଏବଂ ଆର୍ ମୁରୁଗାଡୋସ୍ ମଧ୍ୟ ରିଲିଫ୍ ପାଣ୍ଠିରେ ନିଜ ଯୋଗଦାନ କରିଛନ୍ତି। ତାମିଲନାଡୁରେ ସଂକ୍ରମଣ ତୀବ୍ର ଗତିରେ ବ୍ୟାପିବାରେ ଲାଗିଛି। ଦିନକରେ ଏଠାରୁ ୩୩,୧୮୧ ଜଣ ନୂଆ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। କେବଳ ଚେନ୍ନାଇରେ ୬,୧୫୦ ପଜିଟିଭ୍ ବାହାରିଛନ୍ତି।

# ପରିଚୟପତ୍ରର ଭିନ୍ନ ଷ୍ଟାଇଲ

କୋଲକାତା: ଲକ୍‌ଡାଉନ୍ ପାଇଁ ବାହାରକୁ ଯିବା ସମୟରେ ପୋଲିସକୁ ଅତି ଜରୁରି କାରଣ ଜଣାଇବାକୁ ପଡୁଛି। ଏଥିପାଇଁ ବିଭିନ୍ନ କାମରେ ଯାଉଥିଲେ ଲୋକେ ପରିଚୟ ପତ୍ର ସାଙ୍ଗରେ ନେଇ ଯାଉଛନ୍ତି। ମାତ୍ର କୋଲକାତାରେ ଜଣେ ବ୍ୟକ୍ତି ଏକ ଭିନ୍ନ ଧରଣର ପରିଚୟପତ୍ର ତିଆରି କରି ଏବେ ସୋସିଆଲ ମିଡିଆରେ ଚର୍ଚ୍ଚିତ ହୋଇଛନ୍ତି।

କୋଲକାତାର ଜଣେ ବ୍ୟକ୍ତି ମିଠା କିଣିବା ପାଇଁ ବଜାରକୁ ଯାଉଥିବାବେଳର ଏକ ଭିଡିଓ ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଭାଇରାଲ ଭିଡିଓରେ ଜଣେ ବ୍ୟକ୍ତି ମିଠା କିଣିବା ପାଇଁ



ବଜାରକୁ ଯାଉଛନ୍ତି। କିନ୍ତୁ କୋଲକାତାରେ ଏବେ ଲକ୍‌ଡାଉନ୍ ଚାଲିଥିବାରୁ ବିଭିନ୍ନ ସ୍ଥାନରେ ପୋଲିସ ଲୋକଙ୍କୁ ଯାଞ୍ଚ କରୁଛି। ଅନାବଶ୍ୟକଭାବେ ଘରୁ ବାହାରକୁ ବାହାରୁଥିବା ଲୋକଙ୍କୁ ଦଣ୍ଡ ଭୋଗିବାକୁ ବି ପଡୁଛି। ଏହି କାରଣରୁ ବ୍ୟକ୍ତିଜଣକ ବଜାରକୁ ମିଠା କିଣିବାକୁ ଯାଉଛନ୍ତି ବୋଲି ନିଜ ପାଇଁ ଏକ ପରିଚୟ ପତ୍ର ତିଆରି କରିଛନ୍ତି। ବ୍ୟକ୍ତିଜଣକ ଏକ କାଗଜରେ ଲେଖିଛନ୍ତି କି ସେ ମିଠା କିଣିବାକୁ ଯାଉଛନ୍ତି। ଆଉ ସେହି କାଗଜଟିକୁ ସେ ଏକ ସୂତାରେ ବାନ୍ଧି ବେକରେ ଝୁଲାଇ ଦେଇଛନ୍ତି। ତେଣୁ ବାଟରେ ପୋଲିସ ଅଟକାଇବା ସମୟରେ ସେ ତାଙ୍କ ବେକରେ ଝୁଲୁଥିବା ଲେଖା କାଗଜଟିକୁ ଦେଖାଉଛନ୍ତି। ବଙ୍ଗଳା ଭାଷାରେ ଏଭଳି ଏକ ଲେଖାଥିବା କାଗଜକୁ ବେକରେ ଝୁଲାଇ ବ୍ୟକ୍ତିଜଣକ ଏକନୂଆ ଷ୍ଟାଇଲ କରିଛନ୍ତି। କୋଲକାତାରେ ଏବେ ଲକ୍‌ଡାଉନ୍ ଥିବାରୁ ଦୋକାନ ବଜାର ଖୋଲିବା ନେଇ କଟକଣା ରହିଛି। ମିଠା ଦୋକାନଗୁଡ଼ିକୁ ଦିନ ୧୦ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଖୋଲା ରଖିବାର ଅନୁମତି ରହିଛି। ତେଣୁ ଲୋକେ ସେହି ସମୟ ମଧ୍ୟରେ ଯାଇ କିଣାକିଣି କରିପାରିବେ। କିନ୍ତୁ ମିଠା କିଣିବାକୁ ବ୍ୟକ୍ତିଙ୍କ ଏଭଳି ଷ୍ଟାଇଲ ଏବେ ସୋସିଆଲ ମିଡିଆରେ ଲୋକଙ୍କ ଦୃଷ୍ଟି ଆକର୍ଷଣ କରିଛି। ଅବଶ୍ୟ କୋଲକାତାରେ ମିଠାକୁ ଏକ ଅତ୍ୟାବଶ୍ୟକ ସାମଗ୍ରୀଭାବେ ଗ୍ରହଣ କରାଯାଉଛି ବୋଲି କିଛି ଲୋକ କମେଣ୍ଟ କରିଛନ୍ତି। ସେହିପରି ଏଭଳି ଏକ ଭିଡିଓକୁ ଦେଖିବା ପରେ ଅନେକେ ମତ ଦେଇଛନ୍ତି ଯେ, ଏହା କେବଳ କୋଲକାତାରେ ହିଁ ସମ୍ଭବ ହୋଇପାରେ। ତେବେ ଭିନ୍ନ ଶୈଳୀରେ ମିଠା କିଣିବାକୁ ବାହାରିଥିବା ବ୍ୟକ୍ତିଙ୍କର ଏହି ଭିଜୁଆଲଟିକୁ ଏବେ ବହୁ ସଂଖ୍ୟାରେ ଲୋକେ ଦେଖିବା ସହିତ ଶେୟାର ମଧ୍ୟ କରୁଛନ୍ତି।

BIKASHA FINANCE
BIKASHA FINANCE
ସମସ୍ତ ପ୍ରକାର LOAN ଯୋଗାଇ ଦେଉଛି। ମାର୍କଶିଟ, ପର୍ସନାଲ, ସମ୍ପତ୍ତି, ଗୃହ, ବ୍ୟବସାୟ, କୃଷି, ଶିକ୍ଷା, କୁକୁଡ଼ା ଓ ଗୋପାଳନ ଇତ୍ୟାଦି
ସମସ୍ତ ପ୍ରକାର LOAN ଘରେ ବସି ପାଆନ୍ତୁ।
ସୁଧ = 2%
Mob.: 8280503279, 7656825022
Retamunda, Bhatigaon, Baragarh

## ମନେ ପଡ଼ନ୍ତି

**ଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



୰ପୂର୍ଣ୍ଣଚନ୍ଦ୍ର ମିଶ୍ର
(ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ)
ବାଙ୍କୀମୁହାଣ, ରାମଚଣ୍ଡୀସାହି, ପୁରୀ
ଆବିର୍ଭାବ: ୦୭।୧୨।୧୯୪୭
ତିରୋଧାନ: ୦୯।୦୫।୨୦୨୧
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ ପରିବାରବୃନ୍ଦ: କବିତା ମଞ୍ଜରୀ, ମିଟୁ, ମିତା, ସୋନୁ, ସାଇ, ଲିଟୁ, ଇତି, କୁନୁ, ସାନୁ, ଶୁଭେନ୍ଦୁ।
ଧ-୬୮୮୬

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



ସ୍ୱର୍ଗତ ସୁଙ୍କୁରୁ ଲୋକନାଥ ରାଓ
ନୂଆପଡ଼ା, ଚିକିଟି ବ୍ଲକ, ଗଞ୍ଜାମ
ଆବିର୍ଭାବ: ୨୪।୦୮।୧୯୫୪
ତିରୋଧାନ: ୦୭।୦୫।୨୦୨୧
ଆପଣଙ୍କର ତିରୋଧାନରେ ଆମେ ସମସ୍ତେ ମର୍ମାହତ। ଆପଣଙ୍କ କର୍ତ୍ତବ୍ୟନିଷ୍ଠା, ସ୍ନେହ, ଶ୍ରଦ୍ଧା ଓ ଆଦର୍ଶ ଆମମାନଙ୍କର ପାଥେୟ ହେଉ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ: ସ୍ତ୍ରୀ: ଧନଲକ୍ଷ୍ମୀ, ପୁତ୍ର: ସ୍ୱାଧୀନ କୁମାର, ବୋହୂ: ପଲ୍ଲଭୀ, ଝିଅ: ସମୀରା, ଜ୍ୱାଇଁ: ରାକେଶ, ଭାଇ: ଏସ୍. ନାଗଭୂଷଣ, ବନ୍ଧୁବାନ୍ଧବ ଓ ଆତ୍ମୀୟସ୍ୱଜନ।
ଧ-୬୬୬୫୭

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



୰ ଇଂ. ବୃନ୍ଦାବନ କଳସ
୨୧୭୧, ଟଙ୍କପାଣି ରୋଡ୍, ଭୁବନେଶ୍ୱର
ଆବିର୍ଭାବ: ୧୯.୦୩.୧୯୩୫
ତିରୋଧାନ: ୦୮.୦୫.୨୦୨୧
ତୁମର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ: ଖୁଲଣା ସୁନ୍ଦରୀ (ପତ୍ନୀ), ଶ୍ରୀମନ୍ତ, ଶ୍ରୀକାନ୍ତ, ସୁଶାନ୍ତ (ପୁତ୍ର), ପୁଷ୍ପା (କନ୍ୟା), ସୁଧାଂଶୁ (ଜ୍ୱାଇଁ), ମୌସୁମୀ, ବନ୍ଦନା, ନିବେଦିତା (ବୋହୂ), ପୃଥ୍ୱୀରାଜ୍, ଶ୍ରୀତେଜ୍, ଶ୍ରୀଲେଖ୍, ଯୁବରାଜ୍, ସିଦ୍ଧାନ୍ତ, ଶ୍ରେୟାସ୍, ଶ୍ରୀକମଲ୍ (ନାତି), ଶ୍ରୀଷ୍ଟି, ସୁସ୍ମିତ୍ (ନାତୁଣୀ), ବିଜୟ କୁମାର ନାୟକ ଏବଂ ପରିବାରବର୍ଗ।
ଧ-୨୦୭୩୧

**ଶ୍ରଦ୍ଧାଞ୍ଜଳି**



୰ରଞ୍ଜିତା ଜେନା (ଲେଖିକା)
ସ୍ୱାମୀ: ୰ଗୋପବନ୍ଧୁ ଜେନା (ଅଧିବକ୍ତା)
ମାନସ ଗଙ୍ଗୋତ୍ରୀ, ଦଣ୍ଡତୋଟା, ପୁରୀ
ଆବିର୍ଭାବ: ୦୬।୧୨।୧୯୩୬
ତିରୋଧାନ: ୦୮।୦୫।୨୦୨୧
ଅଲିଅଳି ବୋଉ, ତୁମେ ହଠାତ୍ ଆମ୍ଭମାନଙ୍କୁ ଛାଡ଼ି ବାପାଙ୍କ ପାଖକୁ ଚାଲିଗଲ। ତୁମର ସ୍ମୃତି, ବିଚାରଧାରା, ଜୀବନଚର୍ଯ୍ୟା ଏବଂ କର୍ତ୍ତବ୍ୟବୋଧତାକୁ ପାଥେୟ କରି, ଆମ୍ଭେମାନେ ଆମ୍ଭ ଚଲାପଥକୁ ସୁଗମ କରିବୁ, କିନ୍ତୁ ସର୍ବଦା ତୁମ୍ଭଙ୍କୁ ଆମ୍ଭେମାନେ ଝୁରୁଥିବୁ। ତୁମ୍ଭ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଆମ୍ଭେମାନେ ଶ୍ରୀଜଗନ୍ନାଥଙ୍କ ଚରଣାରବିନ୍ଦରେ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ: (ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ, ଅଣନାତୁଣୀ), ବନ୍ଧୁ ଓ ପରିବାରବର୍ଗ।
ଧ-୬୮୬୭

**ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ**



ସ୍ୱର୍ଗତ ମହାଦେବ ପ୍ରସାଦ ମହାନ୍ତି
ପୂର୍ବତନ ଶିକ୍ଷକ ତଥା ଲେଖକ
ଖଲିଆ ବଗିଚା, ଜିଲ୍ଲା: ବୌଦ୍ଧ, ଓଡ଼ିଶା
ଆବିର୍ଭାବ: ୦୧।୦୪।୧୯୪୭
ତିରୋଧାନ: ୧୮।୦୫।୨୦୧୯
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ ପରିବାରବର୍ଗ:
ଧ-୨୦୭୨୭

ସୌନ୍ଦର୍ଯ୍ୟ

# ତ୍ୱଚା ପାଇଁ ଉପକାରୀ ବିଟ୍



**ବିଟ୍ ଖାଇବା ସ୍ୱାସ୍ଥ୍ୟ ପକ୍ଷେ ଯେତିକି ଲାଭଦାୟକ ଏଥିରେ ଥିବା ସୌନ୍ଦର୍ଯ୍ୟ ବୃଦ୍ଧିକାରୀ ଉପାଦାନ ତ୍ୱଚା ପାଇଁ ମଧ୍ୟ ସେତିକି ଉପକାରୀ। ଆସନ୍ତୁ ଜାଣିବା ଏହାକୁ ବ୍ୟବହାର କରିବାର ଉପାୟ ...**

**ବିଟ୍ ଏବଂ ଲେମ୍ବୁ ପ୍ୟାକ୍:** ଏକ ବିଟ୍‌କୁ ଭଲ ଭାବେ ଚୋପା ଛଡାଇ ଗ୍ରାଇଣ୍ଡିଂ କରିଦିଅନ୍ତୁ। ଏକ ଗିନାରେ ବିଟ୍ ଜୁସ୍ ଏକ ଟେବୁଲ୍‌ସ୍ପୁନ୍ ଏବଂ ଲେମ୍ବୁ ରସ ଏକ ଟିସ୍ପୁନ୍ ନେଇ ଭଲ ଭାବେ ମିଶାଇ ଦିଅନ୍ତୁ। ମୁହଁକୁ ଧୋଇ ଟାୱେଲ୍‌ରେ ପୋଛନ୍ତୁ। ଏକ କଟନ୍ ସାହାଯ୍ୟରେ ମୁହଁରେ ଲଗାନ୍ତୁ। ୧୦ ମିନିଟ୍ ପର୍ଯ୍ୟନ୍ତ ରଖିବା ପରେ ନଖ ଉଷୁମ ପାଣିରେ ମୁହଁ ଧୋଇଦିଅନ୍ତୁ। ସପ୍ତାହରେ ଥରେ କିମ୍ବା ଦୁଇଥର ଏହି ପ୍ୟାକ୍ ଲଗାଇଲେ ମୁହଁର ଗ୍ଲୋ ବଢ଼ିବା ସହ ନ୍ୟାଚୁରାଲ୍ ବ୍ଲଶ୍ ମଧ୍ୟ ଆସିବ।

**ବିଟ୍, ଦହି, ଗୋଲାପଜଳ ପ୍ୟାକ୍:** ଏକ ବିଟ୍‌ରୁ ଅଧା ନିଅନ୍ତୁ ଏବଂ ଏହାକୁ ଚୋପା ଛଡାଇ ଛୋଟ ଛୋଟ କାଟି ଦିଅନ୍ତୁ। ସେଥିରେ ଏକ ଟେବୁଲ୍‌ସ୍ପୁନ୍ ଗୋଲାପ ଜଳ ନେଇ ଗ୍ରାଇଣ୍ଡିଂ କରିଦିଅନ୍ତୁ। ଏକ କପଡା କିମ୍ବା ଛଣାରେ ଛାଣି ଜୁସ୍ ଅଲଗା କରିଦିଅନ୍ତୁ। ଉକ୍ତ ଜୁସ୍‌ରେ ଏକ ଟେବୁଲ୍ ସ୍ପୁନ୍ ଦହି ମିଶାନ୍ତୁ। ଏହି ପ୍ୟାକ୍‌କୁ ମୁହଁରେ ୧୫-୨୦ ମିନିଟ୍ ରଖିବା ପରେ ପାଣିରେ ଧୋଇ ଦିଅନ୍ତୁ। ଏହା ତ୍ୱଚାକୁ ଦାଗ, ସନ୍‌ଟ୍ୟାନ୍ ଭଳି ବିଭିନ୍ନ ସମସ୍ୟାରୁ ଦୂରେଇ ରଖିବାରେ ସାହାଯ୍ୟ କରେ।



# ସଭିଙ୍କ ପ୍ରିୟ

**ଜୀବନଯାତ୍ରାରେ ନାରୀଟିଏ ମା', ଝିଅ, ଭଉଣୀ, ସ୍ତ୍ରୀ, ବାନ୍ଧବୀ ଭଳି ଅନେକ ଭୂମିକାରେ ଅବତୀର୍ଣ୍ଣା। ସେ ଦାୟିତ୍ୱବୋଧତା, କର୍ତ୍ତବ୍ୟପରାୟଣତା, ସହନଶୀଳତା ଏବଂ ଭଲ ଗୁଣ ଯୋଗୁ କେବଳ ନିଜ ପରିବାରକୁ ଏକ ସୂତ୍ରରେ ବାନ୍ଧି ରଖେନି ବରଂ ସୁସ୍ୱଭାବ ଏବଂ ଉତ୍ତମ ବ୍ୟବହାରରେ ବନ୍ଧୁ ପରିଜନଙ୍କଠାରୁ ଆରମ୍ଭ କରି ଅନ୍ୟମାନଙ୍କର ବି ଜିଣିପାରେ ହୃଦୟ ଆଉ ହୋଇପାରେ ସଭିଙ୍କ ପ୍ରିୟପାତ୍ର...**







ସମସ୍ତଙ୍କ ମନରେ ନିଜ ପ୍ରତି ଭଲ ଭାବନା ସୃଷ୍ଟି କରି ସଭିଙ୍କ ପ୍ରିୟଭାଜନ ହେବା ଏତେ ସହଜ ନୁହେଁ। ଏଥିପାଇଁ ଆବଶ୍ୟକ ଅନେକ ସଦ୍‌ଗୁଣ। ଯେଉଁ ନାରୀ ପାଖରେ ଏହି କଳା ଥାଏ ସେ ହିଁ ଅନ୍ୟମାନଙ୍କ ହୃଦୟ ଜିଣିବାରେ ହୋଇପାରେ ସଫଳ। ତେବେ ବେଳେ ବେଳେ ଅନେକ ଭଲ ଗୁଣ ଥିଲେ ସୁଦ୍ଧା କେହି କେହି ଏଥିରୁ ବଞ୍ଚିତ ହୁଅନ୍ତି। ତେଣୁ ଏହା ପଛରେ ନିଜର କେଉଁ ଗୁଣ ଅବା ଅଭ୍ୟାସ ଦାୟୀ ଚିହ୍ନିବା ସହ ଯଥାସମୟରେ ଏହାକୁ ସୁଧାରିନେବା ହିଁ ନାରୀକୁ ଦେଇଥାଏ ଏକ ଭଲ ମଣିଷର ପରିଚୟ...

**ଉତ୍ତମ ବ୍ୟବହାର:** କଥାରେ ଅଛି ମଣିଷ ମୁଖରେ ହିଁ ରହିଛି ଅମୃତ ଆଉ ସେଇଠାରେ ହିଁ ଭରି ରହିଛି ବିଷ। ତେଣୁ କ'ଣ କହିଲେ ଜଣଙ୍କର ଉପକାର ହେବ ଏବଂ ଏହାଦ୍ୱାରା ଅନ୍ୟର କ୍ଷତି ହେଉ ନ ଥିବ ସେଥିପ୍ରତି ଧ୍ୟାନ ଦେବା ସବୁଠୁ ଗୁରୁତ୍ୱପୂର୍ଣ୍ଣ। ସମସ୍ତେ ଭଦ୍ର, ନମ୍ର ଏବଂ ମିଠା କଥା କହୁଥିବା ଲୋକଙ୍କୁ ଭଲ ପାଆନ୍ତି। ତେଣୁ ଅନ୍ୟ ପ୍ରତି ନିଜ ବ୍ୟବହାର ଏବଂ କଥାବର୍ତ୍ତା ଠିକ୍ ରଖନ୍ତୁ ଦେଖିବେ ଜୀବନରେ ଅନେକଙ୍କର ପ୍ରିୟପାତ୍ର ହୋଇପାରିବେ।

**କ୍ରୋଧ ନିୟନ୍ତ୍ରଣ:** କଥା କଥାରେ ରାଗିଯିବା, ହଠାତ୍ ଆଗପଛ ବିଚାର ନ କରି ଯୁକ୍ତି କରିବା କିମ୍ବା ଟାଣ କଥା କହିବା ଦ୍ୱାରା ଅନ୍ୟର ମାନସିକତା ଆଘାତ ହୋଇଥାଏ। ଆଉ ଏଭଳି ଆଚରଣ ଅନେକଙ୍କୁ ସଭିଙ୍କ ଅପ୍ରିୟ କରାଇଥାଏ। ତେଣୁ ସର୍ବଦା ନିଜର କ୍ରୋଧ, ଅଯଥା ତର୍କକରିବା ଏବଂ ଆକ୍ରୋଶମୂଳକ ଆଚରଣ ଆଦିକୁ ନିୟନ୍ତ୍ରଣରେ ରଖିବା ହିଁ ସମସ୍ତଙ୍କ ହୃଦୟ ଜିତିବାର ମାଧ୍ୟମ।

**ଅନ୍ୟକୁ ସାହାଯ୍ୟ:** ସମସ୍ତଙ୍କ ସହ ଯୋଗାଯୋଗରେ ରହିବା, ସୁବିଧା ଅସୁବିଧା ସମୟରେ ପରାମର୍ଶ ଦେବା ଏବଂ ସାହାଯ୍ୟ କରିବା ଏକ ଭଲଗୁଣ। ଏହା ଆପଣଙ୍କ ବ୍ୟକ୍ତିତ୍ୱ ଉପରେ ସକାରାତ୍ମକ ପ୍ରଭାବ ପକାଇଥାଏ ଏବଂ ଆପଣଙ୍କୁ ସଭିଙ୍କ ପ୍ରିୟ କରାଇଥାଏ। ତେବେ ମନେରଖନ୍ତୁ, ସଭିଙ୍କ ପ୍ରିୟ ହେବା ଆଳରେ ଉପରେ ପଡି କାହାର ସାହାଯ୍ୟ ଲୋଡିବା ବିନା ପରାମର୍ଶ ଦେବା କିମ୍ବା ତାଙ୍କ ବ୍ୟକ୍ତିଗତ ଜୀବନରେ ଅଯଥାରେ ହସ୍ତକ୍ଷେପ କରିବାର ଅଭ୍ୟାସ ଆପଣଙ୍କୁ ଅନ୍ୟମାନଙ୍କଠାରୁ ଦୂରେଇ ମଧ୍ୟ ଦେଇପାରେ।

**ଆତ୍ମପ୍ରଶଂସା ନୁହେଁ ଅନ୍ୟର ପ୍ରଶଂସା:** ପ୍ରଶଂସା କାହାକୁ ବା ଭଲ ନ ଲାଗେ। ଆଉ ମଣିଷର ବ୍ୟକ୍ତିତ୍ୱ ଭଲ ହୋଇଥିଲେ ଆପେ ଆପେ ସମସ୍ତଙ୍କ ମୁଖରୁ ପ୍ରଶଂସାର ସୁଅ ଛୁଟିଆସେ। ହେଲେ କେତେକଙ୍କଠାରେ ନିଜ ପ୍ରଶଂସା ନିଜେ କରିବା କିମ୍ବା ଅନ୍ୟ କାହାର ଭଲ କାର୍ଯ୍ୟର ଶ୍ରେୟ ନିଜ ମୁଣ୍ଡକୁ ନେଇ ଗର୍ବ କରିବାର ଅଭ୍ୟାସ ରହିଛି। କେବଳ ଏତିକି ନୁହେଁ ଅନ୍ୟର ଉନ୍ନତିରେ ଅସହିଷ୍ଣୁ ହୋଇ ପଡିବା, କାହାକୁ ଭଲ କାର୍ଯ୍ୟରେ ପ୍ରଶଂସା କରିବା ବଦଳରେ ଏଣୁତେଣୁ କହିବା ଭଳି ବଦଭ୍ୟାସ ବି କେତେକଙ୍କଠାରେ ରହିଛି। ସେହିପରି କେତେକଙ୍କର ସର୍ବଦା ନିଜର ଭୁଲ୍ ଲୁଚାଇବାକୁ ଯାଇ ଏହାକୁ ଅନ୍ୟ ମୁଣ୍ଡରେ ଲଦିଦେବା, ଅନ୍ୟ ପଛରେ ବାରମ୍ବାର ଗପିବା ଭଳି ମାନସିକତା ହିଁ ଅନ୍ୟମାନଙ୍କ ମନରେ ସେମାନଙ୍କ ପ୍ରତି ନକାରାତ୍ମକ ଭାବନା ସୃଷ୍ଟି କରିଥାଏ। ତେଣୁ ନିଜ କର୍ମ ଠିକ୍ ଭାବେ କରି ଚାଲନ୍ତୁ। ଅନ୍ୟର ଭଲ ଗୁଣ ଦେଖିଲେ କିମ୍ବା ସଫଳତାରେ ଖୁସି ହୁଅନ୍ତୁ ଏବଂ ପ୍ରଶଂସା କରନ୍ତୁ। ଯଦି କେବେ ଆପଣଙ୍କ ପ୍ରତି ଅନ୍ୟମାନଙ୍କ ଶ୍ରଦ୍ଧା ଓ ଭଲ ପାଇବା କମୁଛି ବୋଲି ହୃଦ୍‌ବୋଧ ହୁଏ ତେବେ ପ୍ରଥମେ ନିଜର କେଉଁ ବଦଗୁଣ ଏଥିପାଇଁ ଦାୟୀ ଜାଣିବାକୁ ଚେଷ୍ଟା କରି ଏହାକୁ ସୁଧାରିଲେ ସଭିଙ୍କ ପ୍ରିୟ ହୋଇପାରିବେ।

**ସହନଶୀଳତା:** ମନରେ ଯେତେ କଷ୍ଟ କିମ୍ବା ଦୁଃଖ ଥାଉନା କାହିଁକି ଅନ୍ୟକୁ ଭଲ କଥା କହିବା, ମଜା, ଥଟା କରି ଅନ୍ୟମାନଙ୍କ ମନରେ ଖୁସି ଭରିଦେବାର ନିଆରା ସହନଶୀଳତାର କଳା ଯେଉଁ ନାରୀ ପାଖରେ ଥାଏ ସେମାନଙ୍କୁ ସାଧାରଣତଃ ସମସ୍ତେ ଭଲ ପାଆନ୍ତି। ତେଣୁ ନିଜ ବ୍ୟକ୍ତିତ୍ୱରେ ସହନଶୀଳତାକୁ ସାମିଲ କରନ୍ତୁ। କୌଣସି କଥାରେ ରାଗିଯାଇ ବା ଧୈର୍ଯ୍ୟହରା ହୋଇ କାହାକୁ ପରିହାସ କରିବା, ଅପମାନିତ କରିବା, କଷ୍ଟ ଦେବା କିମ୍ବା ଅସୁବିଧାରେ ପକାଇବା ଭଳି କାର୍ଯ୍ୟ ଆଦୌ କରନ୍ତୁ ନାହିଁ। ଏହା କେବଳ ଆପଣଙ୍କ ବ୍ୟକ୍ତିତ୍ୱ ଉପରେ ଆଞ୍ଚ ପକାଇବ ବରଂ ସମ୍ପର୍କରେ ଫାଟ ମଧ୍ୟ ସୃଷ୍ଟି କରିବ। ତେଣୁ ସର୍ବଦା ନିଜ ଉଚ୍ଚାରଣ ଏବଂ ଆଚରଣରେ ସହନଶୀଳତା ରକ୍ଷା କରନ୍ତୁ।

## କ'ଣ କୁହନ୍ତି ଏମାନେ...

**ଉତ୍ତମ ବ୍ୟବହାର ସବୁଠୁ ଗୁରୁତ୍ୱପୂର୍ଣ୍ଣ**

ମଣିଷଟିଏ ଭଲ ବା ଖରାପ ତାହାର ପରିଚୟ ଦେଇଥାଏ ଅନ୍ୟପ୍ରତି ତା'ର ବ୍ୟବହାର। ତେଣୁ କାହା ସହ କଥା ହେବା ବେଳେ ଏଥିପ୍ରତି ସର୍ବଦା ସଜାଗ ରହିଥାଏ। ଜଣେ ମଣିଷ ବିଶେଷ କରି ନାରୀଟିଏ ସଭିଙ୍କ ପ୍ରିୟ ହେବା ଲାଗି ସହନଶୀଳତା ଓ ସାହାଯ୍ୟ ମନବୃତ୍ତି ରହିବା ନିହାତି ଦରକାର ବୋଲି ମୋର ମତ। ୪ ବର୍ଷରୁ ଊର୍ଦ୍ଧ୍ୱ ହେବ ନିଜର ଏକ ବୁଟିକ୍ ଚଳାଉଛି। କଟକ ଭୁବନେଶ୍ୱରରେ ଏତେ ବଡ ବଡ ଶପିଂ ମଲ୍ ଏବଂ ଫ୍ୟାଶନ୍ ହବ୍ ସବୁ ରହିଛି। ତଥାପି ଯେତେବେଳେ କେବଳ ମୋ ବ୍ୟବହାରରେ ସନ୍ତୁଷ୍ଟ ହୋଇ କିଛି ଗ୍ରାହକ ମୋ ବୁଟିକ୍‌ରେ ଥିବା ଲିମିଟେଡ୍ କଲେକ୍ସନ୍ ନେବାକୁ ଆସୁଥିବା ପ୍ରକାଶ କରନ୍ତି ତା'ଠାରୁ ବଡ ଖୁସିର ବିଷୟ ମୋ ପାଇଁ ଆଉ କ'ଣ ବା ହୋଇପାରେ।

– ମଧୁସ୍ମିତା ମିଶ୍ର
(ବ୍ୟବସାୟୀ, ଫୁଲନଖରା, କଟକ)



ମଧୁସ୍ମିତା



ଭାରତୀ

**ବାକ୍ ସଂଜମତା ଜରୁରୀ**

ଘରେ ହେଉ ଅବା ବାହାରେ ସମସ୍ତଙ୍କ ମନ ଜିଣିବା ଏତେ ସହଜ ନୁହେଁ। କାରଣ ପ୍ରତିଟି କ୍ଷେତ୍ରରେ ନାରୀଟିକୁ ଜଗି ରଖି ନିଜର ମତ ରଖିବାକୁ ହୋଇଥାଏ। ତେବେ ନିଜ କଥା କହିବି, ସର୍ବଦା ସଭିଙ୍କ ସହ ସୁସମ୍ପର୍କ ରଖିବା ସହ ସେମାନଙ୍କ ସୁଖଦୁଃଖରେ ଉଭୟ ସମୟରେ ଠିଆ ହେବା ଲାଗି ଚେଷ୍ଟା କରେ। କୌଣସି କଥାରେ ରାଗ ଆସିଲେ ହଠାତ୍ ପ୍ରତିକ୍ରିୟା ପ୍ରକାଶ କରେ ନାହିଁ କିମ୍ବା କ୍ରୋଧବଶତଃ ଏମିତି କିଛି କଥା କହେ ନାହିଁ ଯାହାକି ଅନ୍ୟକୁ ମାନସିକ ଆଘାତ ପହଞ୍ଚାଇବ। ତେଣୁ ସମସ୍ତଙ୍କ ପ୍ରିୟଭାଜନ ହେବା ଲାଗି ବାକ୍ ସଂଜମତା ଜରୁରୀ।

– ଭାରତୀ ସାହୁ
(ଗୃହିଣୀ, ଆମଣ, କଟକ)

# କମାନ୍ତୁ ପିଲାଙ୍କ ମେଦବହୁଳତା

**ପିଲାମାନେ ମୋଟା ହେଲେ ଅନେକ ଅଭିଭାବକ ଖୁସି ହୁଅନ୍ତି। ଆଉ ପିଲା ସାମାନ୍ୟ ପତଳା ଦେଖାଗଲେ କିମ୍ବା କେହି ଏ ବିଷୟରେ କହିଦେଲେ ଯେମିତି ସେମାନଙ୍କର ଚିନ୍ତା ବଢିଯାଏ ଏବଂ କ'ଣ ଖୁଆଇଲେ ପିଲା ମୋଟା ହେବେ ସେଥିରେ ଲାଗି ପଡନ୍ତି। ହେଲେ ଆପଣ ଜାଣନ୍ତି କି ବର୍ତ୍ତମାନ ମୋଟାପଣ ବା ମେଦବହୁଳତା ପିଲାଙ୍କଠାରେ ମଧ୍ୟ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟାର କାରଣ ସାଜୁଛି। ତେଣୁ ପିଲାଙ୍କୁ ସ୍ଲିମ୍ ଫିଟ୍ ରଖିବା ଲାଗି କେତେକ ଦିଗ ପ୍ରତି ଦୃଷ୍ଟି ଦେବା ଆବଶ୍ୟକ....**

➤ ବର୍ତ୍ତମାନ ଅନେକ ପିଲାଙ୍କଠାରେ ମେଦବହୁଳତା ଦେଖାଦେବାର ସବୁଠାରୁ ବଡ କାରଣ ହେଉଛି ସେମାନଙ୍କର ଅସନ୍ତୁଳିତ ଖାଦ୍ୟାଭ୍ୟାସ। ସେମାନେ ଘରୋଇ ଖାଦ୍ୟ ବଦଳରେ ମାର୍କେଟ୍‌ରେ ମିଳୁଥିବା ଫାଷ୍ଟଫୁଡ୍ ଜାତୀୟ ଖାଦ୍ୟ ପ୍ରତି ଆଗ୍ରହୀ ହେଉଛନ୍ତି। ଏଥିରେ ଥିବା ତେଲ, ମସଲା, ମଇଦା ଇତ୍ୟାଦି ସେମାନଙ୍କ ଶରୀରରେ ଚର୍ବି ପରିମାଣ ବଢୁଛି। ଫଳରେ ଅଳ୍ପ ବୟସରୁ ମେଦବହୁଳତା ପାଇଁ କେତେକଙ୍କଠାରେ ଡାଇବେଟିସ୍ ଏବଂ ହୃଦ୍‌ରୋଗ ଭଳି ସମସ୍ୟା ସୃଷ୍ଟି କରୁଛି। ତେଣୁ ପିଲାଙ୍କୁ ଏଭଳି ଖାଦ୍ୟ ଯଥା ସମ୍ଭବ କମ୍ ଦିଅନ୍ତୁ।

➤ ସକାଳେ ଅଧିକ ସମୟ ଶୋଇବା ଏବଂ ଜଳଖିଆ ନ ଖାଇବାର ବଦଭ୍ୟାସ ମଧ୍ୟ ଅନେକ ପିଲାଙ୍କର ରହିଛି। ହେଲେ ସକାଳର ଜଳଖିଆ ମିସ୍ କଲେ ସାରା ଦିନ ଶରୀରକୁ ଏନର୍ଜେଟିକ୍ ଲାଗି ନ ଥାଏ। କେବଳ ଏତିକି ନୁହେଁ ଏହାଦ୍ୱାରା ଭୋକ ଅଧିକ ହେବା କାରଣରୁ ମଧ୍ୟାହ୍ନଭୋଜନରେ ଆବଶ୍ୟକରୁ ଅଧିକ ଖାଇବା କାରଣରୁ ମଧ୍ୟ ପରବର୍ତ୍ତୀ ସମୟରେ ମେଦବହୁଳତାର କାରଣ ପାଲଟେ। ତେଣୁ ଫିଟ୍ ରହିବା ଲାଗି ପିଲାଙ୍କୁ ସକାଳ ଜଳଖିଆ ଖାଇବାକୁ ଦିଅନ୍ତୁ।

➤ ଖାଇବା ସମୟରେ ଟିଭି, ମୋବାଇଲ୍ ଆଦି ଦେଖିବା ଅନେକ ପିଲାଙ୍କର ଏକ ନିଶା। ହେଲେ ଏହାଦ୍ୱାରା ଅଜାଣତରେ ଆବଶ୍ୟକରୁ ଅଧିକ ଖାଇ ହୋଇଯାଏ। କେହି କେହି ଟିଭି ଦେଖିବା ବେଳେ ଚିପ୍ସ, କୁର୍‌କୁରେ ଭଳି ବିଭିନ୍ନ ଚଟ୍‌ପଟା ଖାଦ୍ୟ ମଧ୍ୟ ଖାଇବାକୁ ପସନ୍ଦ କରନ୍ତି। ତେବେ ଏସବୁ ଅଭ୍ୟାସ ଯୋଗୁ ଶରୀରକୁ ଅଧିକ ପରିମାଣରେ କ୍ୟାଲୋରି ଚାଲିଯାଏ, ଯାହା କି ସ୍ୱାସ୍ଥ୍ୟ ପକ୍ଷେ ହାନିକାରକ। ତେଣୁ ଏଥିପ୍ରତି ଧ୍ୟାନ ଦେବା ଆବଶ୍ୟକ।



➤ ପିଲାଙ୍କୁ ଚକୋଲେଟ୍, ଆଇସ୍‌କ୍ରିମ୍, ବିଭିନ୍ନ ମିଠା ଏମିତି କି ସୁଜି ହାଲୁଆ, ଗାଜର ହାଲୁଆ ଭଳି ମିଠା ଖାଦ୍ୟ ଅଧିକ ଦିଅନ୍ତୁ ନାହିଁ। ଏହା ମଧ୍ୟ ଧୀରେ ଧୀରେ ପିଲାଙ୍କଠାରେ ମେଦବହୁଳତାର କାରଣ ସାଜିବ।



## ଖାଦ୍ୟ ରୁଚି

# ଦହି ଭାତ

**ଆବଶ୍ୟକ ସାମଗ୍ରୀ:**
ଚାଉଳ- ୨୫୦ଗ୍ରାମ୍, ଦହି- ୨୫୦ ଗ୍ରାମ୍, ଶୁଖିଲା ଲଙ୍କା ୫ଟି, ଚଣା ଡାଲି ୧ ଟେବୁଲ୍ ସ୍ପୁନ୍, ହରଡ ଡାଲି ୧ ଟେବୁଲ୍ ସ୍ପୁନ୍, ସୋରିଷ ଅଧ ଚାମଚ, ଭୃସୁଙ୍ଗ ପତ୍ର ୧୦-୧୫ଟି, ଆବଶ୍ୟକ ମାତ୍ରାରେ ତେଲ ଏବଂ ଲୁଣ ସ୍ୱାଦାନୁସାରେ।



**ପ୍ରସ୍ତୁତି ପ୍ରଣାଳୀ:**
ପ୍ରଥମେ ଚାଉଳରୁ ଭାତ ପ୍ରସ୍ତୁତ କରି ରଖନ୍ତୁ। ଦହିକୁ ଭଲ ଭାବେ ଗୋଳାଇ ଦିଅନ୍ତୁ। ବର୍ତ୍ତମାନ ଚୁଲାରେ ଏକ ପ୍ୟାନ୍ ବସାଇ ତେଲ ପକାନ୍ତୁ। ତେଲ ଗରମ ହେବା ପରେ ସେଥିରେ ସୋରିଷ, ଚଣା ଡାଲି, ହରଡ ଡାଲି, ଶୁଖିଲା ଲଙ୍କା, ଭୃସୁଙ୍ଗ ପତ୍ର ପକାଇ ଭାଜି ଦିଅନ୍ତୁ। ଏହି ମିଶ୍ରଣକୁ ଦହିରେ ପକାଇ ଗୋଳାଇ ଦିଅନ୍ତୁ। ବର୍ତ୍ତମାନ ସେଥିରେ ସ୍ୱାଦାନୁସାରେ ଲୁଣ ମିଶାନ୍ତୁ। ଶେଷରେ ପୂର୍ବରୁ ପ୍ରସ୍ତୁତ କରି ରଖିଥିବା ଭାତକୁ ମିଶାନ୍ତୁ। ପ୍ରସ୍ତୁତ ହୋଇଗଲା ଦହି ଭାତ। ଖରାଦିନେ ଏହି ଖାଦ୍ୟ ପରିବାରର ସବୁ ସଦସ୍ୟଙ୍କୁ ଖୁଆଇବାର ମଜା ନିଅନ୍ତୁ।



# ଟ୍ରାଇବାଲ୍ ଜୁଏଲେରି ଟ୍ରେଣ୍ଡ

**ବର୍ତ୍ତମାନ ଫ୍ୟାଶନ୍ ଦୁନିଆରେ ଲାଟେଷ୍ଟ ଟ୍ରେଣ୍ଡ ପାଲଟିଛି ଟ୍ରାଇବାଲ୍ ଜୁଏଲେରି। କାରଣ ଏହା ନା କେବଳ ସବୁ ପ୍ରକାର ଆଉଟଫିଟ୍ ସହିତ ମ୍ୟାଚ୍ କରିହେଉଛି ବରଂ ଅପେକ୍ଷାକୃତ ଫ୍ୟାଶନେବଲ୍ ଲୁକ୍ ବି ଦେଉଛି...**

➔ ଆଦିବାସୀଙ୍କ ବିଭିନ୍ନ ମେଟାଲିକ୍ କଏନ୍ ଜୁଏଲେରି ବର୍ତ୍ତମାନ ଫ୍ୟାଶନ୍‌ର ରୂପ ନେଇଛି। ବିଶେଷକରି ଆଣ୍ଟିକ୍ ତଥା ଅକ୍ସିଡାଇଜ୍‌ଡ ଟ୍ରାଇବାଲ୍ ଜୁଏଲେରିକୁ ଶାଢ଼ି, ଚୁଡିଦାର ପଞ୍ଜାବୀ, ଲଙ୍ଗ ଗାଉନ୍, ଲଙ୍ଗ୍ ଫ୍ରକ୍ ଆଦି ଭଳି ପୋଷାକ ସହ ବ୍ୟବହାର କରିବା ଦ୍ୱାରା ଆକର୍ଷଣୀୟ ଲୁକ୍ ମିଳିପାରୁଛି।

➔ ସେହି ପରି ବିଭିନ୍ନ ଛୋଟ ଏବଂ ବଡ଼ ବିଡ୍ସ ଥିବା ଟ୍ରାଇବାଲ୍ ଜୁଏଲେରି ବି ଯେକୌଣସି ଡ୍ରେସ୍ ସହ ମ୍ୟାଚ୍ କରି ହେଉ ଅବା କଣ୍ଟ୍ରାଷ୍ଟ କରି ପିନ୍ଧିଲେ ଆକର୍ଷଣୀୟ ଲୁକ୍ ମିଳିପାରୁଛି। ଏଭଳି ଜୁଏଲେରି ମଧ୍ୟରେ ବିଶେଷକରି ଆଭୁ ଷ୍ଟୋନ୍ ଗ୍ଲାସ୍ ବିଡେଡ୍ ଡାଇବାନ୍ ଷ୍ଟାଇଲ୍ ନେକ୍‌ଲେସ୍ ବର୍ତ୍ତମାନ ବେଶି ଡିମାଣ୍ଡରେ ଅଛି।

➔ ୱେଷ୍ଟର୍ନ ଆଉଟ୍ ଫିଟ୍ ସହିତ ଏଭଳି ଜୁଏଲେରିକୁ ପେୟାର କଲେ ଲୁକ୍ ଅଧିକ ମଡର୍ନ ଏବଂ ଷ୍ଟାଇଲିସ୍ ଲାଗିଥାଏ। ଡିଜାଇନ୍‌ର ଡ୍ରେସ୍ ସହିତ ବୋଲ୍ଡ ଟ୍ରାଇବାଲ୍ ନେକ୍‌ଲେସ୍ ଏବଂ ଲଙ୍ଗ୍ ଡ୍ୟାଙ୍ଗ୍‌ଲ ଇୟରରିଂ ଏବଂ ବ୍ୟାଙ୍ଗଲ୍ ସୁନ୍ଦର ଲାଗିଥାଏ। ବିଶେଷକରି ଜିନ୍ସ ଏବଂ ଟି ଶାର୍ଟ ସାଙ୍ଗକୁ ଟ୍ରାଇବାଲ ନେକ୍‌ଲେସ୍ ବର୍ତ୍ତମାନ ଟ୍ରେଣ୍ଡରେ ଅଛି।

➔ ବର୍ତ୍ତମାନ ଫ୍ୟାଶନେବଲ୍ ଲୁକ୍ ପାଇବା ପାଇଁ ଅଧିକାଂଶ ବୋହୋ ଟ୍ରାଇବାଲ୍ ନେକ୍‌ଲେସ୍ ଏବଂ ଟ୍ରାଇବାଲ୍ ବ୍ୟାଙ୍ଗଲ୍ ବ୍ୟବହାର କରୁଥିବା ଦେଖିବାକୁ ମିଳୁଛି। ଏହା ଅପେକ୍ଷାକୃତ ଅଧିକ ଆଇକ୍ୟାଚି ହୋଇପାରୁଛି।

DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୨ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ମଙ୍ଗଳବାର, ମେ ୧୮/୨୦୨୧ Bhubaneswar, Tuesday, May 18/ 2021

# ଶିବସୁନ୍ଦରଙ୍କୁ ନୂଆ ଦାୟିତ୍ୱ

**ଭୁବନେଶ୍ୱର, ୧୭।୫(କ୍ରୀଡ଼ା ପ୍ରତିନିଧି)**

ଓଡ଼ିଶା କ୍ରିକେଟ ପାଇଁ ସୋମବାର ଆସିଛି ଏକ ଖୁସି ଖବର। ରାଜ୍ୟର ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ କ୍ରିକେଟର ଶିବସୁନ୍ଦର ଦାସ ଭାରତୀୟ ମହିଳା କ୍ରିକେଟ ଦଳର ବ୍ୟାଟିଂ କୋଚ୍ ନିଯୁକ୍ତ ହୋଇଛନ୍ତି। ଏହି ପୂର୍ବତନ ଟିମ୍ ଇଣ୍ଡିଆ ଟେଷ୍ଟ ଓପନର ଆଗାମୀ ଇଂଲଣ୍ଡ ବିପକ୍ଷ ସିରିଜରେ ନିଜକୁ ମିଳିଥିବା ଗୁରୁଦାୟିତ୍ୱ ସମ୍ପାଦନ କରିବେ। ପୂର୍ବତନ ଦିଲ୍ଲୀ ଉଇକେଟ କିପର ଅଭୟ ଶର୍ମାଙ୍କୁ ଫିଲ୍ଡିଂ କୋଚ୍ ନିଯୁକ୍ତ କରାଯାଇଛି। ବର୍ତ୍ତମାନ ବରୋଦା ମହିଳା ଚୟନ ପ୍ୟାନେଲ ମୁଖ୍ୟ ଥିବା ରାଜକୁମାରଦେବୀ ଗାଏକ୍ୱାଡ ଟିମ୍ ମ୍ୟାନେଜର ନିଯୁକ୍ତ ହୋଇଛନ୍ତି। ଦୀର୍ଘଦିନଧରି ଏହି ଦାୟିତ୍ୱ ତୁଲାଇ ଆସୁଥିବା ତୃପ୍ତି ଭଟ୍ଟାଚାର୍ଯ୍ୟଙ୍କ ସ୍ଥାନ ନେଇଛନ୍ତି ଗାଏକ୍ୱାଡ। କିଛିଦିନ ପୂର୍ବରୁ ରମେଶ ପାୱାର ଦଳର ମୁଖ୍ୟ କୋଚ୍ ପଦକୁ ପ୍ରତ୍ୟାବର୍ତ୍ତନ କରିଥିଲେ।

ଶିବସୁନ୍ଦର ପୂର୍ବରୁ ଭାରତୀୟ ମହିଳା 'ଏ' ଦଳ ସହିତ କାର୍ଯ୍ୟ କରିଥିଲେ। ଏହା ମଧ୍ୟରେ ପାଟଣାରେ ଅନୁଷ୍ଠିତ ୪ ଦଳବିଶିଷ୍ଟ ସିରିଜ ଅନ୍ତର୍ଭୁକ୍ତ। ''ପ୍ରଥମଥରପାଇଁ ମୁଁ ଭାରତୀୟ ମହିଳା ଜାତୀୟ ଦଳ ସହ କାର୍ଯ୍ୟ କରିବାକୁ ଯାଉଛି। ତେଣୁ ଏହା ମୋ ପାଇଁ ବିଶେଷ ଖୁସିର ମୁହୂର୍ତ୍ତ। ଏହା ମୋ ପାଇଁ ଏକ ଭଲ ଚ୍ୟାଲେଞ୍ଜ। କାରଣ ମୁଁ ପୂର୍ବରୁ ଜଣେ ଖେଳାଳିଭାବେ ଇଂଲଣ୍ଡ ଯାଇଛି ଏବଂ ସେଠାରେ

**ଭାରତୀୟ ମହିଳା କ୍ରିକେଟ ଦଳର ବ୍ୟାଟିଂ କୋଚ୍ ନିଯୁକ୍ତ**

ଅନେକ ଲିଗ୍ କ୍ରିକେଟ ଖେଳିଛି। ପରିବେଶ ସହିତ ମୁଁ କିଛି ପରିମାଣରେ ଅଭ୍ୟସ୍ତ ମଧ୍ୟ ଅଛି। ତେଣୁ ମୁଁ ମୋ ଅନୁଭବକୁ ଦଳ ମଧ୍ୟରେ ବାଣ୍ଟି ପାରିବି। ମୁଁ ଇଂଲଣ୍ଡ ଗସ୍ତକୁ ଭଲ ପାଏ। ତେଣୁ ଏହା ଉପରେ ଫୋକସ କରୁଛି'' ବୋଲି ନିଜ ପ୍ରତିକ୍ରିୟାରେ ଶିବ ସୁନ୍ଦର କହିଛନ୍ତି। ଟ୍ରେନର ଆର. ନରେଶ, ଭିଡିଓ ଆନାଲିଷ୍ଟ ସନ୍ଦୀପ ରାଜୁ, ମାଲିସବାଲା ନୀରଜା ଦେଶାଇଙ୍କୁ ମିଶାଇ


ଶିବସୁନ୍ଦର ଦାସ

୯ ଜଣିଆ ସପୋର୍ଟ ଷ୍ଟାଫ୍ ଟିମ୍ ଭାରତୀୟ ଦଳ ସହ ଇଂଲଣ୍ଡ ଯିବ।

ଶିବସୁନ୍ଦର ୨୦୦୦ରୁ ୨୦୦୨ ପର୍ଯ୍ୟନ୍ତ କ୍ୟାରିୟରରେ ୨୩ଟି ଟେଷ୍ଟ ଖେଳିଛନ୍ତି। ସେ ପାଖାପାଖି ୩୫ ଆଭରେଜରେ ୧୩୦୦ରୁ ଊର୍ଦ୍ଧ୍ୱ ରନ ସଂଗ୍ରହ କରିଛନ୍ତି। ଏହା ମଧ୍ୟରେ ୨ଟି ଶତକ ଏବଂ ୯ଟି ଅର୍ଦ୍ଧଶତକ ସାମିଲ। ବର୍ତ୍ତମାନର ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ସଭାପତି ସୌରଭ ଗାଙ୍ଗୁଲିଙ୍କ ନେତୃତ୍ୱରେ ଅନ୍ତର୍ଜାତୀୟ କ୍ରିକେଟ ଖେଳିଥିବା ଶିବସୁନ୍ଦର ଜାତୀୟ କ୍ରିକେଟ ଏକାଡେମୀରେ ରାହୁଲ ଦ୍ରାବିଡଙ୍କ ତତ୍ତ୍ୱାବଧାନରେ ବ୍ୟାଟିଂ କୋଚ୍ ଦାୟିତ୍ୱକୁ ସୁଚାରୁରୂପେ ସମ୍ପାଦନ କରିଥିଲେ। ଏହା ତାଙ୍କୁ ପିଲାମାନଙ୍କର ବୈଷୟିକ ତ୍ରୁଟି ସୁଧାରିବାରେ ବିଶେଷ ସହାୟକ ହେବ ବୋଲି ସେ ଅନୁଭବ କରୁଛନ୍ତି। ଗତ ୪-୫ ବର୍ଷ ଧରି ସେ ଏନ୍‌ସିଏ ସହିତ ସମ୍ପୃକ୍ତ ଥିଲେ। ତେଣୁ ଏପରି ସୁଯୋଗ ମିଳିଥିବାରୁ ସେ ଦ୍ରାବିଡ ଓ ଗାଙ୍ଗୁଲିଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଶିବସୁନ୍ଦର ୨୦୦୨ରେ ଗାଙ୍ଗୁଲିଙ୍କ ନେତୃତ୍ୱରେ ଭାରତୀୟ ଦଳ ସହ ଇଂଲଣ୍ଡ ଗସ୍ତ କରି ଏକ ପ୍ରଥମଶ୍ରେଣୀ ଟୁର୍ ଗେମ୍‌ରେ ୨୫୦ ରନ ସ୍କୋର କରିଥିଲେ। ଇଂଲଣ୍ଡ ମାଟିରେ ଏହା ତାଙ୍କର ସର୍ବଶ୍ରେଷ୍ଠ ସ୍କୋର। ଦୀର୍ଘବର୍ଷ ଧରି ଇଂଲଣ୍ଡରେ ଲିଗ୍ କ୍ରିକେଟ ଖେଳିଥିବାରୁ ଏହା ମଧ୍ୟ ତାଙ୍କୁ ବିଶେଷ ସହାୟକ ହେବ ବୋଲି ସେ ଅନୁଭବ କରିଛନ୍ତି। ଭାରତୀୟ ମହିଳା ଦଳରେ ଅନେକ ଅଭିଜ୍ଞ ଖେଳାଳି ସ୍ଥାନ ପାଇଛନ୍ତି। ତେଣୁ ମିଥାଲି ରାଜ ଏବଂ ଝୁଲଣ ଗୋସ୍ୱାମୀଙ୍କ ପରି ଖେଳାଳିଙ୍କୁ ଇଂଲଣ୍ଡ ପରିବେଶ ସହିତ ଅଭ୍ୟସ୍ତ ହେବାରେ ବିଶେଷ ଅସୁବିଧା ହେବନାହିଁ ବୋଲି ସେ ଅନୁଭବ କରୁଛନ୍ତି। ତେବେ ଯୁବ ଖେଳାଳିଙ୍କ ପାଇଁ ଏହି ଟୁର୍ ବହୁ ଅଭିଜ୍ଞତା ଆଣିବ ବୋଲି ଶିବସୁନ୍ଦର ପ୍ରକାଶ କରିଛନ୍ତି।

# ଟେଷ୍ଟ ଉପରେ ଶେଫାଳିଙ୍କ ନଜର

**ନୂଆଦିଲ୍ଲୀ, ୧୭।୫**


ଶେଫାଳି ବର୍ମା

ସୀମିତ ଓଭର କ୍ରିକେଟରେ ପ୍ରଭାବୀ ପ୍ରଦର୍ଶନ ପରେ ଭାରତର ୧୭ ବର୍ଷୀୟା ମହିଳା କ୍ରିକେଟର ଶେଫାଳି ବର୍ମା ଏବେ ଟେଷ୍ଟ କ୍ୟାରିୟର ଆରମ୍ଭ ଉପରେ ଏକାଗ୍ର ହେଉଛନ୍ତି। ଏଥିପାଇଁ ସେ ଅନାବଶ୍ୟକ ବଲ୍ ଛାଡ଼ିବା ସହ ଶଟ୍ ଚୟନ ଉପରେ ଧ୍ୟାନ ଦେଉଛନ୍ତି। ଭାରତୀୟ ମହିଳା କ୍ରିକେଟ ଦଳ ୭ ବର୍ଷ ବ୍ୟବଧାନରେ ପ୍ରଥମ ଟେଷ୍ଟ ଖେଳିବାକୁ ଯାଉଛି। ପ୍ରଥମଥରପାଇଁ ଟେଷ୍ଟ ଦଳରେ ସ୍ଥାନ ପାଇଥିବାରୁ ଅଧିକରୁ ଅଧିକ ସମୟ କ୍ରିଜରେ ରହିବା ଏବଂ ଶଟ୍ ଖେଳିବାପାଇଁ ଉପଯୁକ୍ତ ବଲ୍‌କୁ ଅପେକ୍ଷା କରିବା ଉପରେ ଗୁରୁତ୍ୱ ଦେଉଛନ୍ତି ଶେଫାଳି। ଟି୨୦, ଦିନିକିଆ ଏବଂ ଟେଷ୍ଟ ଭିନ୍ନ ଫର୍ମାଟ ହୋଇଥିବାରୁ ପର୍ଯ୍ୟାପ୍ତ ଅଭିଜ୍ଞତା ମିଳିବ। ତିନୋଟି ଯାକ ଫର୍ମାଟରୁ ସେ ଅନେକ କିଛି ଶିଖିବାକୁ ଚେଷ୍ଟା କରିବେ ବୋଲି ଶେଫାଳି ପ୍ରକାଶ କରିଛନ୍ତି।

ଭାରତର ସର୍ବକନିଷ୍ଠ ମହିଳା ଭାବେ ଶେଫାଳି ଟି୨୦ ଖେଳିଥିଲେ। ସେହିପରି କନିଷ୍ଠ ଭାରତୀୟଭାବେ ଅନ୍ତର୍ଜାତୀୟ ଅର୍ଦ୍ଧଶତକ ମଧ୍ୟ ହାସଲ କରିଥିଲେ। ୨୦୧୯ ସେପ୍ଟେମ୍ବରରେ ସେ ଭାରତୀୟ ଦଳରୁ କ୍ୟାରିୟର ଆରମ୍ଭ କରିଥିଲେ। ସେବେଠାରୁ ଅନ୍ତର୍ଜାତୀୟ ସର୍କିଟରେ ସେ ଜଣେ ନିର୍ଭିକ ଷ୍ଟ୍ରାଇକରଭାବେ ନିଜକୁ ପ୍ରତିଷ୍ଠିତ କରିଛନ୍ତି। ବର୍ତ୍ତମାନସୁଦ୍ଧା ସେ କ୍ୟାରିୟରରେ ୨୨ଟି ଟି୨୦ ଖେଳି ସାରିଛନ୍ତି। ଗତବର୍ଷ ଅଷ୍ଟ୍ରେଲିଆରେ ଅନୁଷ୍ଠିତ ଟି୨୦ ବିଶ୍ୱକପର ଫାଇନାଲରେ ଭାରତକୁ ପ୍ରବେଶ କରାଇବାରେ ସେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ। ୨୦୧୪ ପରେ ଭାରତୀୟ ମହିଳା କ୍ରିକେଟ ଦଳ ପ୍ରଥମଥରପାଇଁ ଟେଷ୍ଟ ଖେଳିବାକୁ ଯାଉଛି। ତେଣୁ ଏକ ଘଡ଼ିସନ୍ଧି ସମୟରେ ତାଙ୍କ ଟେଷ୍ଟ କ୍ୟାରିୟର ଆରମ୍ଭ ହେବାକୁ ଯାଉଛି। ଇଂଲଣ୍ଡରେ ଭାରତ ଟେଷ୍ଟ, ଦିନିକିଆ ଓ ଟି୨୦କୁ ମିଶାଇ ମୋଟ ୭ଟି ମ୍ୟାଚ ଖେଳିବ। ଜୁନ୍ ୧୬ରୁ ଏହି ସିରିଜ ଆରମ୍ଭ ହେବ। ଆସନ୍ତା ବର୍ଷ ମାର୍ଚ୍ଚ-ଏପ୍ରିଲରେ ପୁନଃନିର୍ଦ୍ଧାରିତ ଦିନିକିଆ ବିଶ୍ୱକପ ନ୍ୟୁଜିଲାଣ୍ଡରେ ହେବାକୁ ଯାଉଥିବାରୁ ତାଙ୍କ ହାର୍ଡ ହିଟିଂ ଦକ୍ଷତା ଭାରତକୁ ମୋମେଣ୍ଟମ ଦେବା ଆଶା ରହିଛି। ଗତ ଦକ୍ଷିଣ ଆଫ୍ରିକା ବିପକ୍ଷ ସିରିଜରେ ତାଙ୍କ ଅନୁପସ୍ଥିତି ଅନୁଭୂତ ହୋଇଥିଲା।

ଟେଷ୍ଟ କ୍ରିକେଟରେ ଶେଫାଳିଙ୍କ ଫେଭରାଇଟ ଖେଳାଳି ହେଲେ ଅଷ୍ଟ୍ରେଲିଆର ଷ୍ଟିଭ୍ ସ୍ମିଥ। ଦଳରେ ସାମିଲ ହୋଇଥିବାରୁ ସେ ଚୂଡ଼ାନ୍ତ ଏକାଦଶରେ ରହି ଉଭୟ ଟେଷ୍ଟ ଓ ଦିନିକିଆ କ୍ୟାରିୟର ଆରମ୍ଭ କରିବାକୁ ବେଶ୍ ଆଶାବାଦୀ। ଏପରି ଡାକରା ପାଇବା ସମୟରେ ମୁଁ ସୁଯୋଗର ସଦ୍‌ବ୍ୟବହାର କରି ନିଜକୁ ପ୍ରମାଣିତ କରିବାକୁ ସର୍ବଦା ଚେଷ୍ଟା କରିଥାଏ। କୌଣସି ଫର୍ମାଟରେ ଖେଳିବାପାଇଁ ପ୍ରଥମଥର ଡାକରା ପାଇବା ସମୟରେ ସମସ୍ତେ ଖୁସି ହୋଇଥାନ୍ତି। ମୁଁ ମଧ୍ୟ ଅତ୍ୟନ୍ତ ଆନନ୍ଦିତ। ଆଗାମୀ ଇଂଲଣ୍ଡ ବିପକ୍ଷ ସିରିଜରେ ଦଳପାଇଁ ଅଧିକରୁ ଅଧିକ ରନ ସଂଗ୍ରହ ମୋର ମୁଖ୍ୟ ଲକ୍ଷ୍ୟ ରହିବ ବୋଲି ଶେଫାଳି କହିଛନ୍ତି।

**ଭାରତର ଇଂଲଣ୍ଡ ଗସ୍ତସୂଚୀ**

ଜୁନ ୧୬ରୁ ୧୯: ଏକମାତ୍ର ଟେଷ୍ଟ, ବ୍ରିଷ୍ଟଲ
ଜୁନ ୨୭: ପ୍ରଥମ ଦିନିକିଆ, ବ୍ରିଷ୍ଟଲ
ଜୁନ ୩୦: ଦ୍ୱିତୀୟ ଦିନିକିଆ, ଟନଟନ (ଦିବାରାତ୍ର)
ଜୁଲାଇ ୩: ତୃତୀୟ ଦିନିକିଆ, ୱର୍ସେଷ୍ଟର
ଜୁଲାଇ ୯: ପ୍ରଥମ ଟି୨୦, ନର୍ଥାମ୍ପଟନ (ଦିବାରାତ୍ର)
ଜୁଲାଇ ୧୧: ଦ୍ୱିତୀୟ ଟି୨୦, ହୋଭ୍
ଜୁଲାଇ ୧୫: ତୃତୀୟ ଟି୨୦, ଚେମ୍ସଫୋର୍ଡ (ଦିବାରାତ୍ର)

# ମାଳଦ୍ୱୀପରୁ ଫେରିଲେ ଅଷ୍ଟ୍ରେଲୀୟ କ୍ରିକେଟର

**ମେଲବୋର୍ନ, ୧୭।୫ (ପି.ଟି.)**

ପ୍ୟାଟ୍ କୁମିନ୍ସ ଓ ଷ୍ଟିଭ ସ୍ମିଥଙ୍କ ସମେତ ଅଷ୍ଟ୍ରେଲିଆର ଅନ୍ୟ ଆଇପିଏଲ୍ ଖେଳାଳିମାନେ ସୋମବାର ମାଳଦ୍ୱୀପରୁ ଯାଇ ସିଡ୍‌ନୀରେ ପହଞ୍ଚିଛନ୍ତି। କରୋନା ସଂକ୍ରମଣ ଯୋଗୁ ଏହି ଟି୨୦ ଲିଗ୍‌କୁ ପ୍ରାୟ ୨ସପ୍ତାହ ପୂର୍ବେ ସସ୍‌ପେଣ୍ଡ କରାଯାଇଛି। ବର୍ତ୍ତମାନ ପାଇଁ ଭାରତରୁ ବିମାନ ଚଳାଚଳ ଉପରେ ଅଷ୍ଟ୍ରେଲିଆ କଟକଣା ଲାଗୁ କରିଥିବାରୁ ଏହି ଖେଳାଳିମାନେ ମାଳଦ୍ୱୀପ ବାଟ ଦେଇ ନିଜ ଦେଶକୁ ଫେରିବା ଲାଗି ଯୋଜନା କରିଥିଲେ। ମାଳଦ୍ୱୀପରେ ୧୦ ଦିନ ଅତିବାହିତ କରିବା ପରେ ୩୮ଜଣିଆ ଅଷ୍ଟ୍ରେଲିଆ ଦଳର ଅଧିକାଂଶ ଖେଳାଳି ସୋମବାର ସକାଳେ ସିଡ୍‌ନୀ ବିମାନବନ୍ଦରରେ ଓହ୍ଲାଇଛନ୍ତି। ଖେଳାଳିମାନେ କିନ୍ତୁ ତୁରନ୍ତ ସେମାନଙ୍କ ଘରକୁ ଯାଇ ପାରିବେ ନାହିଁ। ଦେଶର କୋଭିଡ୍ ପ୍ରୋଟୋକଲ ଅନୁସାରେ ସେମାନଙ୍କୁ ସିଡ୍‌ନୀସ୍ଥିତ ଏକ ହୋଟେଲରେ ୨ସପ୍ତାହ ବାଧ୍ୟତାମୂଳକ କ୍ୱାରାଣ୍ଟାଇନ୍‌ରେ ରହିବାକୁ ପଡ଼ିବ। ସୂଚନାଯୋଗ୍ୟ ଆଇପିଏଲ୍‌ର ବାୟୋ-ବବଲରେ ବିଭିନ୍ନ ଟିମ୍‌ର ୪ ଖେଳାଳି ଓ ୨ କୋଚ୍ କରୋନା ପଜିଟିଭ ଚିହ୍ନଟ ହେବାପରେ ମେ ୫ରୁ ଏହି ବ୍ୟୟବହୁଳ ଲିଗ୍‌କୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ସସ୍‌ପେଣ୍ଡ ରଖାଯାଇଛି।



ସ୍ୱଦେଶ ପ୍ରତ୍ୟାବର୍ତ୍ତନ ଅବସରରେ ଷ୍ଟିଭ୍ ସ୍ମିଥ୍ ଓ ପ୍ୟାଟ୍ କୁମିନ୍ସ।

# ଅନ୍‌ଲାଇନ ଚେସ୍: ରବୀନ୍ଦ୍ର ଚାମ୍ପିୟନ

**ଭୁବନେଶ୍ୱର, ୧୭।୫(କ୍ରୀଡ଼ା ପ୍ରତିନିଧି)**

ଏସ୍ଆର୍ ଚେସ୍ ସେଣ୍ଟର ଆନୁକୂଲ୍ୟରେ ଆୟୋଜିତ ୨୮ତମ ଅନ୍‌ଲାଇନ ଚେସ୍‌ରେ ରବୀନ୍ଦ୍ର କୁମାର ଓଝା ଚାମ୍ପିୟନ ହୋଇଛନ୍ତି। ୬ ରାଉଣ୍ଡବିଶିଷ୍ଟ ପ୍ରତିଯୋଗିତାରେ ବିଭିନ୍ନ ରାଜ୍ୟ ଓ ଦେଶରୁ ଖେଳାଳି ଅଂଶଗ୍ରହଣ କରିଥିଲେ। ଶେଷରେ କଟକର ରବୀନ୍ଦ୍ର ୫ ପଏଣ୍ଟ ହାସଲ କରି ପ୍ରଥମସ୍ଥାନ ଅଧିକାର କରିଛନ୍ତି। ଓମ୍ ଆଦିତ୍ୟ ରାଉତ ସମାନ ୫ ପଏଣ୍ଟ ପାଇଥିଲେ ହେଁ ରନର୍ସଅପ୍‌ରେ ସନ୍ତୁଷ୍ଟ ରହିଛନ୍ତି। ୪.୫ ପଏଣ୍ଟ ଲେଖାଏ ପାଇଥିବା ଆରିନ ଅନ୍ୱେଷ ସ୍ୱାଇଁ ଓ ସୂରଯ କୁମାର ମହାରଣା ଯଥାକ୍ରମେ ୩ୟ ଓ ୪ର୍ଥ ସ୍ଥାନ ପାଇଛନ୍ତି। ଏହା ବ୍ୟତୀତ ବିଭିନ୍ନ ବୟସ ବର୍ଗରେ ଗୌରବ ମହାନ୍ତି, ଓମ୍ ଆଦିତ୍ୟ ଖାଡ଼ଙ୍ଗା, ଶାନ୍ତନୁ କୁମାର ଦାଶ, ଶିବାଂଶ ମିଶ୍ର, ଆଦିତ୍ୟ ବିକ୍ରମ ମିଶ୍ର, ଅଭିଷେକ ଦାଶ, ଅଦିତି ମହାରଣା ପ୍ରମୁଖ ଶ୍ରେଷ୍ଠ ପ୍ରଦର୍ଶନ କରି ପୁରସ୍କୃତ ହୋଇଛନ୍ତି। ସେଣ୍ଟରର ସମ୍ପାଦକ ସତ୍ୟରଞ୍ଜନ ପଟ୍ଟନାୟକ ଏବଂ କୋଚ୍ ସତ୍ୟଜିତ ପଟ୍ଟନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଥିଲା।


ରବୀନ୍ଦ୍ର କୁମାର ଓଝା

# ନ୍ୟୁଜିଲାଣ୍ଡ ବିପକ୍ଷ ସିରିଜରୁ ଆର୍ଚର ଓହରିଲେ

**ଲଣ୍ଡନ, ୧୭।୫ (ପି.ଟି.)**

କହୁଣିରେ ପୁଣି ଯନ୍ତ୍ରଣା ଅନୁଭବ କରିବାରୁ ଇଂଲଣ୍ଡ ଫାଷ୍ଟ ବୋଲର ଜୋଫ୍ରା ଆର୍ଚର ନ୍ୟୁଜିଲାଣ୍ଡ ବିପକ୍ଷ ଟେଷ୍ଟ ସିରିଜରୁ ଓହରି ଯାଇଛନ୍ତି। ଆହତ ସମସ୍ୟା ଯୋଗୁ ସେ ଅଧାରୁ ବନ୍ଦ ରହିଥିବା ଇଣ୍ଡିଆନ ପ୍ରିମିୟର ଲିଗ୍‌ରେ ମଧ୍ୟ ଖେଳିପାରି ନ ଥିଲେ। ଦୀର୍ଘଦିନଧରି କ୍ରିକେଟରୁ ଦୂରେଇ ରହିବାପରେ ୨୬ ବର୍ଷୀୟ ଆର୍ଚର ନିଜ କାଉଣ୍ଟି ଦଳ ସସେକ୍ସ ପକ୍ଷରୁ ସରେ ବିପକ୍ଷରେ ଖେଳି ୧୯.୨ ଓଭର ବୋଲିଂ କରିଥିଲେ ତେବେ ସେ କେଣ୍ଟ ବିପକ୍ଷ ମ୍ୟାଚରେ ମାତ୍ର ୫ ଓଭର ବୋଲିଂ କରି ଡାହାଣ କହୁଣିରେ ଯନ୍ତ୍ରଣା ଅନୁଭବ କରିଥିଲେ। ତେଣୁ ସେ ଅନ୍ତିମ ଦୁଇଦିନ ବୋଲିଂ କରିପାରି ନ ଥିଲେ। ଫଳରେ ସେ ନ୍ୟୁଜିଲାଣ୍ଡ ବିପକ୍ଷ ଟେଷ୍ଟ ସିରିଜରୁ ଓହରି ଯାଇଥିବା ଇଂଲଣ୍ଡ ଆଣ୍ଡ ୱେଲ୍ସ କ୍ରିକେଟ ବୋର୍ଡ (ଇସିବି) ପକ୍ଷରୁ ପ୍ରକାଶ କରାଯାଇଛି। ଆର୍ଚରେ ନିଜେ ନ୍ୟୁଜିଲାଣ୍ଡ ବିପକ୍ଷ ସିରିଜ ପାଇଁ ଫିଟ୍ ବୋଲି ଘୋଷଣା କରିଥିଲେ। ଏହି ସିରିଜ ଜୁନ୍ ୨ରେ ଲଣ୍ଡନରେ ଆରମ୍ଭ ହେବ। ମାତ୍ର କହୁଣିରେ ସାନି ଯନ୍ତ୍ରଣା ତାଙ୍କର ଏବଂ ଇଂଲଣ୍ଡର ଯୋଜନାରେ ବାଧା ପହଞ୍ଚାଇଛି।

# ନ୍ୟୁଜିଲାଣ୍ଡ ଖେଳାଳି ଲଣ୍ଡନରେ

**ଲଣ୍ଡନ, ୧୭।୫ (ପି.ଟି.)**

ଭାରତ ବିପକ୍ଷ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ଫାଇନାଲ ଓ ଇଂଲଣ୍ଡ ବିପକ୍ଷ ଦୁଇ ମ୍ୟାଚବିଶିଷ୍ଟ ସିରିଜ ଖେଳିବା ଲାଗି ନ୍ୟୁଜିଲାଣ୍ଡ କ୍ରିକେଟ ଦଳର ଅଧିକାଂଶ ଖେଳାଳି ଲଣ୍ଡନରେ ପହଞ୍ଚିଛନ୍ତି। ଖେଳାଳିମାନେ ଅକ୍‌ଲାଣ୍ଡରୁ ସିଙ୍ଗାପୁର ବାଟ ଦେଇ ରବିବାର ଅପରାହ୍ନରେ ଏଠାରେ ପହଞ୍ଚିବାପରେ ସେଠାରୁ ସାଉଥାମ୍ପଟନର ଏଜାସ ବାଓଲ ଯାତ୍ରା କରିଛନ୍ତି। ସେଠାରେ ସେମାନେ ଟୁର୍‌ର ପ୍ରଥମ ଦୁଇ ସପ୍ତାହ ବିତାଇବେ। ସିରିଜର ଓପନିଂ ମ୍ୟାଚ ଜୁନ୍ ୨ରେ ଲଣ୍ଡନରେ ଖେଳାଯିବ। ଦ୍ୱିତୀୟ ମ୍ୟାଚ ବର୍ମିଂହାମ୍‌ଠାରେ ଜୁନ୍ ୧୦ରୁ ଖେଳାଯିବା କାର୍ଯ୍ୟକ୍ରମ ରହିଛି। ସାଉଥାମ୍ପଟନରେ ଜୁନ୍ ୧୮ରୁ ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ବିଶ୍ୱ ଟେଷ୍ଟ ଚାମ୍ପିୟଶିପ୍ ଫାଇନାଲ ଖେଳାଯିବ। ବ୍ଲାକ୍ କ୍ୟାପ୍ ଦଳ କଠିନ ସ୍ୱାସ୍ଥ୍ୟ ପ୍ରୋଟୋକଲ ପାଳନ କରିଛି। ଦେଶ ଛାଡ଼ିବା ପୂର୍ବରୁ ଖେଳାଳିମାନେ କରୋନା ଟିକା ନେଇଛନ୍ତି। କୋଭିଡ୍ ଟେଷ୍ଟ କରାଇଛନ୍ତି। ସାଥିରେ ମେଡିକାଲ କିଟ୍ ଆଣିଛନ୍ତି। ସେଥିରେ ମାସ୍କ ଓ ସାନିଟାଇଜର ସମେତ ଅନ୍ୟାନ୍ୟ ସରଞ୍ଜାମ ରହିଛି। ପ୍ରଥମ ୩ ଦିନ ସେମାନେ ହୋଟେଲ ରୁମ୍‌ରେ ଆଇସୋଲେଶନରେ ରହିବେ। ଖେଳାଳିମାନେ ୬ଜଣିଆ ଗ୍ରୁପ୍ କରି ୪ର୍ଥରୁ ୬ଷ୍ଠ ଦିନ ଟ୍ରେନିଂ ନେବେ। କୋଭିଡ୍ ନେଗେଟିଭ ଫଳାଫଳ ଉପରେ ତାହା ନିର୍ଭର କରେ।

# ପୂର୍ବତନ ଆଥଲେଟଙ୍କ ପରଲୋକ


ମଧୁଲିତା ରାଉତ

**ଭୁବନେଶ୍ୱର, ୧୭।୫ (ସ୍ପୋର୍ଟ୍ସ ବ୍ୟୁରୋ)**

ଡିସ୍‌କସ୍ ଏବଂ ଭାରୋତ୍ତୋଳନକୁ କ୍ୟାରିୟର କରିଥିବା ପୂର୍ବତନ ମହିଳା ଆଥଲେଟ୍ ମଧୁଲିତା ରାଉତଙ୍କର ସୋମବାର ରାଉରକେଲାରେ ପରଲୋକ ଘଟିଛି। ସେ କରୋନାରେ ପୀଡ଼ିତ ହୋଇ କିଛି ଦିନହେଲା ସୁପର ସ୍ପେଶିଆଲିଟି ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ଭାରୋତ୍ତୋଳନରେ ମଧୁଲିତା ଜଣେ ନ୍ୟାଶନାଲ ଗୋଲ୍ଡ ମେଡାଲିଷ୍ଟ। ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟରେ କାର୍ଯ୍ୟରତ ଥିବାରୁ ସେ ସେଲ୍-ଆରଏସ୍‌ପି ପକ୍ଷରୁ ବିଭିନ୍ନ ପ୍ରତିଯୋଗିତାରେ ପ୍ରତିନିଧିତ୍ୱ କରୁଥିଲେ। ତାଙ୍କ ପରଲୋକରେ କ୍ରୀଡ଼ା ଜଗତରେ ଶୋକର ଛାୟା ଖେଳିଯାଇଛି।

# ଇଂଲଣ୍ଡ, ଅଷ୍ଟ୍ରେଲିଆ ବିପକ୍ଷ ମ୍ୟାଚ ଫିକ୍ସିଂ ହୋଇନି

**ଦୁବାଇ, ୧୭।୫ (ପି.ଟି.)**

ଭାରତର ଇଂଲଣ୍ଡ (୨୦୧୬) ଓ ଅଷ୍ଟ୍ରେଲିଆ (୨୦୧୭) ବିପକ୍ଷ ଟେଷ୍ଟ ମ୍ୟାଚରେ ଫିକ୍ସିଂ ହୋଇଥିବା ନ୍ୟୁଜ୍ ଚ୍ୟାନେଲ ଅଲ୍ ଜଜିରାରେ ଯେଉଁ ରିପୋର୍ଟ ପ୍ରକାଶ ପାଇଥିଲା, ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ସୋମବାର ତାହାର ଖଣ୍ଡନ କରିଛି। ଏହା ଏକ କପୋଳକଳ୍ପିତ ରିପୋର୍ଟ ବୋଲି ଦର୍ଶାଇଛି। ୨୦୧୮ରେ ଅଲ୍ ଜଜିରାରେ 'କ୍ରିକେଟ୍ସ ମ୍ୟାଚ୍ ଫିକ୍ସର୍ସ' ଶୀର୍ଷକ ଏକ ଡକ୍ୟୁମେଣ୍ଟାରି ରିଲିଜ କରାଯାଇଥିଲା। ଏଥିରେ ୨୦୧୬ରେ ଚେନ୍ନାଇରେ ଭାରତର ଇଂଲଣ୍ଡ ବିପକ୍ଷ ଗେମ୍ ଏବଂ ୨୦୧୭ରେ ରାଞ୍ଚିରେ ଅଷ୍ଟ୍ରେଲିଆ ବିପକ୍ଷରେ ଏକ ଗେମ୍‌ରେ ଫିକ୍ସିଂ ହୋଇଥିବା ବିଷୟ ଚିତ୍ରଣ କରାଯାଇଥିଲା। ଆଇସିସି ଆହୁରି ମଧ୍ୟ ଚ୍ୟାନେଲରେ ପ୍ରସାରଣ କରାଯାଇଥିବା ଡକ୍ୟୁମେଣ୍ଟାରିରେ ଅଂଶଗ୍ରହଣ କରିଥିବା ୫ଜଣ ବ୍ୟକ୍ତିଙ୍କୁ ଦୋଷମୁକ୍ତ କରିଛି। ସେମାନଙ୍କ ଆଚରଣକୁ ନେଇ ପ୍ରଶ୍ନ ଉଠାଯାଇପାରେ ହେଲେ ଦୋଷାରୋପ କଲାଭଳି କୌଣସି ପ୍ରାମାଣିକ ତଥ୍ୟ ଉପଲବ୍ଧ ନ ଥିଲା। ମୁମ୍ବାଇର ପ୍ରଥମ ଶ୍ରେଣୀ ପ୍ରସାରିତ ପ୍ରୋଗ୍ରାମ୍‌ରେ ତଥାକଥିତ ଅନିଲ ମୁନାୱାର ନାମକ ଜଣେ ବୁକି ଏହି ଦୁଇଟି ମ୍ୟାଚରେ ଫିକ୍ସିଂ କାର୍ଯ୍ୟକଳାପରେ ଲିପ୍ତ ଥିବା ଦାବି କରିଥିଲେ। ଏଥିରେ ୪ଜଣ ଇଣ୍ଡିପେଣ୍ଡେଣ୍ଟ ବେଟିଂ ଓ କ୍ରିକେଟିଂ ସ୍ପେଶାଲିଷ୍ଟ ଏହାର ବିଶ୍ଳେଷଣ କରିଥିଲେ। ମୁନାୱାରଙ୍କ ଦାବି ଉପରେ ଆଇସିସି ପକ୍ଷରୁ ଏକ ତଦନ୍ତ କରାଯାଇଥିଲା। ଆଇସିସି ପକ୍ଷରୁ ଦୋଷମୁକ୍ତ ବ୍ୟକ୍ତିମାନଙ୍କ ନାମ ପ୍ରକାଶ କରାଯାଇନାହିଁ। ହେଲେ ଖବର ଅନୁସାରେ ସେମାନଙ୍କ ମଧ୍ୟରେ ପାକିସ୍ତାନ କ୍ରିକେଟର ହସନ ରାଜା, ଶ୍ରୀଲଙ୍କାର ଥରଙ୍ଗା ଇଣ୍ଡିକା ଓ ଥରିନ୍ଦୁ ମେଣ୍ଡିସ ରହିଛନ୍ତି। ୱାର୍ଲ୍ଡ ଗଭର୍ଣ୍ଣିଂବଡି ଏମାନଙ୍କୁ ତଦନ୍ତ ପରିସରଭୁକ୍ତ କରିଥିଲା। ଡକ୍ୟୁମେଣ୍ଟାରିରେ ମୁମ୍ବାଇର ପ୍ରଥମ ଶ୍ରେଣୀ କ୍ରିକେଟର ରବିନ ମୋରିସଙ୍କୁ କିଛି ସମୟ ଦେଖିବାକୁ ମିଳିଥିଲା, ହେଲେ ତାଙ୍କୁ ତଦନ୍ତରେ ସାମିଲ କରାଯାଇ ନ ଥିଲା। ଏହି ୫ ଜଣ ଆଇସିସିର ଦୁର୍ନୀତି ନିବାରଣ ଆଚରଣ ସଂହିତା ଉଲ୍ଲଂଘନ କରିବା ଭଳି କୌଣସି କାର୍ଯ୍ୟ କରି ନ ଥିବା ଆଇସିସି କହିଛି। ଆଇସିସି ପକ୍ଷରୁ ୩ଟି ଦିଗରୁ ତଦନ୍ତ କରାଯାଇଥିଲା ବୋଲି ଇଣ୍ଟିଗ୍ରିଟି ୟୁନିଟ୍‌ର ଜେନେରାଲ ମ୍ୟାନେଜର ଆଲେକ୍ସ ମାର୍ଶାଲ ପ୍ରକାଶ କରିଛନ୍ତି। ପ୍ରଥମତଃ ପ୍ରୋଗ୍ରାମ ଦ୍ୱାରା ଦାବି କରାଯାଇଥିବା ବିଷୟବସ୍ତୁ, ଦ୍ୱିତୀୟତଃ ଯେଉଁମାନେ ଫିକ୍ସିଂରେ ସମ୍ପୃକ୍ତ ଥିବା ସନ୍ଦେହ କରାଯାଉଛି ଏବଂ ତୃତୀୟତଃ ଡକ୍ୟୁମେଣ୍ଟାରିପ୍ରସ୍ତୁତ କରିବା ଲାଗି ସେମାନେ କେଉଁଠାରୁ ପ୍ରାମାଣିକ ତଥ୍ୟ ପାଇଲେ।


ଆଲେକ୍ସ ମାର୍ଶାଲ




3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

**ଅମାନିଆଙ୍କଠାରୁ ୧.୩୦ ଲକ୍ଷ ଜରିମାନା ଆଦାୟ**

ନିମାପଡ଼ା,(ଡି.ଏନ୍.ଏ.)-ନିମାପଡ଼ା ଏସ୍‌ଡିପିଓ ଦେବାଶିଷ ମିଶ୍ରଙ୍କ ତତ୍ତ୍ୱାବଧାନରେ ନିମାପଡ଼ା ଥାନା ଓ ଚାରିଛକ ଫାଣ୍ଡି ଅଞ୍ଚଳରେ ପୋଲିସ ପକ୍ଷରୁ କଡ଼ାକଡ଼ି ଚେକିଂ କରାଯାଇଥିଲା। ଏଥିସହ ଖେଲାର, ଚାରିଛକ, ରଗିଲୋ, ଶ୍ରୀମୁଖି, କାଜିପାଟଣା ପ୍ରଭୃତି ଅଞ୍ଚଳ ଉପରେ ପୋଲିସ ପକ୍ଷରୁ ଚଢ଼ାଉ କରାଯାଇଥିଲା। ପ୍ରାୟ ୧୨ଶହ କରୋନା କଟକଣା ଉଲ୍ଲଂଘନକାରୀ ଅମାନିଆ ଗାଡ଼ିଚାଳକ, ବ୍ୟବସାୟୀଙ୍କଠାରୁ ୧ଲକ୍ଷ ୩୦ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି।






୧୭.୦୫.୨୦୨୧

୪୬୨ ଟଙ୍କା

# ୧୯ରୁ ସ୍ୱତନ୍ତ୍ର କୋଭିଡ୍ ହସ୍ପିଟାଲ କାର୍ଯ୍ୟକ୍ଷମ

**ପୁରୀ ଅଫିସ,୧୭।୫:**

ଆସନ୍ତା ୧୯ ତାରିଖରୁ ଶ୍ରୀଜଗନ୍ନାଥ ମେଡିକାଲ୍ କଲେଜରେ ସ୍ୱତନ୍ତ୍ର କୋଭିଡ୍ ହସ୍ପିଟାଲ୍ କାର୍ଯ୍ୟକ୍ଷମ ହେବ। ସେଠାରେ ୨୦ଟି ଭେଣ୍ଟିଲେଟର, ୪୦ଟି ଏଚ୍‌ଡିୟୁ, ୯୦ଟି ଅକ୍ସିଜେନ୍ ଶଯ୍ୟାର ବ୍ୟବସ୍ଥା ହୋଇଛି। ଭୁବନେଶ୍ୱରସ୍ଥିତ ସମ୍ ମେଡିକାଲ କଲେଜ ଏବଂ ପୁରୀ ଜିଲା ପ୍ରଶାସନ ମିଳିତ ସହଭାଗିତାରେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠି ସହଯୋଗରେ ଏହା କାର୍ଯ୍ୟକାରୀ କରାଯିବ। ସୋମବାର ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ସଞ୍ଜୟ ଦାସବର୍ମାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କୋଭିଡ୍ ସ୍ଥିତି ସମୀକ୍ଷା ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ଜିଲାରେ ସଂକ୍ରମଣ ରୋକିବା ସହ ଅତ୍ୟାଧୁନିକ ଚିକିତ୍ସା ସୁବିଧା ଯୋଗାଇ ଦେବାକୁ ପ୍ରଶାସନ ଏଭଳି ନିଷ୍ପତ୍ତି ନେଇଥିବା ଜିଲାପାଳ ସମର୍ଥ ବର୍ମା ସୂଚନା ଦେଇଛନ୍ତି। ବୈଠକରେ ଜିଲାପାଳ ବର୍ମା ଜିଲାର କୋଭିଡ୍ ସ୍ଥିତି ସମ୍ପର୍କିତ ରିପୋର୍ଟ ଉପସ୍ଥାପନ କରିଥିଲେ। ରିପୋର୍ଟରେ ଦର୍ଶାଯାଇଛି ଯେ, ଏବେ ପୁରୀ ଜିଲାରେ ୧୧୪୭ଟି ଶଯ୍ୟା ରହିଛି। ଦୈନିକ ହାରାହାରି ୪ଶହ ସଂକ୍ରମିତଙ୍କ ଚିକିତ୍ସା ଜାରି ରହିଛି। ଗତ ଏପ୍ରିଲ ପହିଲାରୁ ଏପର୍ଯ୍ୟନ୍ତ ୫୬ହଜାର



ବୈଠକରେ ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ସଞ୍ଜୟ ଦାସବର୍ମା, ଜିଲାପାଳ ସମର୍ଥ ବର୍ମା ଏବଂ ଅନ୍ୟ ଅଧିକାରୀ।

୫୯୪ ଜଣଙ୍କ ଟେଷ୍ଟିଂ କରାଯାଇଛି। ବର୍ତ୍ତମାନ ସୁଦ୍ଧା ୧୦ ହଜାର ୫୯୪ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଜିଲାରେ ସଂକ୍ରମଣର ପ୍ରତିଶତ ୧୮.୭ ରହିଛି। ପ୍ରଥମ ପର୍ଯ୍ୟାୟ ଟିକାକରଣ ବେଳେ ୪୫ ବର୍ଷରୁ ଉର୍ଦ୍ଧ୍ୱ ୧ଲକ୍ଷ ୯୪ ହଜାର ୬୨୧ ଜଣଙ୍କୁ କୋଭିଡ୍ ଟିକା ଦିଆଯାଇଥିଲା। ମାତ୍ର ୨ୟ ଡୋଜ୍ ୩୨ହଜାର ୪୧୦ ଜଣଙ୍କୁ ମିଳିପାରିଛି। ୧୦ ହଜାର ୬୬୬ ସ୍ୱାସ୍ଥ୍ୟକର୍ମୀଙ୍କୁ ପ୍ରଥମ ଡୋଜ୍ ଦିଆଯାଇଥିବା ବେଳେ ସେମାନଙ୍କ ମଧ୍ୟରୁ ୭୫୫୪ ଜଣଙ୍କୁ ୨ୟ ଡୋଜ୍ ମିଳିଛି। ୮୬୮୫ ଜଣ ସମ୍ମୁଖ ଯୋଦ୍ଧାଙ୍କୁ ପ୍ରଥମ ଡୋଜ୍ ଓ ସେମାନଙ୍କୁ ମଧ୍ୟରୁ ୬୦୩୩ ଜଣଙ୍କୁ ୨ୟ ଡୋଜ୍ ମିଳିସାରିଛି। ସେହିପରି ରାଜ୍ୟ ସରକାରଙ୍କ ନିଷ୍ପତ୍ତି ଅନୁଯାୟୀ ଶ୍ରୀମନ୍ଦିର ସେବାୟତ ଓ ୧୮ ବର୍ଷରୁ ଉର୍ଦ୍ଧ୍ୱ ସେମାନଙ୍କ ପରିବାର ସଦସ୍ୟଙ୍କ ଟିକାକରଣ ଚାଲିଥିବା ଜିଲାପାଳ ସୂଚନା ଦେଇଛନ୍ତି। ଟିକାକରଣ ପ୍ରକ୍ରିୟା ତ୍ୱରାନ୍ୱିତ କରିବା ସହ ସମସ୍ୟା କ୍ଷେତ୍ରରେ ସୁଧାର ଆଣିବା ପାଇଁ ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ଦାସବର୍ମା ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଏବଂ ଜିଲାପାଳଙ୍କୁ ପରାମର୍ଶ ଦେଇଛନ୍ତି। ସଂକ୍ରମଣ ସତ୍ତ୍ୱେ ଗ୍ରାମାଞ୍ଚଳରେ ମୋବାଇଲ ଟେଷ୍ଟିଂ ଭ୍ୟାନ୍ ବୁଲୁନାହିଁ। ଆର୍‌ଟି -ପିସିଆର୍ ମେଶିନ୍ ବାରମ୍ବାର ଖରାପ ହେଉଛି। ଫଳରେ

**କରୋନା ସ୍ଥିତି ସମୀକ୍ଷା କଲେ ଯୋଜନା ବୋର୍ଡ ଉପାଧ୍ୟକ୍ଷ**

- ଆର୍‌ଟି-ପିସିଆର୍ ମେଶିନ ପ୍ରସ୍ତୁତ ରଖିବାକୁ ନିର୍ଦ୍ଦେଶ
- ସଂକ୍ରମଣ ଅଧିକ ଥିବା ସ୍ଥାନରେ ଟିକାକରଣକୁ ଗୁରୁତ୍ୱ

ରୋଗୀଙ୍କୁ ରିପୋର୍ଟ ପାଇଁ ୮ରୁ ୧୦ ଦିନ ଅପେକ୍ଷା କରିବାକୁ ପଡୁଛି। ସେହିପରି ସଂକ୍ରମଣ ଅଧିକ ଥିବା ସ୍ଥାନ ଉପରେ ଗୁରୁତ୍ୱ ନ ଦିଆଯାଇ କେବଳ ପୁରୀ ସହରରେ ମାତ୍ରାଧିକ ଟିକାକରଣ ହେଉଛି। ଏସବୁ ସମସ୍ୟା ସମ୍ପର୍କରେ ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ଆଲୋଚନା କରି ଆର୍‌ଟି-ପିସିଆର୍ ମେଶିନ୍ ସମେତ ଟେଷ୍ଟିଂ ଯନ୍ତ୍ରପାତି ସର୍ବଦା ପ୍ରସ୍ତୁତ ରଖିବାକୁ ସିଡିଏମ୍‌ଓଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଯୋଗ୍ୟ ହିତାଧିକାରୀଙ୍କୁ ଠିକ ସମୟରେ ରାଶନ ସାମଗ୍ରୀ ବଣ୍ଟନ ଏବଂ ପ୍ରତ୍ୟେକ ବ୍ଲକ୍‌କୁ ଅତିରିକ୍ତ ଗୋଟିଏ ଲେଖାଏ ଆମ୍ବୁଲାନ୍ସ ଯୋଗାଇଦେବା ପାଇଁ ଦାସବର୍ମା କହିଛନ୍ତି। ଏହି ବୈଠକରେ ଜିଲାପାଳଙ୍କ ସମେତ ଅତିରିକ୍ତ ଜିଲାପାଳ ବିନୟ କୁମାର ଦାଶ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସୁଜାତା ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ରଥଖଳାରୁ

### ରଥ ପାଇଁ ତୁମ୍ବ ତିଆରି ଚାଲିଛି



ତୁମ୍ବ ତିଆରି ପାଇଁ କାଠ ଚିରଟ ଚାଲିଛି ।

**ପୁରୀ ଅଫିସ, ୧୭।୫:**

ପବିତ୍ର ଅକ୍ଷୟତୃତୀୟାଠାରୁ ଶ୍ରୀନଅରସ୍ଥିତ ରଥଖଳାରେ କୋଭିଡ୍ କଟକଣା ପାଳନ ପୂର୍ବକ ମହାପ୍ରଭୁଙ୍କ ରଥ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ସୋମବାର ଦ୍ୱିତୀୟ ଦିନରେ ସେବକମାନେ ରଥ ନିର୍ମାଣ କାର୍ଯ୍ୟ ଜାରି ରଖିଛନ୍ତି। ତିନିରଥର ମୁଖ୍ୟ ବିଶ୍ୱକର୍ମା ମହାରଣାଙ୍କ ନିର୍ଦ୍ଦେଶ ଅନୁଯାୟୀ, ପ୍ରାଥମିକ ପର୍ଯ୍ୟାୟରେ ଆବଶ୍ୟକ ଚକ ପାଇଁ ତୁମ୍ବ ନିର୍ମାଣ ଚାଲିଛି। ପ୍ରଥମ ଦିନ ତିନିରଥ ପାଇଁ ତିନୋଟି ତୁମ୍ବ ତିଆରି ସରିଥିବାବେଳେ ଦ୍ୱିତୀୟ ଦିନରେ ଅନ୍ୟ ତୁମ୍ବ ତିଆରି କରାଯାଉଛି। ତିନୋଟି ରଥର ଦୁଇଟି ଲେଖାଏ ତୁମ୍ବ ପ୍ରଥମେ ନିର୍ମାଣ କରାଯିବ। ସେଥିପାଇଁ ରଥକାଠକୁ ତୁମ୍ବ ଆକାରରରେ କରତି ସେବାୟତମାନେ ଚିରଟ କରୁଛନ୍ତି। ତିନିରଥ ପାଇଁ ୪୨ଟି ତୁମ୍ବ ତିଆରି ହେବ। ସେପଟେ ଆଉ କିଛି ଦିନ ପରେ ତୁମ୍ବରେ ସୂତାବାଡ଼ିଆ ହେବ। ପ୍ରତ୍ୟେକ ତୁମ୍ବରେ ୩୨ଟି ବିନ୍ଧ ଅର୍ଥାତ ୧୬ ଯୋଡ଼ା ଲେଖାଏ ବିନ୍ଧ କରାଯାଇ ଅନୁକୂଳ କରାଯିବ। ଚଳିତବର୍ଷ ରଥ ନିର୍ମାଣରେ ନିୟୋଜିତ ଥିବା ସେବକମାନଙ୍କ ଦୈନିକ ପାଉଣା ୧୦ପ୍ରତିଶତ ବୃଦ୍ଧି କରାଯାଇଛି। ଦ୍ୱିତୀୟ ଦିନରେ ୨୨ଜଣ ମହାରଣା ସେବକ ନିୟୋଜିତ ଥିଲେ। ସେହିପରି ଦୋଳବେଦି ପରିସରରେ ନିର୍ମିତ ଅସ୍ଥାୟୀ କମାରଶାଳରେ ଓଝା ସେବକମାନେ କଣ୍ଟା ତିଆରି ଆରମ୍ଭ କରିଛନ୍ତି। ସେବକମାନଙ୍କୁ ସୋମବାରଠାରୁ ନୀଳାଦ୍ରି ଭକ୍ତନିବାସରେ ସଙ୍ଗରୋଧରେ ରଖାଯାଇଛି।

## ସଂକ୍ଷେପରେ

### ପ୍ରଲୋଭନ ଦେଖାଇ ଛାତ୍ରୀଙ୍କୁ ଅପହରଣ

ନିମାପଡ଼ା,୧୭।୫(ଡି.ଏନ୍.ଏ.)- ନିମାପଡ଼ା ଥାନା ଅଞ୍ଚଳର ଜଣେ ୧୦ମ ଶ୍ରେଣୀ ଛାତ୍ରୀଙ୍କୁ ମିଥ୍ୟା ପ୍ରଲୋଭନ ଦେଖାଇ ସ୍ଥାନୀୟ ଅଞ୍ଚଳର ଜଣେ ଯୁବକ ରବିବାର ରାତିରେ ଅପହରଣ କରିନେଇଛନ୍ତି। ଏ ନେଇ ନାବାଳିକାଙ୍କ ବାପା ସୋମବାର ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୧୭୬/୨୧) ରୁଜୁ କରି ତଦନ୍ତ ଚଳାଇଛି। ନାବାଳିକା ରବିବାର କୌଣସି କାମରେ ଘରୁ ବାହାରକୁ ଆସିଥିଲେ। ହେଲେ ଦୀର୍ଘ ସମୟ ପର୍ଯ୍ୟନ୍ତ ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ। ଚାରିଛକ ଫାଣ୍ଡି ଅଞ୍ଚଳର ଜଣେ ଯୁବକ ଅପହରଣ କରି ନେଇଥିବା ନେଇ ନାବାଳିକାଙ୍କ ବାପା ଥାନାର ଦ୍ୱାରସ୍ଥ ହୋଇଥିଲେ।

### ଆଜି ଦିଆଯିବ ଟିକା

ସାକ୍ଷୀଗୋପାଳ,୧୭।୫(ସ୍ୱ.ପ୍ର.)- ସତ୍ୟବାଦୀ ବ୍ଲକ ଅନ୍ତର୍ଗତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ମଙ୍ଗଳବାର କରୋନା ଟିକା ପ୍ରଦାନ କରାଯିବ। ମୋଟ ୫୦୦ ଟିକା ଦିଆଯିବ ବୋଲି ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ସକାଳ ୬ଟାରେ ହିତାଧିକାରୀଙ୍କ ନାମ ପଞ୍ଜୀକରଣ କରାଯିବ। ୯ଟାରୁ ଟିକା ଦିଆଯିବ। ପ୍ରଥମେ କରୋନା ଯୋଦ୍ଧା, ପ୍ରଥମ ଡୋଜ ଟିକା ନେଇଥିବା ହିତାଧିକାରୀଙ୍କର ୮୪ ଦିନ ପୂର୍ଣ୍ଣ ହୋଇଯାଇଥିବା ଲୋକଙ୍କୁ ଦିଆଯିବ। ପରେ ୪୫ ବର୍ଷରୁ ଉର୍ଦ୍ଧ୍ୱ ହିତାଧିକାରୀ ଓ ଅନଲାଇନରେ ପଞ୍ଜୀକରଣ କରିଥିବା ଓ ୧୮ ବର୍ଷରୁ ଉର୍ଦ୍ଧ୍ୱ ଓ ୪୫ ବର୍ଷରୁ କମ ହିତାଧିକାରୀଙ୍କୁ ପର୍ଯ୍ୟାୟ କ୍ରମେ ଟିକା ଦିଆଯିବ ବୋଲି ବିଡିଓ କ୍ଷୀରୋଦ ବେହେରା କହିଛନ୍ତି।

### ବନ୍ୟା କ୍ଷତିଗ୍ରସ୍ତ ଚାଷୀଙ୍କୁ ମିଳିଲା କ୍ଷତିପୂରଣ

ଡେଲାଙ୍ଗ,୧୭।୫(ଡି.ଏନ୍.ଏ.)- ଗତ ୨୦୨୦ରେ ପ୍ରବଳ ବର୍ଷା ଯୋଗୁ ଦୟାନଦୀରେ ବନ୍ୟା ଆସିବାରୁ ଡେଲାଙ୍ଗ ବ୍ଲକର ଖାଲୁଆ ଅଞ୍ଚଳ ଭାବେ ପରିଚିତ ଧାନକେରା ପଞ୍ଚାୟତରେ ବିଭିନ୍ନ ଗ୍ରାମ ପାଣି ଘେରରେ ଥିବା ବେଳ ଏକର ଏକର ଧାନଜମି ଜଳମଗ୍ନ ହୋଇ ନଷ୍ଟ ହୋଇଯାଇଥିଲା। ଏ ନେଇ ଚାଷୀମାନେ କ୍ଷତିପୂରଣ ପାଇଁ ପ୍ରଶାସନ ନିକଟରେ ଦାବି କରିଥିଲେ। ପରେ ପ୍ରଶାସନ ପକ୍ଷରୁ ଧାନକେରା ପଞ୍ଚାୟତକୁ ଯାଇ ତଦନ୍ତ କରାଯାଇ ସରକାରଙ୍କୁ ରିପୋର୍ଟ ପଠାଯାଇଥିଲା। ରିପୋର୍ଟ ଅନୁଯାୟୀ, ୧୩ ଶହ ୭୮ଜଣ ଚାଷୀଙ୍କୁ ସରକାରଙ୍କ ପକ୍ଷରୁ ୧୬ଲକ୍ଷ ୬୩ହଜାର ୪୮ ଟଙ୍କା ପ୍ରଦାନ କରାଯାଇଥିବା ଚିଠି ନମ୍ବର ୧୬୫୦ରେ ଉଲ୍ଲେଖ ରହିଥିବା ଡେଲାଙ୍ଗ ତହସିଲଦାର ମହେନ୍ଦ୍ର ବଡେଇ ସୂଚନା ଦେଇଛନ୍ତି।

### ବିଡିଓଙ୍କୁ ୧୨ ଦଫା ଦାବିପତ୍ର ପ୍ରଦାନ

ବ୍ରହ୍ମଗିରି,୧୭।୫(ଡି.ଏନ୍.ଏ.): ସିପିଏମ୍ ବ୍ରହ୍ମଗିରି ଆଞ୍ଚଳିକ କମିଟି ପକ୍ଷରୁ ସୋମବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୧୨ଦଫା ସମ୍ବଳିତ ଏକ ଦାବିପତ୍ର ପ୍ରଦାନ କରାଯାଇଛି। କୋଭିଡ୍ କଟକଣା ମଧ୍ୟରେ ସିପିଏମ କର୍ମୀମାନେ ବ୍ରହ୍ମଗିରି ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ବିଡିଓ ଜ୍ୟୋତିପ୍ରକାଶ ସେଠୀଙ୍କ ଜରିଆରେ ଏହି ଦାବିପତ୍ର ପ୍ରଦାନ କରିଛନ୍ତି। କେନ୍ଦ୍ର ଓ ରାଜ୍ୟ ସରକାର ସମସ୍ତଙ୍କୁ ମାଗଣାରେ କୋଭିଡ୍ ଟିକା ପ୍ରଦାନ କରିବା, ଆକ୍ରାନ୍ତଙ୍କୁ ମାଗଣା ଚିକିତ୍ସା, ମହାମାରୀ ସମୟରେ ବିଦ୍ୟୁତ୍ ବିଲ ଛାଡ଼, କଳାବଜାରୀ ରୋକିବା ଆଦି ୧୨ଦଫା ଏହି ଦାବିପତ୍ରରେ ଉଲ୍ଲେଖ ରହିଛି। ଭୀମସେନ ସ୍ୱାଇଁ, ବିଦ୍ୟାଧର ଦଳାଇ ବନବାସିନୀ ମହାପାତ୍ର, ସୁରେନ୍ଦ୍ର ଦଳାଇ, କାଳୁ ପୂଜାରି, ପବିତ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

### ହୃଦ୍‌ଘାତରେ କନଷ୍ଟେବଲ ମୃତ

କଣାସ,୧୭।୫(ସ୍ୱ.ପ୍ର.)- କଣାସ ବ୍ଲକ ଅନ୍ତର୍ଗତ ଗଡ଼ିଶାଗୋଡା ଥାନାରେ କାର୍ଯ୍ୟରତ କନଷ୍ଟେବଲ ବିଜୟ କୁମାର ସାହୁ ୪୬ବର୍ଷଙ୍କର ରବିବାର ହୃଦ୍‌ଘାତରେ ମୃତ୍ୟୁ ଘଟିଛି। ଗତ ଶନିବାର ହଠାତ୍ ଥାନାରେ କାର୍ଯ୍ୟରତ ସମୟରେ ସେ ଅସୁସ୍ଥ ହୋଇପଡ଼ିଥିଲେ। ତାଙ୍କୁ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଇଆଇସି ନାରାୟଣ ଚନ୍ଦ୍ର ଲେଙ୍କା ନେଇଆସିଥିଲେ। ସେଠାରେ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ଭୁବନେଶ୍ୱର ପରେ କଟକ ବଡ଼ ଡାକ୍ତରଖାନାକୁ ନେଇଯାଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ହୃଦ୍‌ଘାତରେ ମୃତ୍ୟୁବରଣ କରିଥିଲେ। କୃଷ୍ଣପ୍ରସାଦ ବ୍ଲକ ଗୋପାଳପୁର ଗ୍ରାମରେ ବିଜୟଙ୍କ ଘର ବୋଲି ଜଣାପଡ଼ିଛି।

## ଭସାପୋଲ, ଘାଟଡଙ୍ଗା ଚଳାଚଳ ଦାବି

**ପୁରୀ ଅଫିସ, ୧୭।୫**

ସାତପଡ଼ାଠାରୁ ଜହ୍ନିକୁଦା ପର୍ଯ୍ୟନ୍ତ ଭସାପୋଲ ଓ ଘାଟଡଙ୍ଗା ଚଳାଚଳ ଉପରେ ଜାରି କଟକଣାକୁ ଉଠାଇ ପୁଣି ଯାତାୟାତ ପାଇଁ ଅନୁମତି ଦେବାକୁ 'ଆମ ପରିଚୟ' ଅନୁଷ୍ଠାନ ଦାବି କରିଛି। ଏ ନେଇ 'ଆମ ପରିଚୟ' ପକ୍ଷରୁ ସୋମବାର ଜିଲାପାଳଙ୍କୁ ଏକ ଦାବିପତ୍ର ଦିଆଯାଇଛି। ମହାମାରୀ କରୋନାଜନିତ କଟକଣା ଏବଂ ଲକ୍‌ଡାଉନ କାରଣରୁ ପ୍ରଶାସନ ଭସାପୋଲ ଓ ଘାଟଡଙ୍ଗା ଯାତାୟାତ ଉପରେ ରୋକ ଲଗାଇଛି। ଫଳରେ କୃଷ୍ଣପ୍ରସାଦ ବ୍ଲକର ୧୪ଟି ପଞ୍ଚାୟତର ୯୬ରୁ ଉର୍ଦ୍ଧ୍ୱ ଗ୍ରାମରେ ବାସ କରୁଥିବା ଲକ୍ଷାଧିକ ଲୋକ ହଇରାଣ ହେଉଛନ୍ତି। ମୁଖ୍ୟତଃ ଉକ୍ତ ଅଞ୍ଚଳର ଜନସାଧାରଣ ଡଙ୍ଗା ଓ ଭସାପୋଲ ସାହାଯ୍ୟରେ ସାତପଡ଼ା ସମେତ ଜିଲା ସଦର ମହକୁମାକୁ ଆସିଥାନ୍ତି। ମାତ୍ର ପ୍ରଶାସନର କଟକଣା ଯୋଗୁ ଲୋକେ ଅତ୍ୟାବଶ୍ୟକ ସେବା ପାଇବାରୁ ବଞ୍ଚିତ ହେଉଛନ୍ତି। ଯାତାୟାତ ବନ୍ଦ ହେବା କାରଣରୁ ରୋଗୀମାନେ ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆସିପାରୁନାହାନ୍ତି। ସାମଗ୍ରୀ ପରିବହନରେ ମଧ୍ୟ ବିଶେଷ ଅସୁବିଧା ହେଉଛି। ଫଳରେ କେତେଜଣ ଅସାଧୁ ଡଙ୍ଗାମାଲିକ ଫାଇଦା ଉଠାଇ ଲୋକଙ୍କୁ ଶୋଷଣ କରୁଛନ୍ତି। ଏସବୁକୁ ଦୃଷ୍ଟିରେ ରଖି ପ୍ରଶାସନ ଭସାପୋଲ ଓ ଘାଟଡଙ୍ଗା ଚଳାଚଳ ପାଇଁ ଅନୁମତି ଦେବାକୁ 'ଆମ ପରିଚୟ' ଅନୁଷ୍ଠାନ ଦାବି କରିଛି। ସେହିପରି ଘାଟସ୍ଥଳରେ ପୋଲିସ ମୁତୟନ କରାଯିବା ସହ ପ୍ରଶାସନ ତୁରନ୍ତ ସାତପଡ଼ା ଓ ଜହ୍ନିକୁଦାକୁ ସଂଯୋଗ କରିବା ନିମନ୍ତେ ସେତୁ ନିର୍ମାଣ ଲାଗି ସରକାରଙ୍କୁ ସୁପାରିସ କରିବାକୁ ଦାବି କରାଯାଇଛି। ଉକ୍ତ ଦାବିପତ୍ର ପ୍ରଦାନ ସମୟରେ ସଦସ୍ୟ ଶରତ ରାୟଗୁରୁ, ସୁଦର୍ଶନ ଦଳାଇ, ପୂର୍ଣ୍ଣଚନ୍ଦ୍ର ଜେନା, ବାମଦେବ ସାହୁ ଏବଂ ନରେନ୍ଦ୍ର କୁମାର ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## ଦିବ୍ୟାଙ୍ଗ, ବରିଷ୍ଠଙ୍କ ପାଇଁ ସ୍ୱତନ୍ତ୍ର ଟିକାକରଣ

**ପୁରୀ ଅଫିସ,୧୭।୫:**

ପୁରୀ ପୌରାଞ୍ଚଳର ବୟସ୍କ ଓ ଦିବ୍ୟାଙ୍ଗ ବ୍ୟକ୍ତିଙ୍କ ପାଇଁ ସ୍ୱତନ୍ତ୍ର ଟିକାକରଣ ଅଭିଯାନ ଆରମ୍ଭ ହୋଇଛି। ୭୦ରୁ ଉର୍ଦ୍ଧ୍ୱ ବୟସ୍କ ବ୍ୟକ୍ତି ଓ ୪୫ ବର୍ଷରୁ ଉର୍ଦ୍ଧ୍ୱ ଦିବ୍ୟାଙ୍ଗଙ୍କୁ ଟିକାକରଣ କେନ୍ଦ୍ରକୁ ନେବା ଆଣିବା କାର୍ଯ୍ୟ ପ୍ରଶାସନ କରିବ। ପରିବହନ ସୁବିଧା ପାଇଁ ଇଚ୍ଛୁକ ବ୍ୟକ୍ତିମାନେ ପ୍ରଶାସନ ଦ୍ୱାରା ପ୍ରଦତ୍ତ ନମ୍ବର (୬୩୭୨୭୨୩୪୧୫, ୭୮୪୮୯୮୨୬୫)ରେ କଲ୍ କରି ନାମ ପଞ୍ଜୀକରଣ କରିବେ। ନାମ ପଞ୍ଜୀକରଣ ପାଇଁ ପୂର୍ବାହ୍ନ ୧୦ରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ସମୟ ଧାର୍ଯ୍ୟ ହୋଇଛି। ପଞ୍ଜୀକରଣ ସମୟରେ ହିତାଧିକାରୀମାନେ ନିଜ ଆଧାରକାର୍ଡ, ବୟସ ପ୍ରମାଣପତ୍ର ପ୍ରଦତ୍ତ ନମ୍ବରରେ ହ୍ୱାଟ୍ସ ଆପ୍ କରିବା ସହ ସମ୍ପୂର୍ଣ୍ଣ ଠିକଣା ଲେଖିବେ। ଅପରାହ୍ନ ୩ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଟିକା ଦିଆଯିବ। ପୁରୀ ଜିଲା ସ୍କୁଲ, ବେଟ୍ରିକ୍ ସ୍କୁଲ୍, ଗଦାଧର ହାଇସ୍କୁଲ, ବଳଗଣ୍ଡି ହାଇସ୍କୁଲ, ଭୋଳାନାଥ ହାଇସ୍କୁଲ୍ ଓ ହିନ୍ଦୀ ସ୍କୁଲ୍‌ରେ ଟିକା କେନ୍ଦ୍ର ହୋଇଛି। ସୋମବାର ସ୍ୱର୍ଗଦ୍ୱାରରେ କାର୍ଯ୍ୟରତ ୩୭ଜଣ କର୍ମଚାରୀଙ୍କୁ ଟିକା ଦିଆଯାଇଛି। ସ୍ୱର୍ଗଦ୍ୱାର ସେବା ସମିତି ଓ ଅନ୍ୟ ଅସ୍ଥାୟୀ କର୍ମଚାରୀଙ୍କ ସଂଖ୍ୟା ପାଖାପାଖି ୮୦ ହୋଇଥିବା ବେଳେ ବଳକା କର୍ମଚାରୀଙ୍କୁ ମଙ୍ଗଳବାର ଟିକା ଦିଆଯିବ।



ପୁରୀ ଦଉଡୋଟା ଜଗନ୍ନାଥ ଲେନ୍‌ର ସୂର୍ଯ୍ୟକାନ୍ତ ଦାଶଙ୍କ ଦ୍ୱାରା ଅଦରକାରୀ କାଗଜରେ ମହାପ୍ରଭୁଙ୍କ କ୍ଷୁଦ୍ରତମ କଳାକୃତି। ଏହି ଏକ ଇଞ୍ଚ ଉଚ୍ଚତା ବିଶିଷ୍ଟ କଳାକୃତି ତିଆରି କରିବା ପାଇଁ ତାଙ୍କୁ ୩୦ ମିନିଟ ଲାଗିଥିଲା।

## ଅଜଣା ରୋଗରେ ପୀଡ଼ିତଙ୍କୁ ପ୍ରଶାସନର ସହାୟତା

**ଡେଲାଙ୍ଗ,୧୭।୫(ଡି.ଏନ୍.ଏ.)**

ଡେଲାଙ୍ଗ ବ୍ଲକ ସାଉରିଆ ପଞ୍ଚାୟତ ଅନ୍ତର୍ଗତ ଗଙ୍ଗପୁରପାଟଣା ଗ୍ରାମର ୩୬ ବର୍ଷୀୟ ମନୋଜ ବଡ଼ଜେନା ଅଜଣା ରୋଗରେ ପୀଡ଼ିତ ଅଛନ୍ତି। ଚିକିତ୍ସାରେ ଅର୍ଥ ବାଧକ ସାଜିବାରୁ ଚିକିତ୍ସିତ ହୋଇପାରୁ ନାହାନ୍ତି । ଏହି ଖବର ପ୍ରଚାର ହେବା ପରେ ସ୍ଥାନୀୟ ପ୍ରଶାସନ ମନୋଜଙ୍କୁ ସହାୟତାର ହାତ ବଢାଇଛି। ସୋମବାର ତହସିଲଦାର ମହେନ୍ଦ୍ର ବଡ଼େଇ ଓ ଥାନାଧିକାରୀ ରଶ୍ମିରଞ୍ଜନ ପଟ୍ଟନାୟକ ମନୋଜଙ୍କ ଘରେ ପହଞ୍ଚି ମନୋଜଙ୍କୁ ନିଜ ପକେଟରୁ ୭ହଜାର(ତହସିଲଦାର ୫ହଜାର ଓ ଆଇଆଇସି ୨ ହଜାର) ଟଙ୍କା ପ୍ରଦାନ କରିଛନ୍ତି। ତତ୍‌ସହିତ ରେଡ୍‌କ୍ରସ ପାଣ୍ଠିରୁ ୧୦ ହଜାର ଟଙ୍କା ସହାୟତା ରାଶି ତାଙ୍କ ବାପା ଦିନବନ୍ଧୁଙ୍କୁ ପ୍ରଦାନ କରିଥିଲେ। ଅଧିକ ଚିକିତ୍ସା ପାଇଁ ମନୋଜଙ୍କୁ ଭୁବନେଶ୍ୱର ନେଇ ଓଡ଼ିଶା ମୋ ପରିବାରରେ ସାମିଲ କରିଥିଲେ। ଏ ନେଇ ଡେଲାଙ୍ଗବାସୀ ଓ ଟ୍ୟୁଟର କ୍ଲବ ପକ୍ଷରୁ ମୁଖ୍ୟମନ୍ତ୍ରୀ, ତହସିଲଦାର ଓ ଥାନାଧିକାରୀଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଛି। ତହସିଲଦାର ଆସିବା ସମୟରେ କ୍ଲବର ତ୍ରିନାଥ ପରିଡ଼ା ଓ ପ୍ରଦୀପ ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ।



ମନୋଜ ବଡ଼ଜେନାଙ୍କ ପିତାଙ୍କୁ ତହସିଲଦାର ସହାୟତା ପ୍ରଦାନ କରୁଛନ୍ତି ।

## ହୋଟେଲ୍ ସିଲ୍, ୪୦ ହଜାର ଜରିମାନା

### ଜନ୍ମଦିନ ପାଳନ ମହଙ୍ଗା ପଡ଼ିଲା

**ପୁରୀ ଅଫିସ,୧୭।୫:**

କୋଭିଡ୍ ଗାଇଡ୍‌ଲାଇନ୍ ଉଲ୍ଲଂଘନ ଅଭିଯୋଗରେ ପୁରୀ ଚକ୍ରତୀର୍ଥ ରୋଡସ୍ଥିତ ହୋଟେଲ କ୍ରିଷ୍ଣା ପ୍ୟାଲେସକୁ ପ୍ରଶାସନ ସିଲ କରିଛି। ଏଥିସହ ହୋଟେଲ୍ ମାଲିକ ସୁରେଶ କୁମାର ଅଗ୍ରୱାଲଙ୍କଠାରୁ ୪୦ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ରବିବାର ରାତିରେ ପ୍ରଶାସନର ବିନା ଅନୁମତିରେ ହୋଟେଲରେ ଜନ୍ମଦିନ ପାଳନ କରାଯାଉଥିଲା। ଖବର ପାଇ ସମୁଦ୍ରକୂଳ ଥାନା ଆଇଆଇସି ଚିନ୍ମୟ ରାଉତ ହୋଟେଲରେ ଚଢ଼ାଉ କରିଥିଲେ। ତହସିଲଦାର ଉକ୍ତ ହୋଟେଲ ମାଲିକଙ୍କଠାରୁ ଜରିମାନା ରାଶି ଆଦାୟ କରିବା ସହ କୋଭିଡ୍ କଟକଣା ମାନିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ପୁରୀ ସହରରେ ଏବେ ସଂକ୍ରମଣ ଉପରମୁହାଁ ହୋଇଥିବାବେଳେ ଏଭଳି ଘଟଣାକୁ ଗ୍ରହଣ କରାଯିବ ନାହିଁ ପ୍ରଶାସନ କହିଛି।

## ବ୍ରାହ୍ମଣଙ୍କୁ କରୋନା ଯୋଦ୍ଧା ମାନ୍ୟତା ଦାବି

**ପୁରୀ ଅଫିସ, ୧୭।୫:**

ମହାମାରୀ କରୋନା ତଥା ଲକ୍‌ଡାଉନ ଯୋଗୁ ଅନାହାର ଓ ଦୁର୍ଦ୍ଦିନରେ ଦିନ କାଟୁଥିବା ଆନନ୍ଦବଜାର ବ୍ରାହ୍ମଣ କ୍ରିୟାନୁଷ୍ଠାନ କମିଟିର ବ୍ରାହ୍ମଣମାନଙ୍କୁ ସରକାର ଆର୍ଥିକ ସହାୟତା ରାଶି ପ୍ରଦାନ ସହ କରୋନା ଯୋଦ୍ଧା ଘୋଷଣା କରିବାକୁ ଦାବି ହୋଇଛି। ଏ ନେଇ ସୋମବାର ଆନନ୍ଦବଜାର ବ୍ରାହ୍ମଣ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କ ଉଦ୍ଦେଶ୍ୟରେ ନୀତି ପ୍ରଶାସକଙ୍କୁ ଏକ ଦାବିପତ୍ର ଦିଆଯାଇଛି। ଅନୁଷ୍ଠାନର ସମ୍ପାଦକ ଦୁର୍ଗାମାଧବ ତ୍ରିପାଠୀ କହିଛନ୍ତି, ଶ୍ରୀମନ୍ଦିର ଉପରେ ଆନନ୍ଦବଜାର ବ୍ରାହ୍ମଣ କ୍ରିୟାନୁଷ୍ଠାନ କମିଟିର ସଦସ୍ୟମାନେ ନିର୍ଭର କରି ଜୀବିକା ନିର୍ବାହ କରିଥାନ୍ତି। ଏବେ କରୋନାର ଦ୍ୱିତୀୟ ଲହରରେ ଶ୍ରୀମନ୍ଦିର ବନ୍ଦ ରହିଛି। ଫଳରେ ସମ୍ପୃକ୍ତ ବ୍ରାହ୍ମଣମାନେ ଏବେ ଅନାହାର ଓ ଦୁର୍ଦ୍ଦିନରେ କାଳାତିପାତ କରୁଛନ୍ତି। ତେଣୁ ପ୍ରଶାସନ ଉକ୍ତ ବ୍ରାହ୍ମଣମାନଙ୍କୁ ଆର୍ଥିକ ସହାୟତା ଦିଅନ୍ତୁ ବୋଲି ତ୍ରିପାଠୀ ଦାବି କରିଛନ୍ତି। ସେହିପରି ଯେଉଁମାନେ କରୋନାରେ କିମ୍ବା ଅନ୍ୟ କାରଣରୁ ପ୍ରାଣ ହରାଉଛନ୍ତି ସେମାନଙ୍କ କ୍ରିୟାକର୍ମ ଓ ଦଶାହ କାର୍ଯ୍ୟ ବ୍ରାହ୍ମଣମାନେ କରିଥାନ୍ତି। ତେଣୁ ବ୍ରାହ୍ମଣମାନେ କରୋନା ଆକ୍ରାନ୍ତ ହେବାର ଆଶଙ୍କା ରହୁଛି। ଯଦି କେହି ବ୍ରାହ୍ମଣ କରୋନାରେ ମୃତ୍ୟୁବରଣ କରନ୍ତି ତେବେ ସରକାର ତାଙ୍କୁ କ୍ଷତିପୂରଣ ଦିଅନ୍ତୁ। ଏଥିସହ ବ୍ରାହ୍ମଣମାନଙ୍କୁ ଆଗଧାଡ଼ିର କରୋନା ଯୋଦ୍ଧା ଘୋଷଣା କରନ୍ତୁ ବୋଲି ଆନନ୍ଦବଜାର ବ୍ରାହ୍ମଣ କ୍ରିୟାନୁଷ୍ଠାନ କମିଟି ଦାବି କରିଛି। ଦାବିପତ୍ର ପ୍ରଦାନ ସମୟରେ ଆବାହକ ସୂର୍ଯ୍ୟ ନାରାୟଣ ରଥଙ୍କ ସମେତ କମିଟିର ସଦସ୍ୟମାନେ ଉପସ୍ଥିତ ଥିଲେ।

## ଗୋପ ତୁଠରେ ସେତୁ ନିର୍ମାଣ ପ୍ରତିବନ୍ଧକ ହଟିଲା

**ଡେଲାଙ୍ଗ,୧୭।୫(ଡି.ଏନ୍.ଏ.)**

ଡେଲାଙ୍ଗ ବ୍ଲକ ଅନ୍ତର୍ଗତ ଘୋରଡିଆ ଓ ଜୋରକଣୀ ମଧ୍ୟରେ ଯାତାୟାତ ନିମନ୍ତେ ଦୟାନଦୀର ଗୋପତୁଠରେ ସେତୁ ନିର୍ମାଣ କାର୍ଯ୍ୟ ହେଉଥିଲା। ହେଲେ କେତେଜଣ ସଂଖ୍ୟାଲଘୁ ସମ୍ପ୍ରଦାୟର ଲୋକେ ଏହାକୁ ବିରୋଧ କରିଥିଲେ। ଏ ନେଇ ସେତୁ କାର୍ଯ୍ୟ ବିଳମ୍ବ ହୋଇଥିଲା। ୨୦୧୪ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ଦିବଂଗତ ବିଧାୟକ ପ୍ରଦୀପ ମହାରଥୀଙ୍କ ଦ୍ୱାରା ସେତୁର ଶିଳାନ୍ୟାସ ହୋଇଥିଲା। ଏହି କାମ ମନ୍ଥର ଗତିରେ ଚାଲୁଥିବା ବେଳେ ସଂଖ୍ୟାଲଘୁମାନଙ୍କ ଧାର୍ମିକ ସ୍ଥାନରେ ବ୍ରିଜ୍‌ର ଆପ୍ରୋଚ ରାସ୍ତା ପଡୁଥିବାରୁ ଏହାକୁ ବିରୋଧ କରି ନିର୍ମାଣ କାର୍ଯ୍ୟ ଦୀର୍ଘ ସମୟ ଧରି ଅଟକି ରହିଥିଲା। ପରେ ବ୍ରିଜ୍ କାର୍ଯ୍ୟ ଚାଲୁ କରିବା ପାଇଁ ଗ୍ରାମବାସୀ ବାରମ୍ବାର ପ୍ରଶାସନକୁ ଜଣାଇଥିଲେ। ସୋମବାର ଡେଲାଙ୍ଗ ତହସିଲଦାର ମହେନ୍ଦ୍ର ବଡେଇ, ବିଡିଓ ଦିଲୀପ ଷଡ଼ଙ୍ଗୀ, ଆଇଆଇସି ରଶ୍ମିରଞ୍ଜନ ପଟ୍ଟନାୟକ, ବ୍ଲକ ଅଧ୍ୟକ୍ଷ ପ୍ରସନ୍ନ ସାହୁ ଘୋରଡିଆଠାରେ ପହଞ୍ଚି ସଂଖ୍ୟାଲଘୁ ସମ୍ପ୍ରଦାୟଙ୍କ ସହିତ ଆଲୋଚନା କରିଥିଲେ। ଧାର୍ମିକ କାର୍ଯ୍ୟ ପାଇଁ ଅନ୍ୟତ୍ର ଏକ ସ୍ଥାନ ଦିଆଯିବ ବୋଲି ସର୍ବସମ୍ମତିକ୍ରମେ ନିଷ୍ପତ୍ତି ହୋଇଥିଲା। ଏ ନେଇ ତହସିଲଦାର ସଂଖ୍ୟାଲଘୁ ସମ୍ପ୍ରଦାୟଙ୍କୁ ଯଥାଶୀଘ୍ର ଧାର୍ମିକ ସ୍ଥାନ ପାଇଁ ଏକ ଜାଗା ନିରୂପଣ କରି ଦେବେ ବୋଲି ପ୍ରତିଶ୍ରୁତି ଦେବା ପରେ ପ୍ରତିବନ୍ଧକ ହଟିଥିଲା। ଏହି ଆଲୋଚନାରେ ମିର ସଲିମ, ସାକିର ଖାଁନ, ଅବଦୁଲ ୱାହିଦ ଖାନ, ଲଶାଦ ମହମଦ୍ ପ୍ରମୁଖ ଅଂଶଗ୍ରହଣ କରିଥିଲେ।



ସେତୁ ନିର୍ମାଣ ସ୍ଥାନରେ ପ୍ରଶାସନିକ ଅଧିକାରୀ ଏବଂ ଅଞ୍ଚଳବାସୀ ଆଲୋଚନା କରୁଛନ୍ତି ।

**CORRIGENDUM TO TENDER CALL NOTICE NO. 01 DATED 28.01.2021 OF PANCHAYAT SAMITI, DARINGBADI, KANDHAMAL**

With reference to this Office Tender Call Notice No. 01 dated 28.04.2021, the conditions written in Tender book may please be read as follows.

**Sl. No. 06**- Bid document shall be dropped in the tender box placed in the Office chamber of BDO, Daringbadi on or before 1.00 PM of date 25.05.2021 instead of date 17.05.2021.

**Sl. No. 07**- Bids received shall be opened at 2.00 PM of date 25.05.2021 instead of 1.00 PM of date 17.05.2021.

All other conditions will remain unchanged.

**Sd./- Block Development Officer, Daringbadi**

**TPWODL**

**ଟିପି ୱେଷ୍ଟର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ୍ ଲିମିଟେଡ୍**

**କର୍ପୋରେଟ୍ କାର୍ଯ୍ୟାଳୟ, ବୁର୍ଲା, ଜିଲ୍ଲା: ସମ୍ବଲପୁର, ଓଡ଼ିଶା- ୭୬୮୦୧୭**

**ନୋଟିସ**

ମାନ୍ୟବର ଓଇଆରସି ତାଙ୍କର ତା୨୬।୦୩।୨୦୨୧ରିଖର ଆଦେଶ ସଂଖ୍ୟା ଓଇଆରସି/ଇଏନ୍‌ଜିଜି./୨/୨୦୨୧/୪୦୯ ମାଧ୍ୟମରେ ଟିପିଡବ୍ଲ୍ୟୁଓଡିଏଲ୍ ପାଇଁ ପ୍ରଯୁଜ୍ୟ ନୂଆ ଲାଇସେନ୍ସିଂ ସର୍ତ୍ତାବଳୀକୁ ମଞ୍ଜୁରୀ ପ୍ରଦାନ କରିଛନ୍ତି । ସବିଶେଷ ଲାଇସେନ୍ସିଂ ସର୍ତ୍ତାବଳୀ ଆମ ୱେବ୍‌ସାଇଟ୍ www.tpwesternodisha.comରେ ଉପଲବ୍ଧ । ଏହାର ଏକ ନକଲ ଟିପିଡବ୍ଲ୍ୟୁଓଡିଏଲ୍ କର୍ପୋରେଟ୍ କାର୍ଯ୍ୟାଳୟରୁ ଫଟୋକପି ଶୁଳ୍କ ବାବଦରେ ଟ.୫୦/– ପୈଠ କରାଯାଇ ମଧ୍ୟ ହାସଲ କରାଯାଇପାରିବ ।

**ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ, ଟିପିଡବ୍ଲ୍ୟୁଓଡିଏଲ୍**

**ODISHA JOINT ENTRANCE EXAMINATION - 2021 (OJEE - 2021)**

**No. OJEE/183** **Date: 14.05.2021**

**NOTICE REGARDING EXTENSION OF LAST DATE OF APPLICATION**

No. h-04: In view of the lockdown declared by the Govt. to check the spread of COVID -19 (coronavirus), it is hereby announced **that the last date for submission of online application forms for all the courses under OJEE 2021 is extended up to 15.06.2021 and last date for fee payment up to 17.06.2021**.

The detailed schedule regarding revised dates of downloading of Admit Cards and of the Examination will be notified in due course of time, on assessment of the situation after 15.06.2021 only.

Thus, all concerned are advised not to be unduly worried, but to abide, for the time being, by all the preventive measures laid down, from time to time, by various Govt. Agencies to check the spread of coronavirus, and visit the official websites of OJEE regularly for updated information.

**Sd./- CHAIRMAN, OJEE, Odisha**

OIPR-14020/11/0003/2122

## ଫେରାର କଏଦୀ ଗିରଫ

**ବ୍ରହ୍ମଗିରି,(ଡି.ଏନ୍.ଏ.):** ପତ୍ନୀ ହତ୍ୟା ମାମଲାରେ ଆଜୀବନ ସଜା ଭୋଗୁଥିବା ଜଣେ ଫେରାର କଏଦୀକୁ ସୋମବାର ବ୍ରହ୍ମଗିରି ପୋଲିସ ଗିରଫ କରିଛି। ସେ ହେଲେ ଇଚ୍ଛାପୁର ଗ୍ରାମର ଦୁଃଶାସନ ଭୋଇ। ପ୍ରକାଶ ଯେ, ବ୍ରହ୍ମଗିରି ଥାନା ଅଧୀନ ଇଚ୍ଛାପୁର ଗ୍ରାମର ଦୁଃଶାସନ ୧୯୯୨ ମସିହାରେ ସ୍ତ୍ରୀ କମଳା ଭୋଇଙ୍କ ହତ୍ୟା ଅଭିଯୋଗରେ ଦୋଷୀ ସାବ୍ୟସ୍ତ ହୋଇ ଆଜୀବନ ସଜା ଭୋଗୁଥିଲେ। ୨୦୧୦ ଜାନୁଆରୀ ୧ରୁ ୨୦୧୦ ଫେବୃଆରୀ ୫ ପର୍ଯ୍ୟନ୍ତ ପାରୋଲରେ ଆସି ଫେରାର ହୋଇଯାଇଥିଲେ। ପରେ ଏସ୍‌ପିଙ୍କ ନିର୍ଦ୍ଦେଶରେ ଏକ ଟିମ୍ ଗଠନ କରାଯାଇ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇଥିଲା। ୧୧ବର୍ଷ ପରେ ପୋଲିସ ନାଥପୁର ଗାଁ ଭୋଇସାହିରୁ ଅଭିଯୁକ୍ତଙ୍କୁ ଧରିଥିଲା।

# ଜିଲ୍ଲାର ୭୦% ଗାଁ କୋଭିଡ୍ ମୁକ୍ତ

**ଖୋର୍ଦ୍ଧା ଅଫିସ,୧୭।୫**

ଖୋର୍ଦ୍ଧା ଗ୍ରାମାଞ୍ଚଳରେ କୋଭିଡ୍ ସ୍ଥିତି ଏବେ ନିୟନ୍ତ୍ରଣାଧୀନ ରହିଛି। ଜିଲା ପ୍ରଶାସନ ପକ୍ଷରୁ କୋଭିଡ୍ ପରୀକ୍ଷା, ଚିକିତ୍ସା, ଟିକାକରଣ, କଣ୍ଟାକ୍ଟ ଟ୍ରେସିଂକୁ ଗୁରୁତ୍ୱ ଦିଆଯାଉଛି। ଜିଲାରେ ସହରାଞ୍ଚଳ ଅପେକ୍ଷା ଗ୍ରାମାଞ୍ଚଳରେ ସଂକ୍ରମଣ ଅପେକ୍ଷାକୃତ କମ୍ ରହିଛି। ଜିଲାର ୭୦%ଗ୍ରାମ ସଂକ୍ରମିତ ମୁକ୍ତ ରହିଛି। ଏହି ଗ୍ରାମଗୁଡ଼ିକୁ ସୁରକ୍ଷିତ ରଖାଯିବା ନେଇ ପ୍ରାଥମିକତା ଦିଆଯାଉଛି। ଯେଉଁ ଗ୍ରାମରେ ସଂକ୍ରମଣ ବଢୁଛି, ସେହି ଗ୍ରାମକୁ ମାଇକ୍ରୋ କଣ୍ଟେନ୍‌ମେଣ୍ଟ କରାଯାଉଛି। ସଂକ୍ରମିତ ଗ୍ରାମଗୁଡିକରେ କଣ୍ଟାକ୍ଟ ଟ୍ରେସିଂ, ଆର୍‌ଆର୍‌ଟି ଟିମ୍ ଘରକୁ ଘର ବୁଲି ସ୍ୱାସ୍ଥ୍ୟ ପରୀକ୍ଷା କରୁଛନ୍ତି। ଏହା ଉପରେ ସ୍ୱତନ୍ତ୍ର ଫୋକସ ରହିଛି ବୋଲି ସୋମବାର ଜିଲା ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ କାର୍ଯ୍ୟାଳୟ ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଜିଲାପାଳ ସନତ୍ ମହାନ୍ତି କହିଛନ୍ତି।

ଜିଲାପାଳ ମହାନ୍ତି ଆହୁରି କହିଛନ୍ତି, ଜିଲାରେ ଟିକାକରଣ କେନ୍ଦ୍ରକୁ ଶୃଙ୍ଖଳିତ ଏବଂ ଭିଡ଼ ନିୟନ୍ତ୍ରଣ ଉପରେ ଗୁରୁତ୍ୱ ଦିଆଯାଉଛି। ଏବେ ଦ୍ୱିତୀୟ ଡୋଜ୍ ଟିକାକରଣକୁ ପ୍ରାଥମିକତା ଦିଆଯାଉଛି। ସରକାରଙ୍କ ନିର୍ଦ୍ଦେଶକ୍ରମେ ବିନା ପରିଚୟପତ୍ରରେ ବୃଦ୍ଧାଶ୍ରମ ଅନ୍ତେବାସୀ, ରାସ୍ତାକଡ଼ର ଅସହାୟ ଏବଂ ଭିକ୍ଷୁକଙ୍କୁ ମଧ୍ୟ ଟିକା ଦିଆଯିବ। ଗ୍ରାମାଞ୍ଚଳରେ ସୋମବାର ସୁଦ୍ଧା ମୋଟ୍ ୧୨୦୫ଜଣ ସକ୍ରିୟ ସଂକ୍ରମିତ ରହିଛନ୍ତି। କୋଭିଡ୍ ସାମାନ୍ୟ ଲକ୍ଷଣ ଥିଲେ ଘରେ ରହି ଚିକିତ୍ସିତ ହୋଇପାରିବେ। ଅଧିକ ଲକ୍ଷଣ ଯୁକ୍ତ ରୋଗୀଙ୍କ ଚିକିତ୍ସା ପାଇଁ କୋଭିଡ୍ କେୟାର ସେଣ୍ଟର ବ୍ୟବସ୍ଥା କରାଯାଇଛି। ଘରୋଇ ସଙ୍ଗରୋଧରେ ରହି ଚିକିତ୍ସିତ ରୋଗୀଙ୍କ ସହ ଆର୍‌ଆର୍‌ଟି ଟିମ୍ ଓ ଡାକ୍ତରମାନେ ନିୟମିତ ଯୋଗାଯୋଗ କରୁଛନ୍ତି। ପରୀକ୍ଷା କରିଥିବା ବ୍ୟକ୍ତି ରିପୋର୍ଟ ନ ଆସିବା ପର୍ଯ୍ୟନ୍ତ ସଙ୍ଗରୋଧରେ ରହିବେ। ପ୍ରାଥମିକ ଅବସ୍ଥାରେ ଲକ୍ଷଣ ଦେଖାଦେଲେ ନ ଲୁଚାଇ ଟେଷ୍ଟ କରାନ୍ତୁ। କୋଭିଡ୍‌ରେ ମୃତ୍ୟୁବରଣ କରୁଥିବା ବ୍ୟକ୍ତିଙ୍କ ନିୟମାନୁସାରେ ଶବଦାହ କରାଯିବ। ଖୋର୍ଦ୍ଧା ନିକଟସ୍ଥ ଶିଆଳିଆ ଏବଂ ବାଲୁଗାଁଠାରେ କୋଭିଡ୍ ମୃତକଙ୍କ ସଂସ୍କାର ବ୍ୟବସ୍ଥା କରାଯାଇଛି। ଜିଲାର ୧୦ଟି ବ୍ଲକରେ ୨୩ ଏବଂ ସହରାଞ୍ଚଳରେ ୬ଟି କ୍ଲଷ୍ଟର ଟିଏମ୍‌ସି ରହିଛି। କୋଭିଡ୍ ନିୟନ୍ତ୍ରଣ ଲାଗି ଜିଲାରେ ୮ଜଣ ବରିଷ୍ଠ ଅଧିକାରୀ ନୋଡାଲ ଅଫିସର ଦାୟିତ୍ୱରେ ରହିଛନ୍ତି। ବାଲକାଟୀରେ ୧୬୦ଶଯ୍ୟାବିଶିଷ୍ଟ କୋଭିଡ୍ ହସ୍ପିଟାଲ ରହିଛି। ସେଠାରେ ଅକ୍ସିଜେନ୍ ସହ ସମସ୍ତ ଚିକିତ୍ସା ସୁବିଧା ଉପଲବ୍ଧ ରହିଛି। ଏଥିସହ ମଞ୍ଜରୀ ହୋମିଓପାଥିକ କଲେଜରେ ୨ଶହ ଶଯ୍ୟା ଏବଂ ଆଇଏନ୍‌ଏସ୍ ଚିଲିକାରେ ୧୫୦ଶଯ୍ୟା ସହ ଅକ୍ସିଜେନ ଏବଂ ୧୫ ଆଇସିୟୁ ରହିଛି ବୋଲି ଜିଲାପାଳ କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲପାଳ ମନୋଜ ପାଢୀ, ଅତିରିକ୍ତ ଜିଲାପାଳ(ରାଜସ୍ୱ) ଅନୁଜ ଦାସ ପଟ୍ଟନାୟକ, ପ୍ରକଳ୍ପ ନିର୍ଦ୍ଦେଶକ ଦିଗନ୍ତ ରାଉତରାୟ,ଏପିଡି ଶକ୍ତିକାନ୍ତ ରାୟ ପ୍ରମୁଖ ଉପସ୍ଥିତ ଥିଲେ।


ବୈଠକରେ ଜିଲାପାଳ ସନତ୍ ମହାନ୍ତି ଓ ଅନ୍ୟ ଅଧିକାରୀ।

- ବୃଦ୍ଧାଶ୍ରମ ଅନ୍ତେବାସୀ, ଭିକ୍ଷୁକଙ୍କୁ ଦିଆଯିବ ଟିକା
- ଲକ୍ଷଣ ନ ଲୁଚାଇ ପରୀକ୍ଷା କର

## ସଂକ୍ଷେପରେ

### ବରିଷ୍ଠ ନାଗରିକଙ୍କୁ ଘରେ ଟିକା ଦିଆଯାଉ

**ଖୋର୍ଦ୍ଧା ଅଫିସ,୧୭।୫:** କରୋନା ସଂକ୍ରମଣ ନିୟନ୍ତ୍ରଣ ଲାଗି ରାଜ୍ୟରେ ଟିକାକରଣ ଜାରି ରହିଛି। ତେବେ ଟିକା ଅଭାବରୁ ବିଭିନ୍ନ କେନ୍ଦ୍ରରେ ଅବ୍ୟବସ୍ଥା ଲାଗିରହିଛି। ବରିଷ୍ଠ ନାଗରିକମାନେ ଟିକା କେନ୍ଦ୍ରକୁ ଆସି ନିରାଶ ହୋଇ ଫେରୁଛନ୍ତି। ବୃଦ୍ଧାବୃଦ୍ଧ ଧାଡିରେ ଠିଆ ହେବା ସମ୍ଭବ ନୁହଁ। ବରିଷ୍ଠ ନାଗରିକଙ୍କ ଲାଗି ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଉ ବୋଲି ସୋମବାର ଖୋର୍ଦ୍ଧା ବରିଷ୍ଠ ନାଗରିକ ମଞ୍ଚ ଦାବି କରିଛି। ସମସ୍ତ ବରିଷ୍ଠ ନାଗରିକଙ୍କୁ ଟିକା କେନ୍ଦ୍ର ପରିବର୍ତ୍ତେ ସେମାନଙ୍କୁ ଘରେ ଟିକାଦାନ ବ୍ୟବସ୍ଥା କରାଯିବାକୁ ମଞ୍ଚ ପକ୍ଷରୁ ଜିଲା ପ୍ରଶାସନକୁ ଅନୁରୋଧ କରାଯାଇଛି। ଅନ୍ୟପକ୍ଷେ ଭୁବନେଶ୍ୱର ଓ ବ୍ରହ୍ମପୁର ମହାନଗର ନିଗମ ପକ୍ଷରୁ ବରିଷ୍ଠ ନାଗରିକଙ୍କ ଘରକୁ ଯାଇ ଟେଷ୍ଟିଂ କରିବା ଏବଂ ଟିକା ଦେବା କାର୍ଯ୍ୟ ଆରମ୍ଭ ହୋଇଛି। ଖୋର୍ଦ୍ଧା ପୌରାଞ୍ଚଳରେ ବସବାସ କରୁଥିବା ବରିଷ୍ଠ ନାଗରିକଙ୍କୁ ସେମାନଙ୍କ ଘରକୁ ଯାଇ ଟେଷ୍ଟିଂ କରିବା ସହିତ ଟିକା ଦେବା ପାଇଁ ମଞ୍ଚ ସମ୍ପାଦକ ରାମଶଙ୍କର, ଭୀମସେନ ପ୍ରଧାନ, ସତ୍ୟବାଦୀ ବଳିୟାର ସିଂହ, ବୈକୁଣ୍ଠନାଥ ରାଜଗୁରୁ, ପ୍ରଫୁଲ୍ଲ କୁମାର ସାମନ୍ତରାୟ, ବିଧାନ ମହାନ୍ତି, ଜ୍ଞାନ ରଞ୍ଜନ ଦାଶ, ବୈକୁଣ୍ଠନାଥ ମହାପାତ୍ର, ଗୋବିନ୍ଦ ଚନ୍ଦ୍ର ମହାରଣା, ବସନ୍ତ କୁମାର ଦାଶ, ତ୍ରିନାଥ ପାଲଟା ସିଂହ ପ୍ରମୁଖ ଜଲାପାଳ ଓ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଅନୁରୋଧ କରିଛନ୍ତି।

### ସାନିଟାଇଜ୍ ହେଲା ୨ ଗାଁ

**ଟାଙ୍ଗୀ(ଖୋର୍ଦ୍ଧା),୧୭।୫(ଡି.ଏନ୍.ଏ.):** କୋଭିଡ୍ ପଜିଟିଭ୍ ଚିହ୍ନଟ ପରେ ଟାଙ୍ଗୀ ଥାନା ଅଧୀନ କଳକଳେଶ୍ୱର ପଞ୍ଚାୟତର ଉଆସପଦର ଓ ରାଜେନ୍ଦ୍ରପୁର ଗ୍ରାମକୁ ମାଇକ୍ରୋ କଣ୍ଟେନ୍‌ମେଣ୍ଟ ଜୋନ୍ ଭାବେ ପ୍ରଶାସନ ପକ୍ଷରୁ ଘୋଷଣା କରାଯାଇଛି। ସୋମବାର ସ୍ଥାନୀୟ ସରପଞ୍ଚ ଅସିତ କୁମାର ନାଥଙ୍କ ଉପସ୍ଥିତିରେ ଟାଙ୍ଗୀ ଅଗ୍ନିଶମ ବିଭାଗ ପକ୍ଷରୁ ଏହି ଦୁଇ ଗ୍ରାମକୁ ସାନିଟାଇଜ୍ କରାଯାଇଛି।

### ଟାଙ୍ଗୀ ଥାନାରେ ନୂତନ ଆଇଆଇସି

**ଟାଙ୍ଗୀ(ଖୋର୍ଦ୍ଧା),୧୭।୫(ଡି.ଏନ୍.ଏ.):** ଟାଙ୍ଗୀ ଥାନାର ନୂତନ ଆଇଆଇସି ଭାବେ ବିଜୟ କୁମାର ମଲ୍ଲିକ ଯୋଗଦେବା ପାଇଁ ଏସ୍‌ପିଙ୍କ କାର୍ଯ୍ୟାଳୟରୁ ନିର୍ଦ୍ଦେଶନାମା ପ୍ରକାଶ ପାଇଛି। ଟାଙ୍ଗୀରେ କାର୍ଯ୍ୟରତ ଇନ୍ସପେକ୍ଟର ସରୋଜ କୁମାର ଉପାଧ୍ୟାୟ ପ୍ରମୋଶନ ପାଇ ଏସ୍‌ଡିପିଓ ଭାବେ ଯାଜପୁର ଜିଲାକୁ ବଦଳି ହୋଇଛନ୍ତି। ଟାଙ୍ଗୀ ଥାନା ଅଞ୍ଚଳରେ ଚୋରି, ଡକାୟତି, ରାହାଜାନି, ଚୋରାମଦ କାରବାରକୁ ରୋକିବା ପାଇଁ ନୂତନ ଆଇଆଇସି ମଲ୍ଲିକ ପଦକ୍ଷେପ ନେବାକୁ ଜନସାଧାରଣଙ୍କ ପକ୍ଷରୁ ଅନୁରୋଧ କରାଯାଉଛି।

### ଶ୍ରମିକ କଂଗ୍ରେସ କାର୍ଯ୍ୟାଳୟରେ ସ୍ମୃତିସଭା

**ଜଟଣୀ,୧୭।୫(ଡି.ଏନ୍.ଏ.):** ମୁସ୍ତାକ ଅହମ୍ମଦ ନାଜଙ୍କ ବିୟୋଗରେ ସୋମବାର ଖୋର୍ଦ୍ଧାରୋଡ୍ ମଣ୍ଡଳ ଶ୍ରମିକ କଂଗ୍ରେସ କାର୍ଯ୍ୟାଳୟରେ ଶାଖା ସମ୍ପାଦକ ଏଲ୍.ଡି. ମହାନ୍ତିଙ୍କ ସଭାପତିତ୍ୱରେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ମୁସ୍ତାକ ରେଲ୍‌ୱେ ବିଦ୍ୟୁତ୍ ବିଭାଗରେ ଜଣେ ସିନିୟର୍ ଟେକ୍ନିସିଆନ ଭାବେ କାର୍ଯ୍ୟ କରିବା ସହ ରେଳ ଶ୍ରମିକ ସଙ୍ଗଠନର ସକ୍ରିୟ କର୍ଯ୍ୟକର୍ତ୍ତା ଥିଲେ ବୋଲି ମଣ୍ଡଳ ସଂଯୋଜକ ପ୍ରମୋଦ ସାହାଣୀ କହିଥିଲେ। ଏହି ସଭାରେ ଏସ୍.କେ. ପାଣିଗ୍ରାହୀ, ଜି.ରାମମୋହନ ରାଓ, କୀର୍ତ୍ତି ପଟ୍ଟନାୟକ, ଭଗବାନ ମହାରଣା, ଆୟୁଷ ହର୍ଷ, ମୁସ୍ତାକ ଅଲ୍ଲୀ, ବି. ଆର ମୂର୍ତ୍ତି ପ୍ରମୁଖ ଉପସ୍ଥିତ ଥିଲେ।


ଆଦି ଶଙ୍କରଙ୍କ ଜୟନ୍ତୀ ଅବସରରେ ସୋମବାର ପୁରୀ ଗୋବର୍ଦ୍ଧନ ପୀଠରୁ ଆଦି ଶଙ୍କରଙ୍କ ପ୍ରତିମାକୁ ଶୋଭାଯାତ୍ରାରେ ନିଆଯାଉଛି।

## ଆଦି ଶଙ୍କରଙ୍କ ଜୟନ୍ତୀ

**ପୁରୀ ଅଫିସ, ୧୭।୫**

ପୁରୀ ଗୋବର୍ଦ୍ଧନ ପୀଠରେ ସୋମବାର ଆଦି ଶଙ୍କରଙ୍କ ୨୫୨୮ତମ ଜୟନ୍ତୀ ପାଳିତ ହୋଇଯାଇଛି। ନୀତି ସରି ଆଳତି ପରେ ଆଦି ଶଙ୍କରଙ୍କ ଚଳନ୍ତି ପ୍ରତିମାଙ୍କୁ ପୁଷ୍ପାଞ୍ଜଳି ଅର୍ପଣ କରାଯାଇଥିଲା। ଆଦିଶଙ୍କରଙ୍କ ଚଳନ୍ତି ପ୍ରତିମା ଶୋଭାଯାତ୍ରାରେ ପୀଠ ପରିସରସ୍ଥ ମା' ବିମଳାଙ୍କ ମନ୍ଦିରକୁ ବିଜେ କରିଥିଲେ। ସେଠାରେ ପନ୍ତି ଭୋଗ ମଣୋହି କରାଯାଇଥିଲା। ଆଳତି ପରେ ଚଳନ୍ତି ପ୍ରତିମା ମନ୍ଦିରରୁ ପ୍ରତ୍ୟାବର୍ତ୍ତନ କରିଥିଲେ। ଏହି ଅବସରରେ ଆଦି ଶଙ୍କରଙ୍କ ଜୀବନ ଦର୍ଶନ ଉପରେ ଏକ ଆଲୋଚନାଚକ୍ର ହୋଇଥିଲା। ଦଣ୍ଡୀ ସ୍ୱାମୀ ପୁରୁଷୋତ୍ତମ ନାଥ ଅନନ୍ତଶ୍ରୀ ଦେବତୀର୍ଥ, ବାସୁଦେବ ତ୍ରିବେଣୀ, ଉଦୟନାଥ ମହାପାତ୍ର, ପ୍ରକାଶ ବ୍ରହ୍ମଚାରୀ, ସୁଧାଂଶୁ ମହାନ୍ତି, ମୁକ୍ତିମଣ୍ଡପ ପଣ୍ଡିତ ସଭାର ଭଗବାନ ମହାପାତ୍ର ଏବଂ ସନ୍ତୋଷ କୁମାର ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ପୀଠର ପୁରୋହିତ ଆଚାର୍ଯ୍ୟ ବିଶ୍ୱମ୍ଭର ଦାଶ, ବିକ୍ରମ କିଶୋର ଦାଶ, ଜଗନ୍ନାଥ ରଥ, ଗୋବିନ୍ଦ ଚନ୍ଦ୍ର ମିଶ୍ର, ଦୁର୍ଗା ପ୍ରସାଦ ରଥ ଏବଂ ସୂର୍ଯ୍ୟ ପ୍ରସାଦ ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା। ଆଦିତ୍ୟ ବାହିନୀର ଆଦିତ୍ୟ ତ୍ରିପାଠୀ, ଗୋବିନ୍ଦ ଚନ୍ଦ୍ର ମହାନ୍ତି, ଦେବାଶିଷ ମିଶ୍ର ଏବଂ ରବିନାରାୟଣ ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ପରିତ୍ୟକ୍ତ ଫାର୍ମ ହାଉସ ନିଶା ବେପାରୀଙ୍କ ଆଡ୍ଡାସ୍ଥଳୀ

**ଜଟଣୀ,୧୭।୫(ଡି.ଏନ୍.ଏ.)**

କରୋନା ସଂକ୍ରମଣ ରୋକିବା ପାଇଁ ରାଜ୍ୟରେ ଲକ୍‌ଡାଉନ ଓ ସହରାଞ୍ଚଳରେ ସପ୍ତାହାନ୍ତ ଶଟ୍‌ଡାଉନ ଜାରି ରହିଛି। ଏହି ସମୟରେ ଖୋର୍ଦ୍ଧା ଜିଲା ଜଟଣୀ ଅଞ୍ଚଳରେ ନିଶା କାରବାର ବୃଦ୍ଧି ପାଇବାକୁ ଲାଗିଛି। କେତେଜଣ ବେପାରୀ ବେଧଡ଼କ ଭାବେ ଏହି ପୌରାଞ୍ଚଳ ଅନ୍ତର୍ଗତ ବଡ଼ନୂଆଗାଁ, ଲୋକ କଲୋନୀ, ଟ୍ରାଫିକ କଲୋନୀ, ହାଟବଜାର, ବିକାଶ ନଗର ଅଞ୍ଚଳରେ ବ୍ରାଉନସୁଗାର, ମଦ, ଗଞ୍ଜେଇ ବେପାର ଚଳାଇଛନ୍ତି। ଏଥିସହ ଜଟଣୀ ବ୍ଲକ ଅଞ୍ଚଳରେ ଥିବା ଏକ ପରିତ୍ୟକ୍ତ ଫାର୍ମ ହାଉସ ନିଶା ବେପାରୀ ଓ ଗ୍ରାହକଙ୍କ ଆଡ୍ଡା ସ୍ଥଳ ପାଲଟିଛି। ଫଳରେ ବହୁ ଛାତ୍ର ଓ ଯୁବଗୋଷ୍ଠୀ ଏମାନଙ୍କ ସଂସ୍ପର୍ଶରେ ଆସୁଥିବା ସାଧାରଣରେ ଅଭିଯୋଗ ହେଉଛି। ଉକ୍ତ ଅଞ୍ଚଳରେ ପାଟ୍ରୋଲିଂ କଡ଼ାକଡ଼ି କରାଯିବା ସହ ସମ୍ପୃକ୍ତ ବେପାରୀଙ୍କୁ ଗିରଫ ପାଇଁ ଦାବି ହେଉଛି। ଏ ସମ୍ପର୍କରେ ଆଇଆଇସି ବିଶ୍ୱରଞ୍ଜନ ସାହୁ କହିଛନ୍ତି, ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରହିଛି। ଅଭିଯୋଗ ଆସିଲେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିଆଯିବ।

## ୪ ୱାର୍ଡ, ଗୋଟଏ ଗାଁ ମାଇକ୍ରୋ କଣ୍ଟେନ୍‌ମେଣ୍ଟ

**ଖୋର୍ଦ୍ଧା ଅଫିସ/ବେଗୁନିଆ, ୧୭।୫ (ଡି.ଏନ୍.ଏ.)**

ଖୋର୍ଦ୍ଧା ଉପଖଣ୍ଡରେ କରୋନା ନିୟନ୍ତ୍ରଣ ଲାଗି ପ୍ରଶାସନ ପକ୍ଷରୁ ବହୁ ପଦକ୍ଷେପ ନିଆଯାଉଛି। ସୋମବାର ଖୋର୍ଦ୍ଧା ସହରର ୨୧,୧୧,୧୪ ଓ ୮ନମ୍ବର ୱାର୍ଡ ଏବଂ ବେଗୁନିଆ ବ୍ଲକର ଇନ୍ଦୁପୁର ଗାଁକୁ ମାଇକ୍ରୋ କଣ୍ଟେନମେଣ୍ଟ ଜୋନ୍ ଘୋଷଣା କରାଯାଇଛି। ସୋମବାର ଠାରୁ ଆସନ୍ତା ୨୩ ତାରିଖ ପର୍ଯ୍ୟନ୍ତ ଏହି କଟକଣା ବଳବତ୍ତର ରହିବ ବୋଲି ଉପଜିଲାପାଳ ଅଶୋକ ବେହୁରିଆ ଟୁଇଟ କରି ଜଣାଇଛନ୍ତି। ସ୍ଥାନୀୟ ପ୍ରଶାସନ ପକ୍ଷରୁ ଅତ୍ୟାବଶ୍ୟକ ସାମଗ୍ରୀ, ବିଶୋଧନ କରାଯିବ। ଆରଆରଟି ଟିମ୍ ଏହି ଅଞ୍ଚଳରେ ଥିବା ଲୋକଙ୍କ ସ୍ୱାସ୍ଥ୍ୟବସ୍ଥା ପଚାରି ବୁଝିବେ।

## ୭୩ ହଜାର ଟଙ୍କା ଜରିମାନା ଆଦାୟ

**ଖୋର୍ଦ୍ଧା ଅଫିସ/ଜଟଣୀ, ୧୭।୫ (ଡି.ଏନ୍.ଏ.)**

ରାଜ୍ୟରେ କରୋନା ସଂକ୍ରମଣ ରୋକିବା ପାଇଁ ଲକଡାଉନ କଟକଣା ଜାରି ରହିଛି। ସୋମବାର ଖୋର୍ଦ୍ଧା ଜିଲା ନାରୁଣୀ ବଜାରରେ କେତେକ ଅମାନିଆ ବିନା କାରଣରେ ଗାଡି ଧରି ବୁଲୁଥିବା ଦେଖିବାକୁ ମିଳିଥିଲା। ନାରୁଣୀ ଫାଣ୍ଡି ଅଧିକାରୀ ଉମାକାନ୍ତ ସାହୁ ଚଢ଼ାଉ କରି ୫୪ଜଣ ବାଇକ୍ ଆରୋହୀଙ୍କଠାରୁ ୫୫ହଜାର ଟଙ୍କା ଜରିମାନା ସହ ଦୁଇ ବାଇକ୍ ଜବତ କରିଥିଲେ। ସେହିପରି ଜଟଣୀ ତହସିଲଦାର ତପନ ମହାପାତ୍ର ଜଟଣୀ ଅଞ୍ଚଳରେ ଚଢ଼ାଉ କରି କୁଦିଆରିରେ ଏକ ଦୋକାନ ସିଲ୍ ସହ ୫୦୦୦ଟଙ୍କା ଜରିମାନା ଆଦାୟ କରିଛନ୍ତି। ଜଟଣୀ ଥାନା ପକ୍ଷରୁ ୭୦ଜଣଙ୍କଠାରୁ ୧୩୦୦୦ ଟଙ୍କା ଜରିମାନା ଆଦାୟ କରାଯାଇଛି।

## କପିଳେଶ୍ୱର ଦେବଙ୍କ ଚନ୍ଦନଯାତ୍ରା

**ନିରାକାରପୁର,୧୭।୫(ଡି.ଏନ୍.ଏ.)**

ଖୋର୍ଦ୍ଧା ଜିଲା ଡିଆ ପଞ୍ଚାୟତସ୍ଥିତ ଶ୍ରୀକପିଳେଶ୍ୱର ଦେବଙ୍କ ପୀଠରେ ଚନ୍ଦନ ଯାତ୍ରା କୋଭିଡ୍ ଗାଇଡ୍‌ଲାଇନ ଅନୁଯାୟୀ ସୀମିତ ସେବାୟତଙ୍କୁ ନେଇ ପାଳିତ ହୋଇଛି। କରୋନା କଟକଣା ପାଇଁ ବିନା ଭକ୍ତରେ ଠାକୁରଙ୍କ ଯାତ୍ରା ଜାରି ରହିଛି। କଟକଣାରେ ଠାକୁରଙ୍କ କେବଳ ନୀତିକାନ୍ତି ଚାଲୁରହିଛି ବୋଲି ମନ୍ଦିର ପରିଚାଳନା କମିଟି ସଭ୍ୟ କିଶୋର କୁମାର ଦାସ, ସାରଙ୍ଗଧର ମହାପାତ୍ର କହିଛନ୍ତି।


ଠାକୁରଙ୍କୁ ବେଢ଼ା ପରିକ୍ରମା କରାଯାଉଛି।

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ଉତ୍ତମ


@ ସତ୍ୟନାରାୟଣ


@ ସୁଶ୍ରୀ


@ ରାହୁଲ


@ ଜଗଦୀଶ


@ ତପନ

# ମୃତ୍ୟୁ ହାର ହ୍ରାସ ଉପରେ ଗୁରୁତ୍ୱ

**ଖୋର୍ଦ୍ଧା ଅଫିସ,୧୭।୫**

- ସତର୍କ, ସଚେତନ ରହିଲେ ସୁରକ୍ଷିତ ରହିବେ
- ନିୟମିତ ସମୀକ୍ଷା, ଯୁବବର୍ଗଙ୍କୁ ସାମିଲ

ଭୁବନେଶ୍ୱର ସବ୍‌ଡିଭିଜନରେ ସୋମବାର ୨୧ଜଣ ପଜିଟିଭ୍ ଚିହ୍ନଟ ହୋଇଥିବା ବେଳେ ୭୭ଜଣ ସୁସ୍ଥ ହୋଇଛନ୍ତି। ପଜିଟିଭଙ୍କ ମଧ୍ୟରେ ଭୁବନେଶ୍ୱର ବ୍ଲକର ୩ ଆକ୍ରାନ୍ତ ୧୮ସୁସ୍ଥ, ବାଲିଅନ୍ତା ୮ଆକ୍ରାନ୍ତ ୧୨ସୁସ୍ଥ, ବାଲିପାଟଣା ୮ ଆକ୍ରାନ୍ତ ୨୫ସୁସ୍ଥ, ଜଟଣୀ ୨ ଆକ୍ରାନ୍ତ ୧୩ସୁସ୍ଥ, ଜଟଣୀ ସହରରୁ କେହି ଆକ୍ରାନ୍ତ ନ ଥିବା ବେଳେ ଦିନକରେ ୯ଜଣ ସୁସ୍ଥ ହୋଇଛନ୍ତି। ଏହି ସବ୍‌ଡିଭିଜନରେ ସୋମବାର ସୁଦ୍ଧା ମୋଟ୍ ୧୫୫୬ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ସେଥିରୁ ୧୦୩୦ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ୫୨୬ ସକ୍ରିୟ ରହିଥିବା ଉପଜିଲାପାଳ ଦେବବ୍ରତ ସାହୁ କହିଛନ୍ତି।

ଉପଜିଲାପାଳ ସାହୁ ଆହୁରି କହିଛନ୍ତି ଯେ, କୋଭିଡ୍ ଆକ୍ରାନ୍ତ ଓ ମୃତ୍ୟୁ ହାର ହ୍ରାସ ଉପରେ ଗୁରୁତ୍ୱ ଦିଆଯାଉଛି। ଆକ୍ରାନ୍ତଙ୍କୁ ଘରୋଇ ସଙ୍ଗରୋଧରେ ରହି ଚିକିତ୍ସିତ ହେବାକୁ ପରାମର୍ଶ ଦିଆଯାଉଛି। ସଙ୍ଗରୋଧ ସୁବିଧା ନ ଥିଲେ କୋଭିଡ୍ କେୟାର ହୋମରେ ଚିକିତ୍ସା କରାଯାଉଛି। ଗୁରୁତରଙ୍କୁ କୋଭିଡ୍ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଉଛି। ସିସିସି ଏବଂ ଡିସିଏଚ୍‌ରେ ସମସ୍ତ ଚିକିତ୍ସା ସୁବିଧା ଉପଲବ୍ଧ ରହିଛି। କୋଭିଡ୍ ଲକ୍ଷଣଯୁକ୍ତ ବ୍ୟକ୍ତିଙ୍କ ଆର୍‌ଟି-ପିସିଆର୍ ଏବଂ ରାପିଡ ଆଣ୍ଟିଜେନ ଟେଷ୍ଟ କରାଯାଉଛି। ଅଧିକ ସଂକ୍ରମିତ ଅଞ୍ଚଳକୁ ମାଇକ୍ରୋ କଣ୍ଟେନ୍‌ମେଣ୍ଟ ଜୋନ୍ କରାଯାଉଛି। ଉକ୍ତ ଅଞ୍ଚଳରେ ସମସ୍ତ ଅତ୍ୟାବଶ୍ୟକ ସୁବିଧା, ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯିବା ସହ ବିଶୋଧନ କରାଯାଉଛି। ସଙ୍ଗରୋଧରେ ରହି ଚିକିତ୍ସିତ ହେଉଥିବା ବ୍ୟକ୍ତିଙ୍କ ସହ ଆର୍‌ଆର୍‌ଟି ଟିମ୍ ନିୟମିତ ଯୋଗାଯୋଗ ରଖୁଛନ୍ତି। ସ୍ଥାନୀୟ ସିଏଚ୍‌ସି ଡାକ୍ତର ସଙ୍ଗରୋଧଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝୁଛନ୍ତି। ଏଥିସହ ହୋମ ଆଇସୋଲେଶନରେ ଚିକିତ୍ସିତ ହେଉଥିବା ରୋଗୀଙ୍କ ସହ ଭର୍ଚୁଆଲରେ ଆଲୋଚନା କରାଯାଉଛି। ପ୍ରତି ସପ୍ତାହରେ ସ୍ଥାନୀୟ ବିଡିଓ, ତହସିଲଦାର, ପୌର ଅଧିକାରୀ, ପୋଲିସ, ସରପଞ୍ଚଙ୍କ ସହ ଭିଡିଓ କନ୍‌ଫରେନ୍ସରେ କୋଭିଡ୍ ସମୀକ୍ଷା କରାଯାଉଛି। ସହରାଞ୍ଚଳ ସମେତ ଗ୍ରାମାଞ୍ଚଳରେ ମଧ୍ୟ ଏନଫୋର୍ସମେଣ୍ଟ କଡ଼ାକଡି କରାଯାଉଛି। ପଞ୍ଚାୟତ ସ୍ତରୀୟ କୋଭିଡ୍ ପରିଚାଳନା କମିଟିକୁ ତ୍ୱରାନ୍ୱିତ କରାଯାଇଛି। କୋଭିଡ୍ ପରୀକ୍ଷଣ ଉପରେ ଗୁରୁତ୍ୱ ଦିଆଯାଉଛି। ପ୍ରତି ସିଏଚ୍‌ସି ସ୍ତରରେ ଟେଷ୍ଟିଂ ସେଣ୍ଟର କରାଯାଇଛି। ଅଧିକ ଟେଷ୍ଟିଂ ଲାଗି ମୋବାଇଲ ଭ୍ରାମ୍ୟମାଣ ଟେଷ୍ଟିଂ ଭ୍ୟାନ ବ୍ୟବସ୍ଥା କରାଯାଇଛି। ଟିକାକରଣ କେନ୍ଦ୍ରରେ ଭିଡ଼ ନିୟନ୍ତ୍ରଣ ଲାଗି ସ୍କୁଲ ପରିସରରେ ବ୍ୟବସ୍ଥା କରାଯାଇଛି। ଗ୍ରାମାଞ୍ଚଳରେ କରୋନା ଆକ୍ରାନ୍ତ ହ୍ରାସ ଲାଗି ସ୍ୱତନ୍ତ୍ର ମାଇକ୍ରୋ ପ୍ଲାନ କରାଯାଇଛି ବୋଲି ଉପଜିଲାପାଳ ସାହୁ କହିଛନ୍ତି।


| | | | | | | |
|---|---|---|---|---|---|---|
| 16 | 8 | 2038 | 0.22 | 0.16 | ଶାରଦ-୨ | ଅଜିତ କୁମାର ବେହେରା, ପି: ଶ୍ରୀଧର ବେହେରା, ଜା: ଖଣ୍ଡାୟତ |
| 17 | 588 | 2042 | 0.30 | 0.04 | ଶାରଦ-୨ | ଶଚୀନ୍ଦ୍ର ପାତ୍ର, ବାଞ୍ଛାନିଧି ପାତ୍ର, ପି: ଉପେନ୍ଦ୍ର ପାତ୍ର ଓଗେର, ଜା: ରାଜୁ |
| 18 | 693 | 2043 | 0.49 | 0.27 | ଶାରଦ-୨ | ଭଗବାନ ପାତ୍ର, ପି: ବନ୍ଧୁ ପାତ୍ର, ଜା: ରାଜୁ (ବିବି ପ୍ଲଟ) |
| 19 | 498 | 2044 | 0.56 | 0.10 | ଶାରଦ-୨ | ମୂରଲୀ ପାତ୍ର, ପି: ବୈଦ୍ୟନାଥ ପାତ୍ର, ଜା: ତେଲି |
| 20 | 33 | 1392 | 0.04 | 0.007 | ଶାରଦ-୨ | ଅଭିଳାଷ ଦଳେଇ, ରାଖାଲ ଦଳେଇ, ଅଭୟ ଦଳେଇ, ଗୁଣାଧର ଦଳେଇ, ପି: ଖଗେନ୍ଦ୍ର ଦଳେଇ ଓଗେର, ଜା: ଦଣ୍ଡଛତ୍ର ମାଝୀ |
| 21 | 691/ 72 | 1350/ 2363 | 0.35 | 0.25 | ଶାରଦ-୨ | ନିତ୍ୟାନନ୍ଦ ପାତ୍ର, ପରମାନନ୍ଦ ପାତ୍ର, ଲକ୍ଷ୍ମୀକାନ୍ତ ପାତ୍ର, ପି: ମୂରଲୀଧର ପାତ୍ର, ଜା: ଏକାଦଶ ତେଲି |
| | | 1351/ 2364 | 0.13 | 0.03 | ଶାରଦ-୨ | |
| 22 | 691/ 204 | 2038/ 2512 | | 0.03 | ଶାରଦ-୨ | ଦୁଲାଲ ଚନ୍ଦ୍ର ଘଡ଼େଇ, ପି: ମାଗୁଣୀଚରଣ ଘଡ଼େଇ, ଜା: ଖଣ୍ଡାୟତ |
| 23 | 691/9 | 1363/ 2289 | 0.18 | 0.07 | ଶାରଦ-୨ | ଫକୀରମୋହନ ଦତ୍ତ, ପି: ଜଗବନ୍ଧୁ ଦତ୍ତ, ଜା: ରାଜୁ |
| | | 1362/ 2288 | 0.10 | 0.03 | ଶାରଦ-୨ | |
| 24 | 691/ 135 | 1354 | 0.70 | 0.31 | ଶାରଦ-୨ | ଜଗନ୍ନାଥ ପିଳା, ପି: ହରେକୃଷ୍ଣ ପିଳା, ଜା: ଖଣ୍ଡାୟତ |
| 25 | 208 | 1352/ 2144 | 0.35 | 0.02 | ଶାରଦ-୨ | ଯୋଗେଶ ପ୍ରଧାନ, ପି: ଉପେନ୍ଦ୍ର ପ୍ରଧାନ, ଜା: ରାଜୁ |
| 26 | 691/ 338 | 2035/ 2681 | 0.03 | 0.03 | ଶାରଦ-୨ | ଅକ୍ଷୟକୁମାର ସାହୁ, ପି: ନୀଳକଣ୍ଠ ସାହୁ, ଜା: ରାଜୁ |
| 27 | 691/ 208 | 2037/ 2515 | 0.10 | 0.02 | ଶାରଦ-୨ | ରମେଶଚନ୍ଦ୍ର ପାତ୍ର, ପି: ମଙ୍ଗୁଳୀଚରଣ ପାତ୍ର, ଜା: ଏକାଦଶ ତେଲି |
| 28 | 61 | 2031 | 0.64 | 0.02 | ଶାରଦ-୨ | ଏକାଦଶୀ ଖିଲାର, ପି: ଫକୀର ଖିଲାର, ଜା: ଗଉଡ଼ |
| 29 | 691/ 41 | 2053 | 0.27 | 0.01 | ଶାରଦ-୨ | ଗୌରହରୀ ପାତ୍ର, ରମେଶ ପାତ୍ର, ପି: ମଙ୍ଗୁଳି ପାତ୍ର, ଜା: ଏକାଦଶ ତେଲି |
| | | | | 3.967 | | |

ସ୍ୱା./- ନିର୍ବାହୀ ଯନ୍ତ୍ରୀ (ରାସ୍ତା ଓ ଗୃହ) ବିଭାଜନ-୨, ବାଲେଶ୍ୱର
OIPR-34078/14/0005/2122